ମିଳମି

ମହତାବ ବିଶେଷାଙ୍କ

Digitized by srujanika@gmail.com

ମହତାବ ବିଶେଷାଙ୍କ

(ମିଳନୀ ଅନୁଷ୍ଠାନର ବାର୍ଷିକ ସଙ୍କଳନ)

ମୁଖ୍ୟ ବ୍ୟବସ୍ଥାପକ

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ

ସମ୍ପାଦନା ମଣ୍ଡଳୀ

ପଣ୍ଡିତ ନୀଳମଣି ମିଶ୍ର

ଶ୍ରୀ ବିନୋଦ ବିହାରୀ ପଲ୍ଲଇ

ଡକ୍ଟର ଜଗନ୍ନାଥ ପଟ୍ଟନାୟକ

ଶ୍ରୀ ଭଗବାନ ନାୟକ ବର୍ମା

ଶ୍ରୀ ରବିନାରାୟଣ ସେନାପତି

ଶ୍ରୀ ପରୀକ୍ଷିତ ଜେନା

ଶ୍ରୀ ଜୟକୃଷ୍ଣ ସାମଲ

●

Digitized by srujanika@gmail.com

ମହତ୍ତାବ ବିଶେଷାଙ୍କ

[ମିଳନୀ ଅନୁଷ୍ଠାନର ବାର୍ଷିକ ସଙ୍କଳନ]

ପ୍ରକାଶକ :

ଶ୍ରୀ ନରେନ୍ଦ୍ର ପ୍ରସାଦ ନାୟକ

ସାଧାରଣ ସମ୍ପାଦକ

ମିଳନୀ, ଭୁବନେଶ୍ୱର

କାର୍ଯ୍ୟାଳୟ :

ଡ଼ି-୭, କଲ୍ପନା ଏରିଆ

ଭୁବନେଶ୍ୱର-୧୪

ପ୍ରକାଶ ସମୟ :

୧୯୮୯

ପ୍ରଚ୍ଛଦ ଶିଳ୍ପୀ :

ଶ୍ରୀ ଉଦୟ କେନା

ମୁଦ୍ରଣ :

ଏକାମ୍ର ପ୍ରେସ୍

ଭୁବନେଶ୍ୱର

Digitized by srujanika@gmail.com

ମିଳନୀର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି
ସ୍ୱର୍ଗତଃ ଡ଼କ୍ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ଜାନକୀ ବଲ୍ଲଭ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଂ—୨୧୦
ଭୁବନେଶ୍ୱର
ତା ୩-୭-୧୯୮୯

ଓଡ଼ିଶା ସରକାର

ବାର୍ତ୍ତା

ଭୁବନେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ'ର ବାର୍ଷିକ ଉତ୍ସବ ଚଳିତ ମାସରେ ପାଳନ କରାଯାଉଥିବା ଅବସରରେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ । ଏହି ସ୍ମରଣିକାଟି ସ୍ୱର୍ଗତଃ ଡକ୍ଟର ହରେକୃଷ୍ଣ ମହତାବଙ୍କ ରାଜନୈତିକ, ସାହିତ୍ୟିକ ଓ ଐତିହାସିକ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଆଧାର କରି ପ୍ରକାଶିତ ହେଉଥିବା ଆନନ୍ଦର ବିଷୟ । ଓଡ଼ିଶାର ବହୁ ପ୍ରବୀଣ ଓ ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନଙ୍କ ଉଚ୍ଚକୋଟୀର ଲେଖାରେ ସ୍ମରଣିକାଟି ଗର୍ବିମନ୍ତ ହେବ ବୋଲି ମୋର ଆଶା ।

ମୁଁ ଅନୁଷ୍ଠାନଟିର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରୁଛି ।

ସ୍ୱାଃ—ଜାନକୀ ବଲ୍ଲଭ ପଟ୍ଟନାୟକ

Digitized by srujanika@gmail.com

ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ
କେନ୍ଦ୍ରୀୟ ସଦସ୍ୟା ଓ ସଭାନେତ୍ରୀ,
ଅଖିଳ ଭାରତ ମହିଳା କଂଗ୍ରେସ

ଭୁବନେଶ୍ୱର
ତା................

ବାର୍ତ୍ତା

ମିଳନୀ, ଭୁବନେଶ୍ୱର ଦୀର୍ଘ ୨୦ ବର୍ଷର ଏକ ସାଂସ୍କୃତିକ ଅନୁଷ୍ଠାନ । ଏ ଅନୁଷ୍ଠାନ ତାଙ୍କର କାର୍ଯ୍ୟକ୍ରମ ମଧ୍ୟରେ ସମାଜସେବା, ପରିଭ୍ରମଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ନିୟୋଜିତ କରିଛି । ପ୍ରତିବର୍ଷ ତାର ବାର୍ଷିକ ଉତ୍ସବ ପାଳନ କାଳରେ ଏକ ସ୍ମରଣିକା ପ୍ରକାଶନ ଓ ନାଟକ ପ୍ରଦର୍ଶନ ଆଦି ନିୟମିତ ଭାବେ କରି ଚାଲିଛି । ଏ ବର୍ଷ ଏ ଅନୁଷ୍ଠାନ ତାର ବାର୍ଷିକ ଉତ୍ସବ ଜୁଲାଇ ୯ ଓ ୧୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରଠାରେ ପାଳନ କରୁଛି । ମୁଁ ଏ ଉପଲକ୍ଷେ ଏହାର ପ୍ରଥମ ପ୍ରତିଷ୍ଠାତା, ସଭାପତି ଡଃ. ହରେକୃଷ୍ଣ ମହତାବଙ୍କ ଉଦ୍ଦେଶ୍ୟରେ ଏକ ବିଶେଷ ସଂଖ୍ୟା କରୁଛି ଓ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ ରଚିତ ହିଡ଼ମାଟିକୁ ମଞ୍ଚସ୍ଥ କରୁଥିବାର ଜାଣି ଖୁସି ହେଲି ।

ଏ ଅନୁଷ୍ଠାନର ପ୍ରତ୍ୟେକ କାର୍ଯ୍ୟକ୍ରମ ସଫଳତା, ତଥା ଅନୁଷ୍ଠାନର ସଫଳ କାମନା କରୁଛି ।

ସ୍ୱା- ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ

Digitized by srujanika@gmail.com

ଶ୍ରୀ ଯଦୁନାଥ ଦାଶ ମହାପାତ୍ର
ମନ୍ତ୍ରୀ
ଶିକ୍ଷା, କ୍ରୀଡ଼ା ଓ ଯୁବକଲ୍ୟାଣ, ଓଡ଼ିଶା

ଭୁବନେଶ୍ୱର
ତା ୫-୭-୧୯୮୯

ବାର୍ତ୍ତା

ANDHAN, BBS ... LIBRARY

ରାଜଧାନୀର ଅନ୍ୟତମ ପ୍ରଗତିଶୀଳ ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ'ର ବାର୍ଷିକ ଉତ୍ସବ ଆସନ୍ତା ତା ୮।୭।୮୯ ରିଖ ଦିନ ସ୍ଥାନୀୟ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେଉଥିବାର ଶୁଣି ଖୁସି ହେଲି । ଏହି ଅବସରରେ ନବ ଉତ୍କଳର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଡକଟର ହରେକୃଷ୍ଣ ମହତାବଙ୍କ ଐତିହାସିକ କର୍ମମୟ ଜୀବନ ଉପରେ ଆଧାରିତ । ଉକ୍ତ ସାଂସ୍କୃତିକ ଅନୁଷ୍ଠାନର ମୁଖପତ୍ର 'ମିଳନୀ'ର ତୃତୀୟ ସଂଖ୍ୟା ପ୍ରକାଶ ପାଉଥିବା ଅତି ଆନନ୍ଦର ବିଷୟ । ଏପରି ସାମୟିକ ପତ୍ର ପତ୍ରିକା ପ୍ରକାଶନ ଫଳରେ ପୂଜ୍ୟ ପୂଜାର ପରମ୍ପରା ରକ୍ଷା ସଙ୍ଗେ ସଙ୍ଗେ ଆଞ୍ଚଳିକ ବ୍ୟକ୍ତିବିଶେଷଙ୍କୁ ବିଶେଷ ଭାବେ ପ୍ରଭାବିତ କରଯାଇ ସେମାନଙ୍କ ମଧ୍ୟରେ ନିହିତ ସାରସ୍ୱତ ପ୍ରତିଭାର ବିକାଶ ଲାଗି କ୍ଷେତ୍ର ପ୍ରସ୍ତୁତ କରଯାଇଥାଏ ।

ଭଦ୍ରକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅନ୍ୟତମ ବିକାଶଭୂମି । ଅତୀତରେ ବହୁ କୃତୀ ସନ୍ତାନ ଏହି ଅଞ୍ଚଳରେ ଭୂମିଷ୍ଠ ହୋଇ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ରାଜନୀତି ଆଦିକୁ ଅନେକାଂଶରେ ପ୍ରଭାବିତ କରି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି ।

ଆଶା କରୁଛି ବହୁ ପ୍ରବୀଣ ଓ ନବୀନ ପ୍ରତିଭାର ସ୍ୱାକ୍ଷର ବହନ କରି 'ମିଳନୀ' ଓଡ଼ିଆ ସାରସ୍ୱତ ଭଣ୍ଡାରର ଶ୍ରୀମଣ୍ଡନ କରିବ । ପରିଶେଷରେ ଉଦ୍ୟୋକ୍ତା ମାନଙ୍କୁ ସାଧୁବାଦ ଜଣେଇ ଉତ୍ସବର ସାଫଲ୍ୟ କାମନା କରୁଛି ।

ସ୍ୱାଃ-ଯଦୁନାଥ ଦାଶ ମହାପାତ୍ର

Digitized by srujanika@gmail.com

ଶ୍ରୀ ଭୂପିନ୍ଦର ସିଂହ
ରାଷ୍ଟ୍ର ମନ୍ତ୍ରୀ
ସୂଚନା ଓ ଲୋକସମ୍ପର୍କ, ଜଳସେଚନ
ଓଡ଼ିଶା

ଫୋନ୍ ନମ୍ବର–୫୩୪୫୨ (ଅଫିସ)
୫୦୬୫୩ (ଘର)
ଅ: ସ: ସଂ–୧୮୬୯
ଭୁବନେଶ୍ୱର
ତା ୩ । ୭ । ୧୯୮୯

ବାର୍ତ୍ତା

ମିଳନୀର ବାର୍ଷିକ ମିଳନ ଆସନ୍ତା ଜୁଲାଇ ୯ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଥିବା ଏବଂ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ଆନନ୍ଦିତ ।

ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନଙ୍କ ପ୍ରତିଭା ପ୍ରସାର ଦିଗରେ ମିଳନୀର ସାଧୁ ଉଦ୍ୟମ ଅଭିନନ୍ଦନୀୟ ଏବଂ ସର୍ବଥା ପ୍ରଂଶସନୀୟ । ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ଦିଗରେ ଏହା ନବୀନ ସାହିତ୍ୟିକଙ୍କୁ ଅଦମ୍ୟ ପ୍ରେରଣା ଯୋଗାଇବ ।

ବାର୍ଷିକ ମିଳନ ଉତ୍ସବ ଓ ସ୍ମରଣିକାଟି ସର୍ବାଙ୍ଗ ସୁନ୍ଦର ହେଉ, ଏହି କାମନା କରେ ।

ସ୍ୱା–ଭୂପିନ୍ଦର ସିଂହ

Digitized by srujanika@gmail.com

ଶ୍ରୀ ଶରତ ରାଉତ
ରାଷ୍ଟ୍ର ମନ୍ତ୍ରୀ
ପର୍ଯ୍ୟଟନ, ସଂସ୍କୃତି, ଯୋଜନା ଓ
ସମନ୍ୱୟ, ଓଡ଼ିଶା

ଭୁବନେଶ୍ୱର
ତା................

ବାର୍ତ୍ତା

ପ୍ରତିବର୍ଷ ଭଳି ଭୁବନେଶ୍ୱରସ୍ଥ ମିଳନୀ ତାହାର ବାର୍ଷିକ ଉତ୍ସବ ପାଳନ କରୁଥିବା ଜାଣି ଖୁସି ହେଲି । ଏ ଉପଲକ୍ଷେ ଓଡ଼ିଶାର ବରେଣ୍ୟ ନେତା ଡକ୍ଟର ହରେକୃଷ୍ଣ ମହତାବଙ୍କ ସମ୍ପର୍କରେ ଏକ ବିଶେଷ ସଂଖ୍ୟା ଏ ଅନୁଷ୍ଠାନ ତରଫରୁ ପ୍ରକାଶ ପାଉଥିବା ଅତି ଆନନ୍ଦର କଥା । ଏ ଅନୁଷ୍ଠାନର ମୁଁ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ସ୍ୱାଃ-ଶରତ ରାଉତ

Digitized by srujanika@gmail.com

ମିଳନୀ ଅନୁଷ୍ଠାନ ଅନ୍ତରାଳେ

କାର୍ଯ୍ୟ ନିର୍ବାହକ ସମିତି

ସଭାପତି :	ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ
କାର୍ଯ୍ୟକାରୀ ସଭାପତି :	ଶ୍ରୀ ସୁବୀର କୁମାର ସିହ୍ନା
ଉପ ସଭାପତି :	ଶ୍ରୀ ଭଗବାନ ନାୟକ ବର୍ମା
ସାଧାରଣ ସମ୍ପାଦକ :	ଶ୍ରୀ ନରେନ୍ଦ୍ର ପ୍ରସାଦ ନାୟକ
ସଙ୍ଗଠନ ସମ୍ପାଦକ	ଶ୍ରୀ ନାରାୟଣ ଚନ୍ଦ୍ର ରାୟମହାପାତ୍ର
ସାଂସ୍କୃତିକ ସମ୍ପାଦକ :	ଶ୍ରୀ ଧୀରେନ୍ଦ୍ର ନାଥ ମଲ୍ଲିକ
ସାହିତ୍ୟ ସମ୍ପାଦକ :	ଶ୍ରୀ ପରୀକ୍ଷିତ ଜେନା
କୋଷାଧ୍ୟକ୍ଷ :	ଶ୍ରୀ ନିରୋଦ ମହାନ୍ତି ଶ୍ରୀ ବିପିନ ବିହାରୀ ବିଶ୍ୱାଳ
ସମୀକ୍ଷକ :	ଶ୍ରୀ ସଂଗ୍ରାମ କେଶରୀ ମହଲ

କାର୍ଯ୍ୟ ନିର୍ବାହକ ସମିତିର ସଦସ୍ୟ ବୃନ୍ଦ—

ଜଗନ୍ନାଥ ପଟ୍ଟନାୟକ, ରମାକାନ୍ତ ରାଉତ, ଦୁର୍ଯ୍ୟୋଧନ ନାୟକ, ଜୟକୃଷ୍ଣ ସାମଲ, ନନ୍ଦନନ୍ଦନ ଦାସ, ଡକ୍ଟର ତ୍ରିଲୋଚନ ବିଶ୍ୱାଳ, ପୀତାମ୍ବର ଦାସ, ଦଇତାରି ସାମଲ, ହରିହର ସାମନ୍ତ, ଡାଃ. ଉପେନ୍ଦ୍ର ପ୍ରସାଦ ନାୟକ, ହରିଶ୍ଚନ୍ଦ୍ର କର, ରମାକାନ୍ତ-ଖୁଣ୍ଟିଆ, କମଳାକାନ୍ତ ପାଣିଗ୍ରାହୀ ।

ସାହିତ୍ୟ ଉପସମିତି—

ପରୀକ୍ଷିତ ଜେନା, ନୀଳମଣି ମିଶ୍ର, ଭଗବାନ ନାୟକ ବର୍ମା, ଜୟକୃଷ୍ଣ ସାମଲ, ଡକ୍ଟର ଜଗନ୍ନାଥ ପଟ୍ଟନାୟକ, ରବିନାରାୟଣ ସେନାପତି, ରମାକାନ୍ତ ରାଉତ ।

ନାଟକ ଉପସମିତି—

ଧୀରେନ୍ଦ୍ର ନାଥ ମଲ୍ଲିକ, ନିରୋଦ ମହାନ୍ତି, ନାରାୟଣ ଚନ୍ଦ୍ର ରାୟମହାପାତ୍ର, କମଳାକାନ୍ତ ପାଣିଗ୍ରାହୀ, କ୍ଷୀରୋଦ ଦାସ ।

Digitized by srujanika@gmail.com

ଯାହାଙ୍କର ସୃଷ୍ଟିରେ ଏ ବିଶେଷାଂକ ସମୃଦ୍ଧ

କ୍ର: ନ:	ସୃଷ୍ଟି	ସ୍ରଷ୍ଟାଙ୍କ ନାମ	ପୃଷ୍ଠା
୧ ।	ସ୍ମୃତିରୁ ଖିଏ	ଜାନକୀ ବଲ୍ଲଭ ପଟ୍ଟନାୟକ	୧
୨ ।	କେଶରୀ ସ୍ମରଣେ	ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ	୮
୩ ।	ମଣିଷ ପରି ମଣିଷ ଜଣେ	ନୀଳମଣି ମିଶ୍ର	୧୬
୪ ।	ମହତାବ-ଏକ ଗୌରବୋଜ୍ଜ୍ୱଳ ନେତୃତ୍ୱ	ଡ଼ଃ ବୈଦ୍ୟନାଥ ମିଶ୍ର	୨୦
୫ ।	ସମାଜ ସଂସାରକ ଡ଼ଃ ମହତାବ	ଅଧ୍ୟାପକ ଶତ୍ରୁଘ୍ନ ନାଥ	୨୫
୬ ।	ମହତାବ ବାବୁଙ୍କ ସମ୍ବନ୍ଧରେ ମୋ ଜୀବନରେ କେତୋଟି କଥା	ଶ୍ରୀ ନିତ୍ୟାନନ୍ଦ ମହାପାତ୍ର	୩୭
୭ ।	ସାହିତ୍ୟ ସାଧକ ଡକ୍‌ଟର ମହତାବ	ଡଃ ଭଗବାନ ପଣ୍ଡା	୪୦
୮ ।	ଆଗରପଡ଼ା ରଜବାଟିର ତପସ୍ୱୀ ରଜା ହରେକୃଷ୍ଣ ମହତାବ	ଶ୍ରୀ ଗୋପୀନାଥ ଦାସ	୫୧
୯ ।	ଐତିହାସିକ ଭୂମିକାରେ ଡଃ ମହତାବ	ଡଃ ଜଗନ୍ନାଥ ପଟ୍ଟନାୟକ	୫୯
୧୦ ।	କ୍ରାନ୍ତିକାରୀ ପୁରୁଷ ଡଃ ମହତାବ	ରବିନାରାୟଣ ସେନାପତି	୬୮
୧୧ ।	ଏକ ବୈଚିତ୍ର୍ୟମୟ ସାରସ୍ୱତ ବ୍ୟକ୍ତିତ୍ୱ	ଭଗବାନ ନାୟକ ବର୍ମା	୭୨
୧୨ ।	ମହତାବଙ୍କ କଥା; ସାହିତ୍ୟରେ ନାରୀ	ଡଃ ଲବଣ୍ୟ ନାୟକ	୭୯
୧୩ ।	ସ୍ମୃତି ସ୍ମରଣ	ଶ୍ରୀ ଜଗଦୀଶ ପାଣି	୯୪
୧୪ ।	ପ୍ରାବନ୍ଧିକ ଡଃ ମହତାବ ଏକ ସୂଚନା	ବିନୋଦ ବିହାରୀ ପଲାଇ	୧୦୧
୧୫ ।	ମହତାବ ଓ ଗାଁ ମଜଲିସ୍	ଶ୍ରୀ ସୁଶୀଲ କୁମାର ମହାପାତ୍ର	୧୧୧
୧୬ ।	ମହତାବ	ଶ୍ରୀ ଦୁର୍ଯ୍ୟୋଧନ ନାୟକ	୧୧୪
୧୭ ।	ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଡଃ ମହତାବଙ୍କ ଅବଦାନ	ଅଧ୍ୟାପକ ନାରାୟଣ ସାହୁ	୧୧୮
୧୮ ।	ମିଳନୀ ଓ ମହତାବ	ନରେନ୍ଦ୍ର ପ୍ରସାଦ ନାୟକ	୧୨୩
୧୯ ।	ସାରସ୍ୱତ ସାଧକ ମହତାବ	ରମାକାନ୍ତ ରାଉତ	୧୨୬
୨୦ ।	କେତେକ ଅନ୍ତରଙ୍ଗ ମୁହୂର୍ତ୍ତ	ଶ୍ରୀ ଭର୍ତ୍ତୃହରି ମହତାବ	୧୩୬
୨୧ ।	ଡ଼ଃ ହରେକୃଷ୍ଣ ମହତାବଙ୍କ ସହିତ ଏକ ଅନ୍ତରଙ୍ଗ ସାକ୍ଷାତକାର	ଡ଼ଃ ଉପେନ୍ଦ୍ର ପ୍ରସାଦ ନାୟକ	୧୪୨
୨୨ ।	ଡଃ ମହତାବଙ୍କ ସମ୍ପର୍କରେ ମିଳନୀ ତରଫରୁ ସୌଜନ୍ୟ ପୂର୍ଣ୍ଣ ସାକ୍ଷାତକାର	ଉପସ୍ଥାପନା ଓ ସାକ୍ଷାତ୍‌କାର ଡଃ ଜଗନ୍ନାଥ ପଟ୍ଟନାୟକ	୧୪୭

Digitized by srujanika@gmail.com

ସଂପାଦକୀୟ –

ସର୍ବଧର୍ମ ମିଳନର କେନ୍ଦ୍ରସ୍ଥଳୀ ଭଦ୍ରକର ଅଧିବାସୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ମିଳନୀ'ର ୫ ନକ୍ଷତ୍ର ଦିବସରେ ଆମେ ପ୍ରଫୁଲ୍ଲ ମାନସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛୁ । ଯେଉଁ ମୌଳିକ ଲକ୍ଷ୍ୟ ନେଇ ଆମେ 'ମିଳନୀ'ର ଗଠନ କରିଥିଲୁ, ମା' ଭଦ୍ରକାଳୀଙ୍କ ଅନୁକମ୍ପାରୁ ତାହା କେତେକାଂଶରେ ପୂରଣ ହୋଇ ପାରିଛି । ଭଦ୍ରକର ଅଧିବାସୀଗଣ ଓଡ଼ିଶାର ରାଜଧାନୀ ତଥା ପ୍ରାଚୀନ ଐତିହାସିକ ପୀଠ ଭୁବନେଶ୍ୱରରେ ଇତସ୍ତତ ଭାବରେ ବସବାସ କରୁଥିଲେ ହେଁ, 'ମିଳନୀ' ସମସ୍ତଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ଆସିଛି ।

ଭଦ୍ରକର ବୟୋବୃଦ୍ଧ ଜନନାୟକ ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ, ଅନ୍ୟତମ ନେତା ତଥା ସୁସାହିତ୍ୟିକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖଙ୍କ ପ୍ରଚେଷ୍ଟାରେ ୧୯୬୯ରେ 'ମିଳନୀ'ର ଶୁଭାରମ୍ଭ ହୋଇଥିଲା । ସ୍ୱର୍ଗତ ମହତାବ ରାଜଧାନୀରେ ରହୁଥିବା ଭଦ୍ରକର ଅଧିବାସୀମାନଙ୍କୁ ଗୋଟିଏ ସାଂସ୍କୃତିକ ମଞ୍ଚରେ ଦେଖିବାର ଅଭିଳାଷ ନେଇ ଏହି ଅନୁଷ୍ଠାନର ଶୁଭାରମ୍ଭ କରିଥିଲେ । କିନ୍ତୁ କାଳର କ୍ରୂର ଅଟ୍ଟହାସ୍ୟ ଫଳରେ ଏହି ସାଂସ୍କୃତିକ ମଞ୍ଚଟି କିଛି ଦିନ ନିଷ୍କ୍ରିୟ ରୂପେ ରହିଥିଲା । କିନ୍ତୁ ଭଦ୍ରକର ସୁଯୋଗ୍ୟ ଯୁବନେତା ତଥା ଓଡ଼ିଶାର କଂଗ୍ରେସ (ଇ) ସରକାରଙ୍କ ରାଜସ୍ୱ, ଅର୍ଥ ତଥା ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକଙ୍କ କାଉଁରୀ ସ୍ପର୍ଶରେ ପୁଣି 'ମିଳନୀ' ସେହି ହୃତଗୌରବର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇ ପାରିଛି; ଏହା କମ୍ ଆନନ୍ଦର ବିଷୟ ନୁହେଁ । ଆଜି 'ମିଳନୀ'ର ଜନ୍ମୋତ୍ସବ ଦିନରେ ଆମେ ସ୍ୱର୍ଗତ ମହତାବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଶ୍ରୁଳ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଯୁବନେତା ଯୁଗଳବାବୁଙ୍କର କୃତିତ୍ୱ ପୂର୍ଣ୍ଣ ପ୍ରୟାସକୁ ସାଧୁବାଦ ଜଣାଉଛୁ । ଓଡ଼ିଶାର ସୁଯୋଗ୍ୟ ମୁଖ୍ୟମନ୍ତ୍ରୀ ତଥା ପ୍ରଖ୍ୟାତ ସଂସ୍କୃତିବିତ୍ ମାନ୍ୟବର ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ତଥା ତାଙ୍କ ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ସୁଯୋଗ୍ୟ ମନ୍ତ୍ରୀମାନଙ୍କର ଶୁଭେଚ୍ଛା ତଥା ସହାନୁଭୂତି ଆମର ପାଥେୟ ହୋଇଛି । ପ୍ରସ୍ତୁତ ମିଳନୀର ବାର୍ଷିକ ସଙ୍କଳନ "ମହତାବ ବିଶେଷାଙ୍କ"ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ, ଡକ୍ଟର ବୈଦ୍ୟନାଥ ମିଶ୍ର, ଡକ୍ଟର ଭଗବାନ ପଣ୍ଡା, ଶ୍ରୀଯୁକ୍ତ ଶତ୍ରୁଘ୍ନ ନାଥ, ଶ୍ରୀ ଭର୍ତ୍ତୃହରି ମହତାବଙ୍କ ସମେତ ଓଡ଼ିଶାର ବହୁ ଗଣ୍ୟମାନ୍ୟ ଲେଖକ ଲେଖିକା ପ୍ରବନ୍ଧମାନ ପଠାଇ ଆମକୁ ଉତ୍ସାହିତ କରିଥିବାରୁ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ ।

"ମିଳନୀ"ର ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଦିଗରୁ ଆମକୁ ସାହାଯ୍ୟ ସହଯୋଗ କରିଥିବା ସହୃଦୟ ବ୍ୟକ୍ତିବିଶେଷ, ବିଜ୍ଞାପନ ଦାତା ମାନଙ୍କୁ ଆମେ ସାଧୁବାଦ ଅର୍ପଣ କରୁଛୁ ।

ଆମ ସଙ୍କଳନଟି ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କ ମହଲରେ ଆଦୃତ ହେଲେ ଆମର ଶ୍ରମ ସାର୍ଥକ ହେବ ।

ବନ୍ଦେ ଉତ୍କଳ ଜନନୀ

ତା ୯, ଜୁଲାଇ ୧୯୮୯

ସଂପାଦକ ମଣ୍ଡଳୀ

Digitized by srujanika@gmail.com

ଗାନ୍ଧିଜୀଙ୍କ ଓଡ଼ିଶା ପଦଯାତ୍ରା ଗହଣରେ
ଡ଼କ୍ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ଡକ୍ଟର ହରେକୃଷ୍ଣ ମହତାବଙ୍କ ସହ ଡ଼ା ଉପେନ୍ଦ୍ର ପ୍ରସାଦ ନାୟକଙ୍କ ସାକ୍ଷାତକାରର ସ୍ୱହସ୍ତ ଲିଖିତ ଉତ୍ତରର ଫଟୋ ଚିତ୍ର— (ପୃ-୧୪୨ ଦ୍ରଷ୍ଟବ୍ୟ)



Digitized by srujanika@gmail.com

[illegible]

୭- [illegible]

୮. [illegible]

୯. [illegible]

୧୦. [illegible]

Digitized by srujanika@gmail.com

ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ମୌଲାନା ଆବୁଲ କଲମ
ଆଜାଦଙ୍କ ସହ ଡ଼କ୍ଟର ହରେକୃଷ୍ଣ ମହତାବ

କଂଗ୍ରେସ କର୍ମୀଙ୍କ ସହ ଆଲୋଚନାରତ
ଡ଼କ୍ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ
ନେହେରୁଙ୍କ ସହ ଓଡ଼ିଶା ଗସ୍ତ କାଳରେ —
ଡ଼କ୍ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସମିତ ଆନୁକୂଲ୍ୟରେ ଅନୁଷ୍ଠିତ ଶହୀଦ ସ୍ମୃତି ସମ୍ମିଳନୀ ଅବସରରେ ସ୍ୱର୍ଗତା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଅନ୍ୟମାନଙ୍କ ସହ ଡକ୍ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସର୍ବଭାରତୀୟ ଶହୀଦ ସ୍ମୃତି ସମ୍ମିଳନୀ ଅବସରରେ ମୁଖ୍ୟ ଅତିଥି ତତ୍‌କାଳୀନ କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜୀ ଓ ଅନ୍ୟମାନେ

Digitized by srujanika@gmail.com

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଅନ୍ୟମାନଙ୍କ ସହ ··

ଡ଼କ୍‌ଟର ହରେକୃଷ୍ଣ ମହତାବ

Digitized by srujanika@gmail.com

ଭୁବନେଶ୍ୱର ପୌର ପରିଷଦର ସନ୍ଦେଶ

ସଙ୍କଳ୍ପ, ନିଷ୍ଠା ଓ ସାଧନାକୁ ସମ୍ବଳ କରି ଭୁବନେଶ୍ୱର ପୌର ପରିଷଦ ତାର ଅଗଣିତ କର ଦାତା ଓ ଜନସାଧାରଣଙ୍କର ସେବାରେ ଆତ୍ମନିୟୋଗ କରି ଆସୁଅଛି । ସହରର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ ସେବା, ଉଦ୍ୟମ, ସହରବାସୀଙ୍କର ମନସ୍ତାତ୍ତ୍ୱିକ ଓ ବୈଷୟିକ ଜୀବନର ଘଟଣା ପ୍ରବାହ ପ୍ରତି ଭୁବନେଶ୍ୱର ପୌର ପରିଷଦ ସର୍ବଦା ଧ୍ୟାନଶୀଳ ଓ ସଚେତନ । ପୌର କର୍ମଚାରୀଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ, ପୌର ସମ୍ବଳ ବୃଦ୍ଧି ଏବଂ ପୌର ସମ୍ପତ୍ତିର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗରେ ହିଁ ଏହା ସମ୍ଭବ ହୋଇପାରିବ ।

ଆଶା, ଆପଣ ସହର ପରିବେଶର ସୁରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ

୧) କର୍ତ୍ତବ୍ୟରତ ପୌର କର୍ମଚାରୀଙ୍କୁ ସହାୟକ ହୁଅନ୍ତୁ ।

୨) ରାସ୍ତା ଆଲୁଅର ବାଲ୍ବ ଓ ଫିଟିଙ୍ଗ୍ସ, ପାଣିକଳର ଟ୍ୟାପ ଇତ୍ୟାଦି ପୌର ସମ୍ପତ୍ତିର ଭଙ୍ଗାରୁଜା ଓ ଚୋରି କରୁଥିବା କାର୍ଯ୍ୟରେ ଅନେକ ଅସାମାଜିକ ଲୋକ ବର୍ତ୍ତମାନ ଲିପ୍ତ ଥିବାରୁ ଆପଣମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାଙ୍କ ପ୍ରତି କଠୋର ମନୋବୃତ୍ତି ଗ୍ରହଣ କରି ପୌର ସମ୍ପତ୍ତିର ସୁରକ୍ଷା କରନ୍ତୁ ।

୩) ଭୁବନେଶ୍ୱର ପୌର ପରିଷଦ ଦ୍ୱାରା ପରିଚାଳିତ ଟାଉନ୍ ବସ୍‌ରେ ଯାତାୟତ କରିବା ସମୟରେ ଭଡ଼ା ପଇଠ କରି ଟିକେଟ ମାଗନ୍ତୁ ।

୪) ସହରର ରାସ୍ତା କଡ଼ ଅବରୋଧ ନକରି ଯାନବାହାନ ଚଳାଚଳରେ ସାହାଯ୍ୟ କରନ୍ତୁ ।

୫) ପରିବେଶକୁ ପରିଷ୍କାର ରଖନ୍ତୁ,... ସୁଲଭ ଶୌଚାଳୟ ବ୍ୟବହାର କରନ୍ତୁ । ରାସ୍ତା କଡ଼ରେ ମଳତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର ମନୋଭାବ ପୋଷଣ କରନ୍ତୁ ।

୬) ଗୃହପାଳିତ ପଶୁମାନଙ୍କୁ ସହରର ରାସ୍ତାମାନଙ୍କରେ ନଛାଡ଼ି ନିୟନ୍ତ୍ରଣାଧୀନ ରଖନ୍ତୁ ।

୭) ପୌର ପରିଷଦର ବକେୟା ଗୃହ ଟିକସ ଓ ଲାଇସେନ୍ସ ଫିସ୍ ଆଦି ଯଥା ସମୟରେ ଭରଣା ଦେଇ ପୌର ପାଣ୍ଠିକୁ ସମୃଦ୍ଧ କରନ୍ତୁ ।

ଶ୍ରୀ ସୁଦାମ ଚରଣ ପଟ୍ଟନାୟକ
ଆଇ.ଏ.ଏସ.
ପୁରୀ ଜିଲ୍ଲାପାଳ, ତଥା ସଭାପତି
ଭୁବନେଶ୍ୱର ପୌରପାଳିକା
ଭୁବନେଶ୍ୱର

ଶ୍ରୀ ସର୍ବେଶ୍ୱର ମହାନ୍ତି
ଓ.ଏ.ଏସ୍. (I)
କାର୍ଯ୍ୟନିର୍ବାହୀ ଅଧିକାରୀ
ଭୁବନେଶ୍ୱର ପୌରପାଳିକା
ଭୁବନେଶ୍ୱର

Digitized by srujanika@gmail.com

।। ସ୍ମୃତିରୁ ଖିଏ ।।

※ ଜାନକୀ ବଲ୍ଲଭ ପଟ୍ଟନାୟକ

ଡକ୍‌ଟର ହରେକୃଷ୍ଣ ମହତାବଙ୍କ ସହ ମୋର ପ୍ରଥମ ସାକ୍ଷାତ ରେଭେନ୍‌ସା କଲେଜରେ ୟୁନିୟନ ଜ୍ୟାକକୁ କେନ୍ଦ୍ରକରି ହୋଇଥିବା ଛାତ୍ର ଆନ୍ଦୋଳନ ପରେ ପରେ । ଶ୍ରୀ ବୀରେନ୍‌ ମିତ୍ର ଥିଲେ ମହତାବ ବାବୁଙ୍କ ପ୍ରଧାନ ଭକ୍ତ ଓ ତାଙ୍କ ସହିତ ମୋର ବେଶ୍‌ ଜଣାଶୁଣା ଥିଲା । ବୀରେନ୍‌ ବାବୁ କହିଲେ ମହତାବ ବାବୁ ଡ଼କାଇଛନ୍ତି ତୁମକୁ । ସେତେବେଳେ ବିଜୁ ପଟ୍ଟନାୟକଙ୍କ ଘର ପାଖରେ ତୁଳସୀପୁରର ଏକ କୋଠାଘରେ ସେ ରହୁଥାନ୍ତି । ମୋ ସହିତ ଶ୍ରୀ ବୀରେନ ମିତ୍ରଙ୍କ ସମେତ ଆଉ କେତେଜଣ ବନ୍ଧୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ପ୍ରଶ୍ନ ହେଲା ଏହାପରେ କ'ଣ କରିବ ? ମୁଁ କହିଲି ମୋର ପଢ଼ା ଶେଷ ହୋଇନାହିଁ । ବନାରସ ଯିବି, ରାଜନୀତି ବିଜ୍ଞାନରେ ଏମ୍‌. ଏ. ପଢ଼ିବା ପାଇଁ । ମହତାବ ବାବୁ ତାଙ୍କର ଯୋଜନା ବାଢ଼ି ବସିଲେ । ପଣ୍ଡିତ ଗୋପବନ୍ଧୁ ଯେପରି ସତ୍ୟବାଦୀରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ସେହିପରି ସେ ତାଙ୍କର ପୁରୁଣା ସମ୍ବାଦପତ୍ର ପୁଣି ବାହାର କରିବେ । ବହୁ ଉଚ୍ଚଶିକ୍ଷିତ ଯୁବକଙ୍କୁ ନେଇ ରାଜନୀତି, ଶିକ୍ଷା ଓ ସାମ୍ବାଦିକତା ଆଦି କ୍ଷେତ୍ରରେ ଏକ ବଳିଷ୍ଠ ସଙ୍ଗଠନ ଗଢ଼ିବେ । ମୁଁ କିନ୍ତୁ ହଠାତ୍‌ ଯୋଗଦେଇ ପାରିବି ନାହିଁ ବୋଲି କହି ବିଦାୟ ନେଲି । କିନ୍ତୁ ବନାରସରେ ଛାତ୍ର ଥିଲାବେଳେ ମଧ୍ୟ ବୀରେନ୍‌ ମିତ୍ରଙ୍କ

Digitized by srujanika@gmail.com

ସହିତ 'ପ୍ରଜାତନ୍ତ୍ର' ଓ ମହତାବ ବାବୁଙ୍କ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ଥିଲି । ୧୯୪୮ ମସିହାରେ ତାଙ୍କ ନିର୍ଦ୍ଦେଶରେ ଏକ ନୂତନ ସଙ୍ଗଠନ ଗଢ଼ାଗଲା—ସର୍ବୋଦୟ ସଂଘ । ଶ୍ରୀ ନବକୃଷ୍ଣ ଚୌଧୁରୀ ଏହାର ସଭାପତି ହେଲେ । ବୀରେନ୍ ବାବୁ, ବୈଦ୍ୟନାଥ ମିଶ୍ର, ମୁଁ ଓ ଅନ୍ୟ କେତେଜଣ ଏହାର ସଭ୍ୟ ହେଲୁ । ଉଦ୍ଦେଶ୍ୟ ହେଲା—ଗାନ୍ଧିଜୀଙ୍କ ଚିନ୍ତାଧାରା ଅନୁଯାୟୀ ଓଡ଼ିଶାରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ହେବ । ଏହି ସଙ୍ଗଠନ ପ୍ରଥମେ ଆରମ୍ଭ ହେଲା ସ୍ୱର୍ଗତ ମୋତିଲାଲ ପଣ୍ଡିତଙ୍କ ଘରେ । ପଣ୍ଡିତ ଜବାହାରଲାଲ ନେହେରୁ ଓଡ଼ିଶା ଆସିଥିବା ବେଳେ ଏହାର ଉଦ୍‌ଘାଟନ କରିଥିଲେ । ପଣ୍ଡିତଜୀ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଡ଼କ୍‌ଟର କୈଳାସ ନାଥ କାଟ୍‌ଜୁଙ୍କ ସହିତ ବୈଠକ ଗୃହକୁ ପ୍ରବେଶ କଲାବେଳେ ବୀରେନ୍ ମିତ୍ର ଯାଇ ତାଙ୍କ ପାଦଧୂଳି ନେବା ପାଇଁ ଚେଷ୍ଟା କରିବାରୁ ପଣ୍ଡିତ୍‌ଜୀ ଭୀଷଣ ରାଗିଗଲେ । କିନ୍ତୁ ବୀରେନ୍ ବାବୁ ମଧ୍ୟ କମ୍ ପାଟି କରିବା ଲୋକ ନଥିଲେ । ସେ କହିଲେ ପଣ୍ଡିତ୍‌ଜୀ ଆମେ ଆପଣଙ୍କ ପୁଅ ପରି । ପୁଅ ବାପାର ପାଦଧୂଳି ନେବାରେ କ'ଣ ପାପ ଅଛି ? ଆପଣ ଏପରି ରାଗିଲେ ଆମର ମନ ଦବିଯାଉଛି । ପଣ୍ଡିତ୍‌ଜୀ ସାଙ୍ଗେ ସାଙ୍ଗେ ହସିଦେଲେ । ସ୍ୱାଧୀନତା ପରେ ଦେଶକୁ ଗଢ଼ିବାର ତାଙ୍କ ଉପଦେଶ ମଧ୍ୟ ଗୋଟିଏ କଥା ଥିଲା—କଠୋର ପରିଶ୍ରମ କରି ଏ ଦେଶକୁ ଗଢ଼ିବାକୁ ହେବ । ସମସ୍ତ କୁସଂସ୍କାର, ଜାତିଆଣ ଭାବ, ସାମ୍ପ୍ରଦାୟିକତା ବିରୁଦ୍ଧରେ ଯୁବକମାନଙ୍କୁ ଲଢ଼ିବାକୁ ପଡ଼ିବ । ଅବଶ୍ୟ ସର୍ବୋଦୟ ସଂଘ ବିଶେଷ ଉଧେଇ ପାରିଲା ନାହିଁ । ତାହା ବୀରେନ ବାବୁଙ୍କ ପକେଟ୍‌ରେ ରହିଗଲା । ବୈଦ୍ୟନାଥ ମିଶ୍ର ଏମ୍: ଏ. ପାଶ୍ କରି ବୀରେନ୍ ବାବୁଙ୍କ ସହକାରୀ ଭାବେ ସେ ସଙ୍ଗଠନ ଦାୟିତ୍ୱରେ ଥାଆନ୍ତି । ମତେ ବନାରସକୁ ଚିଠି ଲେଖିଲେ, ଘର ନାହିଁ, ଅଫିସ ନାହିଁ, ଏଣୁ ସେ ଆଉ ଏ ଦାୟିତ୍ୱରେ ରହିପାରିବେ ନାହିଁ । ଏଣେ ନବ ବାବୁଙ୍କ ପୁଅ କାଲୁର ମୃତ୍ୟୁ ପରେ ସେ ମନ୍ତ୍ରିତ୍ୱ ଛାଡ଼ି ଅନୁଗୁଳ ଚାଲିଗଲେ । ବୀରେନ୍ ବାବୁଙ୍କ କାର୍ଯ୍ୟକ୍ରମ କଟକ ମଧ୍ୟରେ ସୀମାବଦ୍ଧ ରହିଲା । ନଗର କମିଟୀ ନାମରେ ଏକ ରାଜନୈତିକ ସଂଗଠନ ଗଢ଼ି ମହତାବ ବାବୁଙ୍କ ଆଶୀର୍ବାଦରେ ସେ ରହିଥାଆନ୍ତି । ଶେଷକୁ ସର୍ବୋଦୟ ସଂଘ ସେତିକିରେ ରହିଗଲା । କେତୋଟି ବୌଦ୍ଧିକ ଆଲୋଚନା ଓ ବୈଠକ ଛଡ଼ା ଏହାର କୌଣସି ପ୍ରସାର ହୋଇ ପାରିଲା ନାହିଁ । ଭୈରବ ବାବୁଙ୍କ ସମ୍ପାଦନାରେ 'ଇଷ୍ଟର୍ଣ୍ଣ ଟାଇମସ'

Digitized by srujanika@gmail.com

ବାହାରିବାରୁ ବୈଦ୍ୟନାଥ ବାବୁ [ଡ଼କ୍‌ଟର ବୈଦ୍ୟନାଥ ମିଶ୍ର] ସେଥିରେ ଯୋଗ ଦେଲେ ।

୧୯୪୯ ମସିହାରେ ମୁଁ ପଢ଼ା ଶେଷ କରି ଅନୁଗୁଳ ଗଲି ନବବାବୁଙ୍କ ପାଖକୁ । ତାଙ୍କୁ ପୁଣି ଥରେ ସର୍ବୋଦୟ ସଙ୍ଘକୁ ଆରମ୍ଭ କରିବା ପାଇଁ ପ୍ରବର୍ତ୍ତାଇବା ମୋର ଉଦ୍ଦେଶ୍ୟ ଥିଲା । ମୁଁ ମୋର ସମସ୍ତ ସମୟ ଦେବି ବୋଲି ପ୍ରତିଶ୍ରୁତି ଦେଇଥିଲି । ମାତ୍ର ତାଙ୍କର ସେଥିପାଇଁ ଆଉ ମନ ନଥିଲା । ସକ୍ରିୟ ରାଜନୀତି ପ୍ରତି ସେ ଏକ ପ୍ରକାର ବିତୃଷ୍ଣ ହୋଇ ପଡ଼ିଥିଲେ । ମୁଁ ଆସି ମହତାବ ବାବୁଙ୍କ ସହ ଆଲୋଚନା କଲି–'ଇଷ୍ଟର୍ଣ୍ଣ ଟାଇମ୍‌ସ'ରେ ଯୋଗଦେବା ଭଲ ହେବ । ଏହିଠାରୁ ପ୍ରଜାତନ୍ତ୍ର ପ୍ରଚାର ସମିତି ସହିତ ଏକ ଦୀର୍ଘଦିନର ସମ୍ପର୍କ ଆରମ୍ଭ ହେଲା । 'ଇଷ୍ଟର୍ଣ୍ଣ ଟାଇମ୍‌ସ'ରେ ପଶି ଏହି ସମ୍ବାଦ ପତ୍ରର ସମ୍ପାଦନା ଦାୟିତ୍ୱ, ତା'ପରେ 'ପ୍ରଜାତନ୍ତ୍ର' ସମ୍ପାଦନା ଦାୟିତ୍ୱ ଓ ଶେଷକୁ ସମ୍ପାଦନା ଓ ପରିଚାଳନା ଉଭୟ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା । ମୁଁ ପ୍ରଜାତନ୍ତ୍ର ପ୍ରଚାର ସମିତି ସହ ଓତପ୍ରୋତଃ ଭାବେ ଜଡ଼ିତ ହୋଇଗଲି ।

'ପ୍ରଜାତନ୍ତ୍ର' କେବଳ ଏକ ସାମ୍ବାଦିକ ସଂସ୍ଥା ନଥିଲା । ଏହା ଥିଲା ମହତାବ ବାବୁଙ୍କ ରାଜନୈତିକ କର୍ମକେନ୍ଦ୍ର । ଶାସନରେ ଥିଲାବେଳେ ପ୍ରତିଦିନ ସନ୍ଧ୍ୟାରେ ସେ ଆସନ୍ତି ଏବଂ ଏକ ଆସର ଜମିଯାଏ । ସେ ପ୍ରଥମଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟର କଥା କହୁଛି । ହରେକ୍ ରକମର ଲୋକ ଆସନ୍ତି ମହତାବ ବାବୁଙ୍କ ନିକଟବର୍ତ୍ତୀ ହେବା ପାଇଁ । ଏଥିରେ ତତ୍‌କାଳୀନ ଓଡ଼ିଶାର ରାଜନୀତି ଓ ଶାସନର ସମସ୍ତ ବିଷୟ ଆଲୋଚିତ ହୁଏ । ନିର୍ଦ୍ଦିଷ୍ଟ ରାଜନୈତିକ ଆଭିମୁଖ୍ୟରେ ସେ 'ପ୍ରଜାତଂତ୍ର' ଆରମ୍ଭ କରିଥିଲେ ମଧ୍ୟ ସାମ୍ବାଦିକତା କ୍ଷେତ୍ରରେ ସେ ଯେଉଁ ସ୍ୱାଧୀନତା ଦେଉଥିଲେ ତାହା ଉଲ୍ଲେଖଯୋଗ୍ୟ । ଥରେ ଚୌଧୁରୀ ବଜାରରେ 'ନିଆଁଖୁଣ୍ଟା'ର ସମ୍ପାଦକ ଓଡ଼ିଶାର ପ୍ରସିଦ୍ଧ ଲେଖକ ଓ କବି ଗୋଦାବରୀଶ ମହାପାତ୍ରଙ୍କୁ ମାଡ଼ ହେଲା ଏବଂ ମାଡ଼ଦେବା ଲୋକ ଥିଲେ ଚୌଧୁରୀବଜାରର ବୀରେନ ବାବୁଙ୍କ ଜଣେ ଅତି ନିଜର ଲୋକ । କାରଣ ହେଲା- 'ନିଆଁଖୁଣ୍ଟା' ଅତି ଉଗ୍ର ଭାବରେ ମହତାବ ବାବୁ ଓ ତାଙ୍କ ସମର୍ଥକମାନଙ୍କ

Digitized by srujanika@gmail.com

ସମାଲୋଚନା କରୁଥିଲ । ଏହି ଘଟଣାକୁ କେନ୍ଦ୍ର କରି ଆଲୋଡ଼ନ ସୃଷ୍ଟି ହେଲା ସାମ୍ବାଦିକମାନଙ୍କ ମଧ୍ୟରେ । କଟକରୁ ପ୍ରକାଶିତ "ନିଉ ଓଡ଼ିଶା" ସମ୍ବାଦପତ୍ର ତାଙ୍କ ସମ୍ପାଦକୀୟରେ ଏହାର ନିନ୍ଦାକରି ଲେଖିଲେ । ତତ୍‌କାଳୀନ ରାଜ୍ୟପାଳ ଶ୍ରୀ ଆସଫ୍ ଅଲ୍ଲୀ ଏହାର କଟିଙ୍ଗ ଦେଇ ସରକାରଙ୍କ ପାଖକୁ ପଠାଇଲେ । ମାଡ଼ ଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କେଉଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ମହତାବ ବାବୁ ସେତେବେଳକୁ ମାଡକୁ ସମର୍ଥନକରି ଗୋଟିଏ ଲେଖା ପଠାଇଲେ 'ଇଷ୍ଟର୍ଣ୍ଣ ଟାଇମସ୍'ର ସମ୍ପାଦକୀୟ ଭାବରେ ଛପା ହେବା ପାଇଁ । ମୁଁ ଯୁଗ୍ମ ସମ୍ପାଦକ ଥିଲି । ଭୈରବବାବୁ ମୋତେ ସେ ଲେଖାଟି ଦେଖାଇଲେ । ମୁଁ କହିଲି ତାହା ଛପାଯିବ ନାହିଁ । ମହତାବ ବାବୁଙ୍କ ସହ ମୁଁ ଆଲୋଚନା କରିବି । କଟକର ପୁରୁଣା ସେକ୍ରେଟାରୀଏଟ୍ ବିଲ୍‌ଡ଼ିଂରେ ତାଙ୍କର ଦପ୍ତରକୁ ଯାଇ ମୁଁ କହିଲି ମାଡ଼କୁ ସମର୍ଥନ କରି ସମ୍ପାଦକୀୟ ଦେବା ଠିକ୍ ହେବ ନାହିଁ । ସନ୍ଧ୍ୟାବେଳେ ଏ ସମ୍ପର୍କରେ ଅଧିକ ଆଲୋଚନା କରିବାକୁ କହି ସେ ମୋ କଥାରେ ରାଜି ହୋଇଗଲେ । ସନ୍ଧ୍ୟାରେ ଆଲୋଚନାରେ ସେ ତାଙ୍କ ଯୁକ୍ତିର ସମର୍ଥନରେ ବହୁ ଉଦାହରଣ ଦେଇଥିଲେ । ତାହା ମଧ୍ୟରୁ ଗୋଟିଏ ହେଉଛି- ବଙ୍ଗଳାର ପ୍ରସିଦ୍ଧ ନେତ୍ରୀ ଜ୍ୟୋତିର୍ମୟୀ ଗାଙ୍ଗୁଲୀଙ୍କ କଥା । ଜ୍ୟୋତିର୍ମୟୀଙ୍କ ଚରିତ୍ର ସଂହାର କରି ଆନନ୍ଦବଜାର ପତ୍ରିକାର ସମ୍ପାଦକ କ'ଣ ସବୁ ଲେଖିଥିଲେ ଏବଂ ଜ୍ୟୋତିର୍ମୟୀ ସିଧା ଯାଇ ତାଙ୍କ ଅଫିସରେ ପଶି ତାଙ୍କୁ ମାଡ ଦେଇଥିଲେ । ଏଥିରେ ସମ୍ପାଦକଙ୍କ ପକ୍ଷରୁ ମକଦ୍ଦମା ହେଲା । ଜ୍ୟୋତିର୍ମୟୀ ଗାଙ୍ଗୁଲୀଙ୍କ ପକ୍ଷରୁ ଦେଶବନ୍ଧୁ ଚିତ୍ତରଞ୍ଜନ ଏହି ମକଦ୍ଦମା ଲଢି ସଫଳ ହୋଇଥିଲେ ।

ମହତାବ ବାବୁଙ୍କ ଯୁକ୍ତି ଥିଲା ଯଦି ନାନା ମିଥ୍ୟା ଆରୋପ କରି ଜଣେ ବ୍ୟକ୍ତିକୁ ଅତ୍ୟନ୍ତ ଉତ୍ତ୍ୟକ୍ତ କରି ଦିଆଯାଏ ତାହା ହେଲେ ତା'ର ହିଂସା ଆଚରଣ କେତେକ କ୍ଷେତ୍ରରେ କ୍ଷମଣୀୟ । ସେ ଯାହା ହେଉନା କାହିଁକି ସେ ସମୟରେ 'ଇଷ୍ଟର୍ଣ୍ଣ ଟାଇମସ'ରେ ମାଡ଼ ସପକ୍ଷରେ ଲେଖାଯାଉ ବୋଲି ସେ ଆଉ ଜୋର୍ ଦେଲେ ନାହିଁ । ଜଣାଯାଉଥିଲା ବୀରେନ୍ ବାବୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଏହି ଯୁକ୍ତି ଓ ଉପାଖ୍ୟାନର ଅବତାରଣା କରିଥିଲେ ।

Digitized by srujanika@gmail.com

୧୯୫୦ ମସିହାରେ ମହତାବ ବାବୁ କେନ୍ଦ୍ରମନ୍ତ୍ରୀ ହୋଇ ଚାଲିଗଲେ, ନବବାବୁ ହେଲେ ମୁଖ୍ୟମନ୍ତ୍ରୀ । ୧୯୫୧ ମସିହାରେ ନବ ବାବୁଙ୍କ ବିରୁଦ୍ଧରେ ଏକ ଛାତ୍ର ଆନ୍ଦୋଳନ ଚାଲିଥାଏ । ମୁଁ ଏହି ଆନ୍ଦୋଳନର ବିରୋଧୀ ଥିଲି ଏବଂ 'ଇଷ୍ଟର୍ଣ୍ଣ ଟାଇମ୍ସ' ସରକାରଙ୍କୁ ସମର୍ଥନ କରୁଥିଲା । ମାତ୍ର 'ପ୍ରଜାତନ୍ତ୍ର' ଛାତ୍ର ଆନ୍ଦୋଳନକୁ ତେଜାଇବା ପାଇଁ ନାନା ଲେଖା ଲେଖୁଥାଏ । ମୋତେ କୁହାଗଲା, ମହତାବ ବାବୁ ଚାହାନ୍ତି 'ଇଷ୍ଟର୍ଣ୍ଣ ଟାଇମ୍ସ'ରେ ଶାସନକୁ ଏପରି ସମର୍ଥନ କରିବା ଠିକ୍ ହେଉନାହିଁ । ମୁଁ ମହତାବ ବାବୁଙ୍କୁ ପଚାରିଲି । ସେ କିଛି ମନା କଲେ, ଯଦିଓ 'ପ୍ରଜାତନ୍ତ୍ର' ଶାସନର ବିରୋଧ କରିବାରେ ଲାଗିଥିଲା ।

୧୯୫୨ ମସିହା ପରେ ମୁଁ 'ପ୍ରଜାତନ୍ତ୍ର'ର ସମ୍ପାଦନା ଦାୟିତ୍ୱ ନେଲି । ସେତେବେଳେ 'ପ୍ରଜାତନ୍ତ୍ର'ର ପ୍ରସାର ଅତ୍ୟନ୍ତ କମ୍ ଥିଲା । ମାତ୍ର ଦଶ ବର୍ଷ ମଧ୍ୟରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଯଥାର୍ଥ ମୁଖପାତ୍ର ଭାବେ ଏହାର ପ୍ରସାର ପାଞ୍ଚଗୁଣ ବଢ଼ିଯାଇଥିଲା ଏବଂ ଏହାର ସମ୍ପାଦନାର ସମ୍ପୂର୍ଣ୍ଣ ସ୍ୱାଧୀନତା ମହତାବ ବାବୁ ମୋତେ ଦେଇଥିଲେ । କାଳିଆ ବୋଦାରେ ବାବାଜୀମାନଙ୍କ ବିରୁଦ୍ଧରେ ଆନ୍ଦୋଳନ, ବିନୋବାଙ୍କ ଭୂଦାନ ଆନ୍ଦୋଳନକୁ ସମର୍ଥନ, ୧୯୫୪ର ମରୁଡ଼ି ଓ ୧୯୫୫ ମସିହାର ପ୍ରଳୟଙ୍କରୀ ବନ୍ୟାରେ ସରକାରୀ କଳର ଅପାରଗତା, ୧୯୫୬ର ସୀମା ଆନ୍ଦୋଳନ ଆଦିରେ 'ପ୍ରଜାତନ୍ତ୍ର'ର ନିର୍ଭୀକ ଭୂମିକା ଏହାକୁ ଅତ୍ୟନ୍ତ ଲୋକପ୍ରିୟ କରାଇ ପାରିଥିଲା । ୧୯୫୨ରୁ ୧୯୫୪ ପର୍ଯ୍ୟନ୍ତ ମହତାବ ବାବୁ କ୍ଷମତାରେ ନ ଥିଲେ ।

୧୯୫୪ରେ ସେ ବମ୍ବେର ରାଜ୍ୟପାଳ ହୋଇ ରହିଲେ ଏବଂ ତିନିବର୍ଷ କାଳ 'ପ୍ରଜାତନ୍ତ୍ର' କଥା ବୁଝିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ମାତ୍ର ସମ୍ପାଦକ ଭାବେ ମୁଁ ତାଙ୍କର ପୂର୍ଣ୍ଣ ସମର୍ଥନ ଓ ଉତ୍ସାହ ଲାଭ କରିଥିଲି । କେତେକ କ୍ଷେତ୍ରରେ ତାଙ୍କର ବିରୋଧ ମତଥିଲେ ମଧ୍ୟ ସେ ତାକୁ ଚପାଇ ଦେବାକୁ ଚେଷ୍ଟାକରୁ ନଥିଲେ । ଉଦାହରଣ ସ୍ୱରୂପ, ବିନୋବାଙ୍କ ଭୂଦାନ ଆନ୍ଦୋଳନକୁ 'ଗାଁ ମଜଲିସ୍' ଓ ତାଙ୍କ ବିଭିନ୍ନ ଲେଖାରେ ସେ ସମାଲୋଚନା କରୁଥିଲେ । ମାତ୍ର ସମ୍ବାଦ ପରିବେଷଣ ଓ ସମ୍ପାଦକୀୟରେ 'ପ୍ରଜାତନ୍ତ୍ର' ଥିଲା ଏହାର ଏକ ପ୍ରଧାନ ସମର୍ଥକ ।

Digitized by srujanika@gmail.com

ସମ୍ପାଦନା ଛଡା ସାଧାରଣ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବାର ସୁଯୋଗ ସେ ଦେଉଥିଲେ । ୧୯୫୩ ମସିହାରେ କଟକରେ ଏକ ଶ୍ରମ ଶିବିରର ଆୟୋଜନ କରି ବିନୋବା ମାର୍ଗ ନିର୍ମାଣ କରାଯାଇଥିଲା । ଏ କାର୍ଯ୍ୟରେ ମୁଁ ଉଭୟ ମହତାବ ବାବୁ ଓ ନବ ବାବୁଙ୍କୁ ସମ୍ପୃକ୍ତ କରି ପାରିଥିଲି । ସେତେବେଳେ ଦୁହିଁଙ୍କ ମଧ୍ୟରେ ରାଜନୈତିକ ମତଭେଦ ସତ୍ତ୍ୱେ ଏହା ସମ୍ଭବ ହୋଇପାରି ଥିଲା । ପ୍ରଦେଶ କଂଗ୍ରେସର ବିଭିନ୍ନ ସଭାସମିତିରେ ମୁଁ ନବ ବାବୁଙ୍କ ମୁଖ୍ୟମଂତ୍ରୀତ୍ୱର ଖୋଲାଖୋଲି ସମର୍ଥନ କରିଥିଲି । ମାତ୍ର ସେ କେବେ ତାଙ୍କର ମତକୁ ଲଦିପି ଦେବା ପାଇଁ ଚେଷ୍ଟା କରି ନାହାନ୍ତି । ସେଥିପାଇଁ ତାଙ୍କ ସହିତ ଏତେ ଘନିଷ୍ଠତା ଗଢ଼ି ଉଠିଥିଲା । ପରବର୍ତ୍ତୀ କାଳରେ ତାଙ୍କୁ ଦ୍ୱିତୀୟ ଥର ମୁଖ୍ୟମଂତ୍ରୀ ହୋଇ ରହିବାରେ, 'ପ୍ରଜାତଂତ୍ର' ଏକ ଲୋକପ୍ରିୟ ଏବଂ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର ଭାବରେ ବିଶେଷ ସହାୟକ ହୋଇ ପାରିଥିଲା । ୧୯୬୧ ମସିହାରେ ସେ ମୁଖ୍ୟମଂତ୍ରୀତ୍ୱରୁ ଯିବା ପରେ ପଣ୍ଡିତ ନେହରୁଙ୍କ ସହିତ ତାଙ୍କ ମତଭେଦ ପ୍ରାୟ ସ୍ପଷ୍ଟ ହୋଇଯାଇଥାଏ । ମାତ୍ର 'ପ୍ରଜାତଂତ୍ର' ଥିଲା ଓଡ଼ିଶାରେ ପଣ୍ଡିତ ନେହରୁଙ୍କର ଏକ ପ୍ରଧାନ ସମର୍ଥକ । 'ଗାଁ ମଜଲିସ୍'ରେ ଅବଶ୍ୟ ପରୋକ୍ଷ ଭାବରେ ସେ ତାଙ୍କର ସ୍ପଷ୍ଟ ମତ ପ୍ରକାଶ କରୁଥିଲେ । ୧୯୬୪ ମସିହାରେ ଛାତ୍ର ଆନ୍ଦୋଳନ ଓ ପରେ ତାହା ଯେତେବେଳେ ଏକ ଗଣଆନ୍ଦୋଳନରେ ପରିଣତ ହେଲା 'ପ୍ରଜାତନ୍ତ୍ର' ଥିଲା ତା'ର ପ୍ରଧାନ ପ୍ରାଣକେନ୍ଦ୍ର । ସେତେବେଳେ 'ପ୍ରଜାତନ୍ତ୍ର'ର ଟ୍ରଷ୍ଟବୋର୍ଡରେ ଥିବା କେତେକ ବନ୍ଧୁ ଏହାର ତୀବ୍ର ବିରୋଧ କରିଥିଲେ ଏବଂ ଇସ୍ତଫା ଦେବେ ବୋଲି ଧମକ ଦେଇଥିଲେ । କିନ୍ତୁ ସେଥିରେ ବିଚଳିତ ନ ହେବା ପାଇଁ ମହତାବ ବାବୁ ମୋତେ ପରାମର୍ଶ ଦେଇଥିଲେ ।

୧୯୬୨ ମସିହାରେ ବୀରେନ୍ ବାବୁ ମୋତେ ପରାମର୍ଶ ଦେଇଥିଲେ 'ପ୍ରଜାତଂତ୍ର' ଛାଡ଼ି ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିବା ପାଇଁ । ଲୋକସଭା ବା ରାଜ୍ୟସଭା ସଦସ୍ୟ ଭାବରେ ପଠାଇବା ପାଇଁ ସେ ମୋତେ ପ୍ରବର୍ତ୍ତାଉ ଥାଆନ୍ତି । ସେ ଏବଂ ନୀଳମଣି ବାବୁ (ରାଉତରାୟ) ସେତେବେଳେ 'ପ୍ରଜାତ'ନ୍ତ୍ର' ସହିତ ପ୍ରାୟ ସମସ୍ତ ସମ୍ପର୍କ ତୁଟାଇ ଦେଇଥାଆନ୍ତି । ମାତ୍ର ମୁଁ ସ୍ଥିର କଲି ଯେ, ମହତାବବାବୁଙ୍କର ଏହା ଏକ ଦୁର୍ଦ୍ଦିନର ସମୟ ଏବଂ ବ୍ୟକ୍ତିଗତ ଭାବେ ମୁଁ

Digitized by srujanika@gmail.com

କ'ଣ ହେଲି ନ ହେଲି ସେ ବିଷୟରେ ଚିନ୍ତା ନ କରି ତାଙ୍କ ସହିତ ପୁରାପୂରି ରହିବା ଏବଂ ପୁଣି ଥରେ ସେ କେମିତି କ୍ଷମତାକୁ ଆସିବେ ସେଥିପାଇଁ ଚେଷ୍ଟା କରିବା ଉଚିତ ମନେକଲି । ୧୯୫୬ ମସିହାଠାରୁ 'ପ୍ରଜାତଂତ୍ର' ପ୍ରଚାର ସମିତିର ସମସ୍ତ ଦାୟିତ୍ୱ ମୋତେ ବହନ କରିବାକୁ ହୋଇଥିଲା ଏବଂ ୧୯୬୨-୬୭ମସିହାରେ 'ପ୍ରଜାତଂତ୍ର'ର ଏହି ଦୁର୍ଦ୍ଦିନ କାଳରେ ଏହାକୁ ଚଳାଇ ରଖିବା ଥିଲା ମୋର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ସେ ସମୟରେ ରାଜ୍ୟପାଳ ଥିବାବେଳେ ଓ ପରେ 'ଝଙ୍କାର' ଓ 'ବିଷୁବ ମିଳନ' ଭଳି ପ୍ରାଣବନ୍ତ ଅନୁଷ୍ଠାନର ଲୋକପ୍ରିୟତାକୁ ଅକ୍ଷୁର୍ଣ୍ଣ ରଖାଯାଇ ପାରିଥିଲା ।

୧୯୬୭ରେ 'ଇଷ୍ଟର୍ଣ୍ଣ ଟାଇମ୍‌ସ' ବନ୍ଦ ହୋଇଯିବା ପରେ ଓ ମହତାବ-ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଜନ କଂଗ୍ରେସ ଦଳ କ୍ଷମତାକୁ ଆସିବା ପରେ ମୁଁ 'ପ୍ରଜାତଂତ୍ର' ଛାଡ଼ିଲି ଓ ପ୍ରତ୍ୟକ୍ଷ ରାଜନୀତିରେ ଅଂଶ ଗ୍ରହଣ କଲି । 'ପ୍ରଜାତଂତ୍ର' ଛାଡ଼ିବା ପରେ ମୁଁ ମନେ ମନେ ତାଙ୍କ ସହିତ ଏକ ଚୁକ୍ତି କରିଥିଲି କେବେ ବା କୌଣସି ପରିସ୍ଥିତିରେ ମୁଁ ତାଙ୍କ ବିରୁଦ୍ଧରେ କିଛି ଲେଖିବି ନାହିଁ ବା କହିବି ନାହିଁ । ମୁଁ ତାହା ସାଧ୍ୟମତେ ପାଳନ କରିବା ପାଇଁ ଚେଷ୍ଟା କରିଛି । ଏହି ସମୟ ମଧ୍ୟରେ ତାଙ୍କର ପ୍ରଚ୍ଛନ୍ନ ଆଶୀର୍ବାଦ ମୋ ପଛରେ ଥିଲା ବୋଲି ମୁଁ ଅନୁଭବ କରିଛି । କେନ୍ଦ୍ରମଂତ୍ରୀ, ପ୍ରଦେଶ କଂଗ୍ରେସ ସଭାପତି ଓ ଓଡ଼ିଶାର ମୁଖ୍ୟମଂତ୍ରୀ ଭାବେ ଏପରିକି ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଙ୍କର ପ୍ରସାରିତ ହସ୍ତର ଆଶୀର୍ବାଦ ମୁଁ ଅନୁଭବ କରିଛି ।

– ୦ –

Digitized by srujanika@gmail.com

।। କେଶରୀ ସ୍ମରଣେ ।।

❋ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ

ଜାନୁୟାରୀ ଦୁଇ ଉଣେଇଶ ଶହ ସତାଅସୀ ।

ସକାଳୁ ଉଠୁ ଉଠୁ ଏହି ଦାରୁଣ ଦୁଃସମ୍ବାଦ ମିଳିଲା । ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ ଆଉ ଇହ ଜଗତରେ ନାହାନ୍ତି । ହଠାତ୍ ବ୍ୟସ୍ତ ହୋଇ ଉଠିଲି । ସଠିକ ଖବର ସଂଗ୍ରହ କରି ଯାଇ ପହଞ୍ଚିଲି ଏକାମ୍ର ନିବାସରେ ।

ଏତେ ସକାଳୁ ବି ସେଠାରେ ପ୍ରବଳ ଜନ ଗହଳି ସୃଷ୍ଟି ହୋଇଥିଲା । ଏକାମ୍ର ନିବାସର ଦକ୍ଷିଣ ପାଖ ପୋର୍ଟିକୋ ତଳେ ଏକ ଶଯ୍ୟାରେ ସେ ଶୋଇ ରହିଥିଲେ ଅନ୍ତିମ ଶଯ୍ୟାରେ । ତାଙ୍କ ଚାରି ପାଖରେ ଘେରି ରହିଥିଲେ ଶୋକାକୁଳ ଜନତା । ଭର୍ତ୍ତୃହରି ବାବୁ ବସିଥିଲେ ଅଶ୍ରୁଳ ନୟନରେ ନିର୍ବାକ ଓ ନିଶ୍ଚଳ ହୋଇ ।

ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ସମେତ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ରୁଣ୍ଡ ହୋଇଥିଲେ ତାଙ୍କର ଶେଷ ଦର୍ଶନ ପାଇଁ । ଗହଳି କ୍ରମେ କ୍ରମେ ବୃଦ୍ଧି ପାଇଥିଲା,

Digitized by srujanika@gmail.com

ଶେଷରେ ସମବେତ ଜନତାଙ୍କୁ ଶୃଙ୍ଖଳିତ କରି ଶେଷ ଦର୍ଶନ କରାଇବାରେ ପୋଲିସ ସହାୟକ ହୋଇଥିଲେ ।

ମନ୍ତ୍ରୀ ମଣ୍ଡଳର ଏକ ସ୍ୱତନ୍ତ୍ର ବୈଠକ ବସି ଡଃ ମହତାବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା ।

ସେଦିନ ସାରା ଚାଲିଲା ଅଗଣିତ ଜନତାଙ୍କର ଅନ୍ତିମ ଦର୍ଶନ ପର୍ବ ।

ପରଦିନ ସକାଳୁ ଏକ ସୁସଜ୍ଜିତ ଭ୍ୟାନ୍‌ରେ ତାଙ୍କ ଶବ ଶୋଭଯାତ୍ରା ଏକାମ୍ର ନିବାସରୁ ବାହାରିଲା । ଭୁବନେଶ୍ୱର ଛାଡ଼ି କଟକ ସହର ପ୍ରଦକ୍ଷିଣ କରି ବାରବାଟୀ ଷ୍ଟାଡ଼ିୟମ୍‌ ଓ ପ୍ରଜାତନ୍ତ୍ର ପରିସର ମଧ୍ୟରେ କିଛି ସମୟ ରହି ତାଙ୍କର ପ୍ରଥମ କର୍ମସ୍ଥଳୀ ଆଗରପଡ଼ା ଅଭିମୁଖେ ଯାତ୍ରା କରିଥିଲା । ବାଟରେ ଜାତୀୟ ରାଜପଥର ପ୍ରତ୍ୟେକ ମୁଖ୍ୟ ସ୍ଥାନମାନଙ୍କରେ ଜନ ସମାଗମ ଘଟି ସ୍ୱର୍ଗୀୟ ନେତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରଯାଇଥିଲା । ଭଦ୍ରକରେ ପହଞ୍ଚିଲା ବେଳକୁ ପ୍ରାୟ ଦିନ ୨ଟା । ଶହୀଦ ସ୍ମୃତି ଭବନ ନିକଟରେ ପ୍ରବଳ ଜନସ୍ରୋତ ଶୋଭ ଯାତ୍ରାର ଗତିରୋଧ କରିଥିଲା । ଅଶ୍ରୁଳ ଜନତା ଡଃ ମହତାବଙ୍କର ଶେଷ ଦର୍ଶନ ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିଥିଲେ ।

ଭଦ୍ରକ କଲେଜ ଛକ ଦେଇ ଶୋଭଯାତ୍ରା ପ୍ରାୟ ଅପରାହ୍ଣ ୪ଟା ବେଳେ ଆଗରପଡ଼ାରେ ତାଙ୍କ ବାସଭବନରେ ପହଞ୍ଚିଥିଲା । ସେଠାରେ କୌଳିକ ପ୍ରଥାରେ ତାଙ୍କର ବିଧି ବିଧାନ କରଯାଇ ତାଙ୍କ ପାରିବାରିକ ଶ୍ମଶାନରେ ତୋପ ସଲାମି ଦ୍ୱାରା ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇ ଶବ ସତ୍କାର କାର୍ଯ୍ୟ ସମାପିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ବ୍ୟକ୍ତିଙ୍କର ସମାରୋହ ଏହିଠାରେ ଘଟିଥିଲା ।

ସେ ଚାଲିଗଲେ–ସବୁ ଦିନ ପାଇଁ ଚାଲିଗଲେ ଆମ ସମସ୍ତଙ୍କୁ ଛାଡ଼ି ।

ସେଦିନ କଥା ମନେ ପଡ଼େ । ୧୯୫୬।୫୭ ମସିହା । ନୂଆ କରି ନାମ ଲେଖାଇ ଥାଏ ଭଦ୍ରକ କଲେଜରେ । କଲେଜ ୟୁନିୟନ ନିର୍ବାଚନରେ ଆମେ ସବୁ

Digitized by srujanika@gmail.com

ଅଂଶ ଗ୍ରହଣ କରିଥିଲୁ । ଉତ୍କଳ ଛାତ୍ର ୟୁନିୟନର ସଭ୍ୟ ଥିଲି ମୁଁ । ସେତେବେଳେ ଓଡ଼ିଶାରେ ଥିଲା ମାତ୍ର ଦୁଇଟି ଛାତ୍ର ସଂଗଠନ । ଛାତ୍ର ୟୁନିୟନ ଓ ଛାତ୍ର ଫେଡ଼େରେସନ୍ (ସଂଘ) । ଛାତ୍ର ସଂଘ କମ୍ୟୁନିଷ୍ଟ ଦଳ ଦ୍ୱାରା ପରିଚାଳିତ ହେଉଥିବାର ଅଭିଯୋଗ ହେଉଥିଲା । ଆଉ ସବୁ କମ୍ୟୁନିଷ୍ଟ ବିରୋଧୀ ଦଳର ସମର୍ଥକ ଛାତ୍ରମାନେ ୟୁନିୟନକୁ ସମର୍ଥନ କରୁଥିଲେ ।

୧୯୫୭ ମସିହାରେ ଉତ୍କଳ ଛାତ୍ର ୟୁନିୟନର ରାଜ୍ୟ ସ୍ତରୀୟ ସମ୍ମିଳନୀ ଭଦ୍ରକସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ ଉତ୍ସବରେ ଡଃ ହରେକୃଷ୍ଣ ମହତାବ ଯୋଗ ଦେଇଥିଲେ । ସେଠି ତାଙ୍କ ସହିତ ମୋର ଘନିଷ୍ଠତା ସୃଷ୍ଟି ହୋଇଥିଲା । ସେ ବର୍ଷ ମୁଁ ଉତ୍କଳ ଛାତ୍ର ୟୁନିୟନରେ ଉପ ସଭାପତି ନିର୍ବାଚିତ ହୋଇଥିଲି । ତା ପରଠାରୁ ତାଙ୍କ ସହିତ ମୋର ଘନିଷ୍ଠତା କ୍ରମେ କ୍ରମେ ବଢ଼ିଥିଲା ।

ଉତ୍କଳ ଛାତ୍ର ୟୁନିୟନର ମୁଖପତ୍ର 'ରଶ୍ମୀ' ଭଦ୍ରକସ୍ଥ 'ଶ୍ରୀ' ପ୍ରେସ୍‌ରୁ ଆମେ ପ୍ରକାଶ କରିଥିଲୁ ।

୧୯୬୦ରେ ମୁଁ ଭଦ୍ରକ କଲେଜରୁ ବି ଏ ପାଶ୍ କରି କଟକରେ ମଧୁସୂଦନ ଆଇନ କଲେଜରେ ଆଇନ ଶ୍ରେଣୀରେ ଅଧ୍ୟୟନ କଲି । ସେତେବେଳକୁ ମୁଁ ଉତ୍କଳ ଛାତ୍ର ୟୁନିୟନରେ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥାଏ । ଦାୟିତ୍ୱ କ୍ରମେ କ୍ରମେ ବଢ଼ୁଥାଏ ।

ଗୋଟିଏ କଥା ମନେ ପଡ଼ୁଛି । ଭଦ୍ରକରେ ଥିବାବେଳେ ଛାତ୍ର ୟୁନିୟନ ଓ ଛାତ୍ର ସଂଘ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦିତା ଚାଲୁଥାଏ । ଡ଼ଃ ମହତାବ ବମ୍ବେର ରାଜ୍ୟପାଳ ପଦ ଛାଡ଼ି ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ହୋଇଥାନ୍ତି । ସ୍ୱର୍ଗୀୟ ମୁରଲୀଧର ଜେନା ସେତେବେଳେ ଧାମନଗରର ବିଧାୟକ ଥାଆନ୍ତି । ହଠାତ୍ ତାଙ୍କ ସହ ଆମର ମତାନ୍ତର ହେଲା । ଏହା ଏତେ ତୀବ୍ର ହେଲା ଯେ ଘଟଣା ଶେଷରେ ଡଃ ମହତାବଙ୍କ କାନକୁ ଗଲା । ସେ ଶେଷରେ ମଧ୍ୟସ୍ଥତା କଲେ । ଆମର ଅଭିଯୋଗ ମୁରଲୀ ବାବୁ କଂଗ୍ରେସ ବିଧାୟକ ଥାଇ ଭଦ୍ରକରେ

Digitized by srujanika@gmail.com

କମ୍ୟୁନିଷ୍ଟ ସମର୍ଥିତ ଛାତ୍ର ସଂଘ (federation)କୁ ସମର୍ଥନ କରୁଛନ୍ତି । ମହତାବ ବାବୁ ତାଙ୍କୁ ପଚାରିବାରୁ ସେ କହିଲେ ଯେଉଁ ପିଲାଙ୍କୁ ସେ ସମର୍ଥନ କରୁଛନ୍ତି ସେମାନେ ଛାତ୍ର ସଂଘର ସମର୍ଥକ ହେଲେ ବି ଧାମନଗର ରାଜନୀତିରେ ତାଙ୍କ ସମର୍ଥକ ଅଟନ୍ତି । ତାଙ୍କ ସ୍ୱୀକାରୋକ୍ତି ଆମ ସମସ୍ତଙ୍କୁ ବାଧ୍ୟ କଲା ଜିଦ୍‌ଖୋର ମନୋବୃତ୍ତି ଧରିବାକୁ । ଶେଷରେ ମହତାବ ବାବୁ ସବୁ ଶୁଣି କହିଲେ, "ବୁଝିଲ ମୁରଲୀ, ତୁମେ ରାଜନୀତି କରିବାକୁ ହେଲେ ଯୁବକମାନଙ୍କୁ ହାତରେ ରଖିବାକୁ ହେବ । ଜାତୀୟ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଛାତ୍ରସଂଘ କଂଗ୍ରେସ ବିରୋଧ ଭୂମିକା ଧରିଛି, ତେଣୁ ତୁମର ବି ଅନୁରୂପ ଭୂମିକା ହେବା ଉଚିତ ।" ମୁରଲୀ ବାବୁ ସାମାନ୍ୟ ହସି ମହତାବ ବାବୁଙ୍କ ପ୍ରସ୍ତାବରେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ତା'ପରଠାରୁ ପ୍ରାୟ ପ୍ରତିଦିନ ମୋର ତାଙ୍କ ସହିତ ପ୍ରଜାତନ୍ତ୍ର ପରିସର ମଧ୍ୟରେ ସାକ୍ଷାତ ହୁଏ । ସନ୍ଧ୍ୟାରେ ସେ ପ୍ରତିଦିନ ସେଠାକୁ ଆସନ୍ତି । ପ୍ରଜାତନ୍ତ୍ରର ଯେଉଁ ଘରେ ସେ ବସବାସ କରନ୍ତି ତା'ର ସମ୍ମୁଖରେ ଥିବା ବାଲକୋନୀ ଉପରେ ପ୍ରତିଦିନ ସନ୍ଧ୍ୟାରେ ଏକ ଆସର ବସେ । ସେ ସେଠି କେବଳ ଯେ ପ୍ରଜାତନ୍ତ୍ରର ହାଲଚାଲ ବୁଝନ୍ତି ତା' ନୁହେଁ । ବିଭିନ୍ନ ରାଜନୈତିକ ସମ୍ବାଦ ଓ ବିଭିନ୍ନ ସମସ୍ୟା ଉପରେ ସବିଶେଷ ଆଲୋଚନା ହୁଏ । ସେଠାକୁ କେବଳ ଯେ ରାଜନୈତିକ ବ୍ୟକ୍ତି ଆସନ୍ତି ସେ କଥା ନୁହେଁ, ବହୁ ବିଶିଷ୍ଟ ସାହିତ୍ୟିକ, ତରୁଣ ସାହିତ୍ୟିକ, ଛାତ୍ରନେତା ଓ ସାଧାରଣ ବ୍ୟକ୍ତି ଉପସ୍ଥିତ ଥାନ୍ତି । ସେ ସମସ୍ତଙ୍କ କଥା ଧୈର୍ଯ୍ୟର ସହ ଶୁଣନ୍ତି, ସମସ୍ୟା ସମାଧାନର ବାଟ ବାହାର କରନ୍ତି । ସେଦିନର ଆଲୋଚନା ପ୍ରାୟ ପରଦିନ ସେ ଗାଁ ମଜଲିସ୍ ଜରିଆରେ ପ୍ରଜାତନ୍ତ୍ରରେ ତାଙ୍କର ସୁଚିନ୍ତିତ ମତାମତ ସହ ପ୍ରକାଶ କରନ୍ତି ।

ସେତେବେଳେ ପ୍ରଜାତନ୍ତ୍ର ସହିତ ଇଷ୍ଟର୍ଣ୍ଣ ଟାଇମସ୍, ଝଙ୍କାର, ମୀନାବଜାର ଆଦି ପ୍ରଜାତନ୍ତ୍ର ପ୍ରେସରୁ ପ୍ରକାଶ ପାଉଥିଲା । ଏସବୁ ଯେପରି ଧାରାବାହିକ ଭାବେ ପ୍ରକାଶିତ ହେବ ସେ କଥା ସେ ସବୁବେଳେ ଚିନ୍ତା କରୁଥିଲେ । କଟକରେ ଅବସ୍ଥାନ କାଳରେ ୧୯୬୪ରେ ଆମେ "ଫକୀର ମୋହନ ସାଂସ୍କୃତିକ

Digitized by srujanika@gmail.com

ପରିଷଦ” ଗଢ଼ିଥିଲୁ । ଏଥିରେ ସଭପତି ଡ଼ଃ ହରେକୃଷ୍ଣ ମହତାବ, ଉପସଭପତି 'ତଗର' ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଓ ଡ଼ା ମହେନ୍ଦ୍ର କୁମାର ଗଉତ ଏବଂ ସମ୍ପାଦକ ମୁଁ ନିଜେ ଥିଲି । ଫକୀର ମୋହନ ଜୟନ୍ତୀ ଶ୍ରୀରାମଚନ୍ଦ୍ର ଭବନରେ ପାଳନ କରିଥିଲୁ । ଏହି ଉପଲକ୍ଷେ 'ସେନାପତି ସ୍ମରଣିକା' ପ୍ରକାଶିତ ହୋଇଥିଲା । ଏଥିରେ ପ୍ରଚ୍ଛଦ ପଟ ଶିଳ୍ପୀ ଥିଲେ ଶ୍ରୀଯୁକ୍ତ ଶିବ ପାଣିଗ୍ରାହୀ । ସେ ଥିଲା ଫକୀର ମୋହନଙ୍କ ସମ୍ପର୍କୀୟ ଏକ ଉଚ୍ଚକୋଟୀର ସ୍ମରଣିକା ।

ଉତ୍କଳ ଛାତ୍ର ୟୁନିୟନର ହେଡ଼୍ ଅଫିସ୍ ସେତେବେଳେ ଝୋଲା ସାହିଠାରେ ଏକ ଘରଜଘରେ ଚାଲିଥିଲା । ଛାତ୍ର ୟୁନିୟନର ମୁଖପତ୍ର 'ରଶ୍ମୀ' କଟକର ପ୍ରଜାତଂତ୍ର ପ୍ରେସରୁ ପ୍ରକାଶିତ ହେଉଥିଲା । ଏଥିରେ ମହତାବ ବାବୁ ଆମକୁ ପୁରାପୁରି ସାହାଯ୍ୟ କରୁଥିଲେ । ପରିଚାଳନା ତରଫରୁ ପ୍ରତିବାଦ ସତ୍ତ୍ୱେ ଡ଼ଃ ଆମହତାବମକୁ 'ରଶ୍ମୀ' ପ୍ରକାଶନରେ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ । ଫଳରେ ଏହା ନିୟମିତ ଭବେ ତ୍ରୟ ମାସିକ ଆକାରରେ ପ୍ରକାଶିତ ହେଉଥିଲା । ପତ୍ରିକା ପ୍ରକାଶନ କେତେ କଷ୍ଟ କେବଳ ଅନୁଭବି ହିଁ କହିପାରିବ । ଲେଖା ସଂଗ୍ରହ,ପ୍ରକାଶନ ପାଇଁ ଅର୍ଥର ଆୟୋଜନ, ପତ୍ରିକାର ବିକ୍ରୟ ଆଦି କାର୍ଯ୍ୟ ଅତି କଠିନ । ଏଭଳି ଭବେ ତିନିମାସ କିପରି ଅତିବାହିତ ହେଉଥିଲା ସେ କଥା ଆମେ ଜାଣିବାକୁ ବି ଫୁରୁସତ ପାଉ ନ ଥିଲୁ । ଅତି ଅଭବ ସତ୍ତ୍ୱେ ଦିନେ ହେଲେ ବି 'ରଶ୍ମୀ' ଅନିୟମିତ ହୋଇ ନ ଥିଲା । ତାର କାରଣ ଥିଲା କେବଳ ଡଃ ମହତାବଙ୍କ ପ୍ରେରଣା ଓ ସହଯୋଗ । କାଗଜ ନ ଥିଲେ ପ୍ରଜାତନ୍ତ୍ରର ନ୍ୟୁଜପ୍ରିଣ୍ଟର ବ୍ୟବହାର ଓ ଛାପା କାର୍ଯ୍ୟ ଆଦି ବାକିରେ ଚାଲୁଥିଲା । ଖର୍ଚ୍ଚର ହିସାବ କେବଳ ବାକି ଖାତାରେ ଉଲ୍ଲେଖ ରହୁଥିଲା । ତାର ହିସାବ ଏ ଯାଏଁ ଫଏସଲା ହୋଇନାହିଁ । ସେତେବେଳେ ଆମର ଆଜିର ମୁଖ୍ୟମନ୍ତ୍ରୀ ପ୍ରଜାତନ୍ତ୍ରର ସଂପାଦକ ହେଲେ ।

ବିଷୁବ ମିଳନ ଡ଼ଃ ମହତାବଙ୍କର ଏକ ଅନବଦ୍ୟ ସୃଷ୍ଟି । ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାହିତ୍ୟିକ, ସଂସ୍କୃତିପ୍ରେମୀ ଓ ସାମ୍ବାଦିକମାନଙ୍କୁ ବର୍ଷରେ ଥରେ ଗୋଟିଏ ମଞ୍ଚରେ ଏକାଠି କରାଇ, ଭବର ଆଦାନ ପ୍ରଦାନ ସହିତ ଦୁଇଦିନ ଧରି ଏକ ସାହିତ୍ୟିକ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରାଇବାର ଯେଉଁ ପରିକଳ୍ପନା ସେ କରିଥିଲେ ତାହା ଆଜି ବହୁଳ ଭବେ ପ୍ରଚାରିତ ଓ ପ୍ରସାରିତ ହୋଇଛି ।

Digitized by srujanika@gmail.com

ବିଷୁବ ସଂକ୍ରାନ୍ତି ଦିନ ଏହି ବିଷୁବ ମିଳନ ଉତ୍ସବ କଟକ ବାହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବି ପାଳନ କରଯାଉଛି ।

୧୯୬୧ ମସିହାର ଘଟଣା । କଂଗ୍ରେସର ମୁଖ୍ୟ ହିସାବରେ ଥାଇ ସେ ଯେତେବେଳେ ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେବାକୁ ଚେଷ୍ଟା କରୁଥିଲେ, ହଠାତ୍ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କ ପ୍ରତି ବିମୁଖ ହୋଇ ଉଠିଲେ । ଫଳରେ ସେ କଂଗ୍ରେସ ରାଜନୀତିରୁ ଓହରିଯାଇ ସ୍ଵାଧୀନ ଭାବେ ନିଜର ସତ୍ତା ବଜାୟ ରଖିଥିଲେ । ଢ଼େଙ୍କାନାଳର ଅନୁଗୁଳ ଲୋକସଭା ଆସନରୁ ନିର୍ଦ୍ଵନ୍ଦରେ ନିର୍ବାଚିତ ହୋଇ ସେ ତାଙ୍କର ଲୋକପ୍ରିୟତାର ପ୍ରମାଣ ଦେଇଥିଲେ ।

୧୯୬୭ ରେ ତାଙ୍କରି ପ୍ରେରଣାରେ ଓଡ଼ିଶାରେ ଏକ ନୂତନ ରାଜନୈତିକ ଯୁଗର ସୃଷ୍ଟି ହୋଇଥିଲା । ଫଳତଃ ଜନ କଂଗ୍ରେସ ସ୍ଵତନ୍ତ୍ର ସରକାର ଓଡ଼ିଶାରେ ଗାଦିନାସୀନ ହେଲା । ସେ ସେତେବେଳେ ଉଭୟ ବାସୁଦେବ ପୁର ଓ ଭୁବନେଶ୍ୱରରୁ ନିର୍ବାଚିତ ହୋଇ ଭୁବନେଶ୍ୱରରୁ ଇସ୍ତଫା ଦେଇ ପରେ ତାଙ୍କ ସହଧର୍ମିଣୀ ସୁଭଦ୍ରା ମହତାବଙ୍କୁ ନିର୍ବାଚିତ କରାଇଥିଲେ । ସେ ସମୟରେ ବାଲେଶ୍ୱର ଜିଲ୍ଲାରେ ଆଉ କୌଣସି ସ୍ଲୋଗାନ ନ ଥିଲା । କେବଳ ଗୋଟିଏ କଥା "ଡ଼ଃ ମହତାବଙ୍କ ସମର୍ଥିତ ଜନ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ନିକିତି ଚିହ୍ନରେ ଭୋଟ ଦିଅନ୍ତୁ ।"

ଶେଷରେ ତାଙ୍କର ବିଜୟ ଘଟିଲା ' ଯଦିଓ ସେ ରାଜ୍ୟ ସରକାରର ନେତୃତ୍ୱ ନେଲେନି, ତଥାପି ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ମିଳିତ ସରକାର ଗଠିତ ହେଲା । କିନ୍ତୁ ଏହାର ଅସଲ କର୍ଣ୍ଣଧାର ଥିଲେ ଡଃ ମହତାବ । ୧୯୭୪ ନିର୍ବାଚନ ପରଠାରୁ ସେ ଆଉ ଦଳୀୟ ରାଜନୀତିରେ ନରହି କେବଳ ସାହିତ୍ୟ ସାଧନା, ପ୍ରଜାତନ୍ତ୍ର ଓ ହୀରାଖଣ୍ଡ ଆଦି ଖବର କାଗଜ ପ୍ରକାଶନ ଓ ସମାଜ ସେବା ଆଦି କାର୍ଯ୍ୟ କରି ସମୟ କଟାଇ ଦେଇଥିଲେ ।

ଜନ କଂଗ୍ରେସ ଦଳର ନିର୍ବାଚନ ପ୍ରଚାର କାଳରେ ଦିନେ ରାତିରେ ସେ ବସିଥିବା ଜିପ୍‌ଟି ପାଳିଆରୁ ଭଦ୍ରକ ଫେରୁଥିବା ବେଳେ ଗୋଟିଏ ପୋଲ ଉପରୁ

Digitized by srujanika@gmail.com

ଖସି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଜିପ୍‌ରେ ଥିବା ସମସ୍ତ ବ୍ୟକ୍ତି ଆଘାତ ପ୍ରାପ୍ତ ହୋଇଥିଲେ ବି ତାଙ୍କର କିଛି କ୍ଷତି ଘଟି ନଥିଲା । ଅନ୍ଧାର ରାତିରେ କାଦୁଅ ପଙ୍କରେ ଲଡ଼ସଡ଼ ହୋଇ ସେ ଭଦ୍ରକର ତାଙ୍କ କୋଠିକୁ ଫେରିଥିଲେ ।

ଡଃ ମହତାବ ଜଣେ ନିର୍ଭୀକ ଜନନାୟକ ଥିଲେ । ସେ ଯାହା ଉଚିତ ଅନୁଭବ କରୁଥିଲେ ତାହା ଯେତେ କଷ୍ଟକର ହେଲେ ବି ବିନା ଦ୍ୱିଧାରେ ଜନସାଧାରଣରେ ପ୍ରକାଶ କରୁଥିଲେ । ଥରେମୋର ମନେ ଅଛି ୧୯୬୭ ନିର୍ବାଚନବେଳେ ଭଦ୍ରକର ଗାନ୍ଧୀ ପଡ଼ିଆଠାରେ ଏକବିରାଟ ସାଧାରଣ ସଭରେ ତତ୍କାଳୀନ କଂଗେସ ସରକାର ଓ ତାର କର୍ମଗ୍ରରୀଙ୍କ ପ୍ରତି ଖୋଲା ଖୋଲି ଆକ୍ଷେପ କରି କହିଥିଲେ । ଏହି ସରକାରୀ କର୍ମଗ୍ରରୀମାନେ ଯେଉଁମାନେ ଶାସକ ଗୋଷ୍ଠୀର ହାତବାରସୀ ହୋଇ ଧରକୁ ସରାଙ୍ଗାନ କରୁଛନ୍ତି ସେମାନଙ୍କ ଅବସ୍ଥା ନିକଟ ଭବିଷ୍ୟତରେ କଣ ହେବ ସେମାନେ ଅନୁଭବ କରିପାରୁ ନାହାନ୍ତି । ସେମାନେ ସାଧାରଣ ଜନତାଙ୍କର ପରିଶ୍ରାରେ ଘସିହିବେ । ଜାଣି ନାହାନ୍ତି ସେ ନର ପ୍ରଭବ—ତେଣୁ ତାଙ୍କର ଏ ହିନସ୍ତା ଭବ—" ସେତେବେଳେ ଏକା ମଞ୍ଚରେ ତାଙ୍କ ସହ ସମାଜ ସମ୍ପାଦକ ରାଧାନାଥ ରଥ ଥାଆନ୍ତି ।

ଡଃ ମହତାବ ଭୁବନେଶ୍ୱରରେ ଥାଇ ମଧ୍ୟ ସାରା ଓଡ଼ିଶାର ଖବର ପତ୍ରାଳାପ ଜରିଆରେ ସଂଗ୍ରହ କରୁଥିଲେ ଓ ତାହାକୁ ନିଜର ଗାଁ ମଜଲିସ୍ ଜରିଆରେ ପ୍ରକାଶ କରୁଥିଲେ । ତାଙ୍କର ଗୋଟିଏ ଭଲ ଗୁଣ ଥିଲା ଯେଉଁଠୁ ଯେଉଁ ଚିଠି ଆସୁଥିଲା ତା'ର ଉତ୍ତର ସେ ପୋଷ୍ଟକାର୍ଡ଼ରେ ନିଜ ହାତ ଅକ୍ଷରରେ ଦେଉ-ଥିଲେ । ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତ ସହିତ ତାଙ୍କର ପରିଚୟ ଥିଲା ଓ ଯେ କୌଣସି ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ସହିତ ତାଙ୍କର ପରିଚୟ ଥିଲା ।

ଜନ କଂଗ୍ରେସ ସ୍ୱତନ୍ତ୍ର ସରକାର ଅମଳରେ ଭଦ୍ରକର ଯେଉଁ ବ୍ୟକ୍ତିମାନେ ଭୁବନେଶ୍ୱରରେ ଅବସ୍ଥାନ କରନ୍ତି ତାଙ୍କର ଏକ ସାଂସ୍କୃତିକ ଅନୁଷ୍ଠାନ ସ୍ଥାପନ କରିବା ତାଙ୍କର ଅଭିଳାଷ ଥିଲା । ତେଣୁ ସେ ପ୍ରଥମେ ଏହାକୁ 'ମିଳନୀ' ନାମକରଣ କରି ଆରମ୍ଭ କରିଥିଲେ । ଏହି ଅନୁଷ୍ଠାନର ସେ ଥିଲେ ପ୍ରଥମ ସଭପତି ଓ କାର୍ଯ୍ୟକାରୀ ସଭପତି ଥିଲେ ତହାଳୀନ ଯୋଗାଣ ଓ ସାଂସ୍କୃତିକ

Digitized by srujanika@gmail.com

ବ୍ୟାପାର ମନ୍ତ୍ରୀ ତଥା 'ଡ଼ଗର' ସଂପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର । ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ ଏକାଠି କରଇବା ଥିଲା ଏହି ଅନୁଷ୍ଠାନର ଏକମାତ୍ର ଲକ୍ଷ୍ୟ । ମିଳନୀ ଯାହାକି ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ତାହା ଏଯାବତ୍ ସଜୀବ ଆକାରରେ ତିଷ୍ଠି ରହି ତା'ର କର୍ତ୍ତବ୍ୟ ସମ୍ପାଦନ କରୁଛି ।

ଆଜି ସେ ନାହାନ୍ତି । ଆଗରପଡ଼ାରୁ ଆସି ଏକାମ୍ର ନିବାସରେ ରହି ପ୍ରଜାତନ୍ତ୍ର ପରିସରରେ କର୍ମ ମୁଖର ଜୀବନ କଟାଇ କେତେ ଅନୁଷ୍ଠାନ, କେତେ ବ୍ୟକ୍ତି ବିଶେଷ ଯେ ସେ ସୃଷ୍ଟି କରି ଯାଇଛନ୍ତି, ତାର ହିସାବ ନାହିଁ । ନୂତନ ଓଡ଼ିଶାର ନିର୍ମାଣ ପଥରେ ତାଙ୍କର ଯେଉଁ ଅନବଦ୍ୟ ଅବଦାନ ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସେଦିନ କଥା ମନେ ପଡ଼ୁଛି । ଏକ ଦାରୁଣ ମଟର ଦୁର୍ଘଟଣାର ଶିକାର ହୋଇ ମୁଁ ଦୀର୍ଘଦିନ କଟକ ମେଡ଼ିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥାଏ । ହଠାତ୍ ପ୍ରଥମେ ମୁଁ ତାଙ୍କ ଠାରୁ ଟେଲିଫୋନ୍ ପାଇଲି । ଫୋନ୍‌ରେ ସେ ପଚାରି ବୁଝିଥିଲେ ମୋର ଶାରୀରିକ ଅବସ୍ଥା । ଭଲ ମନ୍ଦ ବୁଝି ମୋତେ ଟିକିଏ ସତର୍କ ରହିବାକୁ ପରାମର୍ଶ ଦେଇ ଫୋନ୍ ରଖିଥିଲେ ।

ତାଙ୍କ ସହ ବହୁ କ୍ଷେତ୍ରରେ ମୋର ମତ ପାର୍ଥକ୍ୟ ଘଟିଛି । ସେ ତାଙ୍କ କଥାରେ ଅଟଳ—ଆଉ ମୁଁ ବି ତଦ୍ରୂପ । କିନ୍ତୁ ସବୁବେଳେ ମୁଁ ଅନୁଭବ କରେ ସେ ମୋତେ ଓ ମୋର କାର୍ଯ୍ୟାବଳୀକୁ ଦୂରରୁ ଥାଇ ଲକ୍ଷ୍ୟ କରୁଥିଲେ । କେଉଁଠି ପସନ୍ଦ କରି ଗାଁ ମଜଲିସ୍ ଜରିଆରେ ପ୍ରଶଂସା କରୁଥିଲେ ତ କେଉଁଠି ନିନ୍ଦା କରିବାକୁ ପଛଉ ନଥିଲେ । ସେ ଯାହା କରନ୍ତୁ, ତାହା କେବଳ ମୋ ପାଇଁ ନୁହେଁ ଆମ ସମସ୍ତଙ୍କ ପାଇଁ ଆଶୀର୍ବାଦ ।

ମିଳନୀ ଆଜି ତାର ବାର୍ଷିକ ଉତ୍ସବ କାଳରେ ସେହି ଯୋଗଜନ୍ମା ମହାପୁରୁଷଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସଙ୍ଗେ ସଙ୍ଗେ ଆଶା କରୁଛି ଆମେ ଯେଉଁମାନେ ତାଙ୍କର ଉତ୍ତର କାଳର ଦାୟାଦ ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ ପୂର୍ବକ ଦେଶ ଓ ଜାତିର ଉନ୍ନତି ପଥରେ ବ୍ରତୀ ହେବା ।

ଭଗବାନ କରନ୍ତୁ ସେ ପୁରରେ ତାଙ୍କର ପଥ କୁସୁମିତ ହେଉ । ତାଙ୍କର ଆଦର୍ଶ ଆମର କାମ୍ୟ ହେଉ ।

— ୦ —

Digitized by srujanika@gmail.com

।। ମଣିଷ ପର ମଣିଷ ଜଣେ ।।

※ ନୀଳମଣି ମିଶ୍ର

ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ ଜଣେ ବ୍ୟକ୍ତି ନଥିଲେ; ସେ ଥିଲେ ଏକ ଅନୁଷ୍ଠାନ । ଗୋଟିଏ ଅନୁଷ୍ଠାନରେ ଯେପରି ସାଧକ, ଲେଖକ, ସାମ୍ବାଦିକ, ରାଜନୀତିଜ୍ଞ, ଜନନେତା ପ୍ରମୁଖ ଗୋଟିଏ ମଞ୍ଚରେ ଆସୀନ ହୋଇଥାନ୍ତି, ମହତାବ-ବାବୁଙ୍କ ଠାରେ ସେ ସମସ୍ତ ଗୁଣ ଏକାଧାରରେ ଠୁଳ ହୋଇ ଥିଲା ।

ସ୍ୱର୍ଗତ ମହତାବଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୁଏ ୧୯୪୦ ମସିହାରେ । ସେତେବେଳେ ମୁଁ ଛୋଟ ପିଲା । ଆମ ଗ୍ରାମ ଚରମ୍ପା ବନ୍ୟାରେ ଛାରଖାର ହୋଇ ଯାଇଥିଲା । ଗାଁ'ଟା ଯାକ କାଛଡ଼ା ପାଲଟି ଥାଏ । ରହଣିଆ ପୋଖରୀ ଓ ବିଦାଙ୍ଗ ପୋଖରୀ ହୁଡ଼ାରେ ଲୋକେ ଆଶ୍ରୟ ନେଇଥାନ୍ତି । ସରକାରଙ୍କ ପକ୍ଷରୁ ଯେଉଁ ସାହାଯ୍ୟ ମିଳୁଥାଏ, ତାକୁ ଅଧାରୁ ଅଧିକ ପୋଲିସ ଓ ତହସିଲ ମାରି ନେଉ ଥାଆନ୍ତି । ସ୍ଥାନୀୟ କଂଗ୍ରେସ କର୍ମୀମାନେ ଚନ୍ଦନ ବଜାର ଓ ଷ୍ଟେସନ ବଜାରରୁ ଚାନ୍ଦା ଭେଦା କରି ଚୂଡ଼ା, ଗୁଡ଼ଳ, ଲୁଗାପଟା ଗାଁରେ ବାଣ୍ଟୁ ଥାଆନ୍ତି । ଦିନେ ଶୁଣାଗଲା—ମହତାବବାବୁ ଆସିବେ ଗାଆଁର ବନ୍ୟା ପରିସ୍ଥିତି ଦେଖିବାକୁ । ଘରିଆଡେ ହୁରି ପଡ଼ିଗଲା—'ଆଗରପଡ଼ାର ରଜା ଆସିବେ ଆମ ଗାଆଁକୁ ।

Digitized by srujanika@gmail.com

ବଡ଼ ବଡ଼ ପୁରୁଖା ଲୋକଙ୍କ ମନରେ ଅପୂର୍ବ ଉଲ୍ଲାସ । ପିଲାମାନଙ୍କ ମନରେ ଅପ୍ରମାରି କୌତୂହଳ । ଆମ ମନରେ ଧାରଣା ହୋଇଥାଏ–ରଜା ଆସିବେ । ଆଇ ମାଆ ଓ ବୁଢ଼ୀ ମାଆଙ୍କ ଠାରୁ ଆମେ କେତେ ରଜା ଓ ରଜାପୁଅଙ୍କ କାହାଣୀ ଶୁଣିଥିଲୁ । ତେଣୁ ଆମ ମନରେ ଧାରଣା ଥାଏ–ରଜା ଆସିବେ । ଚକଚକିଆ ପୋଷାକରେ ତାଙ୍କ ଦେହଟା ଝଲସି ଉଠୁଥିବ । ସେ ପାଟ ଘୋଡ଼ା ଅବା ପକ୍ଷୀରାଜ ଘୋଡାରେ ଚଢି ଆସିବେ । ଆଗରେ ଫୁଲଝାଡ଼ୁ ଧରି ଧାଡ଼ି ଧାଡ଼ି ହୋଇ ଲୋକେ ଚାଲୁଥିବେ । ଦୁଇ ପଟେ ବରକନ୍ଦାଜ ହାତରେ ଖଣ୍ଡା ତରୁଆଲ ଧରି ଚାଲୁଥିବେ, ଆଗେ ଆଗେ ବାଜା ବଜାଇ କେତେ ଲୋକ ପହଣ୍ଡି କରୁଥିବେ । ପାଟ ଛତି, ସୁନା ମୁକୁଟ କେତେ କ'ଣ ଆଭୂଷଣ ରଜାଙ୍କ ଦେହରେ ଶୋଭା ପାଉଥିବ !

କିନ୍ତୁ ହାୟ ! ଆମ ଆଶାରେ ତୁଷାରପାତ କରି ଆଗରପଡ଼ାର ରଜା ଓ ସେ ଖଣ୍ଡମଣ୍ଡଳର ମଉଡ ମଣି ଆସି ହଠାତ୍ ପହଞ୍ଚି ଗଲେ ଗୋଟିଏ ରିକ୍ସାରେ । ସେତେବେଳେ ଭଦ୍ରକରେ ସାଇକେଲ୍ ରିକ୍ସାର ଚଳଣି ନଥିଲା । ହାତ ଟଣା ରିକ୍ସା ଆଗ ପଛ ହୋଇ ଚାରେଟି ଆମ ଗାଆଁ ଷ୍ଟେସନ (ଭଦ୍ରକ ଷ୍ଟେସନ) ଛକରେ ଆସି ହାଜର ହୋଇଗଲା । ରୁଣ୍ଡ ହୋଇଥିବା ଲୋକଙ୍କ ତୁଣ୍ଡରୁ ସାନନ୍ଦରେ ବାହାରି ପଡ଼ିଲା–"ମହତାବ ଜୀ କୀ ଜୟ ! ଆଗରପଡ଼ାର ରଜାକୀ ଜୟ !!"

ଆଗ ରିକ୍ସାରୁ ଦୁଇ ହାତ ଯୋଡ଼ି ଓହ୍ଲାଇ ପଡ଼ିଲେ ଜଣେ ବେଶ୍ ହୃଷ୍ଟପୁଷ୍ଟ ବ୍ୟକ୍ତି । ଦେହରେ ଖଦଡ଼ ପଞ୍ଜାବୀ ଖଦଡ଼ ପାଇଜାମା । ଆଜି କାଲିର କଂଗ୍ରେସ ନେତାଙ୍କ ପରିହିତ ଖଦଡ ପରି ତାହା ସେତେ ଧୋବ ଫରଫର ନଥିଲା କିମ୍ବା ଏତେ ସରୁ ସୂତାରେ ସେ ପାଇଜାମା ଓ ପଞ୍ଜାବୀ ବୁଣା ଯାଇ ନଥିଲା ।

ମୋଟା ମୋଟା ଖଦଡ ପାଇଜାମା ଓ ପଞ୍ଜାବୀ । ଖୁବ୍ ସମ୍ଭବତଃ ମୁଣ୍ଡରେ ଥିଲା ଗୋଟିଏ ଖଦଡ଼ର ଗାନ୍ଧୀ ଟୋପି । ସୌମ୍ୟ ମୁଖମଣ୍ଡଳରୁ ଝରି ପଡ଼ୁଥିଲା–କରୁଣା ମିଶ୍ରିତ ହସର ଅମୀୟ ଝର, ଯେମିତି ହାତ ଯୋଡ଼ି ସେ ଆଗେଇ ଆସିଲେ ରୁଣ୍ଡ ହୋଇଥିବା ଶହ ଶହ ଲୋକଙ୍କ ଭିଡ଼ ଭିତରକୁ । ଆମ ଗାଆଁର ଅନେକ ବୁଢ଼ା ବୁଢ଼ା ଲୋକଙ୍କ ସଙ୍ଗେ କେଇପଦ କଥାବାର୍ତ୍ତା ହେଲେ । ଗ୍ରାମର ଅନ୍ୟତମ ବିଶିଷ୍ଟ ଲୋକ ବ୍ୟବସାୟୀ ସ୍ୱର୍ଗତ ମହେନ୍ଦ୍ର ପ୍ରସାଦ ମିଶ୍ରଙ୍କ

Digitized by srujanika@gmail.com

ଆଗରେ ଛିଡ଼ା ହୋଇ ଗାଆଁର ବନ୍ୟା ବିଷୟରେ ପଗ୍ଭରି ବୁଝିଲେ । ପୋପ୍‌ସିଂ ଗଇସ୍ ମିଲ୍‌ର ମାଲିକ ତଥା ଆମ ଅଞ୍ଚଳର ନାଆଁ ଡାକ ଦାନୀ ସ୍ୱର୍ଗତ ମହାଦେବ ପ୍ରସାଦଙ୍କ ସହିତ କେଇପଦ କଥା ହେବା ପରେ ଗାଆଁ ଭିତରକୁ ଯିବା ଲାଗି ଆଗେଇ ଗ୍ଭଲିଲେ ।

ହଠାତ୍ ମହେନ୍ଦ୍ର ବାବୁ ଓ ମହାଦେବ ପ୍ରସାଦ ଆଗ ଓଗାଳି କହିଲେ– "ଆମେ ଆପଣଙ୍କ ପାଇଁ ଯିବାର ବନ୍ଦୋବସ୍ତ କରିଛୁ । ଗାଆଁ ଦାଣ୍ଡରେ ଆଣ୍ଠୁଏ ବହଳର କାଦୁଅ । ଗାଆଁ ମଝିରେ ଥିବା ସଡ଼କଟି ସ୍ଥାନେ ସ୍ଥାନେ ଭର୍ଗି ଜଙ୍ଘେ-ଆଣ୍ଠୁଏ ଗଭୀର ପାଣିର ସୁଅ ଛୁଟୁଛି । ଆପଣ ସେଥିରେ ଯାଇ ପାରିବେ ନାହିଁ ।"

ଏହା ଶୁଣିବା ମାତ୍ରେ ସେହି ପ୍ରଶାନ୍ତ ମୁଖ ମଣ୍ଡଳରେ ହସ ଉକୁଟି ଉଠିଲା । ସେ ସ୍ୱଭବ ସୁଲଭ ହସ ହସ ମୁହଁରେ କହିଲେ–"ମୋ' ପାଇଁ କି ବ୍ୟବସ୍ଥା କରଯାଇଛି ଦେଖେଁ...... ।"

ମହତାବ ବାବୁଙ୍କୁ ଗାଆଁ ବୁଲାଇବା ପାଇଁ ଗୋଟିଏ ବେତବୁଣା ଆରାମ ଚେୟାର୍‌ରେ ଗ୍ଭରି ଗୋଡ଼ରେ ମୋଟା ବାଉଁଶ ବାନ୍ଧି ଦୋଳା ପ୍ରସ୍ତୁତ କରଯାଇ-ଥିଲା । ତାହାକୁ ଦେଖିବା ମାତ୍ରେ ସେ ଠୋ' ଠୋ' ହୋଇ ହସି ଉଠି କହିଲେ– "ଏ' ଦୋଳାର ଆବଶ୍ୟକତା ନାହିଁ । ମୁଁ ଏଥିରେ ବସି ମଣିଷଙ୍କ କାନ୍ଧରେ ବୁହା ହୋଇଗଲେ କ'ଣ ଲୋକଙ୍କ ପାଖରେ ପହଞ୍ଚି ପାରିବି ? ଏଇ ଗାଆଁରେ ମୁଁ କେଇଥର ଆମ୍ଭ ଗୋପନ କରି କେତେ ଲୋକଙ୍କ ଘରର ଆଟୁ ଉପରେ ଦିନ ଦିନ ବିତେଇଛି । ସେଇ ଗାଆଁରେ ମୁଁ ଦୋଳାରେ ବସି ବୁଲିବି ? ନାଃ, ତାହା କେବେ ହେଲେ ହୋଇ ପାରିବ ନାହିଁ । ମୁଁ ଆପଣ ମାନଙ୍କ ସହିତ ଗ୍ଭଲି ଗ୍ଭଲି ନ ବୁଲିଲେ, ଗାଆଁର ଅବସ୍ଥା ଦେଖିବି କିପରି ? ଲୋକଙ୍କ ସହିତ ନ ମିଶିଲେ ସେମାନଙ୍କ ଅବସ୍ଥା ଜାଣିବି କଅଣ ? ଆପଣମାନଙ୍କ ବ୍ୟବସ୍ଥା ପାଇଁ ଧନ୍ୟବାଦ ! ଗ୍ଭଲି ଗ୍ଭଲି ଗାଆଁ ବୁଲିବା ! ଗାଆଁ ଦାଣ୍ଡରେ ଗ୍ଭଲି ଗ୍ଭଲି ଲୋକଙ୍କ ଅବସ୍ଥା ପଗ୍ଭରି ବୁଝିବାରେ ଯେଉଁ ତୃପ୍ତି ମୁଁ ପାଇବି, ତାହା କ'ଣ ଦୋଳାରେ ବସି ବୁଲିଲେ ସମ୍ଭବ ହେବ ?"

Digitized by srujanika@gmail.com

ଏହା କହି ସେ ଆଗେଇ ଚାଲିବା ମାତ୍ରେ ସମବେତ ଜନତା ଉଚ୍ଛ୍ୱସିତ କଣ୍ଠରେ ପୁଣି 'ମହତାବଜୀ କୀ ଜୟ' ଧ୍ୱନି କରି ଗଗନ ପବନ ମୁଖରିତ କରିଦେଲେ ।

ଖଦଡ଼ ପାଇଜାମାଟିକୁ ଦି' ହାତରେ ଟେକି ଧରି ସେହି ଆଣ୍ଠୁଏ ବହଳର କାଦୁଅ ଭିତରେ ମହତାବ ବାବୁ ଲସର ପସର ହୋଇ ଗାଆଁ ଦାଣ୍ଡରେ ଆଗେଇ ଚାଲିଲେ, ସ୍ଥାନେ ସ୍ଥାନେ ଅଟକି ଯାଇ, ଯେଉଁଠି କ୍ଷୟକ୍ଷତି ଅଧିକ ହୋଇଥିଲା, ଲୋକଙ୍କ ଦୁଃଖ-କାହାଣୀ ଧୈର୍ଯ୍ୟର ସହିତ ଶୁଣୁଥିଲେ ।

ସକାଳ ପହରୁ ପୁଣି ଛାଇ ଲେଉଟା ବେଳ ଯାଏଁ, ଗାଆଁଟା ଯାକ ବୁଲି ବୁଲି ଆମେ ପିଲାମାନେ ଥକି ପଡ଼ିଥିଲେ ହେଁ, ମହତାବ ବାବୁଙ୍କ ମୁଖ-ମଣ୍ଡଳରେ କ୍ଳାନ୍ତି ବା ଅବସାଦର ଲେଶ ମାତ୍ର ନଥିଲା ।

ବନ୍ୟାଞ୍ଚଳ ଦେଖି ସେ ଫେରି ଯିବାର ପରଦିନ ଗାଆଁ ଭିତରକୁ ଚାଉଳ, ଚୂଡ଼ା, ଲୁଗା ପଟା ବହି ଆସିଲା । ଲୋକଙ୍କ ମୁହଁରୁ ଶୁଣାଗଲା—ମହତାବ-ବାବୁ ସେଦିନ ରାତିରେ ଭଦ୍ରକର ଚନ୍ଦନ ବଜାର, ନୂଆ ବଜାର, ପୁରୁଣା ବଜାର ଓ ସଦାବର୍ତ୍ତ ମଠର ମହନ୍ତ ମହାରାଜ ସ୍ୱ: କାହ୍ନୁ ଚରଣ ରମାନୁଜ ଦାସଙ୍କ ଠାରୁ ଚାଉଳ, ଚୂଡ଼ା ଓ ଲୁଗା ପଟା ମାଗଣ କରି ଆମ ଗାଆଁକୁ ପଠାଇଥିଲେ ।

ପରବର୍ତ୍ତୀ ଜୀବନରେ ବହୁବାର ପୂଜ୍ୟ ମହତାବ ବାବୁଙ୍କ ସାନ୍ନିଧ୍ୟ ଲାଭ କରିଛି, ଘନିଷ୍ଠ ସମ୍ପର୍କରେ ଆସିଛି, ମହତାବଙ୍କ ପାଖ ଲୋକ ବୋଲି ଜନୈକ ମନ୍ତ୍ରୀଙ୍କ ଦ୍ୱାରା (କଂଗ୍ରେସ ସରକାରଙ୍କ କୌଣସି ମନ୍ତ୍ରୀ ନୁହନ୍ତି) ଲାଞ୍ଛିତ ହୋଇଛି; କିନ୍ତୁ ତାଙ୍କ ସ୍ୱରୂପ, ତାଙ୍କ ବ୍ୟକ୍ତିତ୍ୱ, ତାଙ୍କ ହୃଦୟବତ୍ତା ଆଜିଯାଏ ମୋ' ମନ ଗହନର ଗୋପନ ମନ୍ଦିରରେ ସାଇତା ହୋଇ ରହିଛି । ଉଣେଇଶ ଶହ ଚାଳିଶ ମସିହା ଜୁଲାଇ ମାସରେ ତାଙ୍କର ଯେଉଁ ମନୋଜ୍ଞ ଭାବମୂର୍ତ୍ତି ମୋ' ପିଲା ହୃଦୟରେ ସାଇତା ହୋଇ ରହିଥିଲା, ତାହା ଅବିକଳ ସେହିପରି ନିଖୁଣ ଭାବରେ ରହିଛି ।

ସେହି କାଳରୁ ମୁଁ ଭାବି ଆସୁଛି—"ସେ ମଣିଷ ପରି ମଣିଷ ଜଣେ !"

— ୦ —

Digitized by srujanika@gmail.com

।। ମହତାବ-ଏକ ଗୌରବୋଜ୍ଜ୍ୱଳ ନେତୃତ୍ୱ ।।

* ଡକ୍ଟର ବୈଦ୍ୟନାଥ ମିଶ୍ର

କେବଳ ରାଜନୈତିକ ସ୍ତରରେ ନୁହେଁ ବ୍ୟକ୍ତିଗତ ଭାବେ ମଧ୍ୟ ଡଃ ହରେକୃଷ୍ଣ ମହତାବଙ୍କ ନିବିଡ଼ ସଂପର୍କରେ ଆସିବାର ସୁଯୋଗ ମୁଁ ପାଇଥିଲି । କୌଣସି ଲୋକଙ୍କ ନିକଟତମ ନହେବା ଯାଏ ତାଙ୍କୁ ଜାଣି ହେବ ନାହିଁ । ଦୂରରୁ ଅନେକ ରାଜନୈତିକ ନେତା ହୃଦୟବତ୍ତା ଓ ଧୀ ଶକ୍ତି ସଂପନ୍ନ ମହାନ ବ୍ୟକ୍ତିତ୍ୱ ଭାବେ ପ୍ରତୀୟମାନ ହୋଇଥାନ୍ତି । ଯେତେବେଳେ ଆମେ ତାଙ୍କ ଭାଷଣ ଶୁଣୁ ବା ଲେଖା ପଢ଼ୁ ତାଙ୍କୁ ତାରିଫ ନକରି ରହି ପାରୁନା । କିନ୍ତୁ ସେମାନଙ୍କର ନିକଟବର୍ତ୍ତୀ ହେଲେ ସେମାନେ କ'ଣ ବୋଲି ଲକ୍ଷ୍ୟ କରିହୁଏ । ସେମାନଙ୍କ ଗୁଣ କୀର୍ତ୍ତିକି ପରଖି ହୁଏ ଏବଂ ସେମାନଙ୍କ ଦୋଷ ଦୁର୍ବଳତାଦି ସଂପର୍କରେ ମଧ୍ୟ ବେଶ ଧାରଣା କରିହୁଏ । ମହତାବଙ୍କ ସଙ୍ଗେ ମୋର ଅନ୍ତରଙ୍ଗ ନିବିଡ଼ତା ଥିବା ହେତୁ ମୁଁ ତାଙ୍କର କେତେକ ବିଶେଷତ୍ୱ ଲକ୍ଷ୍ୟ କରିଛି, ଯାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ ଭାବେ ପ୍ରତିଷ୍ଠା କରେ । ଏହାର ଅର୍ଥ ନୁହେଁ ଯେ ମହତାବ ଏକାନ୍ତ ଭାବେ ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ । କେହି କେବେ ପରିପୂର୍ଣ୍ଣ ସଫଳ ବ୍ୟକ୍ତିତ୍ୱ ହୋଇ ନାହାନ୍ତି ବା ହୋଇ ପାରିବେ ନାହିଁ । ଗାନ୍ଧିଜୀ ଯାହା କହିଥିଲେ–"ମଣିଷ

Digitized by srujanika@gmail.com

ଏକ ପତନ ମୁଖୀ ପ୍ରାଣୀ ।" ନିଜର ଦୋଷ ଦୁର୍ବଳତା ସ୍ୱୀକାର କରିବାରେ ଗାନ୍ଧିଜୀଙ୍କର ମୋଟେ ଦ୍ୱିଧା ନଥିଲା । ଯଦି ଗାନ୍ଧିଜୀଙ୍କ ଭଳି ବ୍ୟକ୍ତିଙ୍କ ଠାରେ ଏପରି ଗୁରୁତର ଭ୍ରମ ପ୍ରମାଦ ରହିଥାଏ, ସେଥିରୁ ମହତାବ ବାଦ ପଡନ୍ତେ କିପରି ? କିନ୍ତୁ କୌଣସି ବ୍ୟକ୍ତିଙ୍କର ଦୋଷ ଦୁର୍ବଳତା ଖୋଜି ବାହାର କରିବା ସ୍ପୃହଣୀୟ ନୁହେଁ । ଯେଉଁ ସଦ୍‌ଗୁଣ ବଳରେ ସେ ଅନ୍ୟମାନଙ୍କ ଉପରେ ନେତୃତ୍ୱ ଜାହେରି କରିପାରିଥିଲେ ତାହାର ଅନ୍ୱେଷଣ କରିବା ଅଧିକ ଗ୍ରାହ୍ୟ । ବ୍ରିଟିଶ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ସକାଶେ ମହତାବ କିପରି ଭାବେ ଓଡ଼ିଶାରେ ଏକ ବଳିଷ୍ଠ ଆନ୍ଦୋଳନର ଆୟୋଜନ କରି ପାରିଥିଲେ ? କିପରି ସେ ଗଡ଼ଜାତ ରାଜାମାନଙ୍କୁ ଓଡ଼ିଶା ପ୍ରଦେଶରେ ସାମିଲ ହେବା ଲାଗି ପ୍ରବର୍ତ୍ତାଇ ପାରିଥିଲେ ? ଓଡ଼ିଶାରେ ତାଙ୍କ ପରିଣତ ସମୟର ସ୍ୱରୂପ କ'ଣ ? ମୁଖ୍ୟମନ୍ତ୍ରୀତ୍ୱ ଯିବା ପରେ ମଧ୍ୟ ନିରବଚ୍ଛିନ୍ନ ଭାବେ ସେ କିପରି ଜନତାର ନେତା ହୋଇ ରହି ପାରିଲେ ? ଓଡ଼ିଶାର ଜନସାଧାରଣଙ୍କ ଉପରେ ତାଙ୍କର ପ୍ରଭାବ କିପରି ଅକ୍ଷୁଣ୍ଣ ରହିପାରିଲା ? ଏସବୁ ଗୂଢ଼ ପ୍ରଶ୍ନ, ଯାହାର ଉତ୍ତର ପାଇବା କଷ୍ଟକର । ମୁଁ ତାଙ୍କର କେତେକ ବ୍ୟକ୍ତିଗତ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରି ସେ କିପରି ରାଜ୍ୟରେ ଜଣେ ଗୌରବୋଜ୍ଜ୍ୱଳ ନେତୃତ୍ୱର ପ୍ରତୀକ ଭାବେ ପ୍ରତିଷ୍ଠା ଲାଭ କରିଥିଲେ ତାହା ଆଲୋଚନା କରିବି ।

ମୁଁ ଯାହା ଲକ୍ଷ୍ୟ କରିଛି, ମହତାବ ଜଣେ ବଦ୍ଧ ପରିକର ବ୍ୟକ୍ତି । ସେ ଯାହା କରିବାକୁ ଚିନ୍ତା କରନ୍ତି, ସମସ୍ତ ଶକ୍ତି ବିନିମୟରେ ତାହାକୁ କାର୍ଯ୍ୟକାରୀ କରନ୍ତି । ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତର କଥା ବିଚାର କରାଯାଉ । ସବୁଆଡୁ ଏପରିକି ଅତି ଶକ୍ତିଶାଳୀ ଲୋକମାନେ ମଧ୍ୟ ଏ ପ୍ରସ୍ତାବକୁ ବିରୋଧ କରୁଥିଲେ । ଅନେକ ବିକଳ୍ପ ସ୍ଥାନ ସପକ୍ଷରେ ମଧ୍ୟ ବହୁ ବଳିଷ୍ଠ ଯୁକ୍ତି ବାଢି ଥିଲେ । ଥରେ ମହତାବଙ୍କ ମୁଣ୍ଡରେ ଢୁକିଲା ଯେ ଏହା ଭୁବନେଶ୍ୱରରେ ହେବ, ତେଣୁ ସେ ରାଜଧାନୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ । ସେ ନିଜେ ଆଜି ରିକ୍ତ 'ଭୂତ-କୋଠି'ରେ ଅବସ୍ଥାନ କରିବା ହେତୁ ପ୍ରଶାସନିକମାନେ ମଧ୍ୟ ରହିବା ଆରମ୍ଭ କରିଦେଲେ । ଏବେ ସମସ୍ତେ ଅନୁଭବ କରୁଛନ୍ତି ଯେ ଏହା ଏକ ଯଥାର୍ଥ ଓ ଉତ୍ତମ ସିଦ୍ଧାନ୍ତ । ସେହିପରି ସମ୍ବଲପୁରଠାରେ ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ

Digitized by srujanika@gmail.com

କରିବାର ଚିନ୍ତା କଲାବେଳେ ଆଞ୍ଚଳିକ, ପ୍ରାଦେଶିକ ଓ ରାଜନୈତିକ ସବୁ କ୍ଷେତ୍ରରେ ପ୍ରବଳ ଆକ୍ରମଣର ସେ ସମ୍ମୁଖୀନ ହୋଇଥିଲେ । ଏପରିକି ବୁଦ୍ଧିଜୀବୀ ମହଲରୁ ମଧ୍ୟ ଆକ୍ଷେପ କରାଗଲା । ହୀରାକୁଦରେ ବିଦ୍ୟୁତ ଶକ୍ତି ଉତ୍ପାଦନ ଥିଲରେ ଅତି ଉତ୍କୃଷ୍ଟ ଜଳକୁ ମଧ୍ୟ ଦୂଷିତ କରି ଦିଆଯିବ । ସେ ଏ ସବୁକୁ ମୁକାବିଲା କରି ଯୋଜନା ନିର୍ମାଣକୁ କାର୍ଯ୍ୟକାରୀ କଲେ । ଏବେ ସମସ୍ତେ ଉପଲବ୍ଧି କରୁଛନ୍ତି ଯେ ହୀରାକୁଦ ଯୋଜନା ଓଡ଼ିଶାର ଆର୍ଥନୀତିକ ଦୃଶ୍ୟପଟର ପରିବର୍ତ୍ତନ ଆଣିଛି । ସେହିପରି ଗଡ଼ଜାତ ମିଶ୍ରଣର ଉଦ୍ୟମ ସେ ପ୍ରଥମ କରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଏ ଦିଗରେ ପ୍ରବର୍ତ୍ତାଇଲେ ଓ ପରିଶେଷରେ ବିରାଟ ସଫଳତାର ସହ ତାହା କାର୍ଯ୍ୟକାରୀ ହେଲା । ମହତାବଙ୍କର ଏହା ଶ୍ରେଷ୍ଠ ସାଫଲ୍ୟ ଓ ଦେଶୀୟ ରାଜ୍ୟ ଗୁଡ଼ିକର ବିଲୋପର ଅଯମାରମ୍ଭ ।

ଦୂରଦର୍ଶିତାରେ ମହତାବ ଅସମ୍ଭବ ସାହସିକତା ପ୍ରଦର୍ଶନ କରୁଥିଲେ । ରଣପୁରରେ ଯେତେବେଳେ ବେଜେଲଗେଟଙ୍କୁ ହତ୍ୟା କରାଗଲା । ସମଗ୍ର ଗଡ଼ଜାତରେ ଆତଙ୍କ ଖେଳି ଯାଇଥିଲା । ରଣପୁର ଯାଇ ଲୋକଙ୍କୁ ରକ୍ଷା କରିବାର ସାହସ କାହାରି ନ ଥିଲା । ମହତାବ ନିଜ ଜୀବନ ବିପନ୍ନ କରି ଅର୍ଦ୍ଧରାତ୍ରରେ ସେଠି ପହଞ୍ଚି ଲୋକଙ୍କୁ ଭେଟିଲେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଗଡ଼ଜାତ ଛାଡ଼ି ଚାଲିଯିବା ପାଇଁ ପରାମର୍ଶ ଦେଇ ତାଙ୍କୁ ଗ୍ରେପ୍ତାର କରିବା ଆଗରୁ ଗତାଗତି ଖସିଆସିଲେ । ସେ ନ ଯାଇଥିଲେ ରଣପୁରରେ ହଜାର ହଜାର ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ଥା'ନ୍ତା । ବ୍ରିଟିଶ ସରକାର ତାଙ୍କୁ ହତ୍ୟା ମକଦ୍ଦମାରେ ଅଭିଯୁକ୍ତ କରିବାଲାଗି ଚେଷ୍ଟା କରିଥିଲେ । ତାଙ୍କୁ ଆରେଷ୍ଟ କରି ଫାଶୀ ଦିଆଯିବବୋଲି ଆଶଙ୍କା କରାଯାଉଥିଲା । ବ୍ରିଟିଶ ରାଜଙ୍କ ସମସ୍ତ ଚକ୍ରାନ୍ତ ସତ୍ତ୍ୱେ ବି ମହତାବ ସୌଭାଗ୍ୟବଶତଃ ସେଥିରେ ଅଭିଯୁକ୍ତ ହୋଇ ପାରିଲେ ନାହିଁ । ଆହୁରି ଅନେକ ଘଟଣାରେ ସେ ଅମିତ ସାହସିକତା ଓ ମାନସିକ ଦୃଢ଼ତା ପ୍ରଦର୍ଶନ କରି ମୁକାବିଲା କରିଛନ୍ତି । ସେ ବିନା ପୋଲିସ ସହାୟତାରେ ସର୍ବସାଧାରଣ ମିଟିଂରେ ଯୋଗ ଦେଉଥିଲେ । ଅନେକ ଯାଗାରେ ବିରୋଧୀମାନେ ତାଙ୍କର ଶାରୀରିକ କ୍ଷତି କରିବାର ପ୍ରଚେଷ୍ଟା କରିଥିଲେ ହେଁ ସେ ସବୁବେଳେ ସେଥିରୁ ଖସି ଯାଇଛନ୍ତି । ଥରେ କୁହାଗଲା ଯେ ସ୍ୱରାଜ ଭବନକୁ ଗଲେ ମହତାବଙ୍କୁ ମାଡ଼

Digitized by srujanika@gmail.com

ଦିଆଯିବ । ତାଙ୍କ ବନ୍ଧୁମାନେ ସେଠାକୁ ଯିବା ପାଇଁ ତାଙ୍କୁ ବାରଣ କଲେ । କିନ୍ତୁ ଏ ସବୁ ଧମକକୁ ଖାତିରି ନ କରି ବିନା ଶରୀର ରକ୍ଷୀରେ ସେ ସେଠାକୁ ଗଲେ । ଏଭଳି ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ଅଦ୍ଭୁତ ଶକ୍ତି ଓ କୌଶଳ ତାଙ୍କୁ ଜଣା ଥିଲା ।

ଆଉ ଗୋଟିଏ କଥା ମୁଁ ତାଙ୍କଠି ଲକ୍ଷ୍ୟ କରିଛି– ତାଙ୍କର ବଳିଷ୍ଠ ସାଧାରଣ ଜ୍ଞାନ । ଆମେ ଯେତେବେଳେ ସରଳ ଭବନରେ ସାପ୍ତାହିକ ସେମିନାର ଆୟୋଜନ କରୁଥିଲୁ ଉଭୟ ମହତାବ ଓ ନବବାବୁ ଯୋଗ ଦେଉ ଥିଲେ । ନବବାବୁ ଜଣେ ବିଶେଷ ପ୍ରାଜ୍ଞ ବ୍ୟକ୍ତି । ସେ ଆନ୍ତର୍ଜାତୀୟ ଦୃଷ୍ଟିଭଙ୍ଗୀ ଥିବା ଜଣେ ବହୁ ଅଧ୍ୟୟନଶୀଳ ବ୍ୟକ୍ତି । କିନ୍ତୁ ମହତାବ ସାଧାରଣଭାବେ ଧାରଣା କରି ନେଉଥିବା ଓ ବାସ୍ତବ ପ୍ରାୟୋଗିକ ଅବବୋଧ ସମ୍ପନ୍ନ ଜଣେ ବ୍ୟକ୍ତି, ଜଣେ ବୁଦ୍ଧିଜୀବୀ ଦାର୍ଶନିକ ଚର୍ଚ୍ଚା କରିବାରେ ଆଗ୍ରହୀ ହେବେ । ସେ ସର୍ବଦା ଯେ କୌଣସି ଜଟିଳ ସମସ୍ୟାର ସମାଧାନ ଲାଗି ପ୍ରଯତ୍ନ କରିଥାନ୍ତି । ମହତାବ ଓ ନବବାବୁଙ୍କର ଏ ଅପୂର୍ବ ସଂଯୋଗ ସେମିନାରର ପ୍ରାଣବନ୍ତ ଆଲୋଚନା ଏବଂ ଆଦର୍ଶ ଓ ଅନୁକୂଳ ବାତାବରଣ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରୁଥିଲା । ରାଜନୀତିରେ ସେମାନଙ୍କ ସମ୍ପର୍କ କ'ଣ ଥିଲା ତାହା ଆଲୋଚନା କରିବା ମୋର ଲକ୍ଷ୍ୟ ନୁହେଁ । ଯେ ପର୍ଯ୍ୟନ୍ତ ଉଭୟ ଓଡ଼ିଶା ରାଜନୀତିରେ ଥିଲେ, ଯୁବସଂପ୍ରଦାୟ ଲାଗି ଏହାର ଏକ ଅତୁଟ ଆକର୍ଷଣ ଥିଲା । ଏହା ଦୁର୍ଭାଗ୍ୟଜନକ ଯେ ଉଭୟ ପରବର୍ତ୍ତୀ ସମୟରେ ପୃଥକ ହେଇ-ଗଲେ । ରାଜନୀତି ଏକ ଅଦ୍ଭୁତ ଖେଳ ଯାହା ମା ପୁଅ, ବାପ ପୁଅ, ଏପରିକି ସ୍ୱାମୀ ସ୍ତ୍ରୀଙ୍କୁ ମଧ୍ୟ ପୃଥକ କରିଦିଏ । ତେଣୁ ଏ ଦୁହିଁଙ୍କ ମଧ୍ୟରେ ବିଦ୍ୱେଷ ହେବାରେ କିଛି ବୈଚିତ୍ର୍ୟ ନାହିଁ । କିନ୍ତୁ ଗଠନମୁଖୀ ଓଡ଼ିଶା ପ୍ରଦେଶ ପାଇଁ ଏହା ଏକ ବିରାଟ କ୍ଷତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯଦି ମହତାବ କୌଣସି ମେଧାବୀ ଓ ଉଦୀୟମାନ ଯୁବକକୁ ଆବିଷ୍କାର କରନ୍ତି ସେ ତାକୁ ଯଥା ଶକ୍ତି ସାହାଯ୍ୟ କରି ତା'ର ଉନ୍ନତିକଳ୍ପେ ପରିବେଶ ସୃଷ୍ଟି କରନ୍ତି । ସେ ରାଜନୀତିର ପରିସ୍ୱର ମଧ୍ୟକୁ ଅନେକ ସମ୍ଭାବନାମୟ ଯୁବକଙ୍କୁ ପ୍ରବେଶ କରାଇ ସେମାନଙ୍କୁ କ୍ଷମତା

Digitized by srujanika@gmail.com

ଓ ପଦବୀରେ ଅଧ୍ୟକ୍ଷିତ କରିଥିଲେ, ଅର୍ଥ ଓ ବୈଷୟିକ ସାହାଯ୍ୟ ବି ପ୍ରଦାନ କରିଥିଲେ । ଏହା ସତ୍ୟ ଯେ ପରବର୍ତ୍ତୀ କାଳରେ ସେମାନେ ସବୁ ତାଙ୍କୁ ଛାଡ଼ି ଚାଲିଯାଇଥିଲେ । ସେଥିକି ତାଙ୍କର ଚିନ୍ତା ନ ଥିଲା । ସେମାନଙ୍କ କୃତଘ୍ନତାକୁ ବିସ୍ମୃତ ହେବାର ଯଥେଷ୍ଟ ମହନୀୟତା ତାଙ୍କଠି ଥିଲା । ରାଜନୀତି କୃତଘ୍ନତା ଓ କୁଟିଳତାର ଏକ ଖେଳ । ଜଣେ ପୋଖତ ରାଜନୀତିଜ୍ଞ ଖେଳୁଆଡ ଭାବେ ସେ ନୂଆ ନୂଆ କୌଶଳମାନ ଅନୁବର୍ତ୍ତନ କରି ପରିସ୍ଥିତିକୁ ମୁକାବିଲା କଲେ । ଜୀବନର ଶେଷ ମୁହୂର୍ତ୍ତଯାଏ ସେ ନୂତନ ଚିନ୍ତା ଚେତନାରେ ଅବିଷ୍ଟ ରହିଥିବା କଥା ତାଙ୍କ ଭାଷଣ ଓ ଲେଖାରେ ପ୍ରଚ୍ଛନ୍ନଭାବେ ପରିସ୍ଫୁଟ । ସମାଜରେ ଦେଖା ଦେଇଥିବା ସମସ୍ୟାମାନ ଉପସ୍ଥାପନା କରିବାରେ ତାଙ୍କର ମୋଟେ ସଂଶୟ ନ ଥିଲା । ତାଙ୍କ ଲେଖା ଓ ବକ୍ତବ୍ୟ ଅତି ସରଳ, ସାଧାସିଧା ଓ ପ୍ରତ୍ୟକ୍ଷ । ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେ ତିଆରି କରିଥିବା ବ୍ୟକ୍ତି ବିଶେଷ ଯେଉଁମାନେ ପରବର୍ତ୍ତୀ ସମୟରେ ତାଙ୍କୁ ରାଜନୈତିକ କାରଣରୁ ଛାଡ଼ିଯାଇଥିଲେ ସେମାନଙ୍କ ସମ୍ପର୍କରେ ମହତାବଙ୍କ ଲେଖାରେ କିଛି ଆକ୍ଷେପ ନ ଥାଏ । ଅନେକଙ୍କୁ ସମାଜରେ ପ୍ରତିଷ୍ଠିତ ନାରୀ ବା ପୁରୁଷ ଭାବେ ପ୍ରତିଷ୍ଠିତ ହେବା ଦିଗରେ ମହତାବ ଜୀବନର ଶେଷ ମୁହୂର୍ତ୍ତଯାଏ ସାହାଯ୍ୟ କରିଥିଲେ, ସେ ଅନେକଙ୍କୁ ପ୍ରୋତ୍ସାହନ ଦେଇଥିଲେ । ଯଦିଓ ଜୀବନର ଶେଷ କାଳରେ ସେ ଶାରୀରିକ ଭାବେ ଦୁର୍ବଳ ହୋଇ ପଡ଼ିଲେ, ମାନସିକ ସ୍ତରରେ ବେଶ ସକ୍ଷମ ଥିଲେ । ତାଙ୍କ ମୃତ୍ୟୁରେ ରାଜ୍ୟର ଏକ ବିରାଟ ପ୍ରୋତ୍ସାହନର ଆଧାରର ବିଲୟ ଘଟିଲା ।

—o—

Digitized by srujanika@gmail.com

॥ ସମାଜ ସଂସ୍କାରକ ଡ଼କ୍‌ଟର ମହତାବ ॥

※ ଅଧ୍ୟାପକ ଶତ୍ରୁଘ୍ନ ନାଥ

ସେତେବେଳେ ସେ କୌଣସି ପଦ ବା ପଦାଧିକାରରେ ନ ଥାନ୍ତି । ତଥାପି ନ ଦେଖିଲ ଲୋକ କେବେହେଁ ବିଶ୍ୱାସ କରିବ ନାହିଁ, ଏକାମ୍ର ନିବାସ କିପରି ଲୋକାରଣ୍ୟ ରହୁଥାଏ । କୌଣସି ବ୍ୟକ୍ତି ଓ କେତେଜଣଙ୍କୁ ମୁଁ ନିରାଶରେ ଫେରିବାର ଦେଖିନାହିଁ । ସମସ୍ୟା ନେଇ ଭରି ମନରେ ଏକାମ୍ର ପରିସରରେ ପଶନ୍ତି ଓ ସମସ୍ୟା ସମାଧାନର ବାଟ ଦେଖି ହାଲୁକା ମନରେ ଫେରିବାର ମୁଁ ଅନୁଭବ କରିଛି । ଡ଼କ୍‌ଟର ମହତାବ ସତେ ଯେପରି ଏମାନଙ୍କୁ ଖାଲି ମନରେ ଅନାଇଥାନ୍ତି ଓ ଖୋଲମନର ଆନନ୍ଦରେ ବିଦାୟ ଦିଅନ୍ତି । ସମସ୍ୟାଟି ସ୍ପଷ୍ଟ ନ ହେବାରୁ ବେଳେ ବେଳେ ଭ୍ରୂକୁଞ୍ଚନ କରନ୍ତି ଓ କେହି କେହି ଏହାକୁ ପ୍ରମାଦ ମଣନ୍ତି, ଅଥଚ ଏ ପ୍ରତୀୟମାନ ପ୍ରମାଦ ବିଜୁଳିର ଝଲକ ପରକ୍ଷଣସ୍ଥାୟୀ ହୁଏ, କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ବାଟବଣା ବାଟୋଇକୁ ବାଟ ଦେଖାଇଦିଏ । ସେ ବତାଇ ଦିଅନ୍ତି ନାହିଁ । "ଏଇଟା କର କିନ୍ତୁ, ସେଇଟା ନ କର"-ଏହା ତାଙ୍କ ସ୍ୱଭାବ ନୁହେଁ । ଆଶାର ମିଞ୍ଜି ମିଞ୍ଜି ଆଲୋକକୁ ସେ ତେଜି ଦିଅନ୍ତି, ରାସ୍ତା ଦିଶେ ଓ ଯାତ୍ରୀ ଯାତ୍ରା କରେ । ଏହାହିଁ ତାଙ୍କ ମୌଳିକତା, ବ୍ୟକ୍ତିଗତ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମସ୍ୟା ସମାଧାନରେ । ତାଙ୍କ ନିଜ ଭାଷାରେ ହେଉଛି (ସାଧନାର ପଥେ, ପୃ ୪୯) "କୌଣସି ବିଷୟରେ ଏକାଧିକ ପକ୍ଷର ବିବାଦ ହେଲେ ମୁଁ ଏପରି ମତ ପ୍ରକାଶ କରେ ଯାହା ପୁରାପୁରି କୌଣସି ମତର

Digitized by srujanika@gmail.com

ସମର୍ଥକ ହୁଏ ନାହିଁ ବା ପୂରାପୂରି କାହାରି ବିରୋଧରେ ଯାଏ ନାହିଁ । ଅନେକ ପଞ୍ଚାୟତରେ ସତ୍ତ୍ୱାସତ୍ତ୍ୱ ବିବାଦ ନିଷ୍ପତ୍ତି ନେବାରେ ଲାଗିଲା । ବୁଝାଇ ସୁଝାଇ ନ୍ୟାୟରେ ଲୋକଙ୍କୁ ଚଳାଇବା ଲୋକ ଅତି ଅଳ୍ପ, ଏହା ସେ ସମୟରେ ପରିଷ୍କାର ଦେଖାଗଲା ।" ଜୀବନ ଆରମ୍ଭର ଏହି ଲକ୍ଷଣ ତାଙ୍କ ପାଇଁ ଆଜୀବନ ଗତି ହୋଇଗଲା ଓ ସେ କାଳ କାଳକୁ ଅନନ୍ୟସାଧାରଣ ହୋଇ ରହିଗଲେ । ସାମାଜିକ ସ୍ରୋତର ଝଡଝଞ୍ଝା ମଧ୍ୟରେ ସେ ଦୀପଶିଖା ସଦୃଶ ରହିଲେ ।

ବିଦେଶୀ ପରିବ୍ରାଜକଙ୍କର ସର୍ବସ୍ୱ ଭୁବନେଶ୍ୱରରେ ଘେରିଯାଇଛି । ହତବାକ୍ ସେମାନେ । ରିକ୍ସାଋାଳକ ବୁଝୁଛି, ପାନ ଦୋକାନୀ ଜାଣିପାରିଛି । ଶୁଣାଯାଏ, ସେମାନେ ଏକାମ୍ର ନିବାସରେ । ପାଟିରେ ହସ ଫୁଟିଛି, ଶତଜିହ୍ୱ ତାରିଫ କରି ଫେରିଛନ୍ତି । ଅନ୍ୟ ଏକ ଦିନର କଥା । ମୁଁ ଏକାମ୍ର କଲେଜରେ କାମ କରୁଥାଏ । ଏହି ମହାବିଦ୍ୟାଳୟଟି ତାଙ୍କ ଜୀବନର ଶେଷ ଅନୁଷ୍ଠାନ ବୋଲି ମୁଁ ଭାବେ, କିନ୍ତୁ ଏହା କହିବା ବଡ଼ ମୁସ୍କିଲ, କାରଣ ଅନୁଷ୍ଠାନ ଗଢିବାରେ ସେ ଥିଲେ ଜଣେ କୁଶଳୀ କାରିଗର । ଋରିଆଡ଼େ ସରକାରୀ କଲେଜ, ଆମର ନାନା ଅସୁବିଧା ଏପରି ଏକ ପଥୁରିଆ ମାଟିରେ Intermediate ପ୍ରଥମ ବର୍ଷିକ କଳା ଓ ବାଣିଜ୍ୟ ଶ୍ରେଣୀର ଏହି ଋରାଟି ଯେ ଜୀଇବ, ଆଶା ନ ଥାଏ । ମଝିରେ ମଝିରେ ଆସି ବୁଝେ, ପରାମର୍ଶ କରେ ଓ ରାଜଧାନୀ ତଥା ପଡ଼ୋଶୀ ହାଇସ୍କୁଲରୁ ବାହାରୁଥିବା ପିଲାଙ୍କ ସଂଖ୍ୟା ଓ କଲେଜରେ ସ୍ଥାନ ଆଦି ହିସାବ ଦେଉଥାଏ । ମହତାବ ବାବୁ ହିସାବ ଦେଖନ୍ତି ଓ ଭାବିଚିନ୍ତି କହନ୍ତି, "ଆବଶ୍ୟକତା ଅଛି ଓ ଘରୋଇ ଉଦ୍ୟମରେ କଲେଜଟିଏ ହେବ ।" ସେ ଦିନ ଏକାମ୍ର ନିବାସରେ ମୋର ଜଣେ ପୁରୁଣା ଛାତ୍ରଙ୍କୁ ଦେଖିଛି । ସେ ବାରିପଦା ସରକାରୀ ହାଇସ୍କୁଲର ଜଣେ ଅଭିଜ୍ଞ ଇତିହାସ ଶିକ୍ଷକ । " ସେ ପୁଣି ଏଠି ଏତେ ସକାଳୁ କାହିଁକି ? ଇତିହାସ ବୁଝିବେ, ନା, ଇତିହାସ ତିଆରିରେ ଉପାଦାନ ଯୋଗାଇବେ ? " ସେ ଛାତ୍ରଙ୍କ କଥାଟି ହେଉଛି, ତାଙ୍କ ପତ୍ନୀ କର୍କଟ ରୋଗାକ୍ରାନ୍ତ । କଟକ ପାଖକୁ ଆସିଲେ ଚିକିତ୍ସାର ବ୍ୟବସ୍ଥା କରନ୍ତେ । ସମସ୍ତ ନିବେଦନ କାହାରି କାନକୁ ଶୁଭିଲା ନାହିଁ । ବାରିପଦା ସର୍କିଟ ହାଉସରେ ଅବସ୍ଥାନ କରୁଥିବା ଡ଼କ୍‌ଟର ମହତାବ୍ ଶେଷରେ ଜାଣିଲେ । କାଗଜପତ୍ର ପରୀକ୍ଷା କରିବାରେ କିଛି ସମୟ ନେଲେ ଓ ସାମାନ୍ୟ ଅନୁରୋଧର ତୁରନ୍ତ ସମାଧାନ ପାଇଁ ଚିଠି ଖଣ୍ଡିଏ

Digitized by srujanika@gmail.com

ଲେଖିଲେ । ସେଥିରେ ବି ହେଲା ନାହିଁ । ଆଜି ପୁଣି ସେ ଏକାମ୍ର ନିବାସର ଦ୍ୱାରସ୍ଥ ଓ ମହତାବ ବାବୁ ଏଥିରେ ବିରକ୍ତ ନ ହୋଇ "ତୁମ ଦୁଃଖ ଯେ ତୁମର ଦାବୀ" ବୋଲି ସେ ଗ୍ରହଣ କରିଛନ୍ତି । ଏହା ଫଳରେ ମୋ ଛାତ୍ରଟି ଆଶ୍ୱସ୍ତ ଓ ତାଙ୍କ ରଗ୍‌ଣ ପତ୍ନୀ ମଧ୍ୟ କିଛିତ୍‌ ଯନ୍ତ୍ରଣାମୁକ୍ତ ସାମୟିକ ଭାବରେ । ଶ୍ରେଣୀ ନିର୍ବିଶେଷରେ ସେ ସମସ୍ତଙ୍କର ବନ୍ଧୁ । ସେମାନଙ୍କ ହର୍ଷ ଓ ବିଷାଦ ସାମୟିକ ଆନ୍ଦୋଳନ କରେ ନାହିଁ । ନିଜ ଚିନ୍ତାଧାରରେ ପକାଇ ସେ ବାରମ୍ବାର ଚର୍ଚ୍ଚା କରନ୍ତି, କଥାବାର୍ତ୍ତା, ଲେଖାଲେଖି ଓ ବିଚାର ଆଲୋଚନାରେ ।

ଅନ୍ୟ ଏକ ଘଟଣା । ମହତାବ୍‌ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିକ୍ଷା ଦାୟିତ୍ୱରେ ଥାନ୍ତି । ଶିକ୍ଷାମନ୍ତ୍ରୀ ସେତେବେଳର ମୌଳିକ ଶିକ୍ଷାବୋର୍ଡର ଅଧ୍ୟକ୍ଷ ମିଟିଂ ହେଉଥାଏ । ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ଶିକ୍ଷାସଚିବ, ଅର୍ଥବିଭାଗ ସଚିବ ଓ ବହୁ ପଦସ୍ଥ ସରକାରୀ ଓ ବେସରକାରୀ କର୍ମଚାରୀ ସଭ୍ୟ ଥାନ୍ତି । ହିନ୍ଦୁସ୍ଥାନୀ ତାଲିମ ସଂଘର ସମ୍ପାଦକ Ew. Aryanayakam ମଧ୍ୟ ଯୋଗ ଦେଇ-ଥାନ୍ତି । କାର୍ଯ୍ୟସୂଚୀ ଅନୁଯାୟୀ ବୈଠକର କାମ ଚାଲିଲା ଓ ସଭା ସରି ଆସିଲା ବେଳକୁ ହଠାତ୍‌ ସଭାପତି ମହତାବ ବାବୁଙ୍କ ଦୃଷ୍ଟି ବୋର୍ଡର ସଦସ୍ୟ ୩।୪ ଜଣ ବେଶିକ ସ୍କୁଲ ଶିକ୍ଷକଙ୍କ ଉପରେ ପଡ଼ିଲା । "ଏହି ଗୁରୁଜୀମାନେ ତ କିଛି କହିଲେ ନାହିଁ ।" ବଡ଼ବଡ଼ିଆଙ୍କ କଥାରେ ଏମାନେ ହଡ଼ବଡ଼େଇ ଯାଇଥିଲେ । ଆଜିକାଲି କମିଲାଣି, କିନ୍ତୁ ସେତେବେଳେ ଖୁବ୍‌ ବେଶୀ ଭାବରେ ସେମାନେ ନୀରବ ରହୁଥିଲେ । ଅଧ୍ୟକ୍ଷଙ୍କ ଉତ୍ସାହ ବାଣୀ ଶୁଣି ସେମାନେ ଅନେକ ସୁନ୍ଦର ପ୍ରସ୍ତାବ ଦେଲେ । ଏ ସବୁକୁ ଟିପି ରଖିବା ପାଇଁ ଡ଼କ୍‌ଟର ମହତାବ ମୋତେ ନିର୍ଦ୍ଦେଶ ଦେଲେ ଏବଂ ଏହାର ବିଚାର ସେ ନିଜେ କରିବା ପାଇଁ କହିଲେ । ଅନ୍ୟମାନଙ୍କ ସହିତ ମିଶି ସେମାନଙ୍କ ପ୍ରତିଭା ଚିହ୍ନିବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ଗୁଣ । ବିଭିନ୍ନ ସଭା ସମିତିରେ ଅବାଧ ମତ ବିନିମୟ ପାଇଁ ସେ ପରିବେଶ ସୃଷ୍ଟି କରୁଥିଲେ । ଯେଉଁଠି ମୌଳିକତାର ସୂଚନା ପାଉଥିଲେ ତାକୁ ସେ ଠାବ କରୁଥିଲେ । ଏଥିରେ କୌଣସି ଭେଦ ରଖୁ ନ ଥିଲେ ।

ସରକାରୀ ହୁଅନ୍ତୁ ବା ବେସରକାରୀ ହୁଅନ୍ତୁ, ଗାଁ ଗଣ୍ଡାର କର୍ମୀମାନେ ଲୋକମାନଙ୍କ ଉପରେ ନିଜ ମତ ଲଦି ଦିଅନ୍ତି । ସେମାନଙ୍କୁ ଅଶିକ୍ଷିତ ବିଚାରି

Digitized by srujanika@gmail.com

ହୀନ ଦୃଷ୍ଟିରେ ଦେଖନ୍ତି ଓ ନିଜର ଗର୍ବ ଓ ଗାରିମା ପ୍ରକାଶ କରନ୍ତି । ଏହା ଫଳରେ ଯୋଜନାର ଉଦ୍ଦେଶ୍ୟ ସଫଳ ହୋଇପାରେ ନାହିଁ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓ ଗୋଷ୍ଠୀ ଉନ୍ନୟନ ଯୋଜନାର ପ୍ରବର୍ତ୍ତନ ପୂର୍ବରୁ ଭାରତ ସରକାରଙ୍କ ନିର୍ଦ୍ଦେଶରେ ପ୍ରୋଜେକ୍ଟ କାର୍ଯ୍ୟକାରୀ ସଙ୍ଗଠନ ଆରମ୍ଭ କରାଯାଇ ଥିଲା । ଆମ ରାଜ୍ୟରେ କଳାହାଣ୍ଡି ଜିଲାର ଜୁନାଗଡ଼, ଗଞ୍ଜାମ ଜିଲାର ଭଞ୍ଜନଗର ଓ ବାଲେଶ୍ୱର ଜିଲାର ଭଦ୍ରକ ଠାରେ ଏହା କାର୍ଯ୍ୟକାରୀ କରାଯାଉଥାଏ । ସେହି ସେହି ଅଞ୍ଚଳର ସମଗ୍ର ବିକାଶ କରିବା ଏହାର ଲକ୍ଷ୍ୟ ଓ ଏଥିପାଇଁ ପ୍ରକଳ୍ପ ଅଧିକାରୀ ଜଣେ ଜଣେ ଅଭିଜ୍ଞ I. A. S. ଅଫିସର ରହିବା ସଙ୍ଗେ ସଙ୍ଗେ ଶିକ୍ଷା, କୃଷି; ସ୍ୱାସ୍ଥ୍ୟ, ରାସ୍ତାଘାଟ ଆଦି ବିଭିନ୍ନ ବିଭାଗର ସଂପ୍ରସାରଣ କର୍ମୀ ଥାନ୍ତି ଓ ସମ୍ପୃକ୍ତ ବିଭାଗଗୁଡ଼ିକର ରାଜ୍ୟସ୍ତରୀୟ କର୍ମକର୍ତ୍ତାଗଣ ଜଡ଼ିତ ଥାନ୍ତି । ରାଜ୍ୟ ମୌଳିକ ଶିକ୍ଷାର ସଂଗଠକ ଭାବରେ ମୁଁ ସେଥର ଭଦ୍ରକ ଯାଇଥାଏ । ପ୍ରଚଳିତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ନିରୀକ୍ଷଣ କରି କିପରି ସେମାନଙ୍କୁ ମୌଳିକଶିକ୍ଷା-ଭିମୁଖୀ କରିବା ଓ ନୂଆ ମୌଳିକ ଶିକ୍ଷାଳୟ କରାଯାଇ ପାରିବ, ଏ ବିଷୟରେ ପରାମର୍ଶ ଦେବା ମୋର କାର୍ଯ୍ୟ । ପ୍ରକଳ୍ପ ଅଧିକାରୀ ସରଦାର ଅମରସିଂହଙ୍କୁ ଦେଖା କରି ପ୍ରକଳ୍ପ ଅଞ୍ଚଳକୁ ପଶିଲି ଓ ସେଦିନ ରାତ୍ରି ସେହି ଅଞ୍ଚଳରେ କେଉଁଠି ଅତିବାହିତ କରିବି, ପରାମର୍ଶ ନେଲି । ଏଥିରେ ସେ ଆନନ୍ଦିତ ହେଲେ କାରଣ ମୁଁ ଭଦ୍ରକ ଟାଉନରେ ରାତ୍ରି ଯାପନର ଭିଡ଼ଟା କମାଇ ନେଲି । ମୋର ବନ୍ଧୁ ଶ୍ରୀ ବଳାଇଚରଣ ସ୍ୱାଇଁ ସେଠାରେ ସାମାଜିକ ଶିକ୍ଷା ସଂଗଠକ ଭାବରେ ଅବସ୍ଥାପିତ ହୋଇଥାନ୍ତି । ତାଙ୍କଠାରୁ ଜାଣିଲି, ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ତହିଁ ପରଦିନ ପ୍ରକଳ୍ପର ପ୍ରଗତି ସମ୍ବନ୍ଧରେ ଆଲୋଚନା କରିବେ ଓ ମୋର ସେଥିରେ ଯୋଗଦେବା ଉଚିତ । ତଦନୁସାରେ ମୁଁ ସେ ସଭାରେ ଯୋଗ ଦେଲି । କଉତୁକିଆ କାହାଣୀ କହି ଗାଁ ଲୋକଙ୍କ କାମଦାମ, ଚାଲିଚଳଣି ବିଷୟରେ ସେ ଆଲୋକପାତ କରୁଥାନ୍ତି । ଗାଁ ଲୋକଙ୍କ କାର୍ଯ୍ୟପନ୍ଥାର କଳା ଓ କୌଶଳରେ ମୌଳିକତା ଅଛି ଓ ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ପଡ଼ିବା ଉଚିତ । ସେମାନଙ୍କ ମଧ୍ୟରୁ ଅନେକ ଲୋକ ନିରକ୍ଷର, କିନ୍ତୁ ସେମାନେ ଅଶିକ୍ଷିତ ନୁହନ୍ତି । ଶିକ୍ଷା ଓ ସାକ୍ଷରତା ମଧ୍ୟରେ ପ୍ରଭେଦ ବୁଝାଇ ଦେଇ ସେମାନଙ୍କ ପାଖରେ ବସି, ଶୁଣି ବୁଝି ସେମାନଙ୍କ ଠାରୁ ଭଲ ଭଲ କଥା ଶିଖିବା କାମ କରିବା ଉଚିତ । ଆମ

Digitized by srujanika@gmail.com

ଭିତରେ ଅନେକଙ୍କ ଅହମିକା ଚୂରମାର ହୋଇଗଲା ଓ କାମ କରିବାର ରାହା ଦିଶିଲା । ଡକ୍‌ଟର ମହତାବ ଜଣେ ଅଦ୍ଭୁତ ମେଳାପୀ ଲୋକ (Talker) ଏହି ଧାରଣା ସ୍ପଷ୍ଟ ହେଲା ।

ସେତେବେଳେ ଯେପରି, ଆଜି ବି ସେପରି, ବରଂ ସେତେବେଳେ ଅଧିକ ଲୋକ ଥିଲେ ଯେଉଁମାନେ ସମାଜର ପ୍ରଗତି ବିଷୟରେ ପରିହାସ କରୁଥିଲେ । ସ୍ୱତନ୍ତ୍ର ରାଜ୍ୟଗଠନ, ଦେଶର ସ୍ୱାଧୀନତା ଓ ପୂର୍ବତନ ଗଡ଼ଜାତ ମିଶ୍ରଣ ଆଦି ସମ୍ବନ୍ଧରେ ସନ୍ଦିହାନ ଥିଲେ । ହେବା ଅପେକ୍ଷା ନ ହେବାର ଚିତ୍ର ଅଧିକ ଜଳଜଳ ଦିଶୁଥିଲା । ସମାଜର ସଂସ୍କାର ବିଷୟରେ ପ୍ରଶ୍ନବାଚୀ ଥିଲେ । ଏସବୁ କଥା ସେମାନଙ୍କ ଅଭିଧାନରେ ଅସମ୍ଭବ ଥିଲା । ସେମାନଙ୍କର ବଦ୍ଧମୂଳ ଧାରଣା ଥିଲା, "ଯାର ରାଜ୍ୟେ କେଭେଁ ନୁହେଁ ଅସ୍ତମିତ ଦିନମଣି ତେଜୋ-ଧାମ ।" ଏହି ଶ୍ରେଣୀର ଲୋକଙ୍କଠାରୁ ଅଳ୍ପ ସଂଖ୍ୟକ ଉଦାସୀନ ଲୋକ ଥିଲେ । ଏମାନେ ସବୁ ଦେଖୁଥିଲେ, ଶୁଣୁଥିଲେ ଓ ଚୁପଚାପ ରହୁଥିଲେ । କିଛି ସ୍ଥିର କରି ପାରୁ ନଥିଲେ । ଜନସାଧାରଣ ତଥା ସଂଗ୍ରାମୀମାନଙ୍କ ତ୍ୟାଗ, କଷଣ, ଶୋଷଣ କଥା ଶୁଣି ନ ଶୁଣିଲା ପରି ରହୁଥିଲେ । ଅନ୍ୟ ଏକ ଶ୍ରେଣୀର ଲୋକ, ଅଳ୍ପ ସଂଖ୍ୟକ ହେଲେହେଁ ଦେଶର ମୁକ୍ତି, ପ୍ରଗତି ଓ ସ୍ୱାଧୀନତା ପାଇଁ ସବୁ କିଛି ବୁଝି ଦେଉଥିଲେ । ସମାଜର ପରିବର୍ତ୍ତନ ପାଇଁ ଦିଗ ସ୍ଥିର କରି ସେ ଦିଗରେ ସବୁ କିଛି ନିୟନ୍ତ୍ରଣ କରି ପରିବର୍ତ୍ତନକୁ ଆଗେଇ ନେଉଥିଲେ । ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ ଡକ୍‌ଟର ମହତାବ ଓ ଜାତୀୟ ସ୍ତରରେ ଏହାର ନେତୃତ୍ୱ ନେଇଥିଲେ ମହାତ୍ମା ଗାନ୍ଧୀ ।

ଡକ୍‌ଟର ମହତାବଙ୍କର ସୁଦୀର୍ଘ ରାଜନୈତିକ ଜୀବନକାଳ ମଧ୍ୟରେ ସେ ସ୍ୱାଧୀନତା ସଂଗ୍ରାମୀ ଓ ଶାସକ ଭାବରେ ଗୁରୁ ଦାୟିତ୍ୱ ବହନ କରିଛନ୍ତି । ସର୍ବତ୍ର ସେ ସମାଜ ସଂସ୍କାର କରି ଏହାର ପୁନର୍ଗଠନ ପାଇଁ ଲାଗି ପଡ଼ିଛନ୍ତି । ତାହାହିଁ ଥିଲା ସେ ସମୟର ତଥା ବାପୁଙ୍କର ଆହ୍ୱାନ ଓ ପ୍ରେରଣା । ତାଙ୍କର ଅନ୍ୟତମ ସାଧନା କ୍ଷେତ୍ର ଥିଲା ସାହିତ୍ୟ, ସଂସ୍କୃତି ଓ କଳା । ତାଙ୍କ ବ୍ୟକ୍ତିତ୍ୱର ବଳିଷ୍ଠ ବିକାଶ ଓ ପ୍ରକାଶ ସେଥିରେ ମଧ୍ୟ ରୂପାୟିତ ହୁଏ ସମାଜ ସଂସ୍କାରକ ଭାବରେ । ସମାଜ ସଂସ୍କାରହିଁ ତାଙ୍କ ରାଜନୈତିକ ଓ ସାହିତ୍ୟିକ ସାଧନାର

Digitized by srujanika@gmail.com

ସାଧାରଣ ଉପାଦାନ କହିଲେ ଚଳେ । ତାଙ୍କ ପୂର୍ଣ୍ଣାଙ୍ଗ ଜୀବନର ସାମଗ୍ରୀକ ଆଲୋଚନା କଲେ ଏହା କହିବାରେ ଅତ୍ୟୁକ୍ତି ହେବ ନାହିଁ ଯେ ସେ ସମ୍ଭବତଃ ସମାଜ ସଂସ୍କାର ପାଇଁ ରାଜନୀତି ଓ ସାହିତ୍ୟକୁ ଅୟୁଧ ରୂପେ ବ୍ୟବହାର କରିଥିଲେ । ରାଜନ୍ତ୍ରା ପରିବାରରେ ଜନ୍ମ ଗ୍ରହଣ କରି ଜନସାଧାରଣଙ୍କ ପ୍ରତି କର୍ତ୍ତବ୍ୟ ସଚେତନ ହୋଇଛନ୍ତି । ତାଙ୍କ ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ ଦେଶ ସେବା ଓ ଜନ ସେବାର କଠୋର ବ୍ରତ ଗ୍ରହଣ କରିଛନ୍ତି । ଏହି ପ୍ରବନ୍ଧର ତଥ୍ୟ ନିଜ ଅଧ୍ୟୟନର ସୀମିତ ପରିସର ମଧ୍ୟରେ ମୁଁ ଯେତିକି ଜାଣି ପାରୁଛି ସେଥିରୁ କେତୋଟି ଉଦାହରଣ ଉଲ୍ଲେଖ କରିବି । ଏଥି ପୂର୍ବରୁ ମୋର ଅଭିଜ୍ଞତାର ଆଲୋଚନା ମଧ୍ୟ ସେହି ସମାଜ ସଂସ୍କାରକଙ୍କୁ ଜାଣିବାରେ ସହାୟକ ହେବ ।

ଜିଲ୍ଲାରେ ଉତ୍କଟ ଜଳାଭାବ । ମୁହେଁ ପିଇବା ପାଣି ପାଇଁ ୭/୮ମାଇଲ ବାଟ ଯିବାକୁ ପଡ଼ୁଥାଏ । ସାଧନାର ପଥରେ ମହତାବ ବାବୁଙ୍କ ସ୍ୱଳ୍ପ ଅଭିଜ୍ଞତା (ପୃ-୪) ଏ ସମ୍ପର୍କରେ ଯେତିକି ତିକ୍ତ ସେତିକି ସ୍ୱାଦିଆ । ଆଜି କାଲିର ଦୃଷ୍ଟିରୁ ଏହା ଯେ ହୋଇପାରେ ତାହା ଚିନ୍ତାର କଥା । ଜିଲ୍ଲା ବୋର୍ଡ ଜରିଆରେ ସେ ଏହାର କିଞ୍ଚିତ ପୂରଣ କରିପାରିଥିଲେ ।

ଗାନ୍ଧିଜୀଙ୍କ ବୈପ୍ଳବିକ ଚିନ୍ତାକୁ ସାମୟିକ ରାଜନୈତିକ ବିକ୍ଷୋଭରେ ସୀମିତ ନ କରି ଜନସାଧାରଣଙ୍କ ଜୀବନର ଅଙ୍ଗୀଭୂତ କରିବା ପାଇଁ ସ୍ଥିର କଲେ ଓ ଡକ୍ଟର ମହତାବ ନିଜେ ଆଗେଇ ଆସିଲେ । ଅସ୍ପୃଶ୍ୟତା ନିବାରଣ, ଖଦୀ କାମ, ଜାତି ପ୍ରଥାର ନିପାତ (ପୃ-୧୪୪) ଗ୍ରାମ ସଫାଇ, ହରିଜନ ସେବା, ଗ୍ରାମବାସୀଙ୍କ ଚିକିତ୍ସା, ଶିକ୍ଷାର ପ୍ରସାର ଆଦି ସମାଜ ସଂସ୍କାରମୂଳକ କାର୍ଯ୍ୟର ଆରମ୍ଭ କରଗଲ ନିଜ ଗାଁ କର୍ମ ମନ୍ଦିରରେ । ଜିଲ୍ଲା ଓ ରାଜ୍ୟବ୍ୟାପୀ ହୋଇଛି ନିଜ ସଂସ୍କାରବାଦୀ କର୍ମ ନିଷ୍ଠା ଯୋଗୁଁ । ହରିଜନମାନଙ୍କ ମନ୍ଦିର ପ୍ରବେଶ ପାଇଁ ଡକ୍ଟର ମହତାବ ଅନ୍ୟ ସର୍ବୋଦୟ କର୍ମୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ମାନଙ୍କ ସହିତ ଉଲ୍ଲେଖନୀୟ ସହଯୋଗ କରିଛନ୍ତି । ୧୯୪୮ ମସିହା ମାର୍ଚ୍ଚ ୨ ତାରିଖ ଦିନ ଓଡ଼ିଶା ବ୍ୟବସ୍ଥା ସଭାରେ ୧୯୪୮-୪୯ ମସିହାର ବଜେଟ ଉପସ୍ଥାପନ କରି ଯେଉଁ ଭାଷଣ ଦେଇଥିଲେ, ସେଥିରେ ସେ ବର୍ଷକରୁ ଏପରି ତିନୋଟି ଘଟଣା ଉଲ୍ଲେଖ କରିଥିଲେ ଯାହା ଯେ କୌଣସି ଜାତିର ଇତିହାସରେ ଶହ ଶହ ବର୍ଷରେ

Digitized by srujanika@gmail.com

ଘଟେ ନାହିଁ, ସ୍ୱାଧୀନତା, ଗଡଜାତ ମିଶ୍ରଣ ଓ ଜଗନ୍ନାଥ ମନ୍ଦିରରେ ସମସ୍ତଙ୍କ ପ୍ରବେଶାଧିକାର ପୃ-୩୬୨ ।

ଗାଁକୁ ଆସି ଗାଁ ଲୋକଙ୍କ ସହିତ ମିଶନ୍ତି । ବିବାହ, ବ୍ରତ, ମହୋତ୍ସବ ଆଦି ଅନୁଷ୍ଠାନରେ ତାଙ୍କ ଦୃଷ୍ଟି ଥାଏ । ସାନ ସାନ କଥାକୁ ବେଶ୍ ବଡ଼ ଗୁରୁତ୍ୱ ନେବାରେ । "ସାଇ ପଡ଼ିଶା ଲୋକଙ୍କୁ ଖାଇବାକୁ ଦେଇ କି ?" ପ୍ରଶ୍ନର ଉତ୍ତରକୁ ଅପେକ୍ଷା ନକରି ପହଞ୍ଚି ଯାଆନ୍ତି ସେମାନଙ୍କ ମେଳରେ, ଯାହାଙ୍କ ପ୍ରତି ତାଙ୍କ ମମତା ଅତି ବେଶୀ, ସେମାନେ ବଡବଡ଼ିଆ ନୁହନ୍ତି, ସମାଜର ତଳିଆ ଓ ତଳ ଶ୍ରେଣୀର ଲୋକ । ବୈତରଣୀ ବନ୍ୟାରେ ପ୍ରପୀଡ଼ିତ ଲୋକଙ୍କ ପାଇଁ ତାଙ୍କ ସାହାଯ୍ୟ ଉଲ୍ଲେଖନୀୟ ।

ଦଳିତ ଜାତି ସଂଘର ସଭପତି ପୂର୍ବତନ ମନ୍ତ୍ରୀ ଶ୍ରୀ ଶାନ୍ତନୁ କୁମାର ଦାସ ମୋ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, "ଡକ୍ଟର ମହତାବ religiously served the down-trodden." ହରିଜନ ଓ ଆଦିବାସୀଙ୍କ ସେବାରେ ସେ ଏକ ନିଷ୍ଠ ଥିଲେ । ହରିଜନଙ୍କ ଉପରେ ଅତ୍ୟାଗ୍ରର ଶୁଣିବା ମାତ୍ରେ ସେ ସେମାନଙ୍କୁ ଆର୍ଥିକ, ସାମାଜିକ, ରାଜନୈତିକ ଓ ଶିକ୍ଷାଗତ ଅଧିକାର ଜାହିର କରିବାକୁ ନିଜେ ଧ୍ୟାନ ଦେଉଥିଲେ । ପ୍ରତିକାର ବ୍ୟବସ୍ଥା କରଉଥିଲେ । ଏ ସମ୍ପର୍କରେ ତା ୧୨-୩-୧୯୪୯ରିଖରେ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହୁରୁଙ୍କ Note on the Adivasis ଉଲ୍ଲେଖନୀୟ (ସାଧନାର ପଥେ, ପରିଶିଷ୍ଟ ୧୨) "II. In this matter, personal contact is important. I am glad that the Orissa Premier, Shri Mahatab realises the impertance of this and himself goes out to keep in peesonal touch with the people and especially the Adibasis."

ଗଡଜାତ ମିଶ୍ରଣ ଅନ୍ୟତମ ଐତିହାସିକ ପଦକ୍ଷେପ ଯାହାର ରାଜନୈତିକ ଗୁରୁତ୍ୱ ବିଶେଷ ଭବରେ ଆଲୋଚିତ ହେଉଥିବା ସ୍ଥଳେ ଏହାର ସାମାଜିକ ଓ ସାଂସ୍କୃତିକ ପ୍ରାଧାନ୍ୟ ସେତେଦୂର ବିଶ୍ଳେଷଣର ଅନ୍ତର୍ଭୁକ୍ତ ହୋଇ ପାରି ନାହିଁ । ଏହାର ସଂସ୍କାରମୂଳକ ବିଶେଷତ୍ୱ ରହିଛି । ଏହା ଯେ କେତେ ଦୂର ସୁଦୂର

Digitized by srujanika@gmail.com

ପ୍ରସାରି ଏହା ଅନୁଭୂତ ହୁଏ । ଜାତୀୟ ଅଖଣ୍ଡତା ଓ ସମୃଦ୍ଧି ପାଇଁ ଏହା ଏକାନ୍ତ ସହାୟକ । ଶୋଷଣ ଓ କଷଣ ମୁକ୍ତ ସମାଜ ଯେ ଆତ୍ମ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଭିତ୍ତି ଭୂମି ସୃଷ୍ଟି କରେ ଏହାର ଆବଶ୍ୟକତା ଯୋଗୁଁ ଗଡ଼ଜାତ ମିଶ୍ରଣ ଛଡ଼ା ଅନ୍ୟ ପନ୍ଥା ସେତେବେଳେ ନଥିଲା । ଏହି ବୈପ୍ଳବିକ ପ୍ରସାର ପାଇଁ ଜାତୀୟ ତଥା ରାଜ୍ୟ ସ୍ତରରେ ଅନ୍ୟ ନେତୃବର୍ଗଙ୍କ ସମେତ ଡକ୍ଟର ମହତାବଙ୍କ ଭୂମିକା ଉଲ୍ଲେଖନୀୟ । ଏ ସମ୍ପର୍କରେ ତାଙ୍କ ପ୍ରଣୀତ The Beginning of the End ପୁସ୍ତକର ମୁଖବନ୍ଧରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମନ୍ତବ୍ୟ (ତା ୧୧-୧୧-୪୯) ର କିୟଦଂଶ ଦ୍ରଷ୍ଟବ୍ୟ, "I am happy, that I helped him to realise what was not only his dream and his ambition, but also the dream and ambition of all Oriyas. I am happerin still that it was that backward province, as they call it, which led the way for the rest of India to follow " ସ୍ୱାଧୀନତା ପ୍ରାପ୍ତି ଓ ଗଡ଼ଜାତ ମିଶ୍ରଣ ଯେ ଏକ ଗଣତାନ୍ତ୍ରିକ ପ୍ରକ୍ରିୟାର ଶିଳାନ୍ୟାସ କରେ, ଏହା ଚିର ସ୍ମରଣୀୟ ଓ ଏଥିରେ ଡକ୍ଟର ମହତାବଙ୍କ ଲେଖନୀ, ମନ୍ତ୍ରଣା, ବିଚାର ଓ ବିଚକ୍ଷଣତା ନିଶ୍ଚିତ ଭାବରେ ଐତିହାସିକ ହୋଇ ରହିବ ।

ଉପସଂହାର ପୂର୍ବରୁ ତାଙ୍କର କେତେକ ରଚନାର ଆଲୋଚନା କରିବା । ମାହାତ୍ମାଜୀଙ୍କ ପରିଚାଳିତ ୧୯୨୧ ମସିହା ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ସାରି ଡକ୍ଟର ମହତାବ ସେହି ସମୟ ଉପରେ ଆଧାରିତ ସାମାଜିକ ଓ ରାଜନୈତିକ ଜୀବନର ଚିତ୍ର "ପ୍ରତିଭା" ଉପନ୍ୟାସରେ ପ୍ରଦାନ କରିଛନ୍ତି । ବିବାହ ପରେ ମଧ୍ୟ ଉପନ୍ୟାସର ନାୟିକା ପ୍ରତିଭା ନିଜ ଯୋଗ୍ୟତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦେଶ ଓ ଜନ ସେବାରେ ବ୍ରତୀ ହୋଇଛନ୍ତି । ନିଜ ସ୍ୱାମୀଙ୍କ ଉତ୍ସାହ ଏ ଦିଗରେ ପ୍ରେରଣା ଦେଇଛି । ନିରକ୍ଷରତା ଦୂରୀକରଣ, କୁସଂସ୍କାର ବିରୋଧରେ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ଓ ଜାତୀୟ ଚେତନା ଜାଗ୍ରତ କରିବାରେ ଓ ସମାଜ ସଂସ୍କାର ଉପରେ ପ୍ରତିଭାର ଭୂମିକା ଉପଭୋଗ୍ୟ ହୋଇଛି । ଅନ୍ୟ ଏକ ଦୃଷ୍ଟି କୋଣରୁ "ଟାଉଟର" ଉପନ୍ୟାସ ପଲ୍ଲୀ ସଂସ୍କାର ପାଇଁ ଅଭିପ୍ରେତ ।

Digitized by srujanika@gmail.com

ସ୍ୱାଧୀନତା ପୂର୍ବବର୍ତ୍ତୀ ପଲ୍ଲୀ ସମାଜ ଦୂଷିତ ହେବାକୁ ଯାଉଛି ଓ ଟାଉଟର-ମାନଙ୍କ ଦୌରାତ୍ମ୍ୟରେ ଦରିଦ୍ର ପଲ୍ଲୀ ଜନତା ନିପୀଡ଼ିତ ହେବାର ନିଖୁଣ ଚିତ୍ର ସେଥିରେ ପରିସ୍ଫୁଟ ହୁଏ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଗ୍ରାମ ଓ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୀତିକ ସମସ୍ୟାଗୁଡ଼ିକ ଧାରାବାହିକ ଭାବରେ ଚିତ୍ରିତ ହୁଏ ଗାଁ ମଜଲିସ୍ ଶୀର୍ଷକରେ । ବ୍ୟଙ୍ଗାତ୍ମକ ଚିତ୍ର ଓ ଆକ୍ଷେପ ପ୍ରଦାନ କରି ଲୋକ ହୃଦୟକୁ ସ୍ପର୍ଶ କରନ୍ତି ଡକ୍‌ଟର ମହତାବ । ସମାଜର ବହୁ ଓ ବିବିଧ ଚିତ୍ର ଅତି ମନୋଜ୍ଞ ରୀତିରେ ପ୍ରକାଶ ପାଉଥିବାରୁ ଚିନ୍ତା ଓ ଚେତନାର ଉଦ୍ରେକ ପାଇଁ ସହାୟକ ହେଉଥିଲା । କଟକରେ ବର୍ଣ୍ଣ ପ୍ରଥାର ଉଚ୍ଛେଦ ପାଇଁ ସେ ଏକ ଆନ୍ଦୋଳନ ଆରମ୍ଭ କରିଥିବାରୁ ଏହା କେତେକାଂଶରେ ଫଳପ୍ରଦ ହୋଇଥିଲା । ଶିଶୁମାନଙ୍କ ପାଇଁ "ମୀନା ବଜାର" ଶିକ୍ଷଣୀୟ ଓ ଉପଭୋଗ୍ୟ ହେଉଥିଲା ଓ ଶିଶୁ ସମାଜରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା । "ମୀନାବଜାର" ସଙ୍ଗଠନ ଆଜି ରାଜ୍ୟ ବ୍ୟାପୀ ହୋଇଛି । ଶିଶୁ ସାହିତ୍ୟ ତଥା ଲେଖକ ସୃଷ୍ଟିରେ ଏହା ପ୍ରେରଣା ଦାୟକ । ପ୍ରତିଭା ବିଶେଷ କରି ସାହିତ୍ୟ କ୍ଷେତ୍ରରେ ଠାବ କରି ଉତ୍ସାହିତ କରିବାର ସ୍ୱଭାବ ସୁଲଭ ପ୍ରୟାସ ଆନୁଷ୍ଠାନିକ ରୂପ ନିଏ ପ୍ରଜାତନ୍ତ୍ର ପ୍ରଷ୍ଠାରେ ଓ ଧାରାବାହିକ ମାସିକ ସାହିତ୍ୟ ପତ୍ରିକା ଝଙ୍କାର ମାଧ୍ୟମରେ । ବିଷୁବ ମିଳନ ଯେ ସାହିତ୍ୟିକ ଗୋଷ୍ଠୀଙ୍କର ମିଳନ ମଞ୍ଚ ହୁଏ, କେବଳ ସେତିକି ନୁହେଁ, ଏହା ପ୍ରେରଣାର ଉତ୍ସ ହୋଇ ମାତୃଭାଷାର ଉନ୍ନତି ପାଇଁ ସମୂହ ଓ ସମନ୍ୱୀକୃତ ପ୍ରଚେଷ୍ଟାର ସୂତ୍ରପାତ କରେ । ଯେ କୌଣସି ଅଭିକ୍ରମକୁ ସେ ଆନ୍ତରିକତା ସହକାରେ ସମର୍ଥନ କରନ୍ତି ଓ ପତ୍ର ପତ୍ରିକା, ସ୍ମରଣିକା ଆଦି ତରଫରୁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ଦେଖାଯାଇ ନାହିଁ । ବରଂ ଛୋଟ, ବଡ଼ ରଚନା ଯାହା କିଛି ପାଆନ୍ତି, ସେସବୁ ସେ ଅଧ୍ୟୟନ କରି ପ୍ରତିଭାର ଖିଅଟିକୁ ଧରି ପକାନ୍ତି ଓ ଚିଠି ପତ୍ର ଲେଖନ୍ତି । ଏହାହିଁ ତାଙ୍କ ଲୋକ ସଂଗ୍ରହ ଓ ଲୋକ ସମ୍ପର୍କର ଅନ୍ୟତମ ମାଧ୍ୟମ । ବଟ ବୃକ୍ଷର ଓହଳରୁ ବରଗଛ ହେଲା ପରି ଅନେକ ଅନୁଷ୍ଠାନ, ସଙ୍ଗଠନ, ସଂସ୍ଥା ଗଢ଼ି ଉଠିଛି । ସେ ସବୁର କଳନା କରି ହେବ ନାହିଁ । ପୂର୍ବରୁ ସୂଚିତ ଏକାମ୍ର କଲେଜ ସେ ପ୍ରକାର ଅନୁଷ୍ଠାନ ଓ ସେ ତା'ର ସଭାପତି ଥିଲେ । ମୁଁ ସେହି ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଓ ୧୦ ଜଣ

Digitized by srujanika@gmail.com

ଯାଏଁ ଅଧ୍ୟାପକ ଥାନ୍ତି । କଲେଜଟି ନୂଆ ହୋଇ ଥିବାରୁ ଓ ଏହାକୁ ନୂଆ କରି ଗଢ଼ିବାର ଆହ୍ୱାନ ହେତୁ ଆମେ ବାରମ୍ବାର ଅଧ୍ୟାପକ ପରିଷଦର (Staff Council) ମିଟିଂ କରୁଥାଉଁ । ଥରେ ମୁଁ ପ୍ରସ୍ତାବ କଲି ଯେ ଦୁଇ ମାସରେ ଥରେ ବା ସୁବିଧାନୁସାରେ ପରିଷଦର ମିଟିଂ ସଭାପତି ଡକ୍‌ଟର ମହତାବଙ୍କ ଉପସ୍ଥିତିରେ କରିବା ଓ ଆମ୍ଭେମାନେ ତାଙ୍କ ସମ୍ପର୍କରେ ଆସି ଆମ ବ୍ୟକ୍ତିଗତ ଓ ବୃତ୍ତି-ଗତ ଜୀବନ ଓ ଅନୁଷ୍ଠାନର ବିକାଶ କରିବା । ଅଧ୍ୟାପକ ମଣ୍ଡଳି ସର୍ବସମ୍ମତି କ୍ରମେ ଏହି ପ୍ରସ୍ତାବ ଗ୍ରହଣ କଲେ । ସେମାନେ ଯେତେ ଆନନ୍ଦିତ ହେଲେ, ସଭାପତି ତାଠାରୁ ଅଧିକ ଆନନ୍ଦ ପ୍ରକାଶ କଲେ । ତଦନୁସାରେ ଦିନେ ମିଟିଂ ଏକାମ୍ର ନିବାସରେ ହେଲା । ସମସ୍ତେ ବସିଲୁ । ମିଟିଂ ଆରମ୍ଭ ହେଲା । କାର୍ଯ୍ୟସୂଚୀ କିଛି ନ ଥିଲା, ସଭାପତି ମଧ୍ୟ ଆବଶ୍ୟକ କଲେ ନାହିଁ । କେବଳ ଉଦ୍ଦେଶ୍ୟ ବୁଝାଇବା ପ୍ରସଙ୍ଗରେ ପଦେ ଅଧେ ମୁଁ କହିଛି କି ନାହିଁ, ଆଲୋଚନା ଗ୍ଲଲିଲା । ସାହିତ୍ୟ, ସଂସ୍କୃତି ଶିକ୍ଷା, ସମାଜ ନୀତି ଆଦି ବିଷୟରେ ଚର୍ଚ୍ଚା । ପ୍ରତ୍ୟେକ ଉତ୍‌ଫୁଲ୍ଲ, ଦେଖୁଛନ୍ତି, ଶୁଣିଛନ୍ତି, ବୁଝିଛନ୍ତି ଓ ପ୍ରେରଣା ପାଇଛନ୍ତି । ପ୍ରାୟ ଦୁଇଘଣ୍ଟା ଯାଏଁ ଗ୍ଲଲିଛି, ଆଉ ଥରେ ବସିବା, ମଝିରେ ମଝିରେ ଏପରି ବସିବା । ଏକଥା ପୁରୁଣା ଭୁବନେଶ୍ୱରରେ ଆମ କଲେଜର ସମ୍ମୁଖ ମହଲରେ ବ୍ୟାପିଗଲା । କେତେ କଥା ଶୁଣାଗଲା । ଗୋଟିଏ ବୈଧାନିକ ପ୍ରଶ୍ନ ଉଠିଲା, ଅଧ୍ୟାପକଙ୍କର ସଭାପତିଙ୍କ ସହିତ ଅବାଧ ମିଳାମିଶା କରିବା ଉଚିତ କି ? ଏହାପରେ ମୁଁ ବୁଝିଲି ମୋ ଉଦ୍ଦେଶ୍ୟ ପଣ୍ଡ ହୋଇଯାଇଛି । ମୁଁ କେବଳ ଏଥିରୁ ନିବୃତ୍ତ ହୋଇନାହିଁ, ସେ ଦିନରୁ ଅନୁଷ୍ଠାନରୁ ବୈରାଗ୍ୟ ଅବଲମ୍ବନ କରିବାର ମାର୍ଗ ଆଦରି ନେଇଛି । ଆଉ କେତୋଟି ଘଟଣା ଘଟିଲା, ଯାହା ଫଳରେ ୩।୪ ମାସ ପରେ ସଭାପତି ମହତାବ ବାବୁ ଅନିଚ୍ଛା ସତ୍ତ୍ୱେ ମୋ ଇସ୍ତଫା ଗ୍ରହଣ କଲେ । ଏହି ଘଟଣାର ପ୍ରାୟ ତିନି ବର୍ଷ ପରେ ଭଦ୍ରକ ହାଇସ୍କୁଲର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ସେ ଉକ୍ତ ଅନୁଷ୍ଠାନର ଜଣେ ପୁରାତନ ଛାତ୍ର ଭବରେ ଯୋଗ ଦେଇଥାନ୍ତି । ମୁଁ ମଧ୍ୟ ଯୋଗ ଦେବାର ସୁଯୋଗ ଲାଭ କରିଥାଏ । ପ୍ରଶ୍ନ ପଗ୍ଲରି ବୁଝୁଥାନ୍ତି ଓ ଆଲୋଚନା କରୁଥାନ୍ତି ଡକ୍‌ଟର ମହତାବ ଓ ପାଖକୁ ଡାକି ମୋତେ କହିଛନ୍ତି, "ମୁଁ ସିନା ଅଟକାଉ ଥିଲି, କିନ୍ତୁ ତୁମର ଏକାମ୍ର କଲେଜ ଛାଡ଼ି ଦେବା ଠିକ୍ ହୋଇଛି ।" ଏହା କହିବାର ତାତ୍ପର୍ଯ୍ୟ ଏହି ଯେ ଏହା ତାଙ୍କ ସଂସାରବାଦୀ

Digitized by srujanika@gmail.com

ମନୋଭବର ପରିଚୟ ଦିଏ, କାରଣ ବିନା ବୁଝା ସୁଝାରେ ସଂସାର ହୁଏ ନାହିଁ । ଭଣା ଅଧିକେ ଏହି ମନୋଭବଟି ହେଉଛି, କଥାଟା ପଡ଼ିଯାଉ, ଚିନ୍ତା ଖେଳିଯାଉ, ବିଗ୍ଭର ସ୍ପଷ୍ଟ ହେଉ. ପରସ୍ପରର ସୀମାକୁ ଟପି ତାଙ୍କ ଦୃଷ୍ଟିରୁ ମୋ କଥା ଓ ମୋ ଦୃଷ୍ଟିରୁ ତାଙ୍କ କଥା ବୁଝାଯାଉ ।

ଆଉ ଗୋଟିଏ କଥା, କହିବି ନିଶ୍ଚୟ । ଅବଶ୍ୟ ଏହା ଶେଷ କଥା ନୁହେଁ, ଶେଷ ହୋଇ ନ ପାରେ । ଏହା ହେଉଛି ମୋର ଭଦ୍ରକ ମହାବିଦ୍ୟାଳୟରେ ଯୋଗଦେବା କଥା । ସେହି ବିଶାଳ ଶିକ୍ଷାୟତନରେ ସଙ୍କଟ ପଡ଼ିଥାଏ । ଜଟିଳ୍ ମଧ୍ୟ । ସବୁଠି ଭଲେଣି, ସମ୍ବାଦ ପତ୍ରର କୋଳ ମଣ୍ଡନ କରିଥାଏ । କୋର୍ଟ କଚେରୀର ମାମୁଲି ମାମଲା । ସରକାରୀ ଓ ବେସରକାରୀ ମନ୍ତ୍ରଣା ଗ୍ଭଲିଥାଏ । ଶୁଣାଗଲା, ମୁଁ ସେଠାକୁ ଗଲେ ଅସମ୍ଭାଳ ଅବସ୍ଥା ସମ୍ଭାଳିହେବ । ଏହି ବିଗ୍ଭର ଖୁବ୍ ଉଠିପଡ଼ି ଚଟ୍ କରି ପଡ଼ିଗଲା, କାରଣ ମୁଁ ଜଣେ ସରଳ ଗାନ୍ଧୀବାଦୀ ଲୋକ । ସରକାର ଗ୍ଭକିରୀରୁ ଅବସର ନେବାକୁ ଆଉ ବର୍ଷଟିଏ ବି ନ ଥାଏ । ସେ କଲେଜରୁ ପ୍ରସ୍ତାବ ନ ଆସିଲେ, ସରକାର ମଧ୍ୟ ମୋତେ ପଠାଇବେ କିପରି ? ସମାଧାନର ସୁଅ ଉଠୁଥାଏ, ସୁଅର ଜୋର ନ ଥିବାରୁ ରହିଯାଉଥାଏ । ହଠାତ୍ ସକାଳେ ଡାକରା ପାଇ ଭୁବନେଶ୍ୱର ଆସିଲି । ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ବନମାଳୀ ପଟ୍ଟନାୟକଙ୍କ ବାସଭବନରେ ଗ୍ଭଲିଛି ମନ୍ତ୍ରଣା, ମହତାବ ବାବୁ ତ ଥାନ୍ତି । ତତ୍କାଳୀନ ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ସଚିବ ଆଦି ଥାନ୍ତି । ଅଧିକ ଆଲୋଚନା ନ କରି ସ୍ଥିର ହେଲା, ତହିଁ ପର ହାଇକୋର୍ଟଙ୍କ ରାୟ ବୁଝି ମୋତେ ପଠାଯିବ । ମନେ ହେଲା ମୋ ମନକଥା ଡକ୍ଟର ମହତାବ କହୁଥାନ୍ତି, "ଯାଅ ଶିକ୍ଷାର ନୀତି ସେଠି ଲଗୁ ।" ମୁଖ୍ୟତଃ ତାଙ୍କ ପ୍ରେରଣା ଓ ପରାମର୍ଶ ଅନୁସାରେ ମୁଁ ଭଦ୍ରକରେ ଯୋଗ ଦେଇଛି । ମୋ ପାଇଁ ପରୀକ୍ଷା ଓ ଶିକ୍ଷାନୀତିର ଏକ ବିରାଟ ପରୀକ୍ଷା । ସେ ସବୁ ଏଠି ବଖାଣିବାର ସ୍ଥାନ ନୁହେଁ । ଯୋଗ ଦେବାର ୫ ସପ୍ତାହ ଯାଇଛି, ଆସି ଡକ୍ଟର ମହତାବଙ୍କୁ ଦେଖା ଦେଇଛି । "ଭଦ୍ରକ ହାଲ ଭଲ, ଶୁଣିଛି ମଲିକ ମଇଦାନରେ ସଭା ହୋଇ କଥଣ ହେଲା, ତୁମ ସପକ୍ଷରେ ରାୟ, ବରଂ ସରକାର ଆଗରୁ ନ ପଠାଇ ଡେରି କଲେ କାହିଁକି ?" ଟିକିନିଖି କଥା ତାଙ୍କ ପାଖକୁ ଆସେ ଓ ସେ ତାଙ୍କ

Digitized by srujanika@gmail.com

Laboratory ବର' (Computor କହିଲେ ଚଳିବ) ରେ ପକାଇ ପରୀକ୍ଷା ନିରୀକ୍ଷା କରନ୍ତି । ପଦସ୍ଥ ଅଧିକାରୀମାନେ ରିପୋର୍ଟ ମଗାନ୍ତି କିନ୍ତୁ ସେ ଅଣ ଆନୁଷ୍ଠାନିକ ରୀତିରେ କାମ କରନ୍ତି ।

ସେହି ପ୍ରସଙ୍ଗରେ ମଜାର କଥାଟିଏ, ମୋର ଅବସର ନେବାର ଦିନ ଆସିଗଲା । ତହିଁ ପୂର୍ବଦିନ ୧୯୭୦ ମସିହାର ଶହୀଦ ଦିବସ । ଭଦ୍ରକ ଗାନ୍ଧୀ ମଇଦାନରେ ପ୍ରାର୍ଥନା ସଭା । କଲେଜ ମୋତେ ଛାଡୁ ନାହିଁ, ମୁଁ ବା ଛାଡ଼ିବି କିପରି ? କିନ୍ତୁ ଆଖି ଆଗରେ ଅନିଶ୍ଚିତତା । ଏ ସବୁ ଅପସରି ଯାଇଛି, ଡକ୍‌ଟର ମହତାବଙ୍କ ଘୋଷଣାରେ । କେବଳ ଘୋଷଣା ନୁହେଁ, ମୋର ଛଅ ମାସର ପୁନର୍ନିଯୁକ୍ତିର ସରକାରୀ ପରବାନା ମୋ ହାତକୁ ସେହି ସଭାରେ ବଢ଼ାଇ ନେଇଛନ୍ତି ।

ବସ୍ତୁତଃ ସେ ସବୁ ମାପଚୁପ କରି କାମ କରିବାର ଅଦ୍ଭୁତ କର୍ମୀ । ବହୁ ସଂସାରର ସିଦ୍ଧହସ୍ତ ।

– ୦ –

Digitized by srujanika@gmail.com

।। ମହତାବ ବାବୁଙ୍କ ସମ୍ବନ୍ଧରେ ମୋ ଜୀବନରେ କେତୋଟି କଥା ।।

❋ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ମହତାବଙ୍କୁ ମୁଁ ପିଲଦିନରୁ ଜାଣିଥିଲି । ମୋତେ ଦଶ ଏଗାର ବର୍ଷ ବୟସ ହୋଇଥାଏ–ସେତେବେଳେ । ବିହାର ଓଡ଼ିଶା କାଉନ୍‌ସିଲ୍‌ ପାଇଁ ମୋ ସାଆନ୍ତବାବା ଠିଆ ହୋଇଥାଆନ୍ତି–ସ୍ୱାଧୀନ ପ୍ରାର୍ଥୀ ଭାବରେ । ତାଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଯିଏ ଠିଆ ହୋଇଥିଲେ ସେ ହେଉଛନ୍ତି ଡ଼. ମହତାବ – ଶ୍ରୀ ହରେକୃଷ୍ଣ ମହତାବ୍‌ । ତାଙ୍କର ଗୋଟିଏ ମୋଟର ଗାଡ଼ି ଥାଏ । ତା' ପଛରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ– **"ଜେଲ ଫେରନ୍ତା ମହତାବଙ୍କୁ ଭୋଟ ଦିଅ ।"** ଆଜି ବି ମୋର ମନେ ପଡୁଛି । କଂଗ୍ରେସର ଥାଏ ନାଲି ବାକ୍ସ ଓ ମୋର ସାଆନ୍ତବାପା ଚୌଧୁରୀ ଭଗବତ ପ୍ରସାଦ ସାମନ୍ତରାୟ ମହାପାତ୍ରଙ୍କର ଥାଏ କଳା ବାକ୍‌ସ । ଭୋଟ୍‌ ଦିନ ମୁଁ ମୋ ଭାଇ ଓ ଛୁଆଦାଦା ତିନିଜଣ ଯାକ ସାନପିଲା, ଭଗବତ ପ୍ରସାଦ ମହାପାତ୍ରଙ୍କ ପାଇଁ ପ୍ରଚାର କରୁଥାଉଁ ।

ମହତାବଙ୍କ ପକ୍ଷରୁ ପ୍ରଚାର ଚାଲିଥାଏ, ମାଙ୍କଡ ମୁହଁ କଳା ବାକ୍‌ସରେ, ଭୋଟ ଦିଅ ନାହିଁ— ନାଲି ବାକ୍‌ସରେ ଦିଅ । ମୁଁ ପାଟି କରୁଥାଏଁ ମୋର ମନେ ପଡୁଛି– "ଜଗନ୍ନାଥ ଦେଖିବାକୁ କଳା-କଳା ବାକ୍‌ସରେ ଭୋଟ ଦିଅ ।"

Digitized by srujanika@gmail.com

ତା' ପରେ ମୋର ମହତାବଙ୍କ ସହିତ ଭେଟ ବାଲେଶ୍ୱର ପ୍ରଜାତନ୍ତ୍ର ପ୍ରେସରେ– ୧୯୩୦ ମସିହା ଏପ୍ରିଲ/ମେ ରେ । ପରମିଟ୍ କୋଠୀରେ ମଧ୍ୟ ଏହି ସମୟରେ ଦେଖା ହୋଇଥିଲୁ ।

ସେଇଠି ମହତାବ୍ ବାବୁ ଆଗେ ଧରା ହୋଇଗଲେ । ପଛେ ପଛେ ଆମେ ସବୁ ଗଲୁଁ । ମୋତେ ବର୍ଷେ ଜେଲ ହୋଇଗଲା । ମୁଁ ଥାଏ ପାଟନା କ୍ୟାମ୍ପ ଜେଲରେ ।

ଦିନେ, ଗୋଟିଏ ଶୀତଦିନ ସକାଳେ, କ୍ୟାମ୍ପ ଜେଲ୍‌ରେ ତାରବାଡ ସେ ପାଖରେ, ପୁଲିସ୍ ପହରାରେ ଜଣେ ଡେ଼ଙ୍ଗା ହୋଇ ମୋଟା ମଣିଷଟିଏ, ଆମ ଜେଲ୍ ଆଡକୁ ଗ୍ଳି ଗ୍ଳି ଆସୁଥିବାର ଦେଖିଲୁଁ । ସମସ୍ତେ ଅନେଇ ଦେଖିଲେ–ଇଏ ତ ମହତାବ୍ !

ଗ୍ଳୁହଁ ଗ୍ଳୁହଁ ଜେଲ ଭିତରକୁ ମହତାବ ଆସିଲେ । ସମସ୍ତେ ଘେରିଗଲୁଁ ତାଙ୍କୁ । ସେ ଥିଲେ ହଜାରିବାଗ୍ ଜେଲରେ "ଏ" ଡ଼ିଭିଜନ୍ ବନ୍ଦୀ ହୋଇ । ପାଟ୍‌ନା କ୍ୟାମ୍ପ ଜେଲରେ ଆମେ ପାଞ୍ଚହଜାର ବନ୍ଦୀ ଥିଲୁଁ–ସବୁ 'ସି' ଡ଼ିଭିଜନମାନେ ଗ୍ରେର ଡ଼ାକୁଙ୍କ ସଙ୍ଗେ ସମାନ । ହଠାତ୍ ମହତାବ ବାବୁଙ୍କୁ ସରକାର 'ସି' ଡ଼ିଭିଜନ ବନ୍ଦୀ କରି ଆମ ସାଙ୍ଗରେ ହଜାରିବାଗ୍‌ରୁ ପାଟନା ଯାଏଁ ପଠାଇ ଦେଲେ ।

ସେଇଠି ସେଇ ପାଟନା କ୍ୟାମ୍ପ ଜେଲରେ ମୋର କବିତା ଫୁଟି ପଡ଼ିଲା– ମହତାବଙ୍କ ପ୍ରେରଣାରେ । ପ୍ରତି ସାତ ଦିନରେ ଥରେ ଲେଖାଁଏ ଗୋଟିଏ ବାରରେ କବି ସମ୍ମିଳନୀ ହୁଏ, ମହତାବ ବାବୁଙ୍କ ନେତୃତ୍ୱରେ । ତାଙ୍କରି ଉତ୍ସାହରେ ମୋର କବି ଜୀବନରେ ବିକାଶ ।

ତା'ପରେ ଇର୍‌ୱଇନ୍.............. ସନ୍ଧିବେଳେ ଦୁଇଜଣ ଯାକ ଜେଲରୁ ଖଲାସ ହୋଇ ଆସିଲୁଁ । ମୋର ପିଉସା ଆଡ୍‌ଭୋକେଟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ଘରେ ପାଟନାରେ ଦୁହେଁ ରହିଲୁ । ଦୁହେଁ ଘରତର

Digitized by srujanika@gmail.com

ସେ ସମୟର ନେତା, ବିହାରର ରାଜେନ୍ଦ୍ର ପ୍ରସାଦଙ୍କ ସାଙ୍ଗରେ ଦେଖା କରିବାକୁ ସଦାକତ୍ ଆଶ୍ରମକୁ ଗଲୁଁ । କାଲିପରି ମନେ ପଡୁଛି, ମୋତେ, ମହତାବ୍ ବାବୁ, ରାଜେନ୍ଦ୍ର ବାବୁଙ୍କୁ ଚିହ୍ନାଇ ଦେଲେ– ମୁଁ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲର ଡେ଼ପୁଟି ପ୍ରେସିଡେ଼ଣ୍ଟଙ୍କ ନାତି ବୋଲି । ସେ (ଡେ଼ପୁଟି ପ୍ରେସିଡେ଼ଣ୍ଟ) ମଧ୍ୟ ମୋର ଆରେଷ୍ଟ ହେବା ପରେ ପରେ କାଉନ୍‌ସିଲ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି ।

ସେଇଠି ମହତାବବାବୁ ମୋତେ କହିଲେ–" ତମର ରାଜେନ୍ଦ୍ର ବାବୁଙ୍କୁ କଣ ପଚାରିବାର ଥିଲେ ପଚାରୁନ ।"

ମୁଁ ବଳ ପାଇଗଲି । ପଚାରିଲି–"ସିଂହଭୂମି ଜିଲ୍ଲା ଓଡ଼ିଶାରେ ମିଶିବ ନାହିଁ ବୋଲି ଆପଣ କାହିଁକି କହୁଛନ୍ତି ? କାଲିପରି ମନେ ପଡ଼ୁଛି ରାଜେନ୍ଦ୍ର ବାବୁଙ୍କ ଉତ୍ତର– ସେ କହିଲେ ସିଂହଭୂମିର ଶତକଡ଼ା ଚାଳିଶ ଆଦିବାସୀ ଓ ଶତକଡ଼ା ଚାଳିଶ ଓଡ଼ିଆ ଏବଂ ବାକି କୋଡ଼ିଏ ଭାଗ ବଙ୍ଗାଳି ଓ ବିହାରୀ । ସିଂଭୂମି ଯଦି ଓଡ଼ିଶାରେ ମିଶେ, ସ୍ୱାଧୀନ ଭାରତରେ ଆଦିବାସୀମାନଙ୍କୁ ତିନୋଟି ଭାଷା ଶିକ୍ଷା କରିବାକୁ ପଡ଼ିବ । ନିଜର ଜାତୀୟ ଉପଭାଷା- ପ୍ରାଦେଶିକ ଭାଷା ଓଡ଼ିଆ ଓ ରାଷ୍ଟ୍ରଭାଷା ହିନ୍ଦୀ । ବିହାରରେ ରହିଲେ ତାଙ୍କୁ କେବଳ ନିଜର ଉପଭାଷା ଓ ହିନ୍ଦୀ ଏହି ଦୁଇଟି ଶିଖିବାକୁ ପଡ଼ିବ । ତେଣୁ ସେମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ସିଂହଭୂମି ବିହାରରେ ରହିବା ଉଚିତ ।

ଏଇଥିରୁ ଓଡ଼ିଶା ପ୍ରତି ରାଜେନ୍ଦ୍ର ପ୍ରସାଦଙ୍କ ଦୃଷ୍ଟି ସହଜରେ ଅନୁମେୟ ।

ଜୀବନରେ ମୋର ଜଣେ ସାହିତ୍ୟିକ ହେବା ମୂଳରେ ତିନିଜଣ ବ୍ୟକ୍ତିଙ୍କ ଦାନ ଅତୁଳନୀୟ । ପ୍ରଥମ ଜଣଙ୍କ ମୋର ପିତା ଲକ୍ଷ୍ମୀକାନ୍ତ ମହାପାତ୍ର, ଦ୍ୱିତୀୟ ଜଣଙ୍କ ହେଉଛନ୍ତି "ମହତାବ୍" ଓ ତୃତୀୟ ବ୍ୟକ୍ତି ପଣ୍ଡିତ ନୀଳକଣ୍ଠ ।

– – –

Digitized by srujanika@gmail.com

।। ସାହିତ୍ୟସାଧକ ଡକ୍ଟର ମହତାବ ।।

* ଡକ୍ଟର ଭଗବାନ ପଣ୍ଡା

ଭାରତର ବର୍ଷୀୟାନ୍ ନେତା, ସ୍ୱାଧୀନତା ସଂଗ୍ରାମୀ, ଦେଶର ଚିନ୍ତା-ନାୟକ, ଶାସକ, ସଂସ୍କାରକ, ସତ୍ୟାନୁରାଗୀ ଐତିହାସିକ ଓ ସୃଜନଶୀଳ ସାହିତ୍ୟିକମାନଙ୍କ ମଧ୍ୟରେ ଡକ୍ଟର ହରେକୃଷ୍ଣ ମହତାବ (୧୮୯୯-୧୯୮୭) ଥିଲେ ଅନ୍ୟତମ ପ୍ରତିଭାଶାଳୀ ବ୍ୟକ୍ତି । ସେ ଏକରେ ଥିଲେ ଅନେକର ପ୍ରତିନିଧି । ରାଜନୀତି, କୂଟନୀତି, ଅର୍ଥନୀତି ଓ ଧର୍ମନୀତି, କ୍ଷେତ୍ରରେ ତାଙ୍କର ଯେପରି ଅସାଧାରଣ ବ୍ୟକ୍ତିତ୍ୱ, ଆଦର୍ଶ ଓ ପ୍ରତିଷ୍ଠା ଥିଲା, ସେହିପରି ଭାଷା, ସାହିତ୍ୟ ଓ ଇତିହାସ କ୍ଷେତ୍ରରେ ତାଙ୍କର ଅପରାଜେୟ ନେତୃତ୍ୱ ଥିଲା । ସେ ଏକାଧାରରେ ଥିଲେ ଜଣେ ନିର୍ଭୀକ ସାମ୍ବାଦିକ, ରାଜନୀତିଜ୍ଞ, କୂଟନୀତିଜ୍ଞ, ଅର୍ଥନୀତିଜ୍ଞ, ଐତିହାସିକ, କବି, ସାହିତ୍ୟିକ, ଆଲୋଚକ, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ଜୀବନୀକାର, ବିଭିନ୍ନ ଭାଷା ଓ ଧର୍ମର ତତ୍ତ୍ୱବିତ୍ ପଣ୍ଡିତ । ତାଙ୍କ ଜୀବନ କାଳରେ ସେ ସଭ୍ୟତା ଓ ସଂସ୍କୃତି, ଶାସ୍ତ୍ର ଓ ପରମ୍ପରା, ଧର୍ମ ଓ ସଂସାର, ରାଜନୀତି ଓ ସାହିତ୍ୟର ଯେଉଁ ସମନ୍ୱୟାତ୍ମକ ସୁଦୃଢ଼ ସେତୁ ପ୍ରତିଷ୍ଠା କରି ଯାଇଛନ୍ତି ତାହାର ଉଦାହରଣ ଅନ୍ୟତ୍ର ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଡକ୍ଟର ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱକୁ ସଂକ୍ଷେପରେ ନିମ୍ନମତେ ପ୍ରକାଶ କରାଯାଇପାରେ—

Digitized by srujanika@gmail.com

ତୃଣାଦପି ସୁନିଚେନ ବୃକ୍ଷେଣେବ ସହିଷ୍ଣୁନା ।
ସମୁଦ୍ର ଇବ ଗାମ୍ଭୀର୍ଯ୍ୟେ ଧୈର୍ଯ୍ୟେଣ ହିମବାନିବ ।।

ତୃଣ ଠାରୁ ବଳି ସେ ନିଜକୁ ନମ୍ର ଭାବରେ ପ୍ରକାଶ କରି ପାରୁଥିଲେ । ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ରତାପ, ପ୍ରବଳ ପ୍ରଭଞ୍ଜନ ଓ ଅବିରଳ ବୃଷ୍ଟି ସହିତ ଶୀତର ଗଭୀର ଶୈତ୍ୟକୁ ସହି ସର୍ବଦା ଜୀବ କୁଳକୁ ଛାୟା ଓ ଫଳଦାନ କରୁଥିବା ବୃକ୍ଷପରି ସେ ଥିଲେ ସହିଷ୍ଣୁତା ଓ ଉଦାର । ତାଙ୍କର ସହିଷ୍ଣୁତା ଓ ଉଦାରତା ପ୍ରତ୍ୟକ୍ଷ ଅନୁଭୂତି ବିନା ଯେ କୌଣସି ବ୍ୟକ୍ତି ପକ୍ଷରେ କଳ୍ପନା କରିବା ସହଜ ନୁହେଁ । ସମୁଦ୍ର ପରି ସେ ସର୍ବଦା ଗମ୍ଭୀର, ଶାନ୍ତ ଓ ଆନନ୍ଦମୟ ଥିଲେ । ପ୍ରକୃତିର ସମସ୍ତପ୍ରକାର ଦୌରାତ୍ମ୍ୟକୁ ସହି ଠିଆହୋଇ ରହିଥିବା ହିମାଳୟ ପରି ସେ ସାର ଜୀବନ ଧୈର୍ଯ୍ୟଶୀଳ ଥିଲେ । ଡକ୍‌ଟର ମହତାବଙ୍କର ଏହି ବ୍ୟକ୍ତିତ୍ୱ ତାଙ୍କ ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହୋଇଥିବାର ଦେଖାଯାଏ । ଡକ୍‌ଟର ମହତାବଙ୍କ ଜୀବନର ବହୁମୁଖୀ କାର୍ଯ୍ୟକ୍ରମ ମୁଖ୍ୟତଃ ଦେଶସେବା (ରାଜନୀତି), ସାମ୍ବାଦିକତା ଓ ସାହିତ୍ୟ ସାଧନା ଏପରି ତିନି ଭାଗରେ ବିଭକ୍ତ ଥିଲା । ବିଗତ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡ଼ିଶାର ରାଜନୀତି ବିଶେଷ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ ଥିଲେ । ଡ଼କ୍‌ଟର ମହତାବଙ୍କ ସମଗ୍ର ସୃଷ୍ଟି ଓ ଦୃଷ୍ଟିର ତୁଳନାତ୍ମକ ସମୀକ୍ଷା କରିବା ଏଠାରେ ସମ୍ଭବ ନୁହେଁ । ତେଣୁ ତାଙ୍କର ବିପୁଳ ସାହିତ୍ୟ-ସମ୍ଭାର ମଧ୍ୟରୁ ଅଳ୍ପ କେତୋଟି ବିଷୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ଦିଆଯାଇ ପାରେ ।

ଡ଼କ୍‌ଟର ମହତାବ ଥିଲେ ଜଣେ ଔପନ୍ୟାସିକ । ଆଧୁନିକ ଓଡ଼ିଆ ସାମାଜିକ ଉପନ୍ୟାସ କ୍ଷେତ୍ରକୁ ସୁସମୃଦ୍ଧ କରିବାରେ ତାଙ୍କର ଦାନ ଥିଲା ଅତୁଳନୀୟ । ସେ ଅବ୍ୟାପାର, ପ୍ରତିଭା, ଗ୍ରରିଚକ୍ଷୁ, ଟାଉଟର ଓ ତୃତୀୟ ପର୍ବ ନାମରେ ପାଞ୍ଚଖଣ୍ଡ ଉପନ୍ୟାସ ରଚନା କରିଛନ୍ତି । ଏଥିରୁ ପ୍ରଥମ ତିନୋଟି ସ୍ୱାଧୀନତା ପୂର୍ବରୁ ଓ ଶେଷ ଦୁଇଟି ସ୍ୱାଧୀନତା ପରେ ରଚିତ ହୋଇଛି । ଏହି ଉପନ୍ୟାସ ଗୁଡ଼ିକରେ ସ୍ୱାଧୀନତାର ପୂର୍ବୋତ୍ତର କାଳୀନ ସାମାଜିକ ଜୀବନର ଛୋଟବଡ଼ ଘଟଣାବଳୀ ନିଖୁଣ ଭାବେ ଚିତ୍ରିତ ହୋଇଛି । ସାଧାରଣ

Digitized by srujanika@gmail.com

ଜନଜୀବନର ଦୈନନ୍ଦିନ କାର୍ଯ୍ୟପ୍ରବାହ ମଧ୍ୟରେ ବିଭିନ୍ନ ଚରିତ୍ରର ସୃଷ୍ଟି ଓ ସେଗୁଡିକର ବୈଶିଷ୍ଟ୍ୟ ପ୍ରତିପାଦନରେ ଡ଼କ୍‌ଟର ମହତାବଙ୍କ ବାସ୍ତବ ଦୃଷ୍ଟିଭଙ୍ଗୀ ଓ ଔପନ୍ୟାସିକ ଶିଳ୍ପ କୌଶଳର ମହତ୍ତ୍ୱ ଯେପରି ସାକାର ରୂପ ଗ୍ରହଣ କରିଛି, ତାହାର ପଟାନ୍ତର ନାହିଁ । ତଦ୍‌ବ୍ୟତୀତ ପୂର୍ବୋକ୍ତ ଉପନ୍ୟାସ ଗୁଡ଼ିକରେ ସାଧାରଣ ଜନଜୀବନର ଯନ୍ତ୍ରଣା, ସହିଷ୍ଣୁତା, ଅସହାୟତା ଓ ମନସ୍ତାତ୍ତ୍ୱିକ ଚିନ୍ତାଧାରା, ବିଭିନ୍ନ ଚରିତ୍ର ମାଧ୍ୟମରେ ରୂପାୟିତ ହେବା ସଙ୍ଗେ ସଙ୍ଗେ ତାଙ୍କର କଳାତ୍ମକ ଶିଳ୍ପଚେତନା, ପ୍ରବଳ ସଂସ୍କାରପିପାସା, ବାସ୍ତବନିଷ୍ଠା, ସମାଜବାଦ ଓ ସାମ୍ୟବାଦର ଚିନ୍ତାଧାରା, ଉତ୍‌ଥାନ ଓ ପତନର ବିଚିତ୍ର ଅନୁଭୂତି, ଅସୀମ ଧୈର୍ଯ୍ୟ, କଠୋର ସାଧନା ଓ କବି ସୁଲଭ ସୌନ୍ଦର୍ଯ୍ୟ ବୋଧର ଆଲେଖ୍ୟ ଅଙ୍କିତ ହୋଇଥିବାର ଦେଖାଯାଏ । କେବଳ ସେତିକି ନୁହେଁ 'ଟାଉଟର'ର ସୁକୁମାରୀ, 'ଅବ୍ୟାପାର'ର କୁମୁଦିନୀ ଓ 'ପ୍ରତିଭା'ର ପ୍ରତିଭା (ଅପୁଚ୍ଛି) ଚରିତ୍ରରେ, କେତେକ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ଓ କେତେକ କ୍ଷେତ୍ରରେ ପରୋକ୍ଷଭାବେ ନାରୀ ଜୀବନର ସମସ୍ୟା ଓ ତା'ର ସମାଧାନ ପାଇଁ ଡକ୍‌ଟର ମହତାବ ଯେଉଁ ପ୍ରଚେଷ୍ଟାର ସୂତ୍ରପାତ କରିଛନ୍ତି, ତାହା ତାଙ୍କର ଗଭୀର ଚିନ୍ତା ଓ ଦୂରଦୃଷ୍ଟିର ସ୍ୱାକ୍ଷର ବହନ କରିଛି ।

୧୯୬୭ରେ ତାଙ୍କର ତୃତୀୟ ପର୍ବ ପ୍ରକାଶ ପାଇଲା । ଏହା ଏକ ସଫଳ ରାଜନୈତିକ ଉପନ୍ୟାସ । ତିନୋଟି ପର୍ବରେ ବିଭକ୍ତ ଏହି ଉପନ୍ୟାସର ପ୍ରଥମ ପର୍ବରେ ୧୯୨୧-୪୬ ପର୍ଯ୍ୟନ୍ତ ପଚିଶ ବର୍ଷ ବ୍ୟାପୀ ସ୍ୱାଧୀନତା ଆନ୍ଦୋଳନ, ସଂଗ୍ରାମ ଓ ସତ୍ୟାଗ୍ରହ, ଦ୍ୱିତୀୟ ପର୍ବରେ ୧୯୪୬-୭୧ ପର୍ଯ୍ୟନ୍ତ ପଚିଶ ବର୍ଷ ବ୍ୟାପୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ହାତରେ ଶାସନ ପରିଚାଳନା ଏବଂ ତୃତୀୟ ପର୍ବରେ ୧୯୭୮ରୁ ଶାସନର ପରିଣତି ସମ୍ବନ୍ଧୀୟ ଚିତ୍ର ଚିତ୍ରିତ ହୋଇଛି । ଏଥିରେ ବ୍ୟକ୍ତି, ପରିବାର, ସମାଜ ଓ ଦେଶର ସାମୂହିକ ଜୀବନର ପ୍ରତିଫଳନ ଘଟିଛି । ତେଣୁ ତିନି ଭାଗରେ ବିଭକ୍ତ ଓ ପ୍ରକାଶିତ ଏହି ଉପନ୍ୟାସ ଦ୍ୱାରା ଡକ୍‌ଟର ମହତାବ, ସାହିତ୍ୟ ଓ ରାଜନୀତି ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିଥିବାର ଦେଖାଯାଏ । ଡକ୍‌ଟର ମହତାବ ଯେ ଜଣେ ସଫଳ ଔପନ୍ୟାସିକ ଥିଲେ ତାହା ତାଙ୍କ ଉପନ୍ୟାସ ଗୁଡ଼ିକର ଅଧ୍ୟୟନରୁ ସ୍ୱତଃ ପ୍ରମାଣିତ ହୁଏ ।

Digitized by srujanika@gmail.com

ଐତିହାସିକ ଓ ଗବେଷକ ଡକ୍‌ଟର ମହତାବ ଯେ ଜଣେ କ୍ରାନ୍ତଦର୍ଶୀ କବି ଥିଲେ, ତାହା ଭାବିଲେ ବିସ୍ମିତ ନ ହୋଇ ରହିହେବ ନାହିଁ । ତାଙ୍କ କବିତା ଗ୍ରନ୍ଥ 'ଆନନ୍ଦ ସନ୍ଧାନ' (୧୯୮୧)ରେ ସଂଗୃହୀତ ଝଙ୍କାର, ମାତ୍ର ମନିଟକେ, ଜନ୍ମଦିନ, ସଙ୍କଳ୍ପ, ସନ୍ଧ୍ୟାଗମେ, ଦୌଡ଼ ଦୌଡ଼, ରୁଦ୍ର ଆବାହନ, ଛାୟା ପଥର ଯାତ୍ରୀ, ରଜ ସଜବାଜ ମଉଜ, ପୁଷ ମାସ ସୁଖ, ମକର ଗୁଡ଼ଲ, ପଣା ସଂକ୍ରାନ୍ତି, କୁଆଁ ଡାଗର ଅଭିଳାଷ, ଶୋଭର ସ୍ୱଭାବ, ବିପ୍ଳବ, ଭଠା ଦୋକାନୀର ନୋଟିସ, ଛତ୍ରଖିଆର ଅନ୍ତରଡ଼ାକ ପ୍ରଭୃତି କବିତାରେ କବି ହୃଦୟର ବାସ୍ତବ ଚିତ୍ର ଅଙ୍କିତ ହୋଇ ଥିବାର ଦେଖାଯାଏ । ୧୯୨୭-୮୧ ମଧ୍ୟରେ ଲିଖିତ ଏହି କବିତା ଗୁଡ଼ିକରେ କର୍ମମୟ ଜୀବନର ଆହ୍ୱାନ, ଦୃଢ଼ ମନୋଭାବ, ଜୀବନର ସାର୍ଥକତା, ହତାଶା ଓ ପରାଜୟର ନିରର୍ଥକତା, ସ୍ନେହ, ପ୍ରେମ ଓ ମୈତ୍ରୀର ବୈଶିଷ୍ଟ୍ୟ, ଆତ୍ମ-ବିଶ୍ୱାସ, କଠୋର ସାଧନା, ପ୍ରାଚୀନ କଳା ଓ ସଂସ୍କୃତି ପ୍ରତି ଗଭୀର ମମତା, ଉତ୍ସାହ, ଆନନ୍ଦ, ସାଧାରଣ ଜନତାର ଦୁଃଖ ଦୁର୍ଦ୍ଦଶା ଓ ଜୀବନ ଜିଜ୍ଞାସାକୁ ସରଳ ତରଳ ଭାଷାରେ ଓ ସରସ ସୁନ୍ଦର ପଦାବଳୀ ମଧ୍ୟରେ ଉପସ୍ଥାପନା ଦ୍ୱାରା ସେ ସ୍ୱୀୟ କବି ପ୍ରତିଭାର ଚରମ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । କେବଳ କବି ଭାବେ ଡକ୍‌ଟର ମହତାବ ଜୀବନ ଯାପନ କରିଥିଲେ ସେ ଭାରତ ନୁହେଁ, ସମଗ୍ର ପୃଥିବୀରେ ଜଣେ ପ୍ରଖ୍ୟାତ କବି ରୂପେ ସେ ସମ୍ମାନିତ ହୋଇଥାନ୍ତେ, ସେଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ମହାକବି କାଳିଦାସଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ କବି ଡକ୍‌ଟର ମହତାବ ପୂର୍ବୋକ୍ତ କବିତା ଗ୍ରନ୍ଥର ମୁଖବନ୍ଧରେ କହିଛନ୍ତି—"କିନ୍ତୁ ଏଥିରୁ କେହି ଯେପରି ମନେ ନ କରନ୍ତି ମୁଁ 'କବି' ଆଖ୍ୟା ପାଇବା ପାଇଁ ଆଶାୟୀ ବା ସେ ଆଖ୍ୟା ପାଇବାକୁ ଯୋଗ୍ୟ ।" ଏଥିରୁ ତାଙ୍କର ନମ୍ରତା ଓ ବିନୟ ଭାବନାର ସୂଚନା ମିଳେ ।

ଡକ୍‌ଟର ମହତାବ ଯେପରି ଜଣେ ସଫଳ ରାଜନୀତିଜ୍ଞ, ଔପନ୍ୟାସିକ ଓ କବି ଥିଲେ, ସେହିପରି ଜଣେ ସଫଳ ଇତିହାସକାର ଥିଲେ । ତାଙ୍କ ଲିଖିତ 'ଓଡ଼ିଶା ଇତିହାସ' ପ୍ରଥମ ୧୯୪୮ ଓ ପରେ ୧୯୫୮ରେ ପ୍ରକାଶ ପାଇଥିଲା । ଦୁଇ ଖଣ୍ଡରେ ବିଭକ୍ତ ଏହି ଇତିହାସର ଦ୍ୱିତୀୟ ଖଣ୍ଡର ଦ୍ୱିତୀୟ ସଂସ୍କରଣ ୧୯୬୪ରେ ପ୍ରକାଶିତ ହୋଇଥିଲା । ଉଭୟ ଖଣ୍ଡ ମୋଟ ୧୦ଟି ଅଧ୍ୟାୟ ଓ

Digitized by srujanika@gmail.com

୪୦ଟି ପରିଚ୍ଛେଦରେ ବିଭକ୍ତ । ଓଡ଼ିଶାର ଐତିହ୍ୟ ସଂସ୍କୃତି ସମ୍ବନ୍ଧରେ ଏହାହିଁ ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ଓ ପୂର୍ଣ୍ଣାଙ୍ଗ ଇତିହାସ । ଇତିହାସ ଓ ସଂସ୍କୃତିର ପର୍ଯ୍ୟାଲୋଚନା କରାଯାଇଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଏହା ଏକ ଅମୂଲ୍ୟଗ୍ରନ୍ଥ । ଓଡ଼ିଶାର ଭୌଗଳିକ ଓ ରାଜନୈତିକ ବିବରଣ ସହିତ କଳା, ଭାସ୍କର୍ଯ୍ୟ, ଶିଳ୍ପ, ସାହିତ୍ୟ, ଧର୍ମ, ଦର୍ଶନାଦି ପ୍ରସଙ୍ଗ ଏହି ଗ୍ରନ୍ଥରେ ବିସ୍ତୃତ ଭାବେ ଆଲୋଚିତ ହୋଇଛି । ଏହି ଅମୂଲ୍ୟଗ୍ରନ୍ଥ ପାଇଁ ଡକ୍ଟର ମହତାବ ଓଡ଼ିଆ ମାନଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

'ସାଧନାର ପଥେ' ଗ୍ରନ୍ଥଟି ହେଉଛି ତାଙ୍କର ଆତ୍ମଜୀବନୀ । ଏହି ଗ୍ରନ୍ଥଟି ୧୯୭୨ରେ ପ୍ରକାଶ ପାଇଥିଲା । ଏଥିରେ ୧୮୯୯ରୁ୧୯୫୦ ପର୍ଯ୍ୟନ୍ତ ତାଙ୍କ ଜୀବନୀ ବର୍ଣ୍ଣିତ ହୋଇଛି । ଏହି ଗ୍ରନ୍ଥକୁ ଡ଼କ୍ଟର ମହତାବଙ୍କର ନୁହେଁ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ସଂଘର୍ଷ ଓ ସଂଗ୍ରାମମୟ ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଗ୍ରନ୍ଥର ଆରମ୍ଭରେ ସେ କହିଛନ୍ତି— 'ମୁଁ ନିଜକୁ ବୟସ୍କ ବୋଲି କେବେ ମନେ କରେ ନାହିଁ । ବାସ୍ତବିକ୍ ମୁଁ ବୟସ୍କ ନୁହେଁ । ନିଜ ବିଚାରରେ ନିଜେ ଦୃଢ଼ ରହି ସଂସାର ଭିତରେ ଠେଲି ପେଲି ଚାଲିବା ମୋର ସ୍ୱଭାବ ହୋଇଗଲାଣି । ତାହା ଭଲ କି ମନ୍ଦ ତାହା ଅତୀତକୁ ଆଲୋଚନା କରି ଜାଣିହେବ । ସାର୍ଥକତା ଓ ବ୍ୟର୍ଥତାର ପରସ୍ପର ସଂଘାତରେ ନିଜର ଲକ୍ଷ୍ୟ ଠିକ୍ ରଖି ଗତି କରି ପାରୁଛି କି ନାହିଁ ତାହା ମଧ୍ୟ ଜୀବନରେ ଜାଣିବା ଉଚିତ୍ । ଏସବୁ ବିଚାରରୁ ମୋର ଜୀବନ କାହାଣୀ ଲେଖା । ଏଥିରୁ ଭଲ କରି ସମସ୍ତେ ଜାଣି ପାରିବେ ଯେ ଏଥିରେ କୌଣସି ପ୍ରକାର ବିଶେଷତ୍ୱ ନାହିଁ କି କିଛି ରହସ୍ୟ ମଧ୍ୟ ନାହିଁ ।' ଏଥିରୁ ତାଙ୍କର ଉଚ୍ଚ ବିଚାର, ସ୍ପଷ୍ଟୋକ୍ତି ଓ ସତ୍ୟନିଷ୍ଠାର ସୂଚନା ମିଳେ । ତାଙ୍କ ଲିଖିତ ସର୍ବଶେଷ ଓ ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଉଛି– 'While Serving my Nation'. ଏହି ଗ୍ରନ୍ଥଟି ୧୯୮୬ରେ ପ୍ରକାଶ ପାଇଛି ଏବଂ ତାଙ୍କ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ଏହା ଦିଲ୍ଲୀଠାରେ ଉଦ୍‌ଘାଟିତ ହୋଇଛି । ଭାରତର ଜଣେ ବର୍ଷୀୟାନ୍ କଂଗ୍ରେସ କର୍ମୀରୂପେ ସେ ଏଥିରେ ନିଜ ଅତୀତର ସ୍ମୃତି ରୋମନ୍ଥନ କରିଛନ୍ତି । ୧୯୫୦ ମସିହାଠାରୁ ଆରମ୍ଭ କରି ତାଙ୍କ ଜୀବନର ପ୍ରଧାନ ପ୍ରଧାନ ଘଟଣାବଳୀ, ବହୁ ନଥିପତ୍ର ଓ ଭାରତର ବିଶିଷ୍ଟ ଜନନାୟକ ମାନଙ୍କ ଉପାଦେୟ

Digitized by srujanika@gmail.com

ପତ୍ରମାନ ଏଥିରେ ସ୍ଥାନ ପାଇଛି । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜଣେ ଐତିହାସିକ ଓ ଗବେଷକ ରୂପେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଓ ସର୍ବଭାରତୀୟ ସାହିତ୍ୟିକ ଅନୁଷ୍ଠାନ ଗୁଡ଼ିକରେ ଭାରତର ଐତିହ୍ୟ, ସଭ୍ୟତା, ସଂସ୍କୃତି, ଶିକ୍ଷା, ସାହିତ୍ୟ, କଳା ଭାସ୍କର୍ଯ୍ୟ, ଧର୍ମ ସମ୍ବନ୍ଧରେ ଦେଇଥିବା ଭାଷଣମାନ ଏଥିରେ ପ୍ରକାଶ ପାଇଛି । ଏହାକୁ ସାହିତ୍ୟ ଓ ଇତିହାସର ଏକ ସମନ୍ୱୟାତ୍ମକ ଗ୍ରନ୍ଥ ରୂପେ ଗ୍ରହଣ କରାଯାଇପାରେ ।

ଡ଼କ୍ଟର ମହତାବଙ୍କ ଲିଖିତ 'ଦଶବର୍ଷର ଓଡ଼ିଶା' ୧୯୩୫ରେ ପ୍ରକାଶିତ ହୋଇଥିଲା । ଏଥିରେ ୧୯୨୧ରୁ୧୯୩୧ ପର୍ଯ୍ୟନ୍ତ ଦଶବର୍ଷର ରାଜନୈତିକ କାର୍ଯ୍ୟକଳାପ ଓ ସେଥିରେ ତାଙ୍କର ଭୂମିକା ସମ୍ବନ୍ଧରେ ଆଲୋକପାତ କରାଯାଇଛି । ତାଙ୍କର ଅନ୍ୟତମ ପ୍ରସିଦ୍ଧ ଓ ଉପାଦେୟ ଗ୍ରନ୍ଥ ହେଉଛି 'Beginning of the End'. ଏହି ଗ୍ରନ୍ଥ ପ୍ରଥମେ ୧୯୪୯ରେ କଲିକତାରୁ ଓ ପରେ ୧୯୭୨ରେ କଟକରୁ ପ୍ରକାଶ ପାଇଥିଲା । ଏଥିରେ ଓଡ଼ିଶାର ଗଡ଼ଜାତ ମିଶ୍ରଣ ସମ୍ବନ୍ଧରେ ନଥିପତ୍ର ସହିତ ସବିଶେଷ ଆଲୋଚନା କରାଯାଇଛି । ଏହି ଗ୍ରନ୍ଥର ମୁଖବନ୍ଧ ଲେଖିବାକୁ ଯାଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଛନ୍ତି– The beginning of the End by Sri H. K. Mahatab adds the concluding chapter to the history of princely India. The story of their liquidation in the subject matter of this interesting book written by one who is eminently suited to give an authentic narrative of this intriguing history.

'ଗାଁ ମଜଲିସ୍' ଡ଼କ୍ଟର ମହତାବଙ୍କ ସାହିତ୍ୟ ସାଧନାର ଅନ୍ୟ ଏକ ଦିଗ ଉନ୍ମୋଚନ କରିଛି । ଦୈନିକ ପ୍ରଜାତନ୍ତ୍ରରେ ୧୯୫୦ରୁ 'ଗାଁ ମଜଲିସ୍' ଶିରୋନାମାରେ ଲିଖିତ ତାଙ୍କ ପ୍ରବନ୍ଧମାନ ଏହି ପୁସ୍ତକରେ ସଙ୍କଳିତ ହୋଇଛି । ଏହି ପୁସ୍ତକର ପ୍ରଥମଭାଗ ପ୍ରଥମେ ୧୯୫୬ ଓ ପରେ ୧୯୫୯ରେ ଏବଂ ଦ୍ୱିତୀୟ ଭାଗର ପ୍ରଥମ ସଂସ୍କରଣ ୧୯୬୦ରେ ପ୍ରକାଶ ପାଇଥିଲା । ଏହି ଦୁଇଟି ଭାଗ ମଧ୍ୟରୁ ପ୍ରଥମ ଭାଗରେ ୨୮ଟି ଓ ଦ୍ୱିତୀୟ ଭାଗରେ ୧୭ଟି ପ୍ରବନ୍ଧ ସ୍ଥାନିତ

Digitized by srujanika@gmail.com

ହୋଇଥିବାର ଦେଖାଯାଏ । ସରସ, ସୁନ୍ଦର, ସରଳ ଓ ପ୍ରାଞ୍ଜଳ ଭଷାରେ ଲିଖିତ ଏହି ପ୍ରବନ୍ଧ ଗୁଡ଼ିକରେ ଗ୍ରାମ ପଞ୍ଚାୟତ, ବର୍ଣ୍ଣଭେଦ ସମସ୍ୟା, ଟାଉଟର, ଅନ୍ଧ-ବିଶ୍ୱାସ, ବେକାର ସମସ୍ୟା, କର୍ମୀ ଓ ଶାସନ, ଲୋକମତ ଓ ଲୋକପ୍ରତିନିଧି, ସହର ଓ ଗ୍ରାମ୍ୟ ଅର୍ଥନୀତି, ଆତ୍ମବିଶ୍ୱାସ ଓ ଆତ୍ମ ପ୍ରବଞ୍ଚନା, କ୍ଷମତା ଓ କାର୍ଯ୍ୟର ପ୍ରଭବ, ଭୂଦାନ ଯଜ୍ଞ, କୁଟୀର ଶିଳ୍ପ, ଗଠନ ମୂଳକ ସମାଲୋଚନା, ଚିନ୍ତାବିଭ୍ରାଟ ପ୍ରଭୃତି ପ୍ରସଙ୍ଗମାନ ଆଲୋଚିତ ହୋଇଛି । ଗ୍ରାମବାସୀ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ନଗରବାସୀ ଶିକ୍ଷିତ, ବିଦଗ୍ଧ, ପଦାଧିକାରୀ, ଲେଖକ, ସାହିତ୍ୟିକ, କଳାକାର ପ୍ରଭୃତିଙ୍କର ଦେଶ, ଦେଶବାସୀ, ମାତୃଭୂମି ଓ ମାତୃଭଷା ପ୍ରତି କର୍ତ୍ତବ୍ୟ କ'ଣ, ତାହା ଏହି କ୍ଷୁଦ୍ର ପ୍ରବନ୍ଧ ମଧ୍ୟରେ ସେ ବୁଝାଇ ଦେଇଛନ୍ତି । 'ଗାଁ ମଜଲିସ୍'ରେ ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ ନିଜର ଅନୁଭୂତି ଲବ୍ଧ ଅଭିଜ୍ଞତାକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଡକ୍ଟର ମହତାବ ଯେଉଁ ଉପଦେଶ ଓ ପରାମର୍ଶ ଦେଉଥିଲେ ତାହା ଦ୍ୱାରା ଓଡ଼ିଶାର ଜନସାଧାରଣ ବହୁଧା ପ୍ରଭବିତ ଓ ପ୍ରେରିତ ହେଉଥିଲେ । ଲେଖା ମାଧ୍ୟମରେ ଜନତାକୁ ପ୍ରଭବିତ କରିବାରେ ଡକ୍ଟର ମହତାବଙ୍କ ସାଫଲ୍ୟ ଅତୁଳନୀୟ । ଏହି ପୁସ୍ତକ ପାଇଁ ସେ ୧୯୮୩ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

'ପ୍ରଜାତନ୍ତ୍ର' ସମ୍ବାଦ ପତ୍ର ପ୍ରତିଷ୍ଠା (୧୯୨୩) ଓ ପ୍ରକାଶନ, ସଂସ୍କୃତି ଓ ଐତିହ୍ୟର ମୁଖପତ୍ର ରୂପେ 'ଝଙ୍କାର' ପତ୍ରିକାର ପ୍ରକାଶନ (୧୯୪୯) ବିଷୁବ ଉତ୍ସବ ପାଳନ (୧୯୫୦) ଦ୍ୱାରା ଡ଼କ୍ଟର ମହତାବ ଓଡ଼ିଶା, ଓଡ଼ିଆ ଜାତି, ଓଡ଼ିଆ ଭଷା ଓ ସାହିତ୍ୟର ପୁନରୁଦ୍ଧାର, ପ୍ରଚାର, ପ୍ରସାର ଓ ସମୁନ୍ନତି ସାଧନା ପାଇଁ ନିଜକୁ ଯେପରି ଉତ୍ସର୍ଗ କରିଥିଲେ ତାହାର ଉଦାହରଣ ବିରଳ । ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାର ଯଥାର୍ଥ ଉପଚାର ପାଇଁ ସେ ଉପର୍ଯ୍ୟୁକ୍ତ ତିନୋଟି ଉପାଦାନ ସହିତ ରବିବାସରୀୟ ପୃଷ୍ଠା, ମୀନା ବଜାର, ନାରୀଜଗତ, କଳା ଓ କଳାକାର, ସାପ୍ତାହିକୀ ପ୍ରଭୃତିକୁ ବିନିଯୋଗ କରିଥିଲେ । ଡକ୍ଟର ମହତାବଙ୍କ ଦୃଷ୍ଟିରେ–'ସାହିତ୍ୟ ସମାଜକୁ ନେଇ ଚାଲେ ଓ ଚାଲିବ । ସମାଜରେ ସଂଘର୍ଷ ଉପୁଜିଲେ ସାହିତ୍ୟ ସଘର୍ଷ ଜଡ଼ିତ ହୋଇଯିବା ସ୍ୱାଭବିକ । କିନ୍ତୁ, ସାହିତ୍ୟ,

Digitized by srujanika@gmail.com

ସଂଘର୍ଷର ଉଚ୍ଚଟତା ହ୍ରାସ କରି ସମାଧାନ ଦିଗରେ ଉଦ୍ୟମ କରିବା ଆବଶ୍ୟକ ।' ଏହି ମତ ସେ ୧୯୮୫ ବିଷୁବ ଉତ୍ସବରେ ପ୍ରକାଶ ଧରିଥିଲେ । ସାହିତ୍ୟ ସାଧକମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ଡକ୍‌ଟର ମହତାବ ୧୯୫୧ର ବିଷୁବ ମିଳନ ଉତ୍ସବରେ କହିଥିଲେ– 'ପ୍ରଜାତନ୍ତ୍ର ଶାସନର ପ୍ରତିଷ୍ଠା ଭାରତ ଇତିହାସରେ ଏକ ଅଭିନବ ଘଟଣା । ଏହାର ଗତିକୁ ସାହିତ୍ୟିକମାନେ ଦୂରଦୃଷ୍ଟି ରଖି ନିଶ୍ଚୟ କରନ୍ତୁ ଓ ତଦନୁସାରେ ସାହିତ୍ୟ ସୃଷ୍ଟି ହେଉ । ଭବିଷ୍ୟତର ଆଶା ଓ ଅଭିଳାଷ ସେ ସାହିତ୍ୟରେ ଏପରି ଚିତ୍ରିତ ହେଉ ଯେ ଆଜିର ଅସୁବିଧା ଭୁଲିଯାଇ ଲୋକେ ସବୁ କଷ୍ଟ ସହ୍ୟ କରି ସେହି ଭବିଷ୍ୟତ ଆଡ଼କୁ ଗତି କରନ୍ତୁ । ଏହା ହେଉଛି ଦେଶର ଆହ୍ୱାନ ସାହିତ୍ୟକୁ ।' ଏଥିରୁ ଜଣେ ଅଭିଜ୍ଞ ସାହିତ୍ୟିକ ଭାବରେ ସାହିତ୍ୟ ପ୍ରତି ଡ଼କ୍‌ଟର ମହତାବଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ-ବୋଧର ସୂଚନା ମିଳେ ।

ସମକାଳୀନ ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ଡକ୍‌ଟର ମହତାବ ୧୯୫୩ର ବିଷୁବ ମିଳନ ଉତ୍ସବରେ କହିଥିଲେ 'ପରିସ୍ଥିତିର ଆହ୍ୱାନକୁ ସମ୍ମୁଖୀନ ହୋଇପାରିଲେ ଆମର ଜୟ ହୁଏ ଓ ସାହିତ୍ୟର ମଧ୍ୟ ଜୟ ହୁଏ । କିନ୍ତୁ ପରାଜୟ ଘଟିଲେ ଆମେ ହିଁ ନିନ୍ଦିତ ହେଉଁ, ସାହିତ୍ୟ ନୁହେଁ । ସାହିତ୍ୟ ରହିଯିବ ଆମ ଅକ୍ଷମତାର ଅନ୍ତରାଳରେ । ମାତୃଭାଷା ଓ ସାହିତ୍ୟର ଉନ୍ନତି ବିଷୟରେ ସେ କିପରି ସକ୍ରିୟ ଓ ଯତ୍ନଶୀଳ ଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ନ ହୋଇ ରହିହେବ ନାହିଁ । ବିଭିନ୍ନ କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହି ମଧ୍ୟ ସେ ପ୍ରତିଦିନ କିଛିନା କିଛି ପଢୁଥିଲେ ଓ ଲେଖୁଥିଲେ । ନିଜର ମାତୃଭାଷା ପ୍ରତି ତାଙ୍କର ଗଭୀର ମମତା ଥିଲା । ମାତୃଭାଷା ଓ ସାହିତ୍ୟର ଉନ୍ନତି ସାଧନ ବିଷୟରେ ସେ ୧୯୫୯ ବିଷୁବ ଉତ୍ସବରେ ଘୋଷଣା କରିଥିଲେ -'ଭାରତୀୟ ସାହିତ୍ୟ, ସଂସ୍କୃତି ଓ ଭାଷାର ସମୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟେକ ପ୍ରାଦେଶିକ ଭାଷା ଓ ସାହିତ୍ୟର ବିକାଶ ହେବା ଉଚିତ । ଏହା ନ ହେଲେ ଭାରତର ବିକାଶ ସମ୍ଭବ ହେବ ନାହିଁ ।' ସାହିତ୍ୟର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ବିଷୟରେ ସୂଚନା ଦେବାକୁ ଯାଇ ଡକ୍‌ଟର ମହତାବ ୧୯୬୩ର ବିଷୁବ ଉତ୍ସବରେ କହିଥିଲେ– 'ସାହିତ୍ୟର ଦାୟିତ୍ୱ ହେଉଛି, ଜାତୀୟତା, ଲୋକଶାସନ ଓ ସମାଜବାଦ–ଏହି ତିନୋଟି ଚିନ୍ତାର ପ୍ରଖର ପ୍ରବାହ

Digitized by srujanika@gmail.com

ଦେଶ ସାର ବୁହାଇ ନେବା ।' ସେହିପରି ୧୯୬୬ ବିଷୁବ ଉତ୍ସବରେ କହିଥିଲେ– 'ସାହିତ୍ୟ ଆଣେ ଭବଧାରରେ ଆନ୍ଦୋଳନ । ସେ ଆନ୍ଦୋଳନ ସୃଷ୍ଟି କରେ ସାମାଜିକ ବିପ୍ଳବ । ସେ ବିପ୍ଳବ ସୃଷ୍ଟି କରେ ନୂତନ ସମାଜ ଏବଂ ସମସ୍ତ ବାଧା ଓ ବନ୍ଧନ ଦୂର କରେ । ତେଣୁ ସମାଜ ଲୋଡ଼େ ବିପ୍ଳବ ଜାତୀୟତାର ବିକାଶ ପାଇଁ, ଲୋକ ଶାସନର ପ୍ରତିଷ୍ଠା ପାଇଁ ଓ ସମାଜବାଦର ପ୍ରବର୍ତ୍ତନ ପାଇଁ । ସାହିତ୍ୟକୁ ଏ ଅଭାବ ମେଣ୍ଟାଇବାକୁ ପଡ଼ିବ ।' ଏଥିରୁ ସାହିତ୍ୟ ଓ ସାହିତ୍ୟିକରେ ଲକ୍ଷ୍ୟ ଓ କର୍ତ୍ତବ୍ୟ ବିଷୟରେ ଡକ୍ଟର ମହତାବଙ୍କ ସୂକ୍ଷ୍ମ ବିଗ୍ଧର ଓ ଦୂର ଦୃଷ୍ଟିର ସୂଚନା ମିଳେ ।

ଡକ୍ଟର ମହତାବଙ୍କ ପ୍ରବର୍ତ୍ତିତ ବିଷୁବ ମିଳନର ଲକ୍ଷ୍ୟ ଓ ମହତ୍ତ୍ୱକୁ ଅନୁଭବ କରି ଭରତର ଜାତୀୟ ଆଗ୍ରର୍ଯ୍ୟ ଡ଼କ୍ଟର ସୁନୀତି କୁମାର ଘଟାର୍ଜି ତାଙ୍କ ପ୍ରଣୀତ ' Linguistic situation in the States of Eastern Zone (1976) ପୁସ୍ତକରେ ଲେଖିଛନ୍ତି–

Dr. Harekrishna Mahatab is distinguished scholar and statesman of Orissa, has sought bring the Bengalis, Oriyas, Assamese, Maithilis and others close to each other by instituting the Bisuva Milana gathering every year at Cuttack. When writers and scholars from out side Orissa, Bengalis, Assamese, Maithilis and others would be asked to get together and give address and exchange views through their own language like Bengali and Oriya which most people in the gathering would understand. This has been a good idea and it was successful and as an experiment towards the cultural integration of the Eastern States. ତେଣୁ କେବଳ ବିଷୁବ ନୁହେଁ ଅନ୍ୟାନ୍ୟ ଅବସରରେ ମଧ୍ୟ ଡକ୍ଟର ମହତାବ୍ ଦେଇଥିବା ଉଦ୍‌ବୋଧନାତ୍ମକ ଭାଷଣଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶ ପାଇବା ବାଞ୍ଛନୀୟ ।

Digitized by srujanika@gmail.com

ଓଡ଼ିଶାର ରାଜ୍ୟପାଳ ମାନ୍ୟବର ଡ଼କ୍ଟର ବିଶ୍ୱମ୍ଭର ନାଥ ପାଣ୍ଡେ ୧୭-୧୦-୧୯୮୮ରେ ପାଳିତ ହୋଇଥିବା ଡ଼କ୍ଟର ମହତାବଙ୍କ ନବତିତମ ଜନ୍ମଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ବାର୍ତ୍ତାରେ କହିଥିଲେ– Dr. Mahatab was a veteran freedom fighter, an eminent historian, an able administrator and a parliamentarian of repute. His contribution to the state in the field of Culture and literature was no less. His life and work will be the source of inspiration to our younger generation.

ସାହିତ୍ୟ ସାଧକ ଡ଼କ୍ଟର ମହତାବଙ୍କ ଜୀବନାଦର୍ଶ କଣ ଥିଲା ତାହା ଉପଯୁକ୍ତ ଉଦ୍ଧୃତ ଗୁଡ଼ିକରୁ ସ୍ପଷ୍ଟ ସୂଚିତ ହୁଏ । ଭାରତର ରାଜନୀତିକ ଇତିହାସ ନୁହେଁ ଭାରତୀୟ ସାହିତ୍ୟର ଇତିହାସରେ ଚିର ଭାସ୍ୱର ଓ ଚିର ଅମର ହୋଇ ରହିବେ ଏଥିରେ ସନ୍ଦେହ ନାହିଁ । ଓଡ଼ିଆ ସାହିତ୍ୟର ବରେଣ୍ୟ ସାଧକ ଡକ୍ଟର ମହତାବଙ୍କ ଜୀବନର ପରମ ଓ ଚରମ ଲକ୍ଷ୍ୟ ଥିଲା– 'କୀର୍ତ୍ତିରକ୍ଷରମାଳିନୀ ସ୍ଥିରା ଭବତି ଭୂତଳେ ।' ଅକ୍ଷରମାଳିନୀ କୀର୍ତ୍ତି ହିଁ ଚିରସ୍ଥାୟୀ ହୋଇ ରହେ । ତାଙ୍କର ବିଭିନ୍ନ ଲେଖାରେ ଏହି ଲକ୍ଷ୍ୟ ପରୋକ୍ଷ ଭାବେ ପ୍ରକାଶ ପାଇଛି । ତାଙ୍କ ପ୍ରଣୀତ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସହିତ ଜୀବନସମସ୍ୟା, ନୂତନଧର୍ମ, ଆତ୍ମଦାନ, ଶେଷ ଅଶ୍ରୁ ପ୍ରଭୃତି କେତୋଟି ଲେଖାରେ ସେ ନିଜ ଅନ୍ତରର ଭାବରାଶିକୁ ସହଜ ସରଳ ଭଙ୍ଗୀରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ନିଜକୁ 'କବିରେବ ପ୍ରଜାପତିଃ' ରୂପେ ସଫଳତାର ସହିତ ପ୍ରତିପାଦନ କରି ପାରିଛନ୍ତି ।

ଡକ୍ଟର ମହତାବଙ୍କ ବିଶାଳ ଓ ବିଚିତ୍ର ସାହିତ୍ୟ ସମ୍ଭାର ମଧ୍ୟରୁ ଏଠାରେ ମୁଷ୍ଟିମେୟ କେତୋଟି ରଚନା ଏ ପର୍ଯ୍ୟନ୍ତ ଗ୍ରନ୍ଥାବଳୀ ଆକାରରେ ଆଲୋଚକମାନଙ୍କର ହସ୍ତଗତ ହୋଇ ନାହିଁ । ବିଗତ ପାଞ୍ଚବର୍ଷ ମଧ୍ୟରେ ତାଙ୍କ ସମ୍ବନ୍ଧରେ ପ୍ରକାଶ ପାଇଥିବା ସ୍ମରଣିକା, ସାପ୍ତାହିକୀ, ଆଲୋଚନାବଳୀ ପ୍ରଭୃତିରୁ ମଧ୍ୟ ଡ଼କ୍ଟର ମହତାବଙ୍କ ସାହିତ୍ୟିକ ଜୀବନ ସାଧନା ଓ ରଚନାବଳୀ

Digitized by srujanika@gmail.com

ବିଷୟରେ ପୂର୍ଣ୍ଣାଙ୍ଗ ବିବରଣ ମିଳେ ନାହିଁ । ସେହି ଦୃଷ୍ଟିରୁ ସାହିତ୍ୟ ସାଧକ ଡକ୍‌ଟର ମହତାବଙ୍କ ସାହିତ୍ୟିକ ଦୃଷ୍ଟି ଓ ସୃଷ୍ଟି ବିଷୟରେ ସାମଗ୍ରିକ ମୂଲ୍ୟାୟନ କରିବା ଏହି କ୍ଷୁଦ୍ରାକାର ଲେଖାରେ ସମ୍ଭବ ହୋଇନାହିଁ । ଏଥିରେ ଆଲୋଚିତ ତଥ୍ୟାବଳୀ ବିଭିନ୍ନ ସୂତ୍ରରୁ ସଂଗୃହୀତ ହୋଇଥିବାରୁ ସେଥିରେ କେତେକ ତ୍ରୁଟି ବିଚ୍ୟୁତି ରହିବା ଅସ୍ୱାଭାବିକ ନୁହେଁ । ତେଣୁ ଏହି ଆଲୋଚନାରେ ଥିବା ଦୋଷତ୍ରୁଟି ପ୍ରତି ଦୃଷ୍ଟି ନ ଦେଇ ସୁଧୀ ପାଠକବର୍ଗ ଡ଼କ୍‌ଟର ମହତାବ୍‌ଙ୍କ ରଚନାବଳୀକୁ କାଳକ୍ରମାନୁସାରେ ସଜାଇ ଲୋକଲୋଚନକୁ ଆଣିବାରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ମନେ ହୁଏ ।

— ୦ —

Digitized by srujanika@gmail.com

।। ଆଗରପଡା ରାଜବାଟିର ତପସ୍ୱୀରାଜା ହରେକୃଷ୍ଣ ମହତାବ ।।

❊ ଶ୍ରୀ ଗୋପୀନାଥ ଦାସ

ମୋଗଲମାନଙ୍କ ସମୟରେ ତାଙ୍କର ସୈନ୍ୟବାହିନୀରେ କାମ କରୁଥିବା ପଞ୍ଜାବୀ କ୍ଷତ୍ରିୟମାନେ ଓଡ଼ିଶା ଆସିଥିବା ସମୟରେ ତତ୍କାଳୀନ ସରକାରଙ୍କ ଠାରୁ ଜାଗିରୀ ସ୍ୱରୂପ କେତେକ ଅଞ୍ଚଳ ନେଇ ପ୍ରଥମେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍‌ଡ଼ିଭିଜନ ଗଡସିଙ୍ଗଡ଼ି ଗ୍ରାମରେ ରହିଥିଲେ ଓ ସେଠାରେ ଏକ ଷ୍ଟେଟ ଗଠନ କରିଥିଲେ । କାଳକ୍ରମେ କେନ୍ଦୁଝର ରାଜାଙ୍କ ସାଙ୍ଗରେ ବିବାଦ ହେବାଯୋଗୁଁ ବାଲେଶ୍ୱର ଜିଲ୍ଲା ବନ୍ତଥାନାଅନ୍ତର୍ଗତ ଆଗରପଡା ଅଞ୍ଚଳରେ ଆସି ବସବାସ କଲେ ଓ ଏଠାରେ ସେମାନେ ରାଜା ରୂପେ କଥିତ ହେଲେ । ଏମାନେ ଆଠ ଭାଇ ଥିଲେ । ଏମାନଙ୍କର ବଡ଼ଭାଇ ରାଜା ହରନାମ ସିଂହ ୧୮୦୫ ମସିହାରେ ଏକ ବିରାଟ ଜମିଦାରି ଅଞ୍ଚଳ କଲିକତାର ବଙ୍ଗାଳି (ସୂର୍ଯ୍ୟାସ୍ତ ଆଇନରେ ନିଲାମ-ଧାରୀ) ବୁଦ୍ଧିଲାଲ ଦତ୍ତଙ୍କଠାରୁ ଖରିଦ କରିବାରେ ଏକ ବଡ ଜମିଦାରି ଅଂଶର ମାଲିକ ହେଲେ । ସେ ନିଃସନ୍ତାନ ଥିବାରୁ ଖେଲାଓନ୍ ସିଂହଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିଥିଲେ । ହରନାମ ସିଂହ ପରଲୋକ ଗମନ କରିବାରୁ ଖେଲାଓନ୍ ସିଂହ ଇଷ୍ଟେଟର ମାଲିକ ହେଲେ । ହରନାମ ସିଂହଙ୍କର ଚିତାରେ ତାଙ୍କର ସହଧର୍ମିଣୀ ଝାସ ଦେଇଥିବାରୁ ଖେଲାଓନ୍ ସିଂହ ସେଠାରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରିଥିଲେ । ତାହା ସତୀ ଦେଉଳ ରୂପେ ଅଦ୍ୟାବଧି ପରିଚିତ ।

Digitized by srujanika@gmail.com

ଖେଲଓନ୍ ସିଂହଙ୍କର ପୁତ୍ର ମୃତ୍ୟୁବରଣ କରିବାରୁ ସେ ତାଙ୍କ ଭାଇଙ୍କର ନାତି ଶ୍ରୀ ରାମଚନ୍ଦ୍ର ସିଂହ ଓ ଶ୍ରୀ ମାନସିଂହଙ୍କ ନାମରେ ଉକ୍ତ ଇଷ୍ଟେଟକୁ ଉଇଲ କରିଦେଇ ଗଲେ । ଶ୍ରୀ ରାମଚନ୍ଦ୍ର ସିଂହ ଓ ଶ୍ରୀ ମାନସିଂହ ଉଭୟେ ନିଃସନ୍ତାନ ଥିବାରୁ ତାଙ୍କର ଭଣଜା ଶ୍ରୀ ଜଗନ୍ନାଥ ମହତାବଙ୍କ ନାମରେ ସମସ୍ତ ସମ୍ପତ୍ତି ଓ ଇଷ୍ଟେଟ ଉଇଲ କରିଦେଇ ଥିଲେ । ଶ୍ରୀ ଜଗନ୍ନାଥ ମହତାବଙ୍କର ମଧ୍ୟ କୌଣସି ପୁତ୍ର ସନ୍ତାନ ନଥିଲେ । ତେଣୁ ସେ ନିଜର କନ୍ୟା ଶ୍ରୀମତୀ ତୋଫେଇ ବିବିଙ୍କ ଦ୍ୱିତୀୟ ଗର୍ଭରୁ ଜାତ ଶ୍ରୀ ହରେକୃଷ୍ଣ ମହତାବଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କଲେ । ଶ୍ରୀ ଜଗନ୍ନାଥ ମହତାବ ହରେକୃଷ୍ଣଙ୍କ ଜନ୍ମ ବେଳେ ପାଟପୁର ଗ୍ରାମ ଜମିଦାରୀରେ ଥିଲେ । ନବଜାତ ଶିଶୁର ଜନ୍ମଖବର ପାଇ ସେ ହାତୀରେ ଆସି ନାଡ଼ଫୁଲ ସହ ନବଜାତ ଶିଶୁକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ଶ୍ରୀ ହରେକୃଷ୍ଣ ମହତାବ ୧୦ ମାସର ହୋଇଥିବା ବେଳେ ଜଗନ୍ନାଥ ମହତାବ ପରଲୋକ ଗମନ କଲେ ଓ ନାବାଳକ ହରେକୃଷ୍ଣଙ୍କ ନାମରେ ସମସ୍ତ ସମ୍ପତ୍ତି ଉଇଲ କରି ଯାଇଥିଲେ । ତେଣୁ ସେହିଦିନଠାରୁ ଶ୍ରୀ ହରେକୃଷ୍ଣ ମହତାବ ଆଗରପଡ଼ା ଇଷ୍ଟେଟର ମାଲିକ ତଥା ରାଜା ରୂପେ ଗଣ୍ୟ ହେଲେ । ନାବାଳକ ମହତାବଙ୍କ ଶିକ୍ଷା ଓ ଲାଳନପାଳନର ଦାୟିତ୍ୱ ତାଙ୍କର ଜନ୍ମଦାତା ପିତା ସ୍ୱର୍ଗୀୟ କୃଷ୍ଣଚରଣ ଦାସ ବହନ କରିଥିଲେ । ସେ ତାଙ୍କୁ ଭଦ୍ରକ ହାଇସ୍କୁଲ ଓ କଟକସ୍ଥ ରେଭେନ୍ସା କଲେଜରେ ପଢ଼ାଇବାର ବ୍ୟବସ୍ଥା କରିଥିଲେ ।

ତରୁଣ ମହତାବ କଲେଜ ଶିକ୍ଷା ପରେ ସାବାଳକ ହୋଇ ଇଷ୍ଟେଟ ରାଜଗାଦୀରେ ଅଭିଷିକ୍ତ ହୋଇ ଜମିଦାରୀ ବୁଝିବେ ବୋଲି ତାଙ୍କର ପିତା କୃଷ୍ଣଚରଣଙ୍କର ପ୍ରବଳ ଇଚ୍ଛା ଥିଲା । ସେ ସମୟରେ କୌଣସି ଜମିଦାରଙ୍କ ପିଲା କଲେଜରେ ପଢୁ ନ ଥିଲେ ବୋଲି କୃଷ୍ଣଚରଣ ନିଜର ପିଲାକୁ କଲେଜରେ ପଢ଼ାଉଥିବାରୁ ଗର୍ବ ଅନୁଭବ କରୁଥିଲେ । କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ତରୁଣ ମହତାବ୍ ୨୦ ବର୍ଷ ବୟସରେ ଠିକ୍ ବି. ଏ, ପରୀକ୍ଷା ଦେବା ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ । ଏହା ତାଙ୍କର ଜନ୍ମଦାତା ପିତା କୃଷ୍ଣଚରଣଙ୍କୁ ବିଶେଷ ବାଧିଲା ଓ ଅନ୍ୟ ଜମିଦାରମାନଙ୍କର ସେ ପରିହାସର ପାତ୍ର ହେଲେ । ଫଳରେ ସେ ଜମିଦାରୀ

Digitized by srujanika@gmail.com

ଦାୟିତ୍ୱରୁ ଅବ୍ୟାହତି ନେଇ, ନିଜ ଘରଠାରୁ ପ୍ରାୟ ୧ କି.ମି. ଦୂରରେ ଅବସ୍ଥିତ ଏକ ମନ୍ଦିରରେ ଜୀବନର ଶେଷଭାଗ ସନ୍ୟାସୀ ରୂପେ ଅତିବାହିତ କଲେ । ସେ ଯେଉଁ ମନ୍ଦିରରେ ଥିଲେ, ସେହି ମନ୍ଦିରଟି ଛୋଟ ଥିବାରୁ, ଏକ ସୁନ୍ଦର ମନ୍ଦିର ତିଆରି କଲେ ଓ ନିଜକୁ ନାମ ସଙ୍କୀର୍ତ୍ତନ ଓ ବାବାଜୀ ବ୍ରାହ୍ମଣମାନଙ୍କ ସେବାରେ ନିୟୋଜିତ କରିଥିଲେ । ୧୯୩୨ ମସିହା ଅପ୍ରେଲ ୬ ତାରିଖରେ କୃଷ୍ଣଚରଣ ଇହଧାମ ତ୍ୟାଗ କଲେ । ସେ ସମୟରେ ହରେକୃଷ୍ଣ ମହତାବ, ତାଙ୍କର ପତ୍ନୀ ସୁଭଦ୍ରା ଦେବୀ ଓ ଏହି ଲେଖକ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ୍‌ରେ ଆବଦ୍ଧ ଥିଲେ ।

କୃଷ୍ଣଚରଣଙ୍କ ପରଲୋକ ପରେ ହରେକୃଷ୍ଣ ମହତାବ୍ ତାଙ୍କ ପରିବାରରେ ଅଦ୍ଭୁତ ପରିବର୍ତ୍ତନ ଆଣିଲେ । ପୂର୍ବରୁଥିବା କେତେ ଗୁକରଙ୍କୁ ତାଙ୍କ ଘରୁ ବିଦା କରିଦେଲେ ଓ ଦଶହରା, ପୁନିଆ ଇତ୍ୟାଦି ବହୁ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ । ୧୯୩୨ ମସିହା ଅକ୍ଟୋବର ୪ ତାରିଖ ଦିନ ନିଜର ଦେବମନ୍ଦିରରେ ହରିଜନମାନଙ୍କର ପ୍ରବେଶ କରାଇ ସେ ଏକ ଉତ୍ସବ ପାଳନ କଲେ । ଏହାପରେ ଏ ଅଞ୍ଚଳରେ ଏକ ପ୍ରବଳ ଆନ୍ଦୋଳନର ସୂତ୍ରପାତ ହେଲା ଓ ତରୁଣ ମହତାବ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କର ତିରସ୍କାରର ପାତ୍ର ହୋଇ ପଡ଼ିଲେ । ସେତେବେଳେ ସୁଭଦ୍ରା ଦେବୀ ଗାଁ ମାନଙ୍କରେ ସୂତାକଟା ପ୍ରଭୃତି ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଚାର ପାଇଁ ବୁଲୁଥିବାରୁ ରକ୍ଷଣଶୀଳ ବ୍ୟକ୍ତିମାନଙ୍କର ଘୃଣାର ପାତ୍ରୀ ହେଲେ ସୁଦ୍ଧା ମହତାବ ସେ ଘୃଣା ଓ ତିରସ୍କାରକୁ ଆନନ୍ଦ ମନରେ ଗ୍ରହଣ କରୁଥିଲେ ଓ କାହାରି ପ୍ରତି କ୍ରୋଧ ବା ଦ୍ୱେଷ ପ୍ରକାଶ କରୁ ନଥିଲେ । ସେତେବେଳେ ଭଦ୍ରକ ସବ୍‌ଡ଼ିଭିଜନ୍‌ରେ ଗୋଟିଏ ମାତ୍ର ହାଇସ୍କୁଲ ଥିଲା । ବନ୍ତ ଥାନାରେ ଆଦୌ ଚିକିତ୍ସାଳୟ ନଥିଲା । ତେଣୁ ସେ ଆଗରପଡ଼ାରେ ଗୋଟିଏ ହାଇସ୍କୁଲ ଓ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ନିଜ ଜମିଦାରୀର ବ୍ୟୟରେ ସ୍ଥାପନ କଲେ । ହାଇସ୍କୁଲରେ ପଢ଼ୁଥିବା ଦରିଦ୍ର ଛାତ୍ର-ମାନଙ୍କର ଭୋଜନ ବ୍ୟବସ୍ଥା ନିଜ ମନ୍ଦିରରେ ହେଉଥିବା ପ୍ରସାଦରେ କରାଇଥିଲେ । ଉକ୍ତ ହାଇସ୍କୁଲ ଓ ଡାକ୍ତରଖାନା ଦୁଇ ଅନୁଷ୍ଠାନକୁ ସରକାର ସାହାଯ୍ୟ ଦେବା ତ ଦୂରର କଥା, ବିଭାଗୀୟ ମଞ୍ଜୁରୀ ମଧ୍ୟ ୩ ବର୍ଷ ପର୍ଯ୍ୟନ୍ତ ମିଳି ନଥିଲା ।

Digitized by srujanika@gmail.com

ଯେଉଁ ମନ୍ଦିରରେ ସ୍ୱର୍ଗୀୟ କୃଷ୍ଣଚରଣ ରହିଥିଲେ, ସେଠାରେ ସେ 'ଗାନ୍ଧୀ କର୍ମ-ମନ୍ଦିର' ସ୍ଥାପନ କରି ସୂତାକଟା ଓ ଅସ୍ପୃଶ୍ୟତା ନିବାରଣ କାମ ଆରମ୍ଭ କଲେ । ସେଠାରେ ପୂର୍ବରୁ ଚାଲୁଥିବା ନାମଯଜ୍ଞ ପରିବର୍ତ୍ତେ ଗାନ୍ଧୀ ଜୟନ୍ତୀ ଓ ଜାତୀୟ ସପ୍ତାହ ଉପଲକ୍ଷେ ଦୁଇଥର ସାତଦିନ ଧରି ଅହୋରାତ୍ର ସୂତ୍ରଯଜ୍ଞ କରାଗଲା । ଶତାଧିକ ସ୍ତ୍ରୀ ଓ ପୁରୁଷ ଉକ୍ତ ସୂତ୍ରଯଜ୍ଞ କାର୍ଯ୍ୟରେ ଯୋଗ ଦେଲେ । ଏହିପରି ମାନବ ସେବାହିଁ ପ୍ରକୃତରେ ଈଶ୍ୱର ସେବା, ସେ ଏହିସବୁ କାର୍ଯ୍ୟଦ୍ୱାରା ଏହା ପ୍ରମାଣିତ କଲେ ଓ ଏହି ସମୟରେ ତାଙ୍କ ଚିନ୍ତାଧାରା ଅନୁଯାୟୀ "ନୂତନ ଧର୍ମ" ନାମରେ ଏକ ଉପନ୍ୟାସ ଲେଖି ପ୍ରକାଶ କରିଥିଲେ ଏବଂ କଂଗ୍ରେସର "ସୁବର୍ଣ୍ଣ-ଜୟନ୍ତୀ" ପରିପ୍ରେକ୍ଷୀରେ ସ୍ୱଲିଖିତ ନାଟକ "ସ୍ୱରାଜ୍ୟସାଧନ" କର୍ମମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଇଥିଲେ । ଏହାକୁ ଭଦ୍ରକର ପୁଲିସ ଇନ୍‌ସପେକ୍ଟର ଅଧାରୁ ବନ୍ଦ କରି ଦେଇଥିଲେ । ସେ ସମୟରେ ସେ ଠାକୁରଙ୍କ ନାନା ପ୍ରକାର ଯାନି-ଯାତ୍ରା ବନ୍ଦ କରି ଦେଇଥିଲେ । ଶ୍ରାଦ୍ଧ ଓ ଘରୋଇ ପର୍ବ ଇତ୍ୟାଦି ଅର୍ଥବ୍ୟୟ ବନ୍ଦ କରି ତାକୁ ଡ଼ାକ୍ତରଖାନା, ହାଇସ୍କୁଲ ଓ ଗାନ୍ଧୀ କର୍ମମନ୍ଦିର କାର୍ଯ୍ୟରେ ବ୍ୟୟ କରିଥିଲେ । କାକା କେଲ୍‌ଲକର, ଠକ୍‌କର ବାପା ପ୍ରଭୃତି ମହାମନୀଷୀ ଆସି ଉକ୍ତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସେତେବେଳେ ସେ ଏହିପରି ଏକ ତପସ୍ୱୀ ଜୀବନଯାପନ କରୁଥିଲେ । ତାହା ବର୍ତ୍ତମାନ କଳ୍ପନା-ତୀତ । ସେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ, ସ୍ୱାଧୀନତା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର କେନ୍ଦ୍ରମନ୍ତ୍ରୀ, ବମ୍ବେର ରାଜ୍ୟପାଳ ହୋଇଥିଲେ । କିନ୍ତୁ ତାଙ୍କର ଚାଲିଚଳନ ସେହିପରି ତପସ୍ୱୀ ଭଳିଥିଲା । ସେ ଖଦୀପରିଧାନ କରୁଥିଲେ ଓ ମାଦକଦ୍ରବ୍ୟ ସେବନ ଏପରିକି ଭୁଲକ୍ରମେ ଔଷଧରେ ସୁଦ୍ଧା କରୁ ନଥିଲେ । ଏହା ସତ୍ତ୍ୱେ ତାଙ୍କର ସ୍ୱାଭିମାନ ଥିଲା । ଛୋଟଲୁଗା ପିନ୍ଧିବା ଦେହରେ ସାର୍ଟ ପରିବର୍ତ୍ତେ ଚାଦର ପକାଇବାର ବେଶଭୂଷାକୁ ସେ ନାପସନ୍ଦ କରୁଥିଲେ । କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ହେବା ପରେ ଅନ୍ୟାନ୍ୟ ପ୍ରଦେଶର ସଭ୍ୟମାନଙ୍କ ପରି ସେ ନିୟମିତ ଭାବେ ପ୍ରଥମ ଶ୍ରେଣୀରେ ରେଳ ଯାତ୍ରା କରୁଥିଲେ । ମଫସଲ ଅଞ୍ଚଳ ଗସ୍ତ କରୁ-ଥିଲା ବେଳେ ସେ ବସରେ ନଯାଇ କାର୍‌ରେ ଯିବାଆସିବା କରୁଥିଲେ । ତାଙ୍କର ବାହ୍ୟ ଜୀବନ ଏପରି ରାଜକୀୟ ଥିଲେ ମଧ୍ୟ ଘରୋଇ ଜୀବନ ସମ୍ପୂର୍ଣ୍ଣ ରୂପେ ସାତ୍ତ୍ୱିକ ଓ ତପସ୍ୱୀ ସୁଲଭ ଥିଲା ।

Digitized by srujanika@gmail.com

ବ୍ୟାବହାରିକ ଜୀବନରେ ସେ ଯେପରି ସ୍ୱାଭିମାନୀ ଥିଲେ, ରାଜନୀତି ଜୀବନରେ ମଧ୍ୟ ସେହିପରି ସ୍ୱାଭିମାନୀ ଥିଲେ । ସେ ସୁବିଧାବାଦର ରାଜନୀତିରୁ ଦୂରରେ ଥିଲେ । ମହାତ୍ମା ଗାନ୍ଧୀଙ୍କ ବ୍ୟତୀତ ସେ ଆଉ କାହାରି ଆଗରେ ମୁଣ୍ଡନୁଆଁଇ ନାହାନ୍ତି । ସେ କେବେ କୌଣସି ଭଲ ଜିନିଷ ଖାଇବା ପାଇଁ ଇଚ୍ଛା ପ୍ରକାଶ କରି ନାହାନ୍ତି । କାମିନୀ, କାଞ୍ଚନ ଓ କାଦମ୍ବରୀଠାରୁ ସେ ବହୁ ଦୂରରେ ଥିବାରୁ ନିର୍ଭୀକ ଜୀବନ-ଯାପନ କରିବାରେ ତାଙ୍କର ଅସୁବିଧା ନଥିଲା । ସେ ସବୁବେଳେ ଜନଗହଳି ମଧ୍ୟରେ ରହିବାକୁ ଭଲ ପାଉଥିଲେ । ତାଙ୍କର ଜନ୍ମସ୍ଥାନ ଆଗରପଡ଼ା ଗୋଟିଏ ପଞ୍ଚାୟତର ହେଡ୍‌କ୍ୱାଟର । ଏଠାରେ ପଞ୍ଚାୟତ ସମିତି ପ୍ରଭୃତି କୌଣସିବ୍ଲକ ସ୍ତରୀୟ ବା ସବ୍‌ଡ଼ିଭିଜନ ସ୍ତରୀୟ ଅନୁଷ୍ଠାନ ନାହିଁ । କିନ୍ତୁ ମହତାବ୍-ଜୀଙ୍କର ଏ ଜନ୍ମ ଗ୍ରାମ ପ୍ରତି ମମତା ଅତୁଳନୀୟ ଓ ପ୍ରମାଣିତ । ଝିଆରୀ, ପୁତୁରା ଓ ପୁଅମାନଙ୍କର ବିଭାଘର ଇତ୍ୟାଦି କର୍ମ ସେ କୌଣସି ସହରରେ ନ କରାଇସେଠାରେ କରାଉଥିଲେ ଓ ନିଜେ ସେ ସବୁ କାର୍ଯ୍ୟରେ ଯୋଗ ଦେଉଥିଲେ । ଏପରି ଗ୍ରାମପ୍ରୀତି ଖୁବ୍ କମ୍ ବ୍ୟକ୍ତିଙ୍କ ଠାରେ ଦେଖିବାକୁ ମିଳେ । ନିଜ ଗ୍ରାମରେ ପହଞ୍ଚିବା ପରେ ନିଜ ଇଷ୍ଟ ଦେବତା ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କୁ ସେ ପ୍ରଥମେ ଦର୍ଶନ କରୁଥିଲେ ଓ ପରେ ଅନ୍ୟାନ୍ୟ କାର୍ଯ୍ୟରେ ମନୋନିବେଶ କରୁଥିଲେ । ତାଙ୍କର ୧୧୨ ବର୍ଷର ଘରର ମରାମତି ଓ ସେହି ସମୟରୁ ଥିବା ବନାରସୀ ବିଛଣା ଓ ଅନ୍ୟାନ୍ୟ କେତେକ ଆସବାବ ପତ୍ରକୁ ସାଇତି ରଖିବା ପ୍ରତି ବିଶେଷ ଦୃଷ୍ଟି ଥିଲା । ସେ ଏହାକୁ ଐତିହାସିକ ସ୍ମୃତି ବୋଲି ଭାବୁଥିଲେ । ଯେକୌଣସି ଘରୋଇ ଉତ୍ସବରେ ସେ ଉପସ୍ଥିତ ଥିବା ବେଳେ ପାଖ ପଡୋଶୀ ଓ ଜ୍ଞାତିମାନେ ସମୁଚିତ ଅଭ୍ୟର୍ଥନା ପାଇଲେ କି ନାହିଁ, ସେ ବିଷୟ ପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ । ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଥିଲା ବେଳେ ଆମ ଜାତିର ଯେଉଁମାନେ କଟକରେ କାମଧନ୍ଦା କରୁଥିଲେ, ସେମାନଙ୍କୁ ଥରେ ଖାଇବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ସମସ୍ତଙ୍କୁ ନିମନ୍ତ୍ରଣ କରାଗଲା । ସେତେବେଳେ ସେମାନେ ସବୁ ବିଭିନ୍ନ ଅଫିସରେ ପିଅନ ଇତ୍ୟାଦି କାର୍ଯ୍ୟ କରୁଥିଲେ । ସେ ନିଜେ ଏହି ପଙ୍ଗତରେ ଆସନ ଉପରେ ବସି ସେମାନଙ୍କସହ ଏକତ୍ର ଭୋଜନ କଲେ ଓ ଖାଇବା ସେମାନଙ୍କର ବିଭିନ୍ନ ସମସ୍ୟା ବେଳେ ଇତ୍ୟାଦି ବିଷୟରେ ଅବଗତ ହୋଇଥିଲେ । ଏପରି ମହାନୁଭବତା ଅନ୍ୟଠାରେ ବିରଳ ।

Digitized by srujanika@gmail.com

ନିର୍ବାଚନରେ ସେ ନିଜେ ପ୍ରତିଦ୍ୱନ୍ଦିତା କରିବାରେ ଲେଖକ ବହୁ ପରିମାଣରେ ଜଡ଼ିତ । ମହତାବ ନିର୍ବାଚନରେ ସୀମିତ ଅର୍ଥ ବ୍ୟୟ କରୁଥିଲେ ଓ ଲୋକମାନଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବିଶେଷ ଭାବେ ରକ୍ଷା କରୁଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତରେ ଯାଉଥିବାରୁ ନିଜ ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନକୁ ଯାଇପାରି ନ ଥିଲେ । ତେଣୁ ସେ ନିର୍ଦ୍ଦେଶ ଦେଲେ ଯେ ସେହିସବୁ ସ୍ଥାନକୁ ସୁଭଦ୍ରା ଦେବୀ ଥରେ ଯାଇ ବୁଲି ଆସନ୍ତୁ । ତାହା ମୁଁ ପାଳନ କରି ସୁଭଦ୍ରା ଦେବୀଙ୍କୁ ସାଙ୍ଗରେ ନେଇ ବୁଲାଇ ଆଣିଥିଲି । ତଦ୍ୱାରା ଆମେ ବିଶେଷ ଭାବେ ସଫଳକାମ ହୋଇଥିଲୁ । ସୁଭଦ୍ରା ଦେବୀ ନିର୍ବାଚନ ସଂକ୍ରାନ୍ତୀୟ କୌଣସି କଥାବାର୍ତ୍ତା କରି ନ ଥିଲେ । କେବଳ ଯାଇଥିଲେ । ତାଙ୍କର ଚିନ୍ତାଧାରା ଅଦ୍ଭୁତ, ତାହା ଆମ କଳ୍ପନାତୀତ ।

ଡକ୍ଟର ମହତାବ ମେଟ୍ରିକ ପରୀକ୍ଷା ଦେବା ପରେ ମାତ୍ର ୧୭ବର୍ଷ ବୟସରେ ତାଙ୍କର ଜନ୍ମଦାତା ପିତା ତାଙ୍କୁ ଏକ ପ୍ରାପ୍ତବୟସ୍କା ସୁନ୍ଦରୀ ସହ ବିବାହ କରାଇ ଦେଇଥିଲେ । ପିତାଙ୍କର ଉଦ୍ଦେଶ୍ୟ ଥିଲା ଯେ ବିବାହ ପରେ ସେ ଘରକାର୍ଯ୍ୟ ଓ ଜମିଦାରୀ କାର୍ଯ୍ୟରେ ମନୋନିବେଶ କରି ସେଠାରେ ଏକ ଜମିଦାରର ଜୀବନଯାପନ କରିବେ । କିନ୍ତୁ ମହତାବ ବୁଦ୍ଧଦେବଙ୍କ ପରି ନିଜ ସ୍ତ୍ରୀର ପ୍ରେମ ପାଶରେ ବାନ୍ଧି ନ ହୋଇ ଦେଶ କାର୍ଯ୍ୟରେ ଏକ ଭିକ୍ଷୁ ଭାବେ ବୁଲିବାକୁ ଲାଗିଲେ । ତାଙ୍କର ପାଳିତାମାତା ରାଣୀ ଧନି ବିବି ଓ ଜନ୍ମଦାତା ପିତା କୃଷ୍ଣଚରଣଙ୍କ ଆବେଦନ ଥିଲା ଯେ ମହତାବ ତାଙ୍କ ପାଳକ ପିତା ଜଗନ୍ନାଥ ମହତାବଙ୍କ ଶ୍ରାଦ୍ଧକାର୍ଯ୍ୟ ଘରେ ରହି ସମ୍ପାଦନ କରନ୍ତୁ; କିନ୍ତୁ ଦେଶ ମାତୃକାର କାର୍ଯ୍ୟ ପାଇଁ ସେ ତାହା ଦୁଃଖର ସହିତ କରି ପାରି ନ ଥିଲେ । ଏହା ଦେଶ ପ୍ରେମର ଶ୍ରେଷ୍ଠ ଉଦାହରଣ । ସେତେବେଳେ ମହତାବ ଜେଲରେ ପାଉଥିବା କଷ୍ଟ ଓ ଯାତନାକୁ ଭ୍ରୂକ୍ଷେପ ନ କରି ନିରବଚ୍ଛିନ୍ନ ଭାବେ ସ୍ୱରାଜ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

ସେ ରାଜା ଥିଲେ କିନ୍ତୁ ରାଜକୀୟ ପରିବେଶକୁ ସେ ସମ୍ପୂର୍ଣ୍ଣ ପରିତ୍ୟାଗ କରିଥିଲେ । ତାଙ୍କ ମନ ରାଜା ପରି ସ୍ୱାଭିମାନରେ ପୂର୍ଣ୍ଣ ଥିଲା । ସେ ତାଙ୍କର ଯୁକ୍ତି ଦୃଢ଼ ଭାବରେ ଉପସ୍ଥାପିତ କରୁଥିଲେ । ସଭା ସମିତିରେ ସେ ସବୁବେଳେ

Digitized by srujanika@gmail.com

ସମ୍ମୁଖ ଭଗରେ ବସୁଥିଲେ । ସେ ସର୍ବଦା ତାଙ୍କ ଚିନ୍ତାଧାରାର ପ୍ରଭାବ ଲୋକମାନଙ୍କ ଉପରେ ପକାଇ କାର୍ଯ୍ୟ କରୁଥିଲେ । କୌଣସି ଅଯୌକ୍ତିକ ମତରେ ସେ ଭସିଯାଇ ଶସ୍ତା ଲୋକପ୍ରିୟତା ହାସଲ କରିବାର ବିରୋଧୀ ଥିଲେ । ପୂର୍ବରୁ ପଡ଼ିଶା ଓ ଜ୍ଞାତିମାନେ ଦରବାରର ବଙ୍ଗଳାରେ ବସି ନାନା ପ୍ରକାର ଗଳ୍ପ କରିବା, ହୁକା ଖାଇ ଓ ମନ୍ଦିରର ପ୍ରସାଦ ଖାଇ ସମୟ ଅତିବାହିତ କରୁଥିଲେ । ମହତାବ ଏପରି ସାମନ୍ତବାଦୀ ପ୍ରଥାକୁ ଦୃଢ଼ଭବେ ବନ୍ଦ କଲେ । ଫଳରେ ସେ କେତେକଙ୍କ ସାମାଲୋଚନାର ପାତ୍ର ହେବା ସଙ୍ଗେ ସଙ୍ଗେ ଅପ୍ରିୟ ମଧ୍ୟ ହୋଇଥିଲେ । ନିଜ ସାହିପିଲାମାନଙ୍କ ପଢ଼ା ପାଇଁ ତାଙ୍କ ଶକ୍ତି ଅନୁସାରେ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ । ଏହା ଫଳରେ ସେ ସାହିର ପ୍ରାୟ ଅଧିକାଂଶ ପରିବାର ମାସିକ ପ୍ରାୟ ୧ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ।

୧୯୩୪-୩୫ ମସିହାରେ ସେ ପ୍ରତିଦିନ ସକାଳୁ ଭଦ୍ରକରୁ ସାଇକେଲରେ ଆସି ଆଗରପଡ଼ାରେ ନୂତନ ଅନୁଷ୍ଠାନ ବିଷୟ ବୁଝି ପୁଣି ଉପରବେଳା ଭଦ୍ରକ ଯାଇ ସେଠାରେ ରାଜନୀତି ବିଷୟ ବୁଝନ୍ତି । ଏକଦା ନିଖିଳ ଭରତ ହରିଜନ ସେବକ ସଂଘର ସହକାରୀ ସମ୍ପାଦକ ପ୍ରଫେସର ମାଲଖାନିଙ୍କ ସଙ୍ଗରେ ସେ ନନ୍ଦକିଶୋର ଦାସ, କରୁଣାକର ପାଣିଗ୍ରାହୀ ପ୍ରମୁଖ ଆଗରପଡା ଆସିଲବେଳେ ମାଲଖାନିଙ୍କ ୧୦ ମନିଟ୍ ପୂର୍ବରୁ ମହତାବ ଆଗରପଡାରେ ପହଞ୍ଚି ଯାଇଥିଲେ ଓ ୨୦ ମିନିଟ୍ ପରେ ଅନ୍ୟମାନେ ପହଞ୍ଚି ଥିଲେ । ମାଲ୍‌ଖାନି ମହତାବଙ୍କ ସାଇକେଲ ଚାଳନାକୁ ଲକ୍ଷ୍ୟକରି କହିଥିଲେ "ଆମ ପ୍ରଦେଶରେ ଯେ କୌଣସି ଯୁବକଙ୍କ ଠାରୁ ତୁମେ ଦ୍ରୁତଗତିରେ ସାଇକେଲ ଚଳାଉଛ ।"

ଆଗରପଡାରେ ବାଳିକା ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ ପାଇଁ ସେ ଜାଗା ଓ ଅର୍ଥ ସାହାଯ୍ୟ କରିଥିଲେ । ପରେ ଏହା ସରକାରୀ ବାଳିକା ହାଇସ୍କୁଲରେ ପରିଣତ ହୋଇଛି । ଆଗରପଡ଼ାରେ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ପାଇଁ ୫ ଏକର ଜମି ଅନ୍ୟମାନଙ୍କଠାରୁ ଖରିଦ କରି ଯୋଗାଇ ଦେଇଥିଲେ । ସ୍ଥାନୀୟ ଚିକିତ୍ସାଳୟ ପାଇଁ ଓ ଉଚ୍ଚ ଇଂରାଜୀ ବାଳକ ବିଦ୍ୟାଳୟ ପାଇଁ ମଧ୍ୟ ଜାଗା ଯୋଗାଇଦେବା ସଙ୍ଗେ ସଙ୍ଗେ ଗୃହନିର୍ମାଣ ପାଇଁ ଅର୍ଥ ସାହାଯ୍ୟ କରିଛନ୍ତି । ଏ ଦୁଇଟି ଅନୁଷ୍ଠାନ ବର୍ତ୍ତମାନ ସମ୍ପୂର୍ଣ୍ଣ ସରକାରଙ୍କ ଦ୍ୱାରା ପରିଚାଳିତ । ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟଟି ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ ସାହାଯ୍ୟରେ ଗଢ଼ା ।

Digitized by srujanika@gmail.com

ଆଗରପଡାରେ ପୂର୍ବରୁ ଗୋଟିଏ ଛୋଟ-ହାଟ ସପ୍ତାହରେ ଦୁଇଥର ବସୁଥିଲା ଓ ଗୋଟିଏ ଛୋଟ ତେଜରତି ଦୋକାନ ଥିଲା । ସେ ତାଙ୍କ ପିତାଙ୍କ ବିରୋଧ ସତ୍ତ୍ୱେ ଏକ ବଡ ଧରଣର ହାଟ ବସାଇବା ସଙ୍ଗେ ସଙ୍ଗେ ଭଦ୍ରକରୁ ବଡ ବଡ଼ ବ୍ୟବସାୟୀମାନଙ୍କୁ ଆଣି ଓ ଜାଗା ଯୋଗାଇ ଦେଇ କେତୋଟି ବଡ଼ ଦୋକାନ ବସାଇଥିଲେ । ଫଳରେ ଆଜି ଆଗରପଡା ଏକ ମଧ୍ୟମଧରଣର ସହରପରି ଲାଗୁଛି । ଏଥିରୁ ତାଙ୍କର ଗାଁ ପ୍ରତି ମମତା ଓ ଦୂରଦର୍ଶିତାର ପ୍ରମାଣ ମିଳେ । ବମ୍ବେରେ ରାଜ୍ୟପାଳ ଥିବାବେଳେ ସେ ଥରେ ଆଗରପଡା ଆସିଥିଲେ । ତାଙ୍କ ସହିତ ଆସିଥିବା ସମସ୍ତ କର୍ମଚାରୀଙ୍କୁ ବସ୍ ଯୋଗେ ଆଗରପଡ଼ା ଅଣାଯାଇଥିଲା । ଆଗରପଡ଼ାରୁ ବିଦାୟ ନେବାବେଳେ ସମସ୍ତଙ୍କୁ ଧୋତି ଓ ଥାନ କିଣି ଉପହାର ସ୍ୱରୂପ ଦେଇଥିଲେ । ଏଥିରେ ସେମାନେ ଅତ୍ୟନ୍ତ ମୁଗ୍ଧ ଓ ପ୍ରୀତ ହୋଇ ଥିଲେ । କାରଣ ଏହା ଥିଲା ସେମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସ୍ନେହର ପ୍ରତୀକ ।

ମହତାବ୍ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କ ସହ ଆଗରପଡା ଆସିଥିଲେ ଏବଂ ସ୍ଥାନୀୟ ହାଇସ୍କୁଲ୍, ଡ଼ାକ୍ତରଖାନା, କ୍ଲବ, ମହାଦେବ ମନ୍ଦିର ନିର୍ମାଣ ଲାଗି ଓ ଦରିଦ୍ର ଛାତ୍ରଛାତ୍ରୀମାନଙ୍କୁ ଅର୍ଥଦାନ କରିଥିଲେ । ଏହା ଫଳରେ ସେ ଅଞ୍ଚଳରେ ଏକ ଆନନ୍ଦର ଲହରୀ ଖେଳି ଯାଇଥିଲା ।

ସେ ରାଜନୈତିକ କାର୍ଯ୍ୟରେ ବ୍ୟସ୍ତ ଥିଲେ ସୁଦ୍ଧା ଆଗରପଡା ପ୍ରତି ତାଙ୍କର ଦୃଷ୍ଟି ସବୁବେଳେ ରହିଥିଲା । ତାଙ୍କର ଜନ୍ମ ଆଗରପଡାରେ । ତାଙ୍କର ଅନ୍ନୁଡ଼ି ପାଉଁଶ ଏହି ମାଟିରେ ପଡ଼ିଛି ଏବଂ ତାଙ୍କର ଚିତାଭସ୍ମ ମଧ୍ୟ ଏହି ଗାଁରେ ପଡ଼ିଛି । ଏଭଳି ଯୋଗଜନ୍ମା ଏ ଗାଁରେ ଜନ୍ମ ନେଇଥିବାରୁ ଆଜି ଏ ଅଞ୍ଚଳ ଗୌରବାନ୍ୱିତ । ତାଙ୍କର ଶବଦାହ ସମୟରେ ଓଡ଼ିଶାର ଅଗଣିତ ଜନତାଙ୍କ ସହ ଆଗରପଡାର ଆଖପାଖ ୪୦ ଖଣ୍ଡ ଗ୍ରାମର ଆବାଳବୃଦ୍ଧବନିତା ଶୋକାକୁଳ ହୋଇ ନିଜର ରାଜାଙ୍କୁ ଶେଷ ଦର୍ଶନ କରିଥିଲେ । ସେ ଆଜି ଇହ ଜଗତରେ ନାହାନ୍ତି ସତ, କିନ୍ତୁ ଆଗରପଡ଼ାବାସୀ ତାଙ୍କର ଆଶୀର୍ବାଦ କାମନା କରି ତାଙ୍କୁ ଝୁରି ହେଉଛନ୍ତି ।

— 0 —

Digitized by srujanika@gmail.com

।। ଐତିହାସିକ ଭୂମିକାରେ
ଡକ୍ଟର ମହତାବ ।।

* ଡକ୍ଟର ଜଗନ୍ନାଥ ପଟ୍ଟନାୟକ

ଓଡ଼ିଶାର ଗୌରବ ଗାରିମାମୟ ଇତିହାସରେ ଡକ୍‌ଟର ହରେକୃଷ୍ଣ ମହତାବ ଥିଲେ ଜଣେ ଅସାଧାରଣ ପ୍ରତିଭା । ବାସ୍ତବପକ୍ଷେ ଏକାଧାରରେ ଜଣେ ପ୍ରବୀଣ ରାଜନୀତିଜ୍ଞ, ଲବ୍‌ଧ ପ୍ରତିଷ୍ଠ ପ୍ରଶାସକ, ସୁସାହିତ୍ୟିକ ଓ ପ୍ରଖ୍ୟାତ ଐତିହାସିକ ଭାବେ ସେ ଇତିହାସ ପୃଷ୍ଠାକୁ ମଣ୍ଡନ କରିଛନ୍ତି । ବିଶେଷତଃ ଓଡ଼ିଶାର ଇତିହାସ ପ୍ରଣୟନ ଦିଗରେ ତାଙ୍କର ମହାର୍ଘ୍ୟ ଅବଦାନ ପାଇଁ ସେ ଚିର ଯଶସ୍ୱୀ ହୋଇ ରହିଥିବେ । ତାଙ୍କର ଐତିହାସିକ କୃତି ଉପରେ ସମ୍ୟକ ଆଲୋକପାତ କରିବା ପାଇଁ ଉକ୍ତ ନିବନ୍ଧର ଅବତାରଣା ।

"ଇତିହାସ ପ୍ରତି ମୋର ସେପରି ଆଗ୍ରହ ଛାତ୍ରାବସ୍ଥାରୁ ନ ଥିଲା ଏବଂ ଓଡ଼ିଶା ଇତିହାସ ସମ୍ବନ୍ଧରେ ମୋର ସ୍ପଷ୍ଟ ଧାରଣା ବି ନ ଥିଲା–" ଏହା ଡକ୍‌ଟର ମହତାବ ସ୍ୱୀକାର କରିଛନ୍ତି, ତାଙ୍କ ଦ୍ୱାରା ପ୍ରଣୀତ 'ଓଡ଼ିଶା ଇତିହାସ' ପୁସ୍ତକର ମୁଖବନ୍ଧରେ । ମାତ୍ର ନିଜର ସାଧନା ଓ ଅଧ୍ୟବସାୟ ଦ୍ୱାରା ସେ ଓଡ଼ିଶା ତଥା

Digitized by srujanika@gmail.com

ଭାରତର ଇତିହାସ ସମ୍ପର୍କରେ କେତେଗୁଡ଼ିଏ ତଥ୍ୟ ସମ୍ବଳିତ ପ୍ରାମାଣିକ ଗ୍ରନ୍ଥ ପ୍ରଣୟନ କରି ଇତିହାସକୁ ଗୂର୍ଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ଭାରତ ବର୍ଷରେ ଜଣେ କୃତୀ ଐତିହାସିକଙ୍କର ସ୍ଥାନ ଲାଭ କରି ପାରିଛନ୍ତି । ଉକ୍ତ ସାଧନା ସେ ତାଙ୍କ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରଖି ପାରିଥିଲେ । ଏହି ସାଧନା ସମ୍ପର୍କରେ ତାଙ୍କ ଦ୍ୱାରା ପ୍ରଣୀତ 'ସାଧନାର ପଥେ' ପୁସ୍ତକର ମୁଖବନ୍ଧରେ ସେ ଲେଖିଛନ୍ତି, "ପ୍ରତ୍ୟେକ ଜୀବନ ବାସ୍ତବିକ ତା' ପକ୍ଷରେ ଏକ ବିରାଟ ସାଧନା ମୁଁ ନିଜକୁ ବୟସ୍କ ବୋଲି କେବେ ମନେ କରି ନାହିଁ । ବାସ୍ତବିକ ମୁଁ ବୟସ୍କ ନୁହେଁ । ନିଜ ବିଚାରରେ ନିଜେ ଦୃଢ଼ ରହି ସଂସାର ଭିତରେ ଠେଲି ପେଲି ଚାଲିବା ମୋର ସ୍ୱଭାବ ହୋଇଗଲାଣି ।" କେବଳ ମାତ୍ର ଲେଖିବା ଛଳରେ ସେ ଯେ ଏହା ଲେଖିଥିଲେ, ତା ନୁହେଁ । ତା'ର ବାସ୍ତବ ରୂପାୟନ ସେ ଦେଇ-ଥିଲେ ନିଜ ଜୀବନରେ । ତାଙ୍କ ଅନ୍ତିମ ଶୟନର ମାତ୍ର କେତୋଟି ଦିନ ପୂର୍ବରୁ ପ୍ରକାଶିତ ଇଂରାଜୀ ପୁସ୍ତକ "While serving my nation – Recollections of a congressman" ତାଙ୍କ ସାଧନାର ଏକ ପ୍ରକୃଷ୍ଟ ଉଦାହରଣ । ନିଜର ସାଧନା ବଳରେ ସେ ଯେଉଁ କେତୋଟି ଇତିହାସ ପୁସ୍ତକ ପ୍ରଣୟନ କରିଛନ୍ତି, ତନ୍ମଧ୍ୟରୁ ଓଡ଼ିଆରେ ଲିଖିତ 'ଦଶ ବର୍ଷର ଓଡ଼ିଶା', 'ଗାନ୍ଧିଜୀ ଓ ଓଡ଼ିଶା', 'ସାଧନାର ପଥେ' 'ଓଡ଼ିଶା ଇତିହାସ' ଓ ଇଂରାଜୀରେ ଲିଖିତ 'Orissa History' ଦୁଇ ଖଣ୍ଡ 'Beginning of the End', 'History of Freedom Movement in Orissa' ୫ ଖଣ୍ଡ 'States Enquiry Committee', 'While serving my Nation' ଓ 'ଆରବ ସାଗରରୁ ଚିଲିକା' ଗୁଡ଼ିକ ପ୍ରଧାନ । ଉକ୍ତ ପୁସ୍ତକ-ଗୁଡ଼ିକ ସମ୍ପର୍କରେ ଏକ ସଂକ୍ଷିପ୍ତ ସୂଚନା କାଳକ୍ରମ ଅନୁଯାୟୀ ନିମ୍ନରେ ପ୍ରଦତ୍ତ ହୋଇଛି ।

ଅବଶ୍ୟ ଓଡ଼ିଶା ତଥା ଭାରତ ବର୍ଷର ଇତିହାସ ପ୍ରଣୟନ କରିବା ଦିଗରେ ଡକ୍‌ଟର ମହତାବଙ୍କୁ ଗୋଟିଏ ଅଭ୍ୟାସ ସାହାଯ୍ୟ କରିଥିବାର ଜଣା-ଯାଏ । ତାହା ଥିଲା ଦୈନନ୍ଦିନ ବିବରଣୀ ଲିପିବଦ୍ଧ କରି ରଖିବା । ଏ ଦିଗରେ ସେ ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଥିଲେ ବୋଲି 'ସାଧନାର ପଥେ'

Digitized by srujanika@gmail.com

ପୁସ୍ତକର ମୁଖବନ୍ଧରେ ସୂଚୀତ ହୋଇଛି । ସେ ଲେଖିଛନ୍ତି "ଦୈନନ୍ଦିନ ବିବରଣୀ ଲେଖି ରଖିବା ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଏକ ଆଶ୍ରମ ନିୟମ । ତଦ୍ୱାର ନିଜକୁ ନିଜେ ଜାଣିବାରେ ସାହାଯ୍ୟ ମିଳେ । ଅଭ୍ୟାସ ବଶତଃ ମୁଁ ଦୈନନ୍ଦିନ ବିବରଣୀ ଲେଖି ଆସୁଛି ।"

ଉପରୋକ୍ତ ଦୈନନ୍ଦିନ ବିବରଣୀ ଉପରେ ଆଧାରିତ ପୁସ୍ତକ ହେଉଛି ୧୯୩୫ ମସିହାରେ ପ୍ରକାଶିତ । 'ଦଶ ବର୍ଷର ଓଡ଼ିଶା' ଏବଂ ଏହାହିଁ ହେଉଛି ଇତିହାସ ଉପରେ ପ୍ରଣୀତ ତାଙ୍କର ପ୍ରଥମ ପୁସ୍ତକ । ସେ ୧୯୩୦ ମସିହାରେ ଜେଲରେ ଥିବା ସମୟରେ ଉକ୍ତ ପୁସ୍ତକରେ ରଚନା ଆରମ୍ଭ କରି ୧୯୩୧ ମସିହାରେ ସମାପ୍ତ କରିଥିଲେ । ଏହା ଓଡ଼ିଶାରେ ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନ ଠାରୁ ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ଘଟଣାବଳୀ ଉପରେ ଏକ ପ୍ରାମାଣିକ ଗ୍ରନ୍ଥ । -ଏହା ପ୍ରକାଶ ପାଇବା ପରେ ପରେ ତତ୍କାଳୀନ ବ୍ରିଟିଶ ସରକାର ଏହାକୁ ବାଜ୍ୟାପ୍ତି କରି ଦେଇଥିଲେ । ମାତ୍ର ପୁସ୍ତକଟିର ଜନପ୍ରିୟତା ପାଇଁ ୧୯୩୬ ମସିହାରେ ଉକ୍ତ ଆଦେଶ ପ୍ରତ୍ୟାହାର କରି ନିଆଯାଇଥିଲା ।

ଡକ୍ଟର ମହତାବଙ୍କର ଦ୍ୱିତୀୟ ପୁସ୍ତକ ସଙ୍କଳନ ହେଉଛି ଇଂରାଜୀରେ 'Orissa State Enquriy Committee Report' ଏବଂ ଏହା ପ୍ରକାଶିତ ହୋଇଥିଲା ୧୯୩୯ ମସିହାର ଜୁଲାଇ ମାସରେ । ସେତେବେଳେ ସେ ଥାଆନ୍ତି ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ । ଓଡ଼ିଶା ଖ୍ରୀଷ୍ଟୀୟ ଶିକ୍ଷାପରିଷଦ ତଥା ଉତ୍କଳ ୟୁନିୟନ କନଫରେନ୍ସର ଭୂତପୂର୍ବ ସମ୍ପାଦକ ଲାଲ୍‌ମୋହନ ପଟ୍ଟନାୟକ ଓ ଲୋକସେବକ ମଣ୍ଡଳୀର ସଦସ୍ୟ ବଳବନ୍ତ ରାୟ ମେହେଟା ଓ ମହତାବଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଓଡ଼ିଶାର ଗଡ଼ଜାତ ରାଜ୍ୟସମୂହର ବିଭିନ୍ନ ସମସ୍ୟା ଓ ଶାସନ ପଦ୍ଧତି ଉପରେ ଅନୁସନ୍ଧାନ କରି ତାର ସମାଧାନ ଦିଗରେ କେତୋଟି ପଦକ୍ଷେପ ସୁପାରିଶ କରିବା ଥିଲା ଏହାର ଆଭିମୁଖ୍ୟ । ସେମାନେ ଓଡ଼ିଶାର ଗଡ଼ଜାତରେ ବୁଲି ଉଭୟ ପ୍ରଶାସକ ଓ ପ୍ରଜାଙ୍କଠାରୁ ବହୁବିଧ ସମସ୍ୟା ଉପରେ ସାକ୍ଷ୍ୟ ଗ୍ରହଣ

Digitized by srujanika@gmail.com

କରି ଏକ ତଥ୍ୟ ସମ୍ବଳିତ ରିପୋର୍ଟ ପୁସ୍ତକ ଆକାରରେ ଲିପିବଦ୍ଧ କରିଛନ୍ତି । ଏହା ଗବେଷକମାନଙ୍କ ପାଇଁ ଏକ ଉଲ୍ଲେଖନୀୟ ସହାୟକ ଗ୍ରନ୍ଥ ହୋଇ ରହିଛି । ଗଡ଼ଜାତ ରାଜ୍ୟ ସମ୍ପର୍କରେ ଗବେଷଣା ମୂଳକ ସନ୍ଦର୍ଭ ଲେଖିବା ସମୟରେ ଏହା ଯେ ମୋତେ ପ୍ରଭୂତ ଭାବରେ ସାହାଯ୍ୟ କରିଛି, ଏଥିରେ ସନ୍ଦେହ ନାହିଁ ।

ଐତିହାସିକ ଭାବେ ଡକ୍ଟର ମହତାବଙ୍କର ସର୍ବୋତ୍କୃଷ୍ଟ ଅବଦାନ ହେଉଛି ଓଡ଼ିଆରେ ପ୍ରଣୀତ 'ଓଡ଼ିଶା ଇତିହାସ' । ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଏ ୧୯୪୮ ମସିହାରେ । ମାତ୍ର ଏହାର ଲେଖା ସେ ଆରମ୍ଭ କରିଥିଲେ ୧୯୪୨ ମସିହାରେ । ସେତେବେଳେ ସେ ଅହମ୍ମଦ ନଗର ଦୁର୍ଗ ବା ମୋଗଲ ସମୟର ପ୍ରସିଦ୍ଧ ଗ୍ରହବିବି କିଲ୍ଲାରେ ବନ୍ଦୀର ଜୀବନ ଯାପନ କରୁଥାଆନ୍ତି । ଉକ୍ତ ପୁସ୍ତକ ପ୍ରଣୟନ କରିବା ମୂଳରେ ଦିନକର ଘଟଣା ତାଙ୍କୁ ପ୍ରୋତ୍ସାହିତ କରିଥିଲା । ସେତେବେଳେ ତାଙ୍କ ସହିତ ଜବାହରଲାଲ ନେହେରୁ ଥାଆନ୍ତି ଅନ୍ୟତମ ବନ୍ଦୀ । ଦିନେ ସେ ମହତାବବାବୁଙ୍କ କୋଠରୀକୁ ଏଡ଼ୱାର୍ଡ଼ ଥମ୍ପସନଙ୍କ ଦ୍ୱାରା ଲିଖିତ 'The making of Indian Princes'ର ୬୨ ପୃଷ୍ଠା ଖୋଲି ସେଥିରେ ଉଲ୍ଲିଖିତ କେତୋଟି ଧାଡ଼ି ତାଙ୍କୁ ପଢାଇ ଶୁଣାଇଥିଲେ । ସେଥିରେ ଲେଖାଥିଲା "ଦୁର୍ନାମରେ ପ୍ରସିଦ୍ଧ ଜଗନ୍ନାଥ ତୀର୍ଥ, ଯେଉଁଠାରେ ଅଛି ଏକ କୁତ୍ସିତ ମନ୍ଦିର, ସେଠାରେ କିମ୍ଭୂତ କିମାକାର ଲୋକେ କୁତ୍ସିତତାକୁ ଈଶ୍ୱରଙ୍କର ଗୁଣ ବୋଲି ମନେ କରି ପୂଜା କରନ୍ତି ଓ ବ୍ରାହ୍ମଣଧର୍ମ ପୂର୍ଣ ଏ ପୂଜାକୁ ଆଧୁନିକ ଜଗତର ଅନ୍ୟ ଧର୍ମଠାରୁ ବଡ ବୋଲି ଗର୍ବ କରେ ।" ଏହା ପାଠକରି ମହତାବବାବୁ ବ୍ୟଥିତ ହୋଇ ପଡ଼ିଥିଲେ । ଠିକ୍ ପରେ ପରେ ସେ ଆରମ୍ଭ କରିଥିଲେ 'Story of Jagannath' ବା 'ଜଗନ୍ନାଥଙ୍କର ଇତିହାସ' ଉପରେ ଗୋଟିଏ ସନ୍ଦର୍ଭ । ଉକ୍ତ ସନ୍ଦର୍ଭଟି ସେତେବେଳେ ଏତେ ଆଦର ଲାଭ କରିଥିଲା ଯେ, ସେଥିରେ ଅନୁପ୍ରାଣୀତ ହୋଇ ସେ 'ଓଡ଼ିଶା ଇତିହାସ' ପୁସ୍ତକ ପ୍ରଣୟନ କରିଥିଲେ । ସେ ପର୍ଯ୍ୟନ୍ତ ଧାରାବାହିକ ଭାବେ ଓଡ଼ିଶା ଇତିହାସ ଉପରେ ଇଂରାଜୀରେ ଏକମାତ୍ର ପୁସ୍ତକ ପ୍ରକାଶିତ ହୋଇଥିଲା ରାଖାଲ ଦାସ ବାନାର୍ଜିଙ୍କର ଓଡ଼ିଶା ଇତିହାସ । ସେ ଦୃଷ୍ଟିରୁ ଡକ୍ଟର ମହତାବ ଓଡ଼ିଆରେ 'ଓଡ଼ିଶା ଇତିହାସ' ପୁସ୍ତକ ପ୍ରଣୟନ କରି କାଳକାଳକୁ ଓଡ଼ିଆ ଜାତିର ନମସ୍ୟ ହୋଇ ରହିଛନ୍ତି । ଉକ୍ତ ପୁସ୍ତକ ସେ

Digitized by srujanika@gmail.com

ଦୁଇଟି ଭାଗରେ ବିଭକ୍ତ କରି ପ୍ରଥମ ଭାଗରେ ଓଡ଼ିଶାର ଉତ୍ପତ୍ତି ଠାରୁ ମୋଗଲ ଶାସନର ଶେଷ ପର୍ଯ୍ୟନ୍ତ ଓ ଦ୍ୱିତୀୟ ଭାଗରେ ମରହଟ୍ଟା ଶାସନଠାରୁ ପରବର୍ତ୍ତୀ ଘଟଣା ଗୁଡ଼ିକ ଲେଖିଥିଲେ ।

ଡକ୍ଟର ମହତାବଙ୍କର ପରବର୍ତ୍ତୀ ପୁସ୍ତକ 'Beginning of the End' ଅନ୍ୟ ଏକ ଅନବଦ୍ୟ କୃତି । ଏହା ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୪୯ରେ । ଭାରତର ଦେଶୀୟ ରାଜ୍ୟ ମିଶଣର ଅବ୍ୟବହିତ ପୂର୍ବରୁ ସଂଘଟିତ ଘଟଣାବଳୀର ଏକ ଐତିହାସିକ ବିବରଣୀ ଏଥିରେ ସନ୍ନିବେଶିତ । ପୁସ୍ତକଟିରେ ପ୍ରଦତ୍ତ ଘଟଣାବଳୀର ଐତିହାସିକ ବର୍ଣ୍ଣନା ପରିପାଟିରେ ମୁଗ୍ଧ ହୋଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱକୁ ପ୍ରଶଂସା କରି ଲେଖିଛନ୍ତି, "ସେ (ମହତାବବାବୁ) ଓଡ଼ିଶାକୁ ଖୁବ୍ ଭଲ ପାଆନ୍ତି । ତେଣୁ ସେ ଜଣେ ପ୍ରକୃତ ଦେଶପ୍ରେମୀ । କିନ୍ତୁ ସେ ଭାରତକୁ ଅଧିକ ଭଲ ପାଆନ୍ତି । ଜଣେ ବାସ୍ତବ ରାଜନୀତିଜ୍ଞ ଏବଂ ଆଜନ୍ମ ଦିଗ୍‌ଦର୍ଶକ ଭାବେ ସେ ନାମଟିଏ ସୃଷ୍ଟି କରି ଯାଇଛନ୍ତି ଯାହାକି ଓଡ଼ିଶା ଇତିହାସରେ ବଞ୍ଚି ରହିବ ।"

ଡକ୍ଟର ମହତାବଙ୍କର ଇତିହାସ ପୁସ୍ତକ ପ୍ରଣୟନ ଦିଗରେ ଅନ୍ୟ ଏକ ସଫଳକୃତି ହେଉଛି ୧୯୬୦ ମସିହାରେ ପ୍ରକାଶିତ 'ସାଧନାର ପଥେ' । ଏହା ତାଙ୍କ ଜନ୍ମ ୧୮୯୯ ଠାରୁ ୧୯୫୦ର ଗଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ ଏକ ପ୍ରକାରର ଆତ୍ମଜୀବନୀ ହୋଇଥିଲେ ମଧ୍ୟ ମୁଖ୍ୟତଃ ଏଥିରେ ଓଡ଼ିଶା ତଥା ଭାରତବର୍ଷର ୬୦ ବର୍ଷର ଇତିହାସ ବର୍ଣ୍ଣନା କରାଯାଇଛି । ଉକ୍ତ ପୁସ୍ତକଟି ବହୁ ଗୁରୁତ୍ୱପୂର୍ଣ୍ଣ ଚିଠିରେ ପରିପୂର୍ଣ୍ଣ । ସେଥିରୁ ମହତାବ ବାବୁଙ୍କର ଉଲ୍ଲେଖନୀୟ କୃତିତ୍ୱ ସମ୍ବନ୍ଧରେ ବହୁ କଥା ଜାଣିବାକୁ ମିଳିଥାଏ । ତନ୍ମଧ୍ୟରୁ ଦୁଇଟି ଚିଠି ଏଠାରେ ଉଦ୍ଧାର କରାଯାଇ ପାରେ । ମହତାବ ବାବୁ ଓଡ଼ିଶାର ପ୍ରଧାନମନ୍ତ୍ରୀ [Prime minister] ଥିବା ସମୟରେ ସି. ରାଜଗୋପାଳାଚାରୀ ୧୪।୩।୪୮ ତାରିଖରେ ତାଙ୍କ ନିକଟକୁ ଗୋଟିଏ ଚିଠି ଲେଖି ସେଥିରେ ତାଙ୍କୁ ଅଭିନନ୍ଦନ ଜଣାଇ ଲେଖିଥିଲେ, "ଆପଣ କି ଯାଦୁବିଦ୍ୟା କରିଛନ୍ତି କି ? ଆପଣଙ୍କ ସହକର୍ମୀ ଓ କାଟଜୁଙ୍କୁ ଲର୍ଡ ମାଉଣ୍ଟବେଟେନ ଏତେ ଉଚ୍ଛ୍ୱସିତ ପ୍ରଶଂସା କରୁଛନ୍ତି । ସେ

Digitized by srujanika@gmail.com

ଭାବୁଛନ୍ତି ଯେ ଆପଣଙ୍କର ମନ୍ତ୍ରୀମଣ୍ଡଳ ପୃଥିବୀରେ ସର୍ବଶ୍ରେଷ୍ଠ ।" ସେହିପରି ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ୧୯୪୯ ମସିହା ଜାନୁୟାରୀ ୧୦ ତାରିଖରେ ମହତାବ ବାବୁଙ୍କୁ ଲେଖିଛନ୍ତି "ମୁଁ ଜାଣି ଖୁବ୍ ଆନନ୍ଦିତ ଯେ ଓଡ଼ିଶା ଆପଣଙ୍କ ଦକ୍ଷ ନେତୃତ୍ୱରେ ଖୁବ୍ ଉନ୍ନତି କରି ଚାଲିଛି ।"

ଡ଼କ୍ଟର ମହତାବଙ୍କର ଅନ୍ୟ ଏକ ମହାର୍ଘ୍ୟ ଅବଦାନ ହେଉଛି ତାଙ୍କ ସଂକଳନରେ ଇଂରେଜୀରେ ୫ଟି ଖଣ୍ଡରେ ପ୍ରକାଶିତ ଓଡ଼ିଶାର ମୁକ୍ତି ଆନ୍ଦୋଳନର ଇତିହାସ (History of the freedom Movement in Orissa) । ଓଡ଼ିଶାରେ ମୁକ୍ତି ଆନ୍ଦୋଳନର ସଂକଳନ ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିର ସେ ଥିଲେ ସଭାପତି । ତନ୍ମଧ୍ୟରୁ ପ୍ରଥମ ୪ ଖଣ୍ଡ ୧୯୫୭ରେ ଓ ୫ମ ଖଣ୍ଡଟି ୧୯୫୯ରେ ପ୍ରକାଶ ପାଇଥିଲା । ପ୍ରଥମ ଖଣ୍ଡରେ ୧୭୫୭ରୁ ୧୮୫୭ ପର୍ଯ୍ୟନ୍ତ, ଦ୍ୱିତୀୟ ଖଣ୍ଡରେ ୧୮୫୭ରୁ ୧୯୧୧ ପର୍ଯ୍ୟନ୍ତ, ତୃତୀୟ ଖଣ୍ଡରେ ୧୯୧୧ରୁ ୧୯୩୦ ପର୍ଯ୍ୟନ୍ତ, ୪ର୍ଥ ଖଣ୍ଡରେ ୧୯୩୦ରୁ ୧୯୪୭ ପର୍ଯ୍ୟନ୍ତ ଓ ପଞ୍ଚମ ଖଣ୍ଡରେ ସେହି ୧୯୩୦ରୁ ୧୯୪୭ ପର୍ଯ୍ୟନ୍ତ ପରେ ପ୍ରାପ୍ତ ବହୁ ନୂତନ ତଥ୍ୟ ପ୍ରଦତ୍ତ ହୋଇଛି । ପୁସ୍ତକଗୁଡ଼ିକ ମୁକ୍ତି ଆନ୍ଦୋଳନ ନାମରେ ନାମିତ ହୋଇଥିଲେ ମଧ୍ୟ ଏଥିରେ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସ୍ୱାଧୀନ ହିନ୍ଦୁ ସମାଜର ଅବସାନ ଠାରୁ ଭାରତର ସ୍ୱାଧୀନତା ଲାଭ ପର୍ଯ୍ୟନ୍ତ ଓଡ଼ିଶା ଇତିହାସର ଗବେଷଣାମୂଳକ ତଥ୍ୟାବଳୀ ଆଲୋଚିତ ହୋଇଛି । ଏଗୁଡ଼ିକ ଗବେଷକଙ୍କ ପାଇଁ ଏକ ପ୍ରାମାଣିକ ସହାୟକ ଗ୍ରନ୍ଥ । ଇଂରେଜମାନଙ୍କ ଦ୍ୱାରା ଲିଖିତ ଚିଠିଗୁଡ଼ିକ ଖୋଜି ସେ ଗୁଡ଼ିକୁ ଯଥା ସ୍ଥାନରେ ପ୍ରୟୋଗ କରିବା ବେଶ କଷ୍ଟସାଧ୍ୟ । ତା'ର ମୁଁ ନିଜେ ଜଣେ ପ୍ରତ୍ୟକ୍ଷ ଅନୁଭବୀ । ସେ ଦୃଷ୍ଟିରୁ ଡକ୍ଟର ମହତାବ ଅଭିନନ୍ଦନୀୟ ।

ଇଂରେଜୀରେ ଲିଖିତ ଓଡ଼ିଶା ଇତିହାସର ଦୁଇଟି ଖଣ୍ଡ ଡ଼କ୍ଟର ମହତାବଙ୍କର ଐତିହାସିକ ପ୍ରତିଭାର ଅନ୍ୟ ଦୁଇଟି ଫଳକ । ପ୍ରଥମ ଖଣ୍ଡରେ ଓଡ଼ିଶା ପ୍ରଦେଶର ଉତ୍ପତ୍ତି ଠାରୁ ୧୫୬୮ରେ ସୂର୍ଯ୍ୟବଂଶୀ ଗଜପତିଙ୍କର ପତନ ପର୍ଯ୍ୟନ୍ତ ଓ ଦ୍ୱିତୀୟ ଖଣ୍ଡରେ ଓଡ଼ିଶାରେ ଆଫଗାନ ରାଜତ୍ୱ ଠାରୁ ୧୯୬୦ ପର୍ଯ୍ୟନ୍ତ

Digitized by srujanika@gmail.com

ଘଟଣାବଳୀ ପ୍ରଦାନ କରଯାଇଛି । ପ୍ରଜାତନ୍ତ୍ର ପ୍ରଗ୍ରର ସମିତି ଦ୍ୱାଗ ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ ଯଥାକ୍ରମେ ୧୯୫୯ ଓ ୧୯୬୦ରେ ପ୍ରକାଶିତ ହୋଇଥିଲ । ତଥ୍ୟଗୁଡ଼ିକ ମୁଖ୍ୟତଃ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଡକ୍‌ଟର ରାଧାକୁମୁଦ ମୁଖାର୍ଜୀ ବକ୍ତୃତାମାଳା ଉପଲକ୍ଷେ ଡକ୍‌ଟର ମହତାବଙ୍କ ଦ୍ୱାଗ ପ୍ରଦତ୍ତ ୩ଟି ବକ୍ତୃତା ଉପରେ ଆଧାରିତ । ସେଗୁଡ଼ିକ ୧୯୪୯ରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଦ୍ୱାଗ ପ୍ରକାଶିତ ହୋଇଥିଲ । ପୁସ୍ତକଟିର ଉପାଦେୟତା ଉପରେ ମନ୍ତବ୍ୟ ଦେଇ ଡକ୍ଟର ରାଧାମୁକୁନ୍ଦ ମୁଖାର୍ଜୀ ଲେଖିଛନ୍ତି, "ଓଡ଼ିଶା ଇତିହାସ ଉପରେ ଏହି ଲେଖାଟି ମୋଟ ଉପରେ ଯେକୌଣସି ପାରମ୍ପାରିକ ଗ୍ରନ୍ଥ ସହିତ ସମକକ୍ଷ ହୋଇ ପାରିବ । ଏଥିରେ ବହୁ ଶୂନ୍ୟସ୍ଥାନ ପୂରଣ କରିବା ପୂର୍ବକ ରହସ୍ୟାବୃତ୍ତ ଘଟଣା ଉପରେ ଆଲୋକପାତ କରାଯାଇ ଥିବାରୁ ଉକ୍ତ ପୁସ୍ତକ ସମଗ୍ର ଭରତର ଇତିହାସ ପାଇଁ ଏକ ମୌଳିକ ଅବଦାନ ହୋଇ ରହିବ ।"

ଡ଼କ୍‌ଟର ମହତାବଙ୍କର ଇତିହାସ ଉପରେ ଅନ୍ୟ ଏକ ଉପାଦେୟ ପୁସ୍ତକ ହେଉଛି ୧୯୬୧ ରେ ପ୍ରକାଶିତ 'ଗାନ୍ଧିଜୀ ଓ ଓଡ଼ିଶା' । ସେ ଓଡ଼ିଶା ରାଜ୍ୟ ଗାନ୍ଧୀ ଜନ୍ମ ଶତବାର୍ଷିକୀ କମିଟିର ସଭାପତି ଥିବାବେଳେ ଏହାକୁ ଲେଖିଥିଲେ । ଏହା ମୁଖ୍ୟତଃ ମହତାବ ବାବୁଙ୍କ ପାଖକୁ ଗାନ୍ଧିଜୀ ଲେଖିଥିବା ଚିଠିର ତଥ୍ୟ ଉପରେ ଆଧାରିତ । ଏଥିରେ ଗାନ୍ଧିଜୀଙ୍କର ବିଗ୍ରରଧାରା ସେ ନିଖୁଣ ଭବେ ଉପସ୍ଥାପନା କରିଛନ୍ତି । ଏଥିରେ ଓଡ଼ିଶା ସହିତ ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ପ୍ରକାଶିତ ବହୁତଥ୍ୟ ମହତାବ ଲେଖି ନ ଥିଲେ ଲୋକ ଲୋଚନକୁ ଆସି ନ ପାରି ବିସ୍ମୃତି ଗର୍ଭରେ ଲୋପ ପାଇ ଯାଇଥାଆନ୍ତା । କେବଳ ସେତିକି ନୁହେଁ, ଗାନ୍ଧୀଜୀଙ୍କର ୯।୧୨।୧୯୩୮ ମସିହାର ଚିଠିରେ ଉଲ୍ଲିଖିତ "ଯାହା ସବୁ ଘଟୁଛି, ସେ ସବୁ ପ୍ରକାଶିତ ହେବା ଉଚିତ" କିନ୍ତୁ ଯାହା ପ୍ରକାଶିତ ହେବ, ତାହା ପ୍ରମାଣ ଯୋଗ୍ୟ ହେବା ଉଚିତ୍ । ବିଷୟ ପ୍ରତି ଦୃଷ୍ଟି ରଖି ଡ଼କ୍‌ଟର ମହତାବ ବିଷୟବସ୍ତୁ ଗୁଡ଼ିକ ଏଥିରେ ପ୍ରକାଶ କରିଛନ୍ତି ।

ଜୁଲାଇ ୧୯୮୬ ରେ କଟକର ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ 'While Serving my Nation-Recollection of a Congress-man' ଥିଲ ଇତିହାସ ଉପରେ ତାଙ୍କର ଅନ୍ୟ ଏକ ଗ୍ରନ୍ଥ । ମୁଖ୍ୟତଃ ୧୯୫୦ରୁ

Digitized by srujanika@gmail.com

୧୯୫୬ ପର୍ଯ୍ୟନ୍ତ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଓ ତା ପରେ ବମ୍ବେର ରାଜ୍ୟପାଳ ଥିବା ସମୟରେ ଜାତୀୟ ନୀତି ଉପରେ ଏକ ପ୍ରାମାଣିକ ବିବରଣୀ ଏଥିରେ ସନ୍ନିବେଶିତ । ବିଭିନ୍ନ ଚିଠିପତ୍ର ଓ ଦଲିଲ ପ୍ରକାଶ କରି ସେହି ସମୟରେ ଭାରତ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ସେ ତାଙ୍କର ମତାମତ ନିର୍ଭୀକ ଭାବରେ ବ୍ୟକ୍ତ କରିଛନ୍ତି । ବିଶେଷତଃ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଶାସନ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ସେ ନିଜର ବ୍ୟକ୍ତିଗତ ଅନୁଭୂତି ପ୍ରକାଶ କରିଥିବାର ଦେଖାଯାଏ । ଶାସନର ସର୍ବୋଚ୍ଚ ଶିଖରରେ ଥିବା ପ୍ରଶାସକଙ୍କର ବିଭିନ୍ନ ନୀତି ପ୍ରଣୟନରେ ରହିଥିବା ତ୍ରୁଟି ଓ ତାଙ୍କ ସହିତ ମତଭେଦଗୁଡ଼ିକ ବିନା ଗ୍ଲାନିରେ ସେ ପୁସ୍ତକଟିରେ ପ୍ରକାଶ କରିଛନ୍ତି । ତନ୍ମଧ୍ୟରୁ ଜବାହରଲାଲ ନେହରୁ ଓ ତାଙ୍କ ମନ୍ତ୍ରୀମଣ୍ଡଳର କେତେକ ସଦସ୍ୟଙ୍କ ସହ ଭାରତର ଦେଶୀୟ ରାଜ୍ୟ ମିଶ୍ରଣ ଉପରେ ମତପାର୍ଥକ୍ୟ କି ରୂପ ଧାରଣ କରିଥିଲା ତାହା ଅନୁଧ୍ୟାନ ଯୋଗ୍ୟ । ସାର୍ ଷ୍ଟାଫୋର୍ଡ କ୍ରିପ୍ସ–ଙ୍କ ସହିତ ତାଙ୍କର ଆଲୋଚନା ମଧ୍ୟ ଉଲ୍ଲେଖଯୋଗ୍ୟ । ଅବଶ୍ୟ ଏଥିପାଇଁ ଦିଲ୍ଲୀରେ ଉକ୍ତ ପୁସ୍ତକ ଉନ୍ମୋଚନ କରିବା ପାଇଁ ରାଜନୀତି କ୍ଷେତ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଥମେ ମତ ଦେଇଥିଲେ ମଧ୍ୟ ପରେ ତାହା ପ୍ରତ୍ୟାହାର କରି ନେଇଥିବା ବିଷୟ ଡକ୍ଟର ମନ୍ମଥନାଥ ଦାସ ୧୨-୧-୮୭ ତାରିଖରେ ସମାଜରେ ତାଙ୍କର 'ଅନ୍ତିମ ଅନୁଶୋଚନା' ନିବନ୍ଧରେ ଉଲ୍ଲେଖ କରିଛନ୍ତି ।

ଡକ୍‌ଟର ମହତାବଙ୍କର ସର୍ବଶେଷ ଗ୍ରନ୍ଥ ହେଉଛି 'ଆରବ ସାଗରରୁ ଚିଲିକା' । ଏହା ତାଙ୍କର ମହାପ୍ରୟାଣ ପରେ ପ୍ରକାଶିତ ହୋଇଛି । ଏହାଥିଲା ଇତିହାସ ଉପରେ ଡକ୍‌ଟର ମହତାବଙ୍କ ଦ୍ୱାରା ପ୍ରଣୀତ କେତୋଟି ପୁସ୍ତକ । ଇତିହାସ ତ ବହୁ ବ୍ୟକ୍ତି ଲେଖିଛନ୍ତି, ମାତ୍ର ତାଙ୍କ ଲେଖାରେ ଗୋଟିଏ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ, ତାହା ହେଉଛି କଥାବସ୍ତୁକୁ ନିରପେକ୍ଷ ଦୃଷ୍ଟିକୋଣରୁ ବିଚାର କରି ସତ୍ୟ ଘଟଣାଗୁଡ଼ିକ ପ୍ରକାଶ କରିବା, ଯେଉଁଟାକି ଇତିହାସର ଧର୍ମ । ସେ 'ଓଡ଼ିଶା ଇତିହାସ' ପୁସ୍ତକର ମୁଖବନ୍ଧରେ ଯାହା ଲେଖିଛନ୍ତି "ଇତିହାସ କିମ୍ବଦନ୍ତୀ ନୁହେଁ ବା କଳ୍ପନା ନୁହେଁ" ତାହା ସେ ପାଳନ କରିଛନ୍ତି । ତା'ର ଏକ ଉଦାହରଣ ଦିଆଯାଇପାରେ । ପରବର୍ତ୍ତୀ ସମୟରେ କିଏ କଣ ଭାବିବେ, ସେଥିପ୍ରତି ଭ୍ରୂକ୍ଷେପ ନ କରି ସେ ତାଙ୍କ 'ସାଧନାର ପଥେ' ପୁସ୍ତକର

Digitized by srujanika@gmail.com

୨୮୨ ପୃଷ୍ଠାରେ ଲେଖିଛନ୍ତି "ଆଜି ହୁଏତ ଅନେକ ବିଶ୍ୱାସ କରିବେ ନାହିଁ, ବା ଏପରିକି କଳ୍ପନା କରିପାରିବେ ନାହିଁ ଯେ ସେହିତବେଳେ ସମ୍ବଲପୁରର କେତେକ ମଦସ୍ଥ ବ୍ୟକ୍ତି ସମ୍ବଲପୁରକୁ ଓଡ଼ିଶାରୁ ଅଲଗା କରିଦେବା ପାଇଁ ଭାରତ ସରକାରଙ୍କଠାରେ ଆପତ୍ତି ଜଣାଇଥିଲେ ଏବଂ ଏକ ପ୍ରତିନିଧି ଦଳ ମଧ୍ୟ ଦିଲ୍ଲୀ ଯାଇଥିଲେ ।" କେତେଦିନ ପୂର୍ବେ ମୁଁ ଲେଖିଥିବା 'ବାଲେଶ୍ୱରର ଇତିହାସ' ପାଠ କରି ଦିନେ ଏକ ସାଂସ୍କୃତିକ ସଭାରେ ସାକ୍ଷାତ ସମୟରେ ସାମାନ୍ୟ ଅସନ୍ତୋଷ ପ୍ରକାଶ କରି ସେ ମୋତେ କହିଥିଲେ "ଐତିହାସିକର ଧର୍ମ ନୁହେଁ କିମ୍ବଦନ୍ତୀ ଉପରେ ଇତିହାସ ଲେଖିବା । ଏତେଗୁଡ଼ିକ ସମ୍ଭବତଃ କାହିଁକି ଲେଖିଛନ୍ତି । ସେଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।"

କେବଳ ସେତିକି ନୁହେଁ । ବିଶେଷତଃ ଓଡ଼ିଶାର ବହୁ ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିବା ପାଇଁ ସେ ଗବେଷକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ତା ୬।୧୨।୮୬ ରିଖ ଦିନ ମୋ ଦ୍ୱାରା ଲିଖିତ 'ରକ୍ତତୀର୍ଥ ଇରମ୍' ପୁସ୍ତକରେ ଅଭିମତ ଆଣିବା ପାଇଁ ମୁଁ ତାଙ୍କୁ ସାକ୍ଷାତ କରିଥିଲି । ସେଦିନ ମୋତେ ବହୁ ସ୍ନେହର ସହ ଉତ୍ସାହିତ କରି କହିଥିଲେ " ଏହିପରି ବିଭିନ୍ନ ଲୁକ୍କାୟିତ ଘଟଣାକୁ ପ୍ରକାଶ କରି କିଛିସ୍ମୃତି ରଖିଦେଇ ଯାଆନ୍ତୁ", ମୁଁ ଇଂରାଜୀରେ ଆରମ୍ଭ କରିଥିବା ଅନ୍ୟ ଏକ ପୁସ୍ତକ 'Glories of Orissa through Ages ବିଷୟରେ ଆଲୋଚନାରତ ଥିବାବେଳେ ସେ ଖୁବ୍ ଆନନ୍ଦ ପ୍ରକାଶ କରି କହିଥିଲେ ଯେ "ଆଉ ଥରେ ଆସନ୍ତୁ ଏ ବିଷୟରେ ଆଲୋଚନା କରିବା" । ମାତ୍ର ତାହା ଅପୂରଣୀୟ ହୋଇ ରହିଗଲା । ଏଥି ସହିତ ଭବିଷ୍ୟତର ବଂଶଧରଙ୍କୁ ଇତିହାସ ରଚନା କରିବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ସାଧନାର ପଥେ' ପୁସ୍ତକର ମୁଖବନ୍ଧରେ ସେ ବିନମ୍ର ସହକାରେ ଲେଖିଛନ୍ତି, "ମୋର ଜୀବନରେ ଯେ ସେପରି କିଛି ବିଶେଷତ୍ୱ ଅଛି, ତା ନୁହେଁ । ପ୍ରତ୍ୟେକ ଜୀବନ ଏକ ଉପନ୍ୟାସ" । ଏହା ଧ୍ୟେୟ କରି ଇତିହାସର ଛାତ୍ରଛାତ୍ରୀମାନେ ଯଦି ତାଙ୍କର ସାଧନା ଓ ଅଧ୍ୟବସାୟକୁ ନିଜ ଜୀବନରେ ପ୍ରକଟିତ କରାଇ ପାରନ୍ତି, ତାହାହେଲେ ତାହା ହେବ ତାଙ୍କର ଅମର ଆତ୍ମାପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

—※—

Digitized by srujanika@gmail.com

॥ କ୍ରାନ୍ତିକାରୀ ପୁରୁଷ ଡକ୍ଟର ମହତାବ ॥

※ ରବିନାରାୟଣ ସେନାପତି

ମହତାବଜୀ ଆଜି ଇହ ଜଗତରେ ନାହାନ୍ତି ସତ, ମାତ୍ର ତାଙ୍କର ଜୀବନାଦର୍ଶ ଏବଂ ତ୍ୟାଗପୂତ ଜୀବନର ମହାନତା ଆମ ସମ୍ମୁଖରେ ଏକ ଆଲୋକ ବର୍ତ୍ତିକା ସଦୃଶ ବିଦ୍ୟମାନ । ସେ କେବଳ ଓଡ଼ିଶାର ନେତା ଭାବରେ ନୁହେଁ, ସମଗ୍ର ଦେଶର ଜଣେ ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ର ନାୟକ, ରାଷ୍ଟ୍ର ନିର୍ମାତା, ସାହିତ୍ୟିକ, ଐତିହାସିକ ଏବଂ ବହୁ କୀର୍ତ୍ତିର ନାୟକ ଭାବେ ଚିର ନମସ୍ୟ ହୋଇ ରହିଥିବେ । ତାଙ୍କର ବହୁମୁଖୀ ପ୍ରତିଭାର ଆଲୋଚନା କଲାବେଳେ ନିଜକୁ ବିସ୍ମିତ ଲାଗେ ଯେ, ସେ ଏକାଧାରରେ କିଭଳି ଏକ ବହୁମୁଖୀ ପ୍ରତିଭାର ଆଧାର ହୋଇ ପାରିଥିଲେ ।

ରାଜକୀୟ ଭୋଗଲିପ୍ସାକୁ ପାଦରେ ଠେଲି ଦେଇ ଯେଉଁ ମହାନ୍ ପୁରୁଷ ଦେଶ ମାତୃକାର ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଗଲେ ଏବଂ ନିଜେ ଇଚ୍ଛା କରିଥିଲେ ଗଜଦନ୍ତ ପଲଙ୍କରେ ଶୋଇ ବିଳାସବ୍ୟସନର ଉତ୍ତୁଙ୍ଗ ଶିଖରରେ ପହଞ୍ଚି ପାରିଥାନ୍ତେ, ସେଇ ତ୍ୟାଗବୀର ଓହ୍ଲାଇ ଆସିଥିଲେ ବିନା ଦ୍ୱିଧାରେ କଣ୍ଟକିତ ଧୂଳି ରାସ୍ତାକୁ ଏବଂ କାରାଗାରର ରୁଦ୍ଧ କୋଠରୀକୁ ଅତି ଆପଣାର ଭାବି ଆଦରି ନେଲେ । ସାଧାରଣ ଜନତାର ଦୁଃଖ, ସୁଖରେ

Digitized by srujanika@gmail.com

ଅଂଶୀଦାର ହୋଇ ରାଜନୀତି, ସାହିତ୍ୟ, ସମାଜସେବା, ସଂସ୍କୃତି ଏବଂ ଅନ୍ୟାନ୍ୟ ବହୁ କ୍ଷେତ୍ରରେ ଦିଗ୍ଦର୍ଶକ ଭାବେ ସେ ଯେଉଁ କାର୍ଯ୍ୟ କରିଗଲେ, ତାହା ଏ ଦେଶ ପାଇଁ କ୍ରାନ୍ତି ପଥ ଛଡ଼ା ଅନ୍ୟ କିଛି ବୋଲି କୁହାଯାଇ ନ ପାରେ ।

୧୮୯୯ ମସିହା ନଭେମ୍ବର ୨୧ ତାରିଖ । ଏକ ନୂତନ ଶତାବ୍ଦୀ ଆରମ୍ଭ ହେବାର ଅଳ୍ପ କିଛିଦିନ ପୂର୍ବର ଘଟଣା । ଏକ ନୂତନ ଯୁଗ ଏବଂ ନୂତନ ଶତାବ୍ଦୀର ବାର୍ତ୍ତା ବହନ କରି ଭୂମିଷ୍ଠ ହୋଇଥିଲେ ଡ଼କ୍ଟର ହରେକୃଷ୍ଣ ମହତାବ, ରାଜନୈତିକ ପୃଷ୍ଠଭୂମିରେ ଏହି ସମୟଟି ଅତୀବ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ଆନ୍ଦୋଳନର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜାତୀୟ ଆନ୍ଦୋଳନର ନୂତନ ଉନ୍ମାଦନା ସୃଷ୍ଟି ହେଲା । ଭାରତୀୟ ଜାତୀୟ କଂଗ୍ରେସ ଜନ୍ମ ନେଲା ୧୮୮୫ ମସିହାରେ । ଏକ ନୂତନ ଆଦର୍ଶ ଓ ମୂଲ୍ୟବୋଧ ଉପରେ ଜାତୀୟ ଜାଗରଣ ମୁଣ୍ଡ ଟେକି ଉଠୁଥିଲା । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆତ୍ମ ପ୍ରକାଶ କରିଥିଲା ଏକ ଦୀପଶିଖା ଓଡ଼ିଶା ମାଟିରେ – ଶତାବ୍ଦୀ ପୁରୁଷ ଭାବରେ ।

ଛାତ୍ର ଜୀବନରୁ ଡକ୍ଟର ମହତାବ ଥିଲେ ଭିନ୍ନ ଧର୍ମୀ । ପରାଧୀନତାର ବନ୍ଧନରୁ ମୁକ୍ତି ଲାଭ କରି ସ୍ୱାଧୀନତାର ନୂତନ ସୂର୍ଯ୍ୟାଲୋକ ଦେଖିବାର ସ୍ୱପ୍ନ ତାଙ୍କୁ ବିଭୋର କରିଥିଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ନିଜକୁ ସଂପୂର୍ଣ୍ଣ ଭାବେ ଝାସ ଦେଇ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଆଗେଇ ଆସିଥିଲେ । ନିଜ ପିତୃ ପୁରୁଷଙ୍କ ଧନ ସମ୍ପତ୍ତି ଓ ଜମିଦାରୀର ମୋହ ତାଙ୍କୁ କେବେ ପଛକୁ ଟାଣି ଧରି ନ ଥିଲା । ଜଣେ କ୍ରାନ୍ତିକାରୀ ବ୍ୟକ୍ତିତ୍ୱ ସମ୍ମୁଖରେ ଧନ, ବିଭବ ଯେ ଅତି ତୁଚ୍ଛ, ଏକଥା ସେ ପ୍ରମାଣ କରିଗଲେ ।

ଦେଶର ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ସେ ବହୁବାର କାରାବରଣ କରିଛନ୍ତି, ଅସୀମ ନିର୍ଯ୍ୟାତନା ଏବଂ ଅପମାନର ଶରବ୍ୟ ହୋଇ ମଧ୍ୟ ସେ କେବେ ଭାଙ୍ଗି ପଡ଼ି ନାହାନ୍ତି, ଦେଶ ସ୍ୱାଧୀନ ହୋଇଛି । ଜନସାଧାରଣଙ୍କର

Digitized by srujanika@gmail.com

ସୁଯୋଗ୍ୟ ପ୍ରତିନିଧି ଭାବରେ ସେ ବହୁବାର ନିର୍ବାଚନରେ ଜୟ ଲାଭ କରି ରାଜ୍ୟ-ଶାସନର ମୁଖ୍ୟ ଭାବରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଭାବରେ ଏବଂ ବମ୍ବେ ଭଳି ଏକ ବୃହତ୍ ରାଜ୍ୟର ରାଜ୍ୟପାଳ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପ୍ରତ୍ୟେକ ପଦ ପଦବୀରେ ସେ ନୂଆ ନୂଆ ଦିଗନ୍ତ ଉନ୍ମୋଚନ କରିଛନ୍ତି ।

ତାଙ୍କ ଶାସନ କାଳରେ ଓଡ଼ିଶାରେ ଗଡ଼ଜାତ ମିଶ୍ରଣ, ନୂତନ ରାଜଧାନୀର ଶିଳାନ୍ୟାସ, ହୀରାକୁଦ ଭଳି ବୃହତ୍ ନଦୀବନ୍ଧ ଯୋଜନାର ଶୁଭାରମ୍ଭ ଏବଂ ସର୍ବୋପରି ସର୍ବାଙ୍ଗୀନ ଉନ୍ନତି ପାଇଁ ନିରବଚ୍ଛିନ୍ନ ଉଦ୍ୟମର ସୂତ୍ରପାତ କେବଳ ତାଙ୍କରି ନେତୃତ୍ୱ ଦ୍ୱାରା ସଂଘଟିତ ହୋଇ ପାରିଥିଲା । ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, ଐତିହ୍ୟ ଏବଂ ପରମ୍ପରାକୁ ସମୁନ୍ନତ କରି ଗଢ଼ି ତୋଳିବାରେ ସେ ଥିଲେ ଜଣେ କ୍ରାନ୍ତିକାରୀ ପୁରୁଷ । ଦେଶ ଓ ସମାଜର ଉନ୍ନତି ପାଇଁ ସେ ଅହରହ ଚିନ୍ତା କରୁଥିଲେ । ତାଙ୍କ ଚିନ୍ତା-ପ୍ରସୂତ ରଚନା-ବଳୀ ଖାଲି ସାହିତ୍ୟ କ୍ଷେତ୍ରରେ ନୁହେଁ; ରାଷ୍ଟ୍ର ନିର୍ମାଣର ଦିଗ୍‌ଦର୍ଶନ କ୍ଷେତ୍ରରେ ଅତ୍ୟନ୍ତ ଉପାଦେୟ ।

ମାନବିକତାର ଉଚ୍ଚତମ ସୋପାନରେ ଦଣ୍ଡାୟମାନ ହୋଇ ତାଙ୍କ ଲେଖନୀରୁ ଯେଉଁ ଶକ୍ତି ଉଦ୍‌ଗତ ହୋଇଥିଲା ତାହାର ଏକ ନମୁନା ଏଠାରେ ଉଦ୍ଧାର କରଯାଇପାରେ ।

"ଧନ ଯଦି ଅଛି ଦାନ କର, ନିର୍ଦ୍ଧନର ସାହାଯ୍ୟ ପାଇଁ । ତୃଷାର୍ତ୍ତକୁ ଜଳ ମନ୍ଦାଏ ଦେଲେ ଯେଉଁ ଧର୍ମ, ଭୋକିଲକୁ ତୋରାଣି ମନ୍ଦାଏ ଦେଲେ ଯେଉଁ ଧର୍ମ, ସେ ଧର୍ମ ହଜାର ହଜାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯଜ୍ଞ, ମାର୍ଜଣା କଲେ କଦାପି ମିଳିବ ନାହିଁ ।"

(ଗାଁ ମଜଲିସ୍-ଦ୍ୱିତୀୟ ଖଣ୍ଡ—ପୃ-୬୯)

ପୁଣି ଯୁବ ସମାଜକୁ ପ୍ରେରଣା ଦେଇ ଗାଁ ମଜଲିସ୍‌ରେ ସେ ଲେଖିଥିଲେ—

Digitized by srujanika@gmail.com

"ପଚିଶ ବର୍ଷର ତରୁଣ ତରୁଣୀମାନେ ଯେଉଁମାନେ ଦୁନିଆର ଗତିରେ ବିବ୍ରତ, ସେହିମାନେ ମଙ୍ଗ ମୋଡ଼ିବା ପାଇଁ ଚେଷ୍ଟା କରନ୍ତୁ । ଡଙ୍ଗା ବାଙ୍କ କାଟି ବାହାରି ଚାଲିଯିବ, ଏଥିରେ ସନ୍ଦେହ ନାହିଁ ।"

(ଗାଁ ମଜଲିସ୍-ଦ୍ୱିତୀୟ ଖଣ୍ଡ—ପୃ-୨)

ବିଭିନ୍ନ ଜଟିଳ ପରିସ୍ଥିତିରେ ସମାଧାନର ସୂତ୍ର ଖୋଜି ବାହାର କରିବା ଏବଂ ଗଣତନ୍ତ୍ରରେ ଲୋକ ଶକ୍ତିକୁ ସମ୍ମାନ ଦେବା କ୍ଷେତ୍ରରେ ଡକ୍ଟର ମହତାବ ପ୍ରବଳ ଆଗ୍ରହୀ ଥିଲେ । ଏହାର ଏକ ଦୃଷ୍ଟାନ୍ତ ତାଙ୍କ ଲେଖନୀ ମାଧ୍ୟମରେ ପ୍ରକଟିତ ହୋଇଛି । ତାଙ୍କ ରଚିତ 'ଗାଁ ମଜଲିସ୍'ରୁ ଆଉ ଏକ ପଂକ୍ତି ଉଦ୍ଧାର କରି ସେଇ ମହାନ ବ୍ୟକ୍ତିଙ୍କ ପ୍ରତି ମୋର ସଶ୍ରଦ୍ଧା ପ୍ରଣାମ ଜଣାଉଛି ।

"ଏ ଦେଶର ବିକାଶ ପାଇଁ ଯେଉଁ ଦୃଢ଼ ପ୍ରତିଜ୍ଞା ଓ ଆତ୍ମ ସମର୍ପଣ ଆବଶ୍ୟକ, ତାହା ଆସିବ କୁଆଡୁ ? ଲୋକଙ୍କୁ ଦୋଷ ଦେବା ଅନ୍ୟାୟ, ଲୋକଙ୍କ ପ୍ରତି ନ୍ୟାୟ କରା ହେଉ ନାହିଁ, ଯାହା ତ ଚାଲିଛି ଚାଲିଛି । ଭବିଷ୍ୟତ ପ୍ରତି ଦୃଷ୍ଟି ରଖି ଠେକ୍ ଠୋକ୍ କଥା ସବୁ କହିବାକୁ ହେବ । ଲୋକଙ୍କ ବିଚାର ଉପରେ ନିର୍ଭର କରିବାକୁ ହେବ । ଲୋକଙ୍କ ପାଖରେ ସମସ୍ତ କାଗଜପତ୍ର ଦାଖଲ କରି ସେମାନଙ୍କ ରାୟକୁ ଗ୍ରହଣ କରିବାକୁ ହେବ । ତା ହେଲେ ଯାଇ ଲୋକଙ୍କ ପ୍ରତି ନ୍ୟାୟ କରାହେବ ।"

(ଗାଁ ମଜଲିସ୍—ଚତୁର୍ଥ ଖଣ୍ଡ-ପୃ-୯୬)

— o —

Digitized by srujanika@gmail.com

।। ଏକ ବୈଚିତ୍ର୍ୟମୟ ସାରସ୍ୱତ ବ୍ୟକ୍ତିତ୍ୱ ।।

✼ ଭଗବାନ ନାୟକ ବର୍ମା

ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି ଓ ସଗଠନରେ ସ୍ୱର୍ଗତ ଡଃ ହରେକୃଷ୍ଣ ମହତାବଙ୍କ ଭୂମିକା ବାସ୍ତବିକ ଅତି ମହତ୍ୱପୂର୍ଣ୍ଣ । ସେ ନିଜେ ମଧ୍ୟ ଜଣେ ଉଚ୍ଚକୋଟିର ସାହିତ୍ୟିକ ଓ ସାହିତ୍ୟ ସମ୍ପାଦକ ଥିଲେ । ତେବେ ସାହିତ୍ୟର ସୃଷ୍ଟିଶୀଳତା ଅପେକ୍ଷା ସଗଠନରେ ହିଁ ସେ ସମ୍ଭବତଃ ତାଙ୍କ ଶକ୍ତି ଓ ସାମର୍ଥ୍ୟର ଅଧିକ ପରିଚୟ ଦେଇ ଯାଇଛନ୍ତି ।

ଡଃ ମହତାବଙ୍କ ସାହିତ୍ୟ ସୃଷ୍ଟିର ଯଥୋଚିତ ଅନୁଶୀଳନ ବା ମୂଲ୍ୟାୟନ ଏ ପର୍ଯ୍ୟନ୍ତ ହୋଇ ନାହିଁ କହିଲେ ଚଳେ । ସେ ବହୁ କବିତା, ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ ଓ ନାନା ବିଷୟକ ନିବନ୍ଧ ତଥା ସମାଲୋଚନା ଲେଖିଥିଲେ ମଧ୍ୟ, ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ଏ ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ ହୋଇପାରି ନାହିଁ । ତେବେ ଓଡ଼ିଆ ସାହିତ୍ୟରେ ନିଜର ସମୁଜ୍ଜ୍ୱଳ ସ୍ୱାକ୍ଷର ରଖିଥିବା ବହୁ ପ୍ରତିଭାବାନ୍ ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରେରଣା ଓ ପୃଷ୍ଠପୋଷକତା ଦେବାରେ ଡଃ ମହତାବ ଥିଲେ ଅଦ୍ୱିତୀୟ । ବିଶେଷ କରି 'ଝଙ୍କାର', 'ମୀନାବଜାର' ଆଦି ପତ୍ରିକା ଓ 'ପ୍ରଜାତନ୍ତ୍ର' ତଥା 'ଇଷ୍ଟର୍ଣ୍ଣ ଟାଇମ୍ସ'

Digitized by srujanika@gmail.com

ସମ୍ବାଦପତ୍ର ପ୍ରକାଶ କରି ଏବଂ ବିଷୁବ ମିଳନର ଆୟୋଜନ କରି ଏସବୁ ସଂସ୍ଥା ମାଧ୍ୟମରେ ଦୀର୍ଘକାଳ ଧରି ସେ ଲେଖକମାନଙ୍କୁ ଯେଉଁ ବିପୁଳ ଉତ୍ସାହ ଯୋଗାଇ ଆସିଥିଲେ, ତାହା ବାସ୍ତବିକ ଅତୁଳନୀୟ ଥିଲା । କେବଳ ସେତିକି ନୁହେଁ, ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳରେ ସାହିତ୍ୟର ପ୍ରସାର ଘଟାଇବା ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିବାରେ ତାଙ୍କର ଉଦ୍ୟମ ଓ ସହାୟତା ମଧ୍ୟ ବିଶେଷ ଉଲ୍ଲେଖଯୋଗ୍ୟ । ତାଙ୍କରି ପ୍ରେରଣା ଲାଭ କରି ବହୁ ସାରସ୍ୱତ ସଙ୍ଗଠନର ଜନ୍ମ ଓ ଅଭିବୃଦ୍ଧି ସମ୍ଭବ ହୋଇଛି । ସାହିତ୍ୟ ଓ ସାହିତ୍ୟିକ ଗୋଷ୍ଠୀ ପ୍ରତି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କର ଯେ ଏକ ବିଶେଷ ଆକର୍ଷଣ ଓ ସହୃଦୟତା ଥିଲା—ଏହା ଅନସ୍ୱୀକାର୍ଯ୍ୟ । ଓଡିଶାର ସାନ - ବଡ଼ ଅଧିକାଂଶ ଲେଖକଙ୍କର ଏ ସମ୍ପର୍କରେ ବ୍ୟକ୍ତିଗତ ଅନୁଭୂତି ଥିବ ।

ଡଃ ମହତାବ ମୁଖ୍ୟତଃ ଜଣେ ରାଜନୈତିକ ନେତା ହୋଇଥିଲେ ମଧ୍ୟ, ତାଙ୍କର ଜୀବନୀ ଓ କାର୍ଯ୍ୟାବଳୀ ଅନୁଧ୍ୟାନ କଲେ ଜଣା ପଡ଼ିବ ଯେ, ପ୍ରକୃତରେ ସେ ଥିଲେ ଜଣେ ସାହିତ୍ୟ ପ୍ରାଣ ବ୍ୟକ୍ତି । ଲେଖିବା ଓ ଲେଖାଇବାରେ ହିଁ ସେ ସବୁଠାରୁ ବେଶୀ ଆନନ୍ଦ ପାଉଥିଲେ । ଅଭାବଗ୍ରସ୍ତ ଓ ଦୁସ୍ଥ ଲେଖକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରିବା ଏବଂ ସରକାରୀ ତଥା ଅନ୍ୟାନ୍ୟ ସୂତ୍ରରୁ ପୃଷ୍ଠପୋଷକତା ଯୋଗାଇବା ଦିଗରେ ସେ କୁଣ୍ଠିତ ହେଉ ନ ଥିଲେ । ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ଏକ ବଡ଼ ଗୁଣ ।

ଡ଼ଃ ମହତାବଙ୍କ ସୃଜନଶୀଳତା ପ୍ରତି ଦୃକ୍‌ପାତ୍ କଲେ ଆମେ ଦେଖିବାକୁ ପାଇବା ଯେ, ନିଜର ଯେଉଁ କୃତି ନିମନ୍ତେ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି, ତାହା ବାସ୍ତବିକ ଏକ ସୃଜନଶୀଳ ସାହିତ୍ୟ ସୃଷ୍ଟିର ପରିଚାୟକ ନୁହେଁ । 'ପ୍ରଜାତନ୍ତ୍ର' ସମ୍ବାଦପତ୍ରର 'ଗାଁ ମଜଲିସ' ସ୍ତମ୍ଭରେ ସେ ବିଭିନ୍ନ ସମୟରେ ଓ ବିଭିନ୍ନ ବିଷୟରେ ଯେଉଁ ମତାମତ ବା ଦିଗ୍‌ଦର୍ଶନ ଦେଉଥିଲେ, ସେହି ସବୁର ସଙ୍କଳନ ହିଁ ଉପରୋକ୍ତ ପୁରସ୍କାର ଲାଭ କରିଛି । ଏ ସଂକଳନର ବିଷୟବସ୍ତୁ ଯାହା ହେଉନା କାହିଁକି, ତା'ର ଲେଖନ-ଶୈଳୀରେ ଯେଉଁ ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟ ରହିଛି, ତାକୁ ହିଁ ସାହିତ୍ୟିକ ମର୍ଯ୍ୟାଦା ଦିଆଯାଉ

Digitized by srujanika@gmail.com

ଡ଼ଃ ମହତାବଙ୍କୁ ଏ ପୁରସ୍କାର ମିଳିଥିଲା । ଅଥଚ, ବିଡମ୍ବନାର ବିଷୟ ଯେ, ତାଙ୍କର ଉପନ୍ୟାସ, ନାଟକ ଓ କବିତାବଳୀର ବିଷୟବସ୍ତୁ ବେଶ୍ ଚିନ୍ତାଦ୍ୟୋତକ ହୋଇଥିଲେ ମଧ୍ୟ, ସେ ସବୁର ଲିଖନ-ଶୈଳୀ ବା ଫର୍ମ ସେତେବେଶୀ ଆକର୍ଷଣୀୟ ବା ଚମତ୍କାର ହୋଇ ପାରି ନ ଥିବା ଯୋଗୁଁ ହିଁ ସେ ସବୁ ସାହିତ୍ୟ ସମାଜ ଯଥେଷ୍ଟ ସାରସ୍ୱତ ମର୍ଯ୍ୟାଦା ବା ଲୋକପ୍ରିୟତା ହାସଲ କରି ପାରି ନାହିଁ ।

୧୯୩୬ ମସିହା ପୂର୍ବରୁ ଡ଼ଃ ମହତାବ ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶ ମତେ ଗ୍ରାମ ସଙ୍ଗଠନ କାର୍ଯ୍ୟ କରୁଥିବା ସମୟରେ ପ୍ରଥମେ 'ନୂତନ ଧର୍ମ' ନାମରେ ଏକ ଉପନ୍ୟାସ ଲେଖିଥିଲେ । ତାଙ୍କର ଅନ୍ୟାନ୍ୟ ଉପନ୍ୟାସ, ଯଥା 'ପ୍ରତିଭା' 'ଟାଉଟର' ଓ 'ଅବ୍ୟାପାର' ମୁଖ୍ୟତଃ ବିପ୍ଲବର ଆଭିମୁଖ୍ୟ ନେଇ ରଚିତ ହୋଇଥିଲା । ତାଙ୍କ ଜୀବନର ପ୍ରାୟ ଶେଷ ପର୍ଯ୍ୟାୟରେ ଲିଖିତ ଉପନ୍ୟାସ 'ତୃତୀୟପର୍ବ' ମଧ୍ୟ ଏକ ବୈପ୍ଳବିକ ଆଭିମୁଖ୍ୟର ପରିଚାୟକ ଥିଲା । ତେବେ ଏ ଆଭିମୁଖ୍ୟରେ ଏକ ଦିଗ୍‌ଦର୍ଶିତାର କିଛି ଆଭାସ ରହିଛି ବୋଲି କେହି କେହି ମତ ଦିଅନ୍ତି । କେତେକ ସମାଲୋଚକଙ୍କ ମତରେ ଏହି ଉପନ୍ୟାସଟି ହେଉଛି ମହତାବଙ୍କର ସଫଳତମ ସାହିତ୍ୟକୃତି । ଜରୁରୀ ପରିସ୍ଥିତି କାଳରେ ସେ ଜେଲରେ ଥିବାବେଳେ ହିଁ ଏ ଉପନ୍ୟାସଟି ଲେଖିଥିଲେ ।

ମହତାବଙ୍କର ଅନ୍ୟତମ ଉଲ୍ଲେଖଯୋଗ୍ୟ ସାହିତ୍ୟ-କୃତି ହେଉଛି 'ସାଧନାର ପଥେ' । ଏହା ତାଙ୍କର ଆତ୍ମଜୀବନୀ । ତେବେ ଏହା ପୂର୍ଣ୍ଣାଙ୍ଗ ନୁହେଁ । କାରଣ ଏଥିରେ ୧୯୫୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ତଥା ଭାରତର ସାମାଜିକ ଓ ରାଜନୈତିକ ଚିତ୍ର ସହିତ ସେ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଉଲ୍ଲେଖ କରିଛନ୍ତି । 'ଓଡ଼ିଶା ଇତିହାସ' ଡ଼ଃ ମହତାବଙ୍କର ସବୁଠାରୁ ଉଲ୍ଲେଖଯୋଗ୍ୟ କୃତି । ଏହା ଏକ ଇତିହାସ ହୋଇଥିଲେ ମଧ୍ୟ ବିଭିନ୍ନ ଘଟଣାର ଉଲ୍ଲେଖନରେ ସେ ଯେଉଁ ବିଶ୍ଳେଷଣାତ୍ମକ ଶୈଳୀ ବ୍ୟବହାର କରିଛନ୍ତି, ତାହା ତାଙ୍କୁ ଏକ ସାରସ୍ୱତ ମର୍ଯ୍ୟାଦା ପ୍ରଦାନ କରିଛି । ଏହା ବ୍ୟତୀତ

Digitized by srujanika@gmail.com

'ଗ୍ରାମଚକ୍ଷୁ', 'ଦଶବର୍ଷର ଓଡ଼ିଶା' ଏବଂ 'ଗାନ୍ଧିଜୀ ଓ ଓଡ଼ିଶା' ପ୍ରଭୃତି ପୁସ୍ତକ ମହତାବଙ୍କ ଅନ୍ୟାନ୍ୟ ସାରସ୍ୱତ କୀର୍ତ୍ତିରୂପେ ଉଲ୍ଲେଖଯୋଗ୍ୟ ।

ଏ ସବୁ ବ୍ୟତୀତ ଇଂରାଜୀ ଭାଷାରେ ତାଙ୍କ ଦ୍ୱାରା ଲିଖିତ ORISSA HISTORY, BEGINNING OF THE END (ଗଡ଼ଜାତ ମିଶ୍ରଣ ସମ୍ବନ୍ଧୀୟ), HISTORY OF FREEDOM MOVEMENT ଏବଂ WHILE SERVING MY NATION: RECOLLECTION OF A CONGRESS MAN ଇତ୍ୟାଦି ଗ୍ରନ୍ଥ ଗୁଡ଼ିକରୁ ମହତାବଙ୍କର ରାଜନୈତିକ ଚିନ୍ତାଧାରାର ବଳିଷ୍ଠତା ସହିତ ଉଜ୍ଜ୍ୱଳ ଦୃଷ୍ଟିର ପ୍ରସାରିତ ଦିଗ୍‌ବଳୟ ସମ୍ପର୍କରେ ସୂଚନା ମିଳିଥାଏ ।

ଏହାଛଡ଼ା 'ଝଙ୍କାର'ରେ ପ୍ରକାଶିତ ତାଙ୍କର ବହୁ ସଂପାଦକୀୟ ନିବନ୍ଧ, ଧର୍ମ, ଆଧ୍ୟାତ୍ମିକତା, ସାହିତ୍ୟାଦର୍ଶ, ସାଂସ୍କୃତିକ ଗତିଧାରା, ସାମାଜିକ ପରି..., ରାଜନୈତିକ ଆଭିମୁଖ୍ୟ ଓ ଅର୍ଥନୈତିକ ସଂସାର ଇତ୍ୟାଦି ସଂପର୍କରେ ତାଙ୍କର ଅସଂଖ୍ୟ ପ୍ରବନ୍ଧ ଏବଂ ବିଭିନ୍ନ ସଭା-ସମିତିରେ ପ୍ରଦତ୍ତ ତାଙ୍କର ଅଗଣିତ ଅଭିଭାଷଣକୁ ପର୍ଯ୍ୟାଲୋଚନା କଲେ ମହତାବଙ୍କ ସାରସ୍ୱତ ବ୍ୟକ୍ତିତ୍ୱର ବିଶାଳତା ଓ ବିପୁଳତା ବେଶ୍ ହୃଦୟଙ୍ଗମ କରିହୁଏ ।

କବିତା ରଚନାରେ ମଧ୍ୟ ମହତାବଙ୍କର କୃତିତ୍ୱ କିଛି କମ୍ ନ ଥିଲା । ଏହି କବିତାଗୁଡ଼ିକର ରଚନା ଶୈଳୀ ଓ ଆଙ୍ଗିକରେ ଚମତ୍କାରିତା ନ ଥିଲେ ମଧ୍ୟ, ବିଷୟଗତ ଓ ଆତ୍ମିକ ଗାମ୍ଭୀର୍ଯ୍ୟ ଯେ ଯଥେଷ୍ଟ ଚିନ୍ତାଦ୍ୟୋତକ, ଏଥିରେ ସନ୍ଦେହ ନାହିଁ । ସେହିପରି ତାଙ୍କ ନାଟକ 'ଅନ୍ଧଯୁଗ' ଏକ ସଫଳ ସାରସ୍ୱତ ସୃଷ୍ଟି । ବିପ୍ଳବ ହେଉଛି ଏହାର ଅନ୍ତଃସ୍ୱର । ଚରିତ୍ର ଚିତ୍ରଣ ଓ ସଂଳାପ ରଚନାରେ ସେ ଯଥେଷ୍ଟ ବଳିଷ୍ଠତାର ପରିଚୟ ଏଥିରେ ଦେଇଛନ୍ତି ।

ମୋଟ ଉପରେ ଡଃ ମହତାବ ସାହିତ୍ୟର ପ୍ରାୟ ସବୁ ବିଭାଗରେ ଲେଖନୀ ଚଳାଇବାର ପ୍ରୟାସ କରିଛନ୍ତି । ସବୁ କ୍ଷେତ୍ରରେ ସିଦ୍ଧ ହସ୍ତତାର ପରିଚୟ ଦେଇପାରି ନଥିଲେମଧ୍ୟ, ଏହିସବୁ ପ୍ରୟାସରୁ ତାଙ୍କ ସାରସ୍ୱତ ବ୍ୟକ୍ତିତ୍ୱର ଯେ ଏକ

Digitized by srujanika@gmail.com

ବୈଚିତ୍ର୍ୟମୟ ପରିଚୟ ମିଳେ, ତାହା ନିଶ୍ଚିତ ଭାବେ ସ୍ୱୀକାର ଯୋଗ୍ୟ । ସୃଜନଶୀଳ ଚିନ୍ତାଧାରାରେ ତାଙ୍କର ମୌଳିକତା, ନିର୍ଭୀକତା ଓ ବଳିଷ୍ଠତା ମଧ୍ୟ ଅନସ୍ୱୀକାର୍ଯ୍ୟ । ତାଙ୍କ ଭଳି ଏକ ବିଶାଳ, ବୈଚିତ୍ର୍ୟମୟ ସାରସ୍ୱତ ବ୍ୟକ୍ତିତ୍ୱ ସବୁଦିନ ପାଇଁ ଓଡ଼ିଶାର ଲେଖକ ଓ ରଚନାକାର ମାନଙ୍କ ପାଇଁ ଯେ ପ୍ରେରଣାର ଉତ୍ସ ହୋଇ ରହିବ—ଏଥିରେ ସନ୍ଦେହ ନାହିଁ । ସେଥି ନିମନ୍ତେ ଓଡ଼ିଆ ସାହିତ୍ୟ ଓ ସାମ୍ବାଦିକତା ତାଙ୍କ ନିକଟରେ ଚିର କୃତଜ୍ଞ ହୋଇ ରହିବ ।

ବହୁଦିନ ତଳେ, ଡଃ ହରେକୃଷ୍ଣ ମହତାବଙ୍କ ଜନ୍ମ ଦିନ ପାଳନ ଉପଲକ୍ଷେ ପ୍ରକାଶିତ ଏକ ସ୍ମରଣିକାରେ ମୁଁ ଗୋଟିଏ କବିତା ଲେଖିଥିଲି । ସେ କବିତାଟିର ପ୍ରଥମ ଦୁଇ ଧାଡ଼ି ମନେ ଅଛି—

"ହରେ ହରେ କୃଷ୍ଣ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ ଜପି
ମୁଁ ଆଜି ରଚଇ ତୁମ
ବନ୍ଦନାର ଏଇ ପାଣ୍ଡୁଲିପି"......

ସେଦିନ କିନ୍ତୁ ପ୍ରକୃତରେ ତାଙ୍କ 'ବନ୍ଦନାର ପାଣ୍ଡୁଲିପି' ମୁଁ ରଚନା କରିପାରି ନ ଥିଲି । ଆଜି ବି ତାହା ରଚନା କରିବାର ସାମର୍ଥ୍ୟ ମୋର ନାହିଁ କିମ୍ବା ଭବିଷ୍ୟତରେ ବି କେବେ ସେ ସାମର୍ଥ୍ୟ ଅର୍ଜନ କରିବାର ସମ୍ଭାବନା ନାହିଁ । କାରଣ ମହତାବଜୀଙ୍କ ଭଳି ଜଣେ ଯୁଗଜନ୍ମା ଓ ବହୁମୁଖୀ ବ୍ୟକ୍ତିତ୍ୱ ସଂପନ୍ନ ସୁପୁରୁଷଙ୍କ 'ବନ୍ଦନାର ପାଣ୍ଡୁଲିପି' ଲେଖିବା ସହଜସାଧ୍ୟ ବ୍ୟାପାର ନୁହେଁ । ଅନ୍ତତଃ ମୋର ସେ ଯୋଗ୍ୟତା ନାହିଁ ।

ମହତାବଜୀ ପ୍ରକୃତରେ ବହୁ ମହତ୍ ଗୁଣର ଅଧିକାରୀ ଥିଲେ । ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ଏ କଥା ସ୍ୱୀକାର କରିବ । ବେଳେବେଳେ ଅବଶ୍ୟ କେତେକ ବିଷୟରେ ଓ କେତେକ କ୍ଷେତ୍ରରେ ସେ ଏକଦିଗଦର୍ଶୀ ମନୋଭାବ ପ୍ରକାଶ କରୁଥିଲେ ଏବଂ ସେଥିପାଇଁ ନାନା ବିବାଦ ଓ ସମାଲୋଚନାର

Digitized by srujanika@gmail.com

ଶାନ୍ତ୍ୟ ମଧ୍ୟ ହେଉଥିଲେ । ମାତ୍ର ତାହା ଥିଲା ତାଙ୍କର ବ୍ୟକ୍ତିଗତ ଚରିତ୍ରର ଏକ ବୈଶିଷ୍ଟ୍ୟ । ନିଜର ମତାମତ ଯାହା ହେଉନା କାହିଁକି, ତାକୁ ସେ ଅନ୍ୟ ଉପରେ ଲଦି ଦେବାକୁ କେବେ ବି ଚେଷ୍ଟା କରୁ ନଥିଲେ । ଏପରିକି ତାଙ୍କ ନିକଟରେ ଏକାନ୍ତ ନଗଣ୍ୟ ଥିବା ଯୁବକ ବା ତାଙ୍କ ପାଖରେ ଚାକିରି କରୁଥିବା ଲୋକଙ୍କ ମତାମତକୁ ମଧ୍ୟ ସେ ହେୟଜ୍ଞାନ କରୁ ନଥିଲେ । ସେଇଥିପାଇଁ ତାଙ୍କର 'ଦରବାର' ଥିଲା ସମସ୍ତଙ୍କ ପାଇଁ ଅବାରିତ । ସବୁ ଶ୍ରେଣୀର ଲୋକ ସେଥିରେ ଯୋଗ ଦେଇ ନିଜର ସ୍ୱାଧୀନ ମତ ପ୍ରକାଶ କରିବାର ସୁଯୋଗ ପାଉଥିଲେ ।

ପେଷାଗତ ଦୃଷ୍ଟିରୁ ମୁଁ ମହତାବଙ୍କ 'ପ୍ରଜାତନ୍ତ୍ର'ରେ କେବେ ଚାକିରୀ କରି ନ ଥିଲେ ମଧ୍ୟ ମୋର ସାମ୍ବାଦିକ ଜୀବନର ପ୍ରାରମ୍ଭ କାଳରୁ ହିଁ ମହତାବଙ୍କ 'ଦରବାର'ର ଜଣେ ସକ୍ରିୟ ସଭ୍ୟ ଥିଲି । 'ପ୍ରଜାତନ୍ତ୍ର'ର ତତ୍କାଳୀନ ବାର୍ତ୍ତା ସଂପାଦକ ସ୍ୱର୍ଗତଃ ରମେଶ ମହାନ୍ତିଙ୍କ ସହିତ ମୋର ଘନିଷ୍ଠତା ଥିବା କାରଣରୁ ହିଁ କ୍ରମଶଃ ମୁଁ ମହତାବଙ୍କ ଦରବାର ସହିତ ଜଡ଼ିତ ହୋଇ ପଡ଼ିଥିଲି । ତା' ଛଡ଼ା ମହତାବଜୀ ସେତେବେଳେ ଥିଲେ ଛୋଟ ବଡ଼ ସବୁ ଲେଖକଙ୍କର ସବୁଠାରୁ ବଡ଼ ପ୍ରେରଣାଦାତା । ବିଶେଷ କରି ତାଙ୍କର ବିଷୁବ ମିଳନ ଥିଲା ଲେଖକ ମାନଙ୍କର ଏକ ମାତ୍ର ମିଳନପୀଠ । ମୁଁ ମହତାବଙ୍କ ରାଜନୈତିକ ପ୍ରତିଦ୍ୱନ୍ଦୀ-ମାନଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସମ୍ବାଦପତ୍ର ('ଗଣତନ୍ତ୍ର', 'ମାତୃଭୂମି', 'ସ୍ୱରାଜ' ଓ 'ଧରତ୍ରୀ' ଇତ୍ୟାଦି) ରେ ଚାକିରି କରୁଥିଲେ ମଧ୍ୟ ତାଙ୍କ ଦରବାରର ଦ୍ୱାର ମୋ ପାଇଁ କେବେ ମନା ନ ଥିଲା । ଏହା ଥିଲା ତାଙ୍କ ମହନୀୟତାର ଅନ୍ୟ ଏକ ଦିଗ । ତାଙ୍କରି ଦରବାରରେ ବସି ଆମେ ବହୁବାର ତାଙ୍କ ମତର ସମାଲୋଚନା କରିଛୁ ଓ ଅତ୍ୟନ୍ତ ଦୃଢ଼ ଭାବରେ ଭିନ୍ନ ମତ ପ୍ରକାଶ କରିଛୁ କିନ୍ତୁ ସେଥିପାଇଁ ସେ କେବେହେଲେ ବିରକ୍ତ ପ୍ରକାଶ କରନ୍ତି ନାହିଁ ।

ମୁଁ ପ୍ରାୟ ଦୀର୍ଘ ୧୫ ବର୍ଷ କାଳ କଟକର ଗାନ୍ଧିନୀ ଚଉକ, ମହମ୍ମଦିଆ ବଜାର, ଶେଖ୍ ବଜାର ଅଞ୍ଚଳରେ ରହିଥିଲି ଏବଂ ପ୍ରଜାତନ୍ତ୍ର ପ୍ରେସ୍ ମୋ ବସାର ନିକଟବର୍ତ୍ତୀ ଥିବାରୁ ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ମହତାବଙ୍କ

Digitized by srujanika@gmail.com

ଦରବାରରେ ହାଜର ହେବାର ସୁଯୋଗ ପାଇଥିଲି । ବାସ୍ତବିକ ସେଥିରେ ଯୋଗ-ଦେବା ଓ ନାନା ପ୍ରକାର ଆଲୋଚନାରେ ଭାଗ ନେବା ମୋ ପାଇଁ ଅତ୍ୟନ୍ତ ଆନନ୍ଦ ଦାୟକ ଥିଲା ।

ମୋର ମନେ ଅଛି, ମହତାବଙ୍କ ଦରବାର ତଥା ବିଷୁବ ମିଳନ ସହିତ ଆମର ନିବିଡ଼ ସଂପର୍କ ଯୋଗୁହିଁ ୧୯୬୪ରେ ଓଡ଼ିଆ ଯୁବ ଲେଖକ ସମ୍ମେଳନର ସଙ୍ଗଠନ ସମ୍ଭବ ହୋଇଥିଲା । ଏହାର ମୁଖ୍ୟ ପ୍ରେରଣା ଦାତା ଥିଲେ ମହତାବଜୀ । ଯୁବ ଲେଖକ ସମ୍ମେଳନର ପ୍ରଥମ ଉଦ୍ୟୋକ୍ତା ରବିବାସରୀୟ ସାହିତ୍ୟ ସଂସଦର ମୁଁ ଥିଲି ସଂପାଦକ ଏବଂ ମୋର ମନେ ଅଛି, ତାଙ୍କରି ଆଶୀର୍ବାଦ ନେଇ ଆମେ ଆରମ୍ଭ କରିଥିଲୁଁ ଓଡ଼ିଆ ସାହିତ୍ୟର ବଡ଼ ଦାଣ୍ଡରେ ସେହି ତାରୁଣ୍ୟର ଜୟଯାତ୍ରା ।

ମୁଁ ବରାବର ଲକ୍ଷ୍ୟ କରିଛି, ଓଡ଼ିଶାର ଯୁବ ଲେଖକମାନଙ୍କର ସୃଷ୍ଟି ଓ ସଙ୍ଗଠନ ପ୍ରତି ମହତାବ୍‌ଜୀଙ୍କର ଏକ ବିଶେଷ ସହାନୁଭୂତି ଓ ସମ୍ବେଦନଶୀଳତା ଥିଲା । ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଲେଖକ ଲେଖିକା ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କର ସାହାଯ୍ୟ ଓ ପ୍ରେରଣା ଲାଭ କରିଛନ୍ତି । ସେଇଥିପାଇଁ ପ୍ରାୟ ସବୁ ଲେଖକ ଲେଖିକା ତାଙ୍କ ନିକଟରେ ଋଣୀ । ଏବେ ମହତାବ୍‌ଜୀ ନାହାଁନ୍ତି । ଓଡ଼ିଆ ସାହିତ୍ୟର ଦରବାର ଭାଙ୍ଗି ଯାଇଛି । ଲେଖକମାନଙ୍କର ସେ ଥିଲେ ସବୁଠାରୁ ବଡ଼ ମୁରବୀ । ତେଣୁ ଲେଖକମାନେ ଯେ ବହୁଦିନ ଧରି ତାଙ୍କୁ ଝୁରି ହେବେ – ଏଥିରେ ସନ୍ଦେହ ନାହିଁ ।

– ୦ –

Digitized by srujanika@gmail.com

।। ମହତାବଙ୍କ କଥା ସାହିତ୍ୟରେ ନାରୀ ।।

✲ ଡ଼ଃ ଲାବଣ୍ୟ ନାୟକ

ବହୁଧାର ବିଶିଷ୍ଟ ଏକ ଜଳ ସ୍ରୋତ ପରି ହରେକୃଷ୍ଣ ମହତାବଙ୍କ ବ୍ୟକ୍ତିତ୍ୱ ଥିଲା ବହୁମୁଖୀ ପ୍ରତିଭାର ଅଧିକାରୀ । ସେ ଥିଲେ ଏକକାଳୀନ ଜଣେ ରାଜନୀତିଜ୍ଞ, ସମାଜସେବୀ, ସାମ୍ବାଦିକ, ସାଙ୍ଗଠନିକ ଓ ସାହିତ୍ୟିକ । ଜଣେ ପ୍ରଶାସକର କର୍ମମୟ ଜୀବନ ଭିତରେ ମଧ୍ୟ ତାଙ୍କ ଲେଖନୀ ଅବିରାମ ଗତିରେ କିଛି ନା କିଛି ସୃଷ୍ଟି କରିଛି । କେତେବେଳେ ଉପନ୍ୟାସ ତ କେତେବେଳେ ନାଟକ, ଆଉ କେତେବେଳେ କ୍ଷୁଦ୍ରଗଳ୍ପ, କବିତା ବା ପ୍ରବନ୍ଧ । ଏପରିକି ଅହମଦାବାଦ କାରାଗାରରେ ବନ୍ଦୀ ଜୀବନ ଯାପନ ସମୟରେ ମଧ୍ୟ ସେ ରଚନା କରିଥିଲେ ଓଡ଼ିଶା ଇତିହାସ ପରି ଏକ ଉନ୍ନତ ଗ୍ରନ୍ଥ । ସେ ଏକ ବ୍ୟକ୍ତିଗତ ଚିଠିରେ ସ୍ୱୀକାର କରନ୍ତି "ମୋର ସାହିତ୍ୟ ସାଧନା ସ୍ରୋତସ୍ୱିନୀ ନଦୀପରି ବହି ଚାଲିଛି । ଲେଖିଯିବା ମୋର ଅଭ୍ୟାସ, ଯେପରି ଫଳ ଫଳାଇବା ଗଛର ଅଭ୍ୟାସ" ।

ସାଧାରଣତଃ ସାହିତ୍ୟରେ ଲେଖକର ବ୍ୟକ୍ତିଗତ ଜୀବନ ପ୍ରତିଫଳିତ ହୋଇଥାଏ ଏବଂ ଲେଖକ ନିଜର ଚିନ୍ତା ଜଗତରୁ ବିଷୟବସ୍ତୁ ଗ୍ରହଣ

✲ ୨୧।୪।୭୮ରେ ଲିଖିତ ମହତାବଙ୍କ ବ୍ୟକ୍ତିଗତ ପତ୍ର ଆଧୁନିକ ଓଡ଼ିଆ କଥା ସାହିତ୍ୟ–ଡ଼ଃ ନରେନ୍ଦ୍ର ନାଥ ମିଶ୍ର ୧୯୮୨

Digitized by srujanika@gmail.com

କରିଥାନ୍ତି । ତତ୍‌ପରେ ମହତାବ ଭାରତର ସ୍ୱାଧୀନତା ସଂଗ୍ରାମରେ ଜଣେ ନିର୍ଭୀକ ଓ ସଚ୍ଚୋଟ ସୈନିକ । ବହୁ ଘାତ ପ୍ରତିଘାତ, ସଘାତ ଓ ସଂଘର୍ଷ ମଧ୍ୟ ଦେଇ ତାଙ୍କୁ ଗତି କରିବାକୁ ହୋଇଛି । ପୁନଶ୍ଚ ସେ ଜଣେ ରାଜନୀତିଜ୍ଞ ଓ ଶାସକ । ତେଣୁ ତାଙ୍କ ରଚନାଗୁଡ଼ିକରେ ଏସବୁର ସମନ୍ୱୟ ରୂପ ଦେଖିବାକୁ ମିଳେ । ଜଣେ ସମାଜସେବୀ ଭାବରେ ସେ ସମାଜର ସବୁ ଶ୍ରେଣୀର ଜନତାର ସଂସ୍ପର୍ଶରେ ଆସିଥିନ୍ତି । ନାରୀ, ପୁରୁଷ, ଧନୀ, ଦରିଦ୍ର, ଜମିଦାର, ପ୍ରଜା ଓ କୃଷକ ପ୍ରଭୃତି ବିଭିନ୍ନ ବ୍ୟକ୍ତିଙ୍କୁ ଜାଣିବାର ସୁଯୋଗ ତାଙ୍କୁ ମିଳିଛି । ଫଳରେ ତାଙ୍କ ରଚନା ଗୁଡ଼ିକରେ ଏମାନେ ହିଁ ଉପଜୀବ୍ୟ ହୋଇ ଉଠିଛନ୍ତି ।

ଜଣେ ସମାଜସେବୀ ଭାବରେ ସମାଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ସେ ପ୍ରୟାସୀ ଥିଲେ । ପୁରୁଷ ପରି ନାରୀ ମଧ୍ୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନାରୀ ଶିକ୍ଷା, ନାରୀ ସ୍ୱାଧୀନତା ଓ ନାରୀର ସମ୍ମାନ ରକ୍ଷା ଆଦି କେତେକ ସମସ୍ୟା ସହିତ ନାରୀ ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ସଂଭାବନା ଓ ପ୍ରତିଶ୍ରୁତିର କଥା ତାଙ୍କ ସାହିତ୍ୟ ସୃଷ୍ଟିରେ ପ୍ରତିଫଳିତ । ଏହିପରି ପ୍ରତିଶ୍ରୁତି ମିଳିଛି 'ପ୍ରତିଭା' ଠାରୁ, ଯେତେବେଳେ ସେ କିଶୋରୀ ବୟସରେ ଗାଁ ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀ ଥିଲା ଏବଂ ଫଳଶ୍ରୁତି ଘଟିଛି ଉପନ୍ୟାସଟିର ଶେଷାଂଶରେ । ମା'ଙ୍କ କଟକଣା ମଧ୍ୟରେ ଥାଇ ଓ ଦୈନନ୍ଦିନ ଘରକାମର ଭାର ବହନ କରି ମଧ୍ୟ ପ୍ରତିଭା ପାଠପଢ଼ାରେ ଆଗ୍ରହୀ ହୋଇଛି । ପୁଣି ଭାଗ୍ୟର ବିଡମ୍ବନାରେ ତାକୁ ବିଦ୍ୟାଳୟ ଛାଡ଼ିବାକୁ ହୋଇଛି । ମାତ୍ର ପଙ୍କରେ ପଡ଼ିଲେ ମଧ୍ୟ କାଞ୍ଚନର ଜ୍ୟୋତି ତୁଟେ ନାହିଁ, ହୁଏତ ସାମୟିକ ମଳିନ ଦେଖାଯାଏ । ଘଷା ମଜାରେ ସେ ଜ୍ୟୋତି ପୁଣି ଫେରିଆସେ । ବିଦ୍ୟାଳୟ ଛାଡ଼ି ଘରେ ରହିଲେ ମଧ୍ୟ ସେ ପଢ଼ା ଛାଡ଼ି ନାହିଁ । ମହେନ୍ଦ୍ରଙ୍କ ସଂସ୍ପର୍ଶରେ ଆସି ନିଜର ଜ୍ଞାନ ଓ ଦୃଷ୍ଟିକୋଣ ପରିମାର୍ଜିତ କରିଛି । ସେହି ପ୍ରତିଭା ପରବର୍ତ୍ତୀ ସମୟରେ ବିପ୍ଳବିନୀ ସାଜି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛି । ବୋହୂ ସାଜି ଘର କୋଣରେ ରହୁଥିବା ପ୍ରତିଭା ସଭା ମଞ୍ଚରେ ଠିଆ ହୋଇ ଭାଷଣ ଦେବାକୁ ସମର୍ଥ ହୋଇଛି । ଯଦିଓ ପ୍ରଥମେ ସେ ଭୟଭୀତା ହୋଇ ମଞ୍ଚରେ ଅଚେତା ପ୍ରାୟ ହୋଇଯାଇଛି । ତଥାପି ତାହାର ଉତ୍ସାହ ମରି ଯାଇ ନାହିଁ, ନିଷ୍ଠା କମି ନାହିଁ । ସ୍ୱାମୀ-ନବୀନ ସହ ମିଳିତ ହୋଇ

Digitized by srujanika@gmail.com

ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାର ସୂଚନା ଲେଖକ ପୁସ୍ତକର ଶେଷାଂଶରେ ଦର୍ଶାଇଛନ୍ତି । 'ପ୍ରତିଭା' ଚରିତ୍ରଟିକୁ ଲେଖକ ବାସ୍ତବ ଜଗତରୁ ସଂଗ୍ରହ କରିଥିବା ସମ୍ଭବ । ଜାତୀୟ ସଂଗ୍ରାମରେ ବହୁନାରୀ ଯୋଗ ଦେଇଥିବା ଦୃଷ୍ଟାନ୍ତ ରହିଛି । ପ୍ରତିଭା ଚରିତ୍ରକୁ ଅନୁଧ୍ୟାନ କଲାବେଳେ ସମାଜସେବୀ ନାରୀ ନେତ୍ରୀ ରମାଦେବୀଙ୍କ ସ୍ମୃତି ସ୍ୱତଃ ମନକୁ ଆସେ । ଜମିଦାର ବଂଶର ବୋହୂ ପରଦା ପ୍ରଥା ମଧ୍ୟରେ ଥିଲେ ମଧ୍ୟ ଶେଷରେ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇ ପାରିଥିଲେ ।

ପ୍ରତିଭା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଛି ତା'ର ସ୍ୱାମୀ ନବୀନର ଆଦର୍ଶକୁ କେବଳ ମାନିନେବା ପାଇଁ ନୁହେଁ, ପ୍ରଜାମାନଙ୍କ ଉପରେ ଜମିଦାରମାନଙ୍କର ଅତ୍ୟାଚାର, ଟଙ୍କା ବଳରେ ଧନୀମାନଙ୍କର ନରହତ୍ୟା ଜନିତ ଦଣ୍ଡରୁ ମୁକ୍ତି ଇତ୍ୟାଦ ଘଟଣାଗୁଡ଼ିକ ମର୍ମାହତ ପ୍ରତିଭାକୁ ବିପ୍ଳବିନୀ କରିଛି । ଶଶୁରଙ୍କର ପ୍ରଜାପୀଡନ ଗୁଣ ଯେପରି ତାକୁ ଦୁଃଖାଭିଭୂତ କରିଛି, ସ୍ୱାମୀଙ୍କର ତା' ପ୍ରତି ଅବଜ୍ଞା ତାକୁ ସେହିପରି ମର୍ମାହତ କରିଛି । ଶଶୁର ଓ ସ୍ୱାମୀଙ୍କର ଦୋଷ ଦର୍ଶାଇବାରେ ସେ ପଶ୍ଚାତପଦ୍ ହୋଇନି । ଘର ଛାଡ଼ି ଚାଲିଯିବା ପାଇଁ ମାନସିକ ପ୍ରସ୍ତୁତ ହୋଇଛି । ଏହାକୁ ପ୍ରତିଭାର ସ୍ୱେଚ୍ଛାଚାରିତା ନୁହେଁ, ବରଂ ସ୍ୱାଭିମାନ୍ ବୋଲି କୁହାଯାଇ ପାରେ । ଲେଖକ ପ୍ରତିଭା ଚରିତ୍ର ମାଧ୍ୟମରେ ସମୁଦାୟ ନାରୀଜାତିର ଆତ୍ମସମ୍ମାନବୋଧ ଓ ସ୍ୱାଧୀନ ଚିନ୍ତାର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି । ଘରଛାଡ଼ିବା ପୂର୍ବରୁ ପ୍ରତିଭା ମନରେ ଦେଖା ଦେଇଛି ଦ୍ୱନ୍ଦ୍ୱ । ବାଲ୍ୟକାଳରୁ ମା'ଙ୍କର କଟକଣା ଭିତରେ ପୁରପଲ୍ଲୀରେ ପ୍ରତିଭା ବଢ଼ିଥିଲା, ପୁଣ ବିବାହ ପରେ ଜମିଦାର ରାମହରି ବାବୁଙ୍କର କୁଳବଧୂର ଆଦବ କାଇଦାରେ ଚଳିବାକୁ ହେଲା । ତେଣୁ ନିର୍ଦ୍ୱନ୍ଦ୍ୱରେ ଘରଛାଡ଼ିବା ସମ୍ଭବ ନୁହେଁ । ଲେଖକ ଦ୍ୱନ୍ଦ୍ୱର ସ୍ୱାଭାବିକ ଚିତ୍ର ଅଙ୍କନ କରି ପ୍ରତିଭା ଚରିତ୍ରର ମହନୀୟତା ବୃଦ୍ଧି କରିଛନ୍ତି । ନବୀନ ସମ୍ପର୍କରେ ପ୍ରତିଭା ମନେ ମନେ ଚିନ୍ତା କରିଛି– "ଏଇ ଶେଷ ଉଦ୍ୟମ, ଜେଲ୍‌ରୁ ଖଲାସ ହେବାର ପନ୍ଦର ଦିନ ଭିତରେ ଯଦି ସେ ନ ଆସନ୍ତି, ତେବେ ମୁଁ ମଧ୍ୟ ଏକାକିନୀ ହୋଇ ଜୀବନ ନେଇ ଖେଳା କରିବି । ମୋର ମାୟାମମତା କିଛି ନାହିଁ–ମୁଁ ପଥର ଭିକାରୁଣୀ ହେବି–

Digitized by srujanika@gmail.com

ମୁଁ ଦୁର୍ବୃତ୍ତ ପୁରୁଷର ପାପ ପ୍ରବୃତ୍ତି ଆଗରେ ବିପଦାପନ୍ନ ହେବି–ମାତ୍ର ମୁଁ ମୁକ୍ତ–ତେଣିକି ମୋର କାମ–ବିପ୍ଲବ; ଯେଉଁଠି ଅତ୍ୟାଚାର ସେଠି ମୁଁ ଯାଇ ଧାଡ଼ଶୁବି । ଯେଉଁଠି ଆର୍ତ୍ତ ସେଠି ମୁଁ ଯାଇ ସେବା କରିବି । ସେଇଥିରେ ମୋ ଜୀବନର ସାର୍ଥକତା ହେବ ।" (ପ୍ରତିଭା-୧୯୭୦ ସଂସ୍କରଣ ପୃଷ୍ଠା–୨୦୮) ଏଥିରୁ ପ୍ରତିଭାର ମାନସିକ ଅବସ୍ଥା ସୂଚିତ ହେବା ସହିତ, ନାରୀମାନଙ୍କର ନିଃସ୍ୱାର୍ଥପର ତ୍ୟାଗ ଜାତୀୟ ଆନ୍ଦୋଳନକୁ ସଫଳତାର ଦିଗରେ କିପରି ଆଗେଇ ନେଇଥିଲା ତାହାର ପ୍ରମାଣ ମିଳିଥାଏ ।

'ଆନନ୍ଦ ଲହରୀ ଉପନ୍ୟାସ ମାଳା'ର ଏକ ଅବଦାନ ରୂପେ ସାମାଜିକ ଉପନ୍ୟାସ 'ନୂତନ ଧର୍ମ' (୧୯୩୫) ଆତ୍ମପ୍ରକାଶ କରିଛି । ଏଥିରେ ପ୍ରେମ ଧର୍ମକୁ ନୂତନ ଧର୍ମ ଭବରେ ଗ୍ରହଣ କରଯାଇଛି । ପ୍ରକୃତ ଧର୍ମ ବାହ୍ୟ ଉପଚାରରେ ନାହିଁ, ମାନବ ପ୍ରୀତି ହିଁ ପ୍ରକୃତ ଧର୍ମ । ଲେଖକ ଏହି ଉପନ୍ୟାସରେ କମଳା, ସୁନୀତି ଓ ସୁନ୍ଦରମଣି ପରି କେତୋଟି ଉଲ୍ଲେଖ ଯୋଗ୍ୟ ନାରୀ ଚରିତ୍ର ସୃଷ୍ଟିକରି ମାନବ-ଧର୍ମର ମହତ୍ତ୍ୱ ଦର୍ଶାଇଛନ୍ତି । ଜଗଦୀଶପୁର ଗ୍ରାମରେ ହରିହର, ନଦିଆରୁ ଗୌଡୀୟ ବୈଷ୍ଣବମାନଙ୍କୁ ନିମନ୍ତ୍ରଣ କରି ଚବିଶ ପ୍ରହରୀ ସଂକୀର୍ତ୍ତନ କରୁଥିବାବେଳେ ସେହି ଗ୍ରାମର ମାୟାଧର ଓ ତାଙ୍କ କନ୍ୟା କମଳା ପ୍ରେମ ଧର୍ମ ଉପରେ ବିଶ୍ୱାସ କରିଛନ୍ତି । ବୈଷ୍ଣବ ଗୁରୁ ଗୌରହରିଙ୍କ ପାଖକୁ ଯାଇଛନ୍ତି ପ୍ରେମଧର୍ମ ବିଷୟରେ ଜାଣିବା ପାଇଁ, ସଂକୀର୍ତ୍ତନ କରିବା ପାଇଁ ନୁହେଁ । ହରିହର ଚବିଶ ପ୍ରହରୀ କରୁଥିବା ସ୍ଥଳେ ତାଙ୍କ କନ୍ୟା ସୁନୀତି ଏସବୁ ଆଦୌ ବିଶ୍ୱାସ କରିନାହିଁ । ସୁନୀତି ବାବାଜୀଙ୍କ ପାଖକୁ ନ ଯିବାରୁ ନିଜେ ବାବାଜୀ ସୁନୀତି ନାମରେ ଦୁର୍ନାମ ରଟନା କରିଛନ୍ତି । ହରିହରଙ୍କ କଲେଜ ପଢୁଆ ପୁଅ ପ୍ରହ୍ଲାଦ ମଧ୍ୟ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ । ବାପା ଓ ଭାଇ ଉଭୟେ ବୈଷ୍ଣବ ଧର୍ମ ପ୍ରତି ଆସକ୍ତ ଥିଲେ ମଧ୍ୟ ସୁନୀତିର ସ୍ୱାଧୀନ ମତ ଥିଲା । ତେଣୁ ସେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇନାହିଁ । ଲେଖକ ଏଠାରେ ଦର୍ଶାଇଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ଚିନ୍ତା ରହିଛି । ନାରୀ ବୋଲି ଯେ ସେ ଅନ୍ୟର ମତକୁ ଅନିଚ୍ଛାସତ୍ତ୍ୱେ ମାନିନେବ, ଏହା ଆଦୌ ସ୍ୱୀକାରଣୀୟ ନୁହେଁ ।

Digitized by srujanika@gmail.com

ଏହି ଉପନ୍ୟାସଟିରେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ଚିତ୍ର ରହିଛି । ହରିହରଙ୍କର ପୁତ୍ରବଧୂ ସୁନ୍ଦରମଣି, ପ୍ରତିଘର ସମଧର୍ମୀ ଏକ ଚରିତ୍ର । ସେ ସୁନ୍ଦରୀ, ଶିକ୍ଷିତା ଓ କଂଗ୍ରେସ ଅନୁଷ୍ଠାନର ସକ୍ରିୟ ସଭ୍ୟା । ଜାତୀୟ ସଂଗ୍ରାମରେ ଯୋଗଦେଇ କାରାବରଣ କରିଛନ୍ତି । ନିଜର ଅନିଚ୍ଛାସତ୍ତ୍ୱେ, ପିତାଙ୍କ କଥା ରକ୍ଷା କରି ପ୍ରହ୍ଲାଦଙ୍କୁ ବିବାହ କରିବାକୁ ହୋଇଛି । ଲେଖକ ଏହି ଚରିତ୍ରଟି ମାଧ୍ୟମରେ ନାରୀର ଏକ ଅଦ୍ଭୁତ ଶକ୍ତିର ପରିଚୟ ପ୍ରଦାନ କରିଛନ୍ତି । ପ୍ରତିଭାକୁ ନବୀନ, ମହେନ୍ଦ୍ର ଓ ପ୍ରକାଶ ପ୍ରଭୃତି କେତୋଟି ପୁରୁଷ ଚରିତ୍ର ଅନୁପ୍ରାଣିତ କରିଥିବା ସ୍ଥଳେ ସୁନ୍ଦରମଣି ବରଂ ତାଙ୍କ ସ୍ୱାମୀ ପ୍ରହ୍ଲାଦଙ୍କୁ ନିଜ ଆଦର୍ଶ ଦ୍ୱାରା କ୍ରମେ ପ୍ରଭାବିତ କରି ପାରିଛନ୍ତି । ଲେଖକ ନାରୀକୁ ଏକ ଗୌରବମୟ ଭୂମିକା ପ୍ରଦାନ କରିଥିବା ଲକ୍ଷ୍ୟ କରଯାଏ । ସୁନ୍ଦରମଣି ସମାଜର ଅନେକ କୁସଂସ୍କାର ଦୂର କରିବାରେ ପ୍ରୟାସୀ । ପ୍ରହ୍ଲାଦର ଭଉଣୀ ସୁନୀତି ବିଧବା ହୋଇଗଲା ପରେ ସୁନ୍ଦରମଣି, ପ୍ରହ୍ଲାଦର ଜଣେ ବନ୍ଧୁଙ୍କ ସହିତ ସୁନୀତିର ପୁନର୍ବିବାହ କରାଇବା ଇଚ୍ଛା ପ୍ରକାଶ କରିଛନ୍ତି । ସେଥିରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ସୁନୀତିର ପିତା ହରିହର ଲୋକନିନ୍ଦା ଭୟରେ ନିଜ ଗୃହରେ ସୁନୀତିର ବିବାହ ପାଇଁ ଅନୁମତି ଦେଇନାହାନ୍ତି । ପରିଶେଷରେ ସୁନ୍ଦରମଣି ବାଲେଶ୍ୱର ନାରୀ ଆଶ୍ରମରେ ବିବାହ କରାଇ ନିଜର ଲକ୍ଷ୍ୟ ସାଧନ କରିଛନ୍ତି । ସୁନ୍ଦରମଣି ନିଜେ ବାଲେଶ୍ୱରରେ ଗୋଟିଏ ସେବାସମିତି ଗଢ଼ିଛନ୍ତି । ଏହାଦ୍ୱାରା କୁସଂସ୍କାର କିଛି ମାତ୍ରାରେ ଦୂର ହୋଇଛି ଓ ପବିତ୍ର ବାତାବରଣ ସୃଷ୍ଟି ହୋଇଛି । ନାରୀ ଆତ୍ମଶକ୍ତି ବଳରେ କିପରି ସଫଳତା ହାସଲ କରିପାରେ ତାହାର ପ୍ରମାଣ ଏଥିରୁ ମିଳେ ।

'ଅବ୍ୟାପାର' (୧୯୪୭)ରେ ସ୍ଥାନ ପାଇଥିବା କୁମୁଦିନୀ ତତ୍ତୁଲ୍ୟ ଏକ ନାରୀ ଚରିତ୍ର । ବିବାହର ଅଳ୍ପଦିନ ପରେ ଅନ୍ତଃସତ୍ତ୍ୱା କୁମୁଦିନୀକୁ ଛାଡ଼ି ସ୍ୱାମୀ ମୃତ୍ୟୁ ବରଣ କରିଛନ୍ତି । ପୁଣି ସ୍ୱାମୀଙ୍କ ପରେ ପରେ ପିତା ମଧ୍ୟ ଇହଧାମ ତ୍ୟାଗ କରିଛନ୍ତି । ଗର୍ଭସ୍ଥ ଶିଶୁପୁତ୍ର ଭୂମିଷ୍ଠ ହେବାର ଅଳ୍ପ କେତୋଟି ଦିନ ପରେ ମୃତ୍ୟୁ ମୁଖରେ ପଡ଼ିଛି । ପଲ୍ଲୀ ମାଟିରେ ବଢ଼ିଥିବା କୁମୁଦିନୀ ସମାଜ ଆଖିରେ ଭ୍ରଷ୍ଟା ଭାବେ ଗୃହୀତ ହୋଇଛି । ସହର ବା ପଲ୍ଲୀ ଯାହା

Digitized by srujanika@gmail.com

ହେଉନା କାହିଁକି ଆମ ସମାଜର ଅବସ୍ଥା ଏପରି ଯେ ସତ୍ୟର ଅନୁସନ୍ଧାନ ନକରି ନିନ୍ଦା ଓ ଅପବାଦ ଦେବା ପାଇଁ ଲୋକେ ଆଗେଇ ଆସନ୍ତି । କିନ୍ତୁ ଲେଖକ କୁମୁଦିନୀକୁ ଲୋକ ଅପବାଦରେ ଭାଙ୍ଗି ପଡ଼ିବାକୁ ଦେଇ ନାହାନ୍ତି । କଲିକତା ଅବଳା ଆଶ୍ରମରେ ଆସି ସେ ପଢ଼ିଛି ଓ ହିନ୍ଦୁସ୍ଥାନୀ ଅଧ୍ୟକ୍ଷାଙ୍କ ସହାୟତାରେ ପାଠ ପଢ଼ି ଶ୍ରମିକ-ନାରୀମାନଙ୍କର ଜାଗରଣ ଉଦ୍ଦେଶ୍ୟରେ ଗଢ଼ା ହୋଇଥିବା ଆର୍ଯ୍ୟ ସମାଜରେ ନିଯୁକ୍ତ ହୋଇଛନ୍ତି । କୁମୁଦିନୀ ଚରିତ୍ରକୁ ଗୋଟିଏ ଦିଗରୁ ବିଚାର କଲେ ଜଣାଯାଏ, ସେ ପ୍ରତିଭା କିମ୍ବା ସୁନ୍ଦରମଣିଠାରୁ ଅଧିକ ପ୍ରଶଂସନୀୟ । ସୁନ୍ଦରମଣି ପ୍ରଥମରୁ କଂଗ୍ରେସ ସଭ୍ୟା ରୂପେ ଗୃହୀତ ହୋଇଥିଲେ । ତାଙ୍କ ଲକ୍ଷ୍ୟ ପଥରେ ବିଶେଷ କିଛି ବାଧାବିଘ୍ନ ସୃଷ୍ଟି ହୋଇନାହିଁ । ଆଉ ପ୍ରତିଭା ? ସେ ମହେନ୍ଦ୍ରଙ୍କ ଦ୍ୱାରା ଅନୁପ୍ରେରିତ ହୋଇଛି ଓ ଯଦିଓ ମହେନ୍ଦ୍ରଙ୍କ ସହିତ ମିଳାମିଶା କରିବା ଦ୍ୱାରା କିଛିଟା ଅପବାଦ ଶୁଣିବାକୁ ହୋଇଛି ତାହା କେବଳ ତା' ମା'ଙ୍କ ଯୋଗୁ । ମା'ଙ୍କର ମୁଖରା ଚରିତ୍ର ସର୍ବଜନ ବିଦିତ । ତେଣୁ ପ୍ରତିଭାର ଅପବାଦ ଅଳ୍ପ କେତେ ଦିନ ପରେ ଜନମାନସରୁ ଅପସାରିତ ହୋଇଛି । ପୁଣି ବିବାହ ପରେ ଶାଶୁ ଜାହ୍ନବୀ ଦେବୀଙ୍କ ଠାରୁ ପ୍ରଚୁର ସ୍ନେହ ମମତା ସେ ପାଇଛି । କିନ୍ତୁ କୁମୁଦିନୀ ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ହରାଇ ଓ ଜନ ସମାଜରୁ ଅନେକ ନିନ୍ଦା ଅପବାଦ ପାଇ ମଧ୍ୟ ଭାଙ୍ଗି ପଡ଼ିନାହିଁ । ବରଂ ପରିଣତ ବୟସରେ ପାଠପଢ଼ି ଆତ୍ମନିର୍ଭରଶୀଳ ହେବା ସହିତ ପରୋପକାରରେ ନିଜକୁ ନିଯୁକ୍ତ କରି ପାରିଛି । କୁମୁଦିନୀ ଚରିତ୍ର ସହିତ ପ୍ରଖ୍ୟାତ ହିନ୍ଦି ଲେଖକ ଯଶପାଲଙ୍କ 'ଝୁଟାସଚ୍'ର ତାରା ଚରିତ୍ରଟି ସହ କିଛି ସାମ୍ୟ ପରିଲକ୍ଷିତ ହୁଏ ।

'ଟାଉଟର' (୧୯୫୦) ଉପନ୍ୟାସରେ ଲେଖକ ଖୁବ୍ କମ୍ ନାରୀ ଚରିତ୍ରର ଅବତାରଣା କରିଛନ୍ତି । ସୁକୁମାରୀ ଏକ ଗୌଣ ଚରିତ୍ର । ରାମଚନ୍ଦ୍ର, ସେରଗଡ଼ ଗାଁ ଟାଉଟରୀରେ ଅତିଷ୍ଠ ହୋଇ ସ୍କୁଲ ଚାକିରି ପରିତ୍ୟାଗ କରି ଚାଲି ଯାଆନ୍ତି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀକୁ ଜନସେବା ଶିଖିବା ପାଇଁ । ଅନ୍ନ ସ୍ଥାନର କୌଣସି ବ୍ୟବସ୍ଥା ନକରି ହଠାତ୍ ଚାକିରିରୁ ବହିର୍ଭୂତ ହୋଇଥିଲେ ମଧ୍ୟ ସୁକୁମାରୀ ସେଥିରେ କୌଣସି ଅଭିଯୋଗ ବାଢ଼ି ନାହାନ୍ତି । ଲେଖାପଢ଼ି ଜାଣି ନଥିବା ଜଣେ ସାଧାରଣ ସ୍ତ୍ରୀ ଲୋକ ହୋଇ ମଧ୍ୟ ସେ ସ୍ୱାମୀଙ୍କୁ ଉତ୍ତର ଦିଅନ୍ତି—

Digitized by srujanika@gmail.com

"ଏହିସାତ୍ ଇସ୍କୁଲରେ ପଢ଼ାଉଥିଲ, ନ ହେଲ ଆଉ କିଛି କାମ କରିବ । ସେଥିରେ ଯା ଏ ଅସେ କ'ଣ ?" (ଟୋଡଟର-୫ମ ମୁଦ୍ରଣ-୧୯୮୨—ପୃ-୨୫) ସ୍ୱାମୀଙ୍କ ସମର୍ଥିତ ଜନସେବାକୁ ସେ ମଧ୍ୟ ଜୀବନର ବ୍ରତ ଭବରେ ଗ୍ରହଣ କରି ତାଙ୍କର ସହଯାତ୍ରୀ ହୋଇଛନ୍ତି । 'ଅବ୍ୟାପାର'ର ନିଶାମଣି ଯେପରି ବସ୍ତୁବାଦୀ ଜଗତର ପ୍ରଲୋଭନରେ ଜଡ଼ିତ ହୋଇ ଶାଢୀ, ଗହଣା, ବେଶ ପୋଷାକ ପ୍ରତି ଆସକ୍ତ ହୋଇ ସ୍ୱାମୀଙ୍କ ଆଦର୍ଶ ପଥ ଗ୍ରହଣ କରିବାରେ ବିତୃଷ୍ଣା ପ୍ରକାଶ କରିଛି, ସୁକୁମାରୀ ସେପରି କରି ନାହାନ୍ତି । ଡଃ ମହତାବଙ୍କର ଉପନ୍ୟାସଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ କେଉଁ ନାରୀ ଜନ ସେବାରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଛନ୍ତି, କେହିବା ପୁରୁଷକୁ ପ୍ରେରଣା ଦେଇଛନ୍ତି । କିଏ ସମାଜ ସେବା ରୂପକ ମହତ୍ ଗୁଣଟିକୁ ସହଜାତ ଭବରେ ପାଇଛନ୍ତି, କେହି ବା ସମୟ ପରିବେଶ ବା କୌଣସି ବ୍ୟକ୍ତିଦ୍ୱାରା ଉଦ୍‌ବୁଦ୍ଧ ହୋଇ ପୁରୁଷ ପରି ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି ।

କିନ୍ତୁ ନାରୀର ମହନୀୟତା କ'ଣ କେବଳ ସମାଜ ସେବାରେ ହିଁ ପର୍ଯ୍ୟବସିତ ? ନାରୀ ଯେ ପୁରୁଷ ସହିତ ସମାନ ହୋଇପାରେ ଏହା ହୁଏତ ପ୍ରମାଣିତ ହୋଇଛି ବିଭିନ୍ନ ଚରିତ୍ର ମାଧ୍ୟମରେ । ମାତ୍ର ନାରୀର କିଛି ସ୍ୱାତନ୍ତ୍ର୍ୟ ରହିଛି । ସେ ଏକକାଳୀନ ଜନନୀ, ଜାୟା ଓ କନ୍ୟା । କେତେବେଳେ ସାଧାରଣ ମାନବୀ ପରି ବାସ୍ତବର ଜ୍ୱଳନରେ ଦଗ୍‌ଧୀଭୂତ ହୋଇଛି ତ କେତେବେଳେ ଦେବୀ ତୁଲ୍ୟ ସମସ୍ତ ଦହନକୁ ଏଡ଼େଇ ଦେଇ ଆଦର୍ଶକୁ ଆଦରି ନେଇଛି । ସେଥିପାଇଁ ମଧ୍ୟ ତାକୁ କେତେ ମାନସିକ ଦ୍ୱନ୍ଦ୍ୱ ଓ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଛି ।

କୁମୁଦିନୀ ସମାଜ ସେବାରେ ନିଜକୁ ନିଯୁକ୍ତ କରିଥିଲେ ମଧ୍ୟ ପ୍ରବୃତ୍ତି ଓ ଆବେଗର ତାଡ଼ନା ତାକୁ ବିଚଳିତ କରିଛି । କଲିକତାରେ ନାରୀ ଜାଗରଣ କାର୍ଯ୍ୟରେ ଲିପ୍ତ ଥିବାବେଳେ ଲଲ ମୋହନଙ୍କ ସହିତ କୁମୁଦିନୀର ସାକ୍ଷାତ ହୁଏ । ମନର ମିଳନ ସମୟ କ୍ରମେ ପ୍ରଣୟରେ ପର୍ଯ୍ୟବସିତ ହୁଏ । ଲଲମୋହନଙ୍କ ଅଶିକ୍ଷିତା ପତ୍ନୀ ନିଶାମଣି ସ୍ୱାମୀଙ୍କ ଆଦର୍ଶ ପଥରେ ସହଯାତ୍ରୀ ହୋଇପାରେ

Digitized by srujanika@gmail.com

ନାହିଁ । ସେହି ଅଭାବ ବୋଧର ପରିପୂରଣ ଆଶାରେ ପ୍ରଣୟକୁ ପରିଣୟରେ ପରିଣତ କରିବା ପାଇଁ ଇଛା ପ୍ରକାଶ କରି ନିଶାମଣିକୁ ଛାଡପତ୍ର ଦେବା ପାଇଁ ସ୍ଥିର କରନ୍ତି । ମାତ୍ର କୁମୁଦିନୀର ପ୍ରତ୍ୟକ୍ଷ ଭୂମିକା ଯୋଗୁଁ ନିଶାମଣି ସହରକୁ ଆସି ଶିକ୍ଷିତା ହେବା ସହିତ ନୂତନ ବ୍ୟକ୍ତିତ୍ୱ ଲାଭ କରି ସ୍ୱାମୀ ଲଲମୋହନର ଉପଯୁକ୍ତ ପତ୍ନୀ ହୋଇ ପାରିଛି । କୁମୁଦିନୀ ମନରେ ଲଲମୋହନ ପ୍ରତି ଶତ ଦୁର୍ବଳତା ଥିବା ସତ୍ତ୍ୱେ ନିଶାମଣିକୁ ଛାଡ଼ପତ୍ର ଦେବା ପ୍ରସ୍ତାବରେ ଏକମତ ହୋଇ ପାରିନି । ଆଦର୍ଶ ଓ ବାସ୍ତବର ସଂଘର୍ଷ ମଧ୍ୟରେ ଆଦର୍ଶ ହିଁ ଜୟଯୁକ୍ତ ହୋଇଛି । ତେଣ ଲଲମୋହନର ମୃତ୍ୟୁ ଦଣ୍ଡାଦେଶ ଖବର ପାଇବା ପରେ ନିଶାମଣି ଯେତେବେଳେ ନବଜାତ ଶିଶୁ ପୁତ୍ରକୁ ଛାଡ଼ି ଆତ୍ମହତ୍ୟା କରିଛି ସେତେବେଳେ କୁମୁଦିନୀହିଁ ଧାତ୍ରୀର ଭୂମିକା ଗ୍ରହଣ କରିଛି ।

ସେହିପରି ସୁନ୍ଦରମଣି ଏକ ଆଦର୍ଶବାଦୀ ଚରିତ୍ର ହେଲେ ମଧ୍ୟ ବାସ୍ତବତା, ମଝିରେ ଆସି ବାଧା ସୃଷ୍ଟି କରିଛି । ସୁନ୍ଦରମଣିଙ୍କ ଶଶୁର ଜମିଦାରୀରୁ ଆଦାୟ ସମସ୍ତ ଟଙ୍କା ନିଜ ପାଖରେ ରଖିବା ଦ୍ୱାରା ଘର ଓ ଠାକୁରଙ୍କ ଖର୍ଚ୍ଚ ଚଳାଇବାରେ ସୁନ୍ଦରମଣି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତେଣୁ ପ୍ରଜାମାନଙ୍କ ଠାରୁ ଜୋର ପୂର୍ବକ କର ଆଦାୟ କରିବା ପାଇଁ ଗୁମାସ୍ତା-ମାନଙ୍କୁ ଇଙ୍ଗିତ ଦେଉଛନ୍ତି । ଯେଉଁ ସୁନ୍ଦରମଣି ଜନତାର ଦୁଃଖ ମୋଚନକୁ ଜୀବନର ଲକ୍ଷ୍ୟ ମଣିଥିଲେ ସେ ପ୍ରଜାଙ୍କୁ ଦୁଃଖ ଦେଇ କର ଆଦାୟ କଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସେ ନିଜର ଭୁଲ ବୁଝିପାରି ପୁନଶ୍ଚ ଆଦର୍ଶର ପଥକୁ ଫେରି ଯାଇଛନ୍ତି । ଏହି ଚରିତ୍ରଟିରେ ଲେଖକ ଆଦର୍ଶ ଓ ବାସ୍ତବର ସମନ୍ୱୟ କରିଛନ୍ତି ।

କେତେକ ବାସ୍ତବ ଧର୍ମୀ ନାରୀ ଚରିତ୍ର ମାଧ୍ୟମରେ ଲେଖକ ପ୍ରେମର ବିଭିନ୍ନ ରୂପ ଉଦ୍‌ଘାଟନ କରିଛନ୍ତି । 'ସ୍ୱର୍ଗରେ ଇମର୍ଜେନ୍‌ସି' ଲେଖକଙ୍କର ଏକ କ୍ଷୁଦ୍ରଗଳ୍ପ ପୁସ୍ତକ । 'ପ୍ରେମର ପରିଣାମ' ଗଳ୍ପର ନାୟକ ଶାରଦା ପ୍ରସନ୍ନ ଓ ନାୟିକା ପଦ୍ମା । ନାରୀର ସୌନ୍ଦର୍ଯ୍ୟ ଅଗ୍ନିରେ ପୁରୁଷ କିପରି ପତଙ୍ଗ ପରି ଝାସ ଦିଏ ତାହାର ସ୍ୱରୂପ ଲେଖକ ଉଦ୍‌ଘାଟନ କରିଛନ୍ତି । ଶାରଦା ଓ ପଦ୍ମା

Digitized by srujanika@gmail.com

ଏକା ଗାଁର ଅଧିବାସୀ । ପଦ୍ମା ଖୁବ୍ ଗରିବ, କିନ୍ତୁ ରୂପସୀ । ଶାରଦାଙ୍କଠାରେ ପ୍ରେମର ଏକାଗ୍ରତା ନାହିଁ, କେବଳ ପ୍ରବୃତ୍ତିର ଆକର୍ଷଣ ଅଛି । ତେଣୁ ଉଚ୍ଚପଦସ୍ଥ ଚାକିରି ପାଇଲା ପରେ ଅନ୍ତଃସତ୍ତ୍ୱା-ପଦ୍ମାକୁ ଗ୍ରହଣ କରିବାକୁ ନାରାଜ ହୋଇଛନ୍ତି । ତେଣୁ ତାକୁ ଡାକ୍ତର ଖାନା ଆଣିଛନ୍ତି ଓ ପୁତ୍ର ଜାତ ପରେ ମା ଓ ପୁଅକୁ ପୁରୀରେ ଏକ ମଠରେ ଛାଡ଼ିଦେଇ ନିଶ୍ଚିନ୍ତ ହୋଇଛନ୍ତି । ମାତ୍ର ଅର୍ଣ୍ଣଯିତା ପଦ୍ମା 'ଦାୟିତ୍ୱ ଶିକ୍ଷା ସମିତି' ସାହାଯ୍ୟରେ ଶାରଦା ପ୍ରସନ୍ନଙ୍କ ପାଖରେ ପହଞ୍ଚିଛି ଓ ସର୍ବ ସମ୍ମୁଖରେ ଶାରଦା ପ୍ରସନ୍ନଙ୍କ ପାଖରେ ପୁଅକୁ ଅର୍ପଣ କରି ତାଙ୍କୁ ଅପଦସ୍ତ କରିଛି । 'ଦାୟିତ୍ୱ ଶିକ୍ଷା ସମିତି'ର ସଭ୍ୟ ମାନେ ପଦ୍ମାକୁ ଶାରଦାଙ୍କ ପାଖରେ ଛାଡ଼ି ଯିବାବେଳେ କହିଗଲେ "ତୁ କେବେ ଏ ଘର ଛାଡ଼ି ଯିବୁ ନାହିଁ । ତୋର ଦାବୀ ତୁ ଏଣିକି ହାସଲ କର । ପ୍ରେମର ଦାୟିତ୍ୱ ଶିକ୍ଷା ଆଜି ଏ ଶିକ୍ଷିତ ଯୁବକକୁ ।" (ପ୍ରେମର ପରିଣାମ–ସ୍ୱର୍ଗରେ ଇମରଜେନ୍‌ସୀ–ପୃ ୫୯) ପରିଶେଷରେ ସେ ତାହାକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଛି । ଗଳ୍ପଟିରୁ ଶିକ୍ଷିତ ଯୁବକମାନଙ୍କର ଦାୟିତ୍ୱହୀନତା ସହିତ ନାରୀ ଚରିତ୍ରର ଗୋଟିଏ ଦିଗ ଉନ୍ମୋଚିତ ହୁଏ । ନିଜର ଦାବୀ ସାବ୍ୟସ୍ତ ନ କଲେ ଓ ଅନ୍ୟାୟ ବିରୁଦ୍ଧରେ ବିପ୍ଳବ ନ କଲେ ସବୁବେଳେ ନାରୀକୁ ଅବହେଳିତ ଓ ନିର୍ଯାତିତ ହେବାକୁ ହିଁ ହୋଇଥାଏ ।

'ସାବିତ୍ରୀ' ସମଧର୍ମୀ ଅନ୍ୟ ଏକ ଗଳ୍ପ । ଜଗନ୍ନାଥ, ବିବାହିତ ପତ୍ନୀକୁ ପରିତ୍ୟାଗ କରି ଏକ ବିଦେଶିନୀ ମହିଳା ପ୍ରତି ଆସକ୍ତ ହୋଇ ପଡ଼ିଛନ୍ତି । ମା, ସ୍ତ୍ରୀ ଓ ଘର ସହିତ ସମସ୍ତ ସଂପର୍କ ଛିନ୍ନ କରିଛନ୍ତି । ମା'ଙ୍କ ଅନୁରୋଧ କ୍ରମେ ବହୁଦିନ ପରେ ସ୍ୱଦେଶକୁ ଫେରିଛନ୍ତି ସତ, ମାତ୍ର ସିଧାସଳଖ ସମସ୍ତ କଥା ବ୍ୟକ୍ତ କରିଛନ୍ତି ଓ ସାବିତ୍ରୀକୁ ପରିତ୍ୟାଗ କରିବାକୁ ସ୍ଥିର-ସିଦ୍ଧାନ୍ତ ଶୁଣାଇଛନ୍ତି । ସାବିତ୍ରୀଙ୍କର କି ମୋହିନୀ ଶକ୍ତି ଥିଲା କେଜାଣି ତାଙ୍କ ସହିତ ମାତ୍ର ଗୋଟିଏ ରାତ୍ରିର ନିଭୃତ ଆଲୋଚନା ପରେ ଜଗନ୍ନାଥଙ୍କ ମନ-ଆକାଶରୁ ମେଘ ଅପସରି ଯାଇଛି । ସାବିତ୍ରୀଙ୍କର ଜଗନ୍ନାଥଙ୍କ ସହିତ ଜର୍ମାନ ଯିବା ସ୍ଥିର ହୋଇଛି ।

ଏଇ ପ୍ରସଙ୍ଗରେ ଲେଖକ ବିଦେଶିନୀ ନାରୀଙ୍କ ଚରିତ୍ର ଓ ପ୍ରେମର ସ୍ୱରୂପ ସଂପର୍କରେ କିଛି ସୂଚନା ଦେଇଛନ୍ତି । ଜଗନ୍ନାଥ, ବିବାହିତ ପତ୍ନୀକୁ ପରିତ୍ୟାଗ କରି ଦ୍ୱିତୀୟା ସ୍ତ୍ରୀ ଗ୍ରହଣ କରିଥିଲେ । କିନ୍ତୁ ସେ ନାରୀଟି ମାତ୍ର

Digitized by srujanika@gmail.com

କିଛି ଦିନ ପରେ ଛାଡ଼ ପତ୍ର ଦେବାପାଇଁ ଦରଖାସ୍ତ କରି ସାରିଥିଲ, ଲେଖକ ବର୍ଣ୍ଣନା କରିଛନ୍ତି—"କଥା କଥାକେ ସେଠି ଛାଡ଼ପତ୍ର । ଛାଡ଼ପତ୍ର ଗୃହୀତ ହେବା-ପରେ କେତେଟା ଦିନ ଭିତରେ ସେ ପୁଣି ଆଉ କାହାକୁ ବିଭା ହୋଇଯିବ । କିଛିଦିନ ପରେ ତୁମକୁ ହୁଏତ ସେ ଚିହ୍ନି ପାରିବ ନାହିଁ ।" (ସାବିତ୍ରୀ-ସ୍ୱର୍ଗରେ ଇମାର୍ଜେନ୍ସୀ-୧୯୭୭-ପୃ-୧୪୫) । ଲେଖକ ନାରୀର ସ୍ୱରୂପ ବର୍ଣ୍ଣନା କଲାବେଳେ କେବଳ ଓଡ଼ିଶାର ପରିସୀମା ମଧ୍ୟରେ ଆବଦ୍ଧ ନ ରହି ଆନ୍ତର୍ଜାତୀୟ ସ୍ତରରେ ନାରୀ ଓ ତା'ର ପ୍ରେମର ଚିତ୍ର ପ୍ରଦାନ କରିଛନ୍ତି ।

ସାବିତ୍ରୀ, ଜଗନ୍ନାଥଙ୍କୁ ଏ ପ୍ରେମ ବ୍ୟାପାରରେ ପରିବର୍ତ୍ତିତ କରି ଦେଲା ପରି ଅନ୍ୟାନ୍ୟ କେତେ ଜଣ ନାରୀ ତାଙ୍କ ସ୍ୱାମୀଙ୍କୁ କୁ ପଥରୁ ଓହରି ଆସିବା ପାଇଁ ଚେଷ୍ଟା କରିଛନ୍ତି । ପ୍ରହ୍ଲାଦଙ୍କ ସ୍ତ୍ରୀ ରାଧାମଣିଙ୍କୁ ଏଠାରେ ସ୍ମରଣ କରଯାଇ ପାରେ । ପ୍ରହ୍ଲାଦ, ଟାଉଟର ପ୍ରକୃତିର ଲୋକ । ତେଣୁ ନିଜର କୂଟ ଉଦ୍ଦେଶ୍ୟ ସାଧନ ଲକ୍ଷ୍ୟରେ ବାଉରିଆ ଓ ତା' ସ୍ତ୍ରୀକୁ ଆଣି ଘରେ ରଖିଲେ । ଆର୍ଥିକ ଓ ନୈତିକ ଦୃଷ୍ଟିରୁ ରାଧାମଣିଙ୍କୁ ଏସବୁ ଭଲ ଲାଗେ ନାହିଁ । ତେଣୁ ଦିନେ ସେ ବାଉରିଆର ଦୋଷ ଦର୍ଶାଇ ତାକୁ ଘରେ ନ ରଖିବା ପାଇଁ ପ୍ରହ୍ଲାଦଙ୍କୁ ଅନୁରୋଧ କଲେ । କିନ୍ତୁ ପ୍ରହ୍ଲାଦ ଏକଥା ଶୁଣି ବିରକ୍ତ ହୋଇ କହିଲେ 'ତୁମେ ତିରିଲ ଲୋକ ତୁମେ କ'ଣ ବୁଝିବ ? ଏକ ଜାଲ ବସାଇଛି । ଦେଖିବ ଦି'ଟା ବଡ଼ ଚଢେଇ ଆସି ପଡ଼ିବେ । ତୁମେ ମତେ କିଛି କୁହ ନାହିଁ ।" (ଟାଉଟର-ପୃ-୧୨୩) । ଲେଖକ କହନ୍ତି, ରାଧାମଣି ସ୍ୱାମୀଭକ୍ତ ହୋଇ ଥିବାରୁ ତାଙ୍କୁ ସୁ ପଥକୁ ଆଣିବା ପାଇଁ ଦୋଷ ଦର୍ଶାଇ ଦିଅନ୍ତି ସିନା କୌଣସି ବିଷୟରେ ବାଧା ଦିଅନ୍ତି ନାହିଁ । ରାଧାମଣିଙ୍କ ଏପରି ସ୍ୱଭାବ ଦେଖି ତତ୍ତୁଲ୍ୟ ଏକ ଚରିତ୍ର ସ୍ୱତଃ ମନରେ ଉଦ୍ଭବ ହୁଏ । ସେ ହେଉଛନ୍ତି 'ଛ' ମାଣ ଆଠଗୁଣ୍ଠ'ର ସାନ୍ତାଣୀ । ମଙ୍ଗରାଜ ମଧ୍ୟ ରାତ୍ରୀରେ ନିଭୃତରେ ଚମ୍ପା ସହିତ ମନ୍ତ୍ରଣା କରୁଥିବା ଦେଖି ସାନ୍ତ'ଣୀ ସ୍ୱାମୀଙ୍କୁ ଇଙ୍ଗିତ ଦିଅନ୍ତି ପରଚର୍ଚ୍ଚାରୁ ନିବୃତ୍ତ ହେବା ପାଇଁ । ମାତ୍ର ପ୍ରତି ବଦଳରେ ପାଆନ୍ତି କେବଳ ଅବଜ୍ଞା । ମଙ୍ଗରାଜ, ସାଆନ୍ତାଣୀଙ୍କୁ ଘର ଭିତରୁ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଅନ୍ତି । ଏହି କଥାକୁ ମନରେ ଘେନି ଝୁରିଝୁରି ମରିଯାଆନ୍ତି ପଛକେ ସ୍ୱାମୀଙ୍କ ସହିତ ତର୍କ କରନ୍ତି ନାହିଁ ।

Digitized by srujanika@gmail.com

ମାତ୍ର ଅନେକ ସମୟରେ ସ୍ତ୍ରୀମାନେ ଦୁର୍ଦ୍ଦିନରେ ସ୍ୱାମୀଙ୍କର ପଥ ପ୍ରଦର୍ଶକ ହୋଇଥାନ୍ତି । ପ୍ରହ୍ଲାଦଙ୍କ ମାମ୍ଲତକାରୀରେ ଘମ ମାହାଳିକର ଘରଦ୍ୱାର ଜମିବାଡ଼ି ସବୁ ଗଲାପରେ ତା' ସ୍ତ୍ରୀ ପାଣିଗିର୍ଧି ପାଖକୁ ଯିବା ନିମନ୍ତେ ସ୍ୱାମୀଙ୍କୁ ବୁଦ୍ଧି ଦେଇଛି । ପାଣିଗିରି ପୂର୍ବରୁ ମାହାଳିକକୁ ସାହାଯ୍ୟ କରୁଥିଲେ । ବର୍ତ୍ତମାନ ତାଙ୍କ ପାଖକୁ ଯିବାର ନୈତିକ ସାହସ ନ ଥିଲେ ମଧ୍ୟ ସ୍ତ୍ରୀର କଥା ମାନି ମାହାଳିକ ସେଠାକୁ ଯାଇଛି ଓ ତାଙ୍କଠାରୁ ଆଶାନ୍ୱିତ ହୋଇ ଫେରିଛି । ଇମର୍ଜେନ୍ସି ଗଳ୍ପର ନାୟକ ରମାନାଥ ଚାକିରି ଚାଲିଯିବାର ଆଶଙ୍କାରେ ମନୋବଳ ହରାଇ ବସିଥିବା ବେଳେ ତାଙ୍କ ସ୍ତ୍ରୀ ରମାଦେଇ ସର୍ବେଶ୍ୱର ବାବୁଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦେଇଛନ୍ତି । ସର୍ବେଶ୍ୱର ବାବୁଙ୍କ ମାଧ୍ୟମରେ ସେ ଚାକିରିରେ ପଶିଥିଲେ ମଧ୍ୟ ଏ ଦୁର୍ଦ୍ଦିନରେ ତାଙ୍କ କଥା କେମିତି କେଜାଣି ସ୍ମରଣକୁ ଆସି ନ ଥିଲା । ସ୍ତ୍ରୀଙ୍କ ପରାମର୍ଶଟି ତାଙ୍କ ମନକୁ ବେଶ୍ ଆସିଛି । ସେଥିରେ ସେ ଉତ୍ଫୁଲ୍ଲିତ ହେବା ସହିତ ଆତ୍ମ ବିଶ୍ୱାସ ଫେରି ପାଇଛନ୍ତି । ପୁରୁଷର କର୍ମମୟ ଜୀବନରେ ନାରୀ ହେଉଛି ଶକ୍ତି ଓ ପ୍ରେରଣା । ନାରୀର ଯଦି ତୀକ୍ଷ୍ଣ ବୁଦ୍ଧି ଥାଏ ଓ ସ୍ୱାମୀ ଯଦି ସ୍ତ୍ରୀର ପରାମର୍ଶ ଲୋଡ଼ୁଥାଏ ତେବେ ଦାମ୍ପତ୍ୟ ଜୀବନ ସୁଖକର ହୁଏ । ଅନେକ କିନ୍ତୁ ସାଂସାରିକ କ୍ଷେତ୍ରରେ ସ୍ତ୍ରୀକୁ ଅବଜ୍ଞା କରିଥା'ନ୍ତି । ପରୋକ୍ଷରେ ଲେଖକ ଏହାକୁ ଅସମର୍ଥନ ଜଣାଇଛନ୍ତି ।

କିନ୍ତୁ ସମାଜରେ ନାରୀର ସମ୍ମାନ ରକ୍ଷା ପାଇଁ ଗୁରୁତ୍ୱ ଦିଆ ଯାଇ ନ ଥାଏ । ବରଂ ନାରୀ ନିର୍ଯ୍ୟାତନାର ଦୃଷ୍ଟାନ୍ତ ବିରଳ ନୁହେଁ । କୌଣସି କାରଣରୁ ବ୍ୟକ୍ତି ବା ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଜାତ ହେଲେ, କିମ୍ବା ସମାଜରେ କନ୍ଦଳ, ବିପ୍ଳବ ସୃଷ୍ଟି ହେଲେ ପୁରୁଷମାନେ ଭାବି ନିଅନ୍ତି ପ୍ରତିଶୋଧ ନେବାର ସହଜ ଉପାୟ ହେଉଛି ନାରୀ ଧର୍ଷଣ । ଗଡଜାତ ଅଞ୍ଚଳର ପ୍ରଜାମେଳକୁ ଦମନ କରିବା ପାଇଁ ଅତ୍ୟାଚାରୀମାନେ ଏହି ପନ୍ଥା ଗ୍ରହଣ କରୁଥିଲେ । 'ଅବ୍ୟାପାର'କୁ ଗୋଟିଏ ଦୃଷ୍ଟାନ୍ତ ଦିଆଯାଇ ପାରେ । ୫୫ ବର୍ଷ ବୟସା ବୃଦ୍ଧାଙ୍କ ଉପରେ ପାଶବିକ ଅତ୍ୟାଚାର କରିବା ଓ ତାଙ୍କର କରୁଣ ଚିତ୍କାରର ବର୍ଣ୍ଣନା ପଢିଲେ ନାରୀ ନିର୍ଯ୍ୟାତନା ସହିତ ପୁରୁଷର ଅମାନୁଷିକତାର ପରିଚୟ ମିଳିଥାଏ ।

Digitized by srujanika@gmail.com

ଦୈନନ୍ଦିନ ଜୀବନରେ ମଧ୍ୟ ନାରୀ ଅବହେଳିତ ହେଉଥିବା ପ୍ରମାଣ ମିଳେ । ଜୋର ଯାର ମୁଲକ ତା'ର ନୀତି ସମାଜରେ ଅନେକ ସ୍ଥଳରେ କାର୍ଯ୍ୟକରେ । 'ଟାଉଟର'ରେ ଥିବା ବୁଢ଼ୀଟି ଗୋଟିଏ ଗୌଣ ଚରିତ୍ର । ବୁଢ଼ୀଟି ବାଉରିଆକୁ ପୁତ୍ର କରିଥିଲା, ମାତ୍ର ଜମିବାଡ଼ି ସବୁ ସେ ନେଲା । ଶେଷରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳିଲା ନାହିଁ । କେତେଜଣଙ୍କୁ ନେହୁରା ହେଲା, ଟିକିଏ ନ୍ୟାୟ ହାକିମଠାରୁ ପାଇବା ପାଇଁ । ମାତ୍ର କେହି ତା' କଥା ଶୁଣିଲେ ନାହିଁ । କୃଷ୍ଣ ପ୍ରସାଦ ଦୟା ପରବଶ ହୋଇ ଆଶ୍ରମରେ ତାକୁ ଆଶ୍ରୟ ଦେଲେ । ସେଇଠିହିଁ ସେ ଶେଷ ନିଶ୍ୱାସ ତ୍ୟାଗ କଲା । ତାକୁ ହୁଏତ ଦୟା ଟିକିଏ ମିଳିଲା, ମାତ୍ର ନ୍ୟାୟ ମିଳିଲା ନାହିଁ ।

ଲକ୍ଷ୍ମୀ ନାରାୟଣଙ୍କ ସ୍ତ୍ରୀ, ସ୍ୱାମୀ-ନିର୍ଯ୍ୟାତିତ ଏକ ନାରୀ । ଲକ୍ଷ୍ମୀ ନାରାୟଣ ଅନ୍ତିମ ଶଯ୍ୟାରେ ପଡ଼ି ରହି ନିଃସଙ୍ଗତା ଅନୁଭବ କରିବା ସମୟରେ ପୂର୍ବ ସ୍ମୃତି ମନରେ ଜାଗ୍ରତ ହୁଏ । ସ୍ତ୍ରୀ ଛଡ଼ା ବର୍ତ୍ତମାନ ଶଯ୍ୟା ପାଖରେ କେହି ନାହାନ୍ତି । ସେଇ ସ୍ତ୍ରୀଙ୍କୁ ସେ ଦେଇଥିବା ନିର୍ଯ୍ୟାତନା ପୁଣ ଅତି ତୀବ୍ର । ଦୃଢ଼ ଶରୀର ସମ୍ପନ୍ନ ଯୁବକ ଲକ୍ଷ୍ମୀ ନାରାୟଣ ସର୍ବ ସମ୍ମୁଖରେ ତାଙ୍କୁ ପ୍ରହାର କରନ୍ତି । ଲେଖକ ତାହା ବର୍ଣ୍ଣନା କରିଛନ୍ତି-"ସାଙ୍ଗରେ ଟାଣି ଟାଣି ନେଉଥାନ୍ତି, ହାଣକୁ ନେବା ଛେଳି ଭଳି ସ୍ତ୍ରୀଙ୍କୁ, ସେ ଯେପରି ମନୁଷ୍ୟ ନୁହେଁ, ତା'ର ଯେପରି ନିଜର ଆଶା ଅଭିଳାଷ କିଛି ନାହିଁ ।" (ଏକା-ସ୍ୱର୍ଗରେ ଇମର୍ଜେନ୍‌ସୀ-ପୃ ୩୫) ସମାଜରେ ପୁରୁଷ ପରି ନାରୀର ମଧ୍ୟ ସମାନ ଆସନ, ସମାନ ମର୍ଯ୍ୟାଦା ପାଇବାର ଅଧିକାର ରହିଛି । ଲେଖକ ଏହି ବିଷୟଟି ଏଠାରେ ପ୍ରତିଷ୍ଠା କରିବାର ପ୍ରଯତ୍ନ କରିଛନ୍ତି ।

ନାରୀ ଜାୟା ହୋଇପାରେ କନ୍ୟା ହୋଇପାରେ । ମାତ୍ର ମାତୃତ୍ୱରେ ହିଁ ସେ ଜୀବନର ସାର୍ଥକତା ଅନୁଭବ କରେ । ସନ୍ତାନ ସନ୍ତତିଙ୍କର ଦୋଷ ଦୁର୍ଗୁଣ ମା'ର ଦୃଷ୍ଟିକୁ ସହଜରେ ଆସେ ନାହିଁ । ଆସିଲେ ମଧ୍ୟ ଉଦାର ହୃଦୟରେ ତାକୁ ଗ୍ରହଣ କରେ ନାହିଁ । ଜଗନ୍ନାଥଙ୍କ ମା' ରୁକ୍ମିଣୀ ଦେବୀ ସେହିପରି ଜଣେ ସ୍ନେହମୟୀ ଜନନୀ । ବହୁ ବର୍ଷ ପରେ ବିଦେଶରୁ ଫେରୁଥିବା

Digitized by srujanika@gmail.com

ଜଗନ୍ନାଥ, ମା'ଙ୍କ ପାଖକୁ ଯେଉଁ ବଗଦମାନ ଲେଖୁଥିଲେ ତା'ର ଦୀର୍ଘ ତାଲିକା ପଢ଼ିଲେ ଯାହାର ହେଉନା କାହିଁକି ମନରେ ରାଗ ଉଦ୍ରେକ ହୁଏ । ଦୁଇଦିନ ପାଇଁ ଆସୁଥିବା ଜଗନ୍ନାଥର ଗାଁରେ ଟେବୁଲ, ଚୌକି, ଗାଧୁଆ ଘର, ବିଜୁଳି ଆଲୁଅ, ପଙ୍ଖା ଇତ୍ୟାଦି ହରେକ୍ ଜିନିଷ ଲୋଡ଼ା ପଡ଼ିଛି । ମାତ୍ର ରୁକ୍ମୁଣୀ ଦେଇ ରାଗିବା ପରିବର୍ତ୍ତେ ସେଇ ଅଭାବଗୁଡ଼ିକ ପୂରଣ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଛନ୍ତି । ପୁଅ ବିଦେଶରୁ ଫେରିଥିବା ଆନନ୍ଦରେ ଅନ୍ୟାନ୍ୟ ଦୁଃଖଗୁଡ଼ିକର ହ୍ରାସ ଘଟିଛି । ମମତାମୟୀ ଜନନୀର ଏକ ଅବିକଳ ରୂପ ହେଉଛନ୍ତି ରୁକ୍ମୁଣୀ ଦେବୀ । ସେହିପରି ଏକ ଚରିତ୍ର, ପ୍ରତିଭାର ଶାଶୁ ଜାହ୍ନବୀ ଦେବୀ । ବିବାହ ପରେ ପରେ ପ୍ରତିଭାକୁ ପରିତ୍ୟାଗ କରି ବିନୋଦ ଚାଲିଯାଇଛନ୍ତି ଓ କାରାବରଣ କରିଛନ୍ତି । ଜାହ୍ନବୀ ଦେବୀଙ୍କର ଏକମାତ୍ର ଚିନ୍ତା କିପରି ପୁଅ ଫେରିବ ଓ ପ୍ରତିଭାକୁ ଗ୍ରହଣ କରିବ । ସେଥିପାଇଁ କେତେ ପ୍ରକାର ଯତ୍ନ କରିଛନ୍ତି ସେ ? ଶାଶୁ ଭାବରେ ମଧ୍ୟ ସେ ଏକ ଅନବଦ୍ୟ ସୃଷ୍ଟି । ଏପରି ଶାଶୁ ଏ ସମାଜରେ ଦୁର୍ଲଭ । ଯେଉଁ ସମାଜରେ ନାରୀ ଶାଶୁଘରେ ପଶୁଠାରୁ ବଳି ନିର୍ଯ୍ୟାତନା ଭୋଗ କରେ, ସେଠାରେ ଲେଖକ ଏମରି ଚରିତ୍ର ସୃଷ୍ଟି କରି ଭବିଷ୍ୟତ ପାଇଁ ଏକ ଉଜ୍ଜ୍ୱଳ ସଂଭାବନାର ଇଙ୍ଗିତ ଦେଇଛନ୍ତି ।

ପୂର୍ଣ୍ଣି କେତୋଟି ନାରୀ ଚରିତ୍ରର ମନସ୍ତାତ୍ତ୍ୱିକ ଅଧ୍ୟୟନ ଦ୍ୱାରା ସେହି ଚରିତ୍ରଗୁଡ଼ିକଙ୍କର ସ୍ୱାଭାବିକ ରୂପ ଫୁଟି ଉଠିଛି । ବିଶେଷ ଭାବରେ ବିନୋଦ କାରାଗାରରେ ଥିବାବେଳେ ଜାହ୍ନବୀ ଦେବୀଙ୍କର ମନର ଅବସ୍ଥା, ଜଗନ୍ନାଥକୁ କେନ୍ଦ୍ରକରି ରୁକ୍ମୁଣୀ ଦେବୀଙ୍କ ମାନସିକ ଅବସ୍ଥା ଓ ବିନୋଦ ବିବାହ କରି ପ୍ରତିଭାକୁ ଛାଡ଼ି ଚାଲିଯିବା ପରେ ପ୍ରତିଭାର ମାନସିକ ପ୍ରତିକ୍ରିୟାର ସ୍ୱାଭାବିକ ରୂପ ଦେବାକୁ ଲେଖକ ଚେଷ୍ଟା କରଛନ୍ତି ।

ନାରୀ କେବଳ ସ୍ନେହ, କରୁଣାର ମୂର୍ତ୍ତିମନ୍ତ ରୂପ ନୁହେଁ । ଶାନ୍ତ ସ୍ୱଚ୍ଛ କଲ୍ଲୋଳିନୀର ଜଳସ୍ରୋତ ମଧ୍ୟ ବେଳେ ବେଳେ ସଂହାର ମୂର୍ତ୍ତି ଧାରଣ କରେ । 'ତୃତୀୟ ପର୍ବ' (୧୯୭୭) ଉପନ୍ୟାସରେ ଲେଖକ ନକ୍ସଲମାନଙ୍କୁ ହତ୍ୟା କରିବା ପ୍ରସଙ୍ଗରେ କହିଛନ୍ତି ଯେ ପଶ୍ଚିମ ବଙ୍ଗ, ଆନ୍ଧ୍ର, ଓଡ଼ିଶାର ବହୁ ଶିକ୍ଷିତ

Digitized by srujanika@gmail.com

ଯୁବକ ସେହି ଅଞ୍ଚଳରେ ଲୁଚି ରହୁଥିଲେ । ଏମାନଙ୍କ ମଧ୍ୟରେ ଆନ୍ଧ୍ରର ଦୁଇଜଣ ମହିଳା ମଧ୍ୟ ଥିଲେ, ଯେଉଁମାନେ କି ହତ୍ୟା କାର୍ଯ୍ୟରେ ଧୁରନ୍ଧର । ଏ ପ୍ରସଙ୍ଗରେ ଉଲ୍ଲେଖ ଅଛି "ଅସୁରମାନଙ୍କୁ ମାରିବା ପାଇଁ ବିଷ୍ଣୁ ଦେବ ସୃଷ୍ଟି ନ କରି ଦେବୀ କାହିଁକି ସୃଷ୍ଟି କଲେ ? ନାରୀମାନେ ନିତାନ୍ତ କଠୋର ହୃଦୟା, ହିଂସା ପରାୟଣା ଓ ନିଜର ସନ୍ତାନ ସନ୍ତତି ବ୍ୟତୀତ ଅନ୍ୟ କାହାରିକୁ ସେମାନେ ସ୍ନେହ କରନ୍ତି ନାହିଁ, ଅନ୍ୟ ସମସ୍ତଙ୍କୁ ହତ୍ୟା କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଯେଉଁଠି ସମାଜର କୌଣସି କ୍ଷେତ୍ରରେ ନାରୀ ଅଧିନାୟିକା ସେଠି, ସ୍ୱେଚ୍ଛାଚାରି, ଅତ୍ୟାଚାର, ହିଂସା, ପ୍ରତିହିଂସା ସାଧାରଣ ନିୟମରେ ପରିଣତ ହୋଇଥାଏ । (ତୃତୀୟ ପର୍ବ ପୃ ୧୧୧) । ଏପରି ମନ୍ତବ୍ୟର ସତ୍ୟତା ପ୍ରମାଣ ନିମନ୍ତେ ଅଧିକ ପର୍ଯ୍ୟବେକ୍ଷଣର ଅପେକ୍ଷା ରଖେ ।

'ଯୁଗ ସଙ୍କେତ' (୧୯୭୭) ତାଙ୍କର ଅନ୍ୟ ଏକ ପୁସ୍ତକ । ଏଥିରେ ନିର୍ଦ୍ଦିଷ୍ଟ ଭାବରେ ନାରୀ ଚରିତ୍ରର ଅବତାରଣା ନ ହୋଇଥିଲେ ମଧ୍ୟ ପ୍ରତୀକାତ୍ମକ ଭାବରେ ନାରୀକୁ ବ୍ୟବହାର କରାଯାଇଛି । ନାରୀକୁ ମମତା, ମୁକ୍ତି, କରୁଣା, କଳା, ପ୍ରବଞ୍ଚନାର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ମୁକ୍ତିର ପ୍ରତୀକ ଭାବରେ ଗ୍ରହଣ କରାଯାଇଥିବା ଏକ ବାଳିକା ମୁହଁରେ ଲେଖକ କହନ୍ତି– "ନିଅନ୍ତୁ, ଏହି ସବୁ ଯନ୍ତ୍ର –ଲାଗନ୍ତୁ କାମରେ –ଆମେ ଅଛୁ, ଆପଣଙ୍କ ସାଙ୍ଗରେ, ଲୋକ ଅଗୋ-ଚରରେ । 'କରିବି ଅବା ମରିବି' ଏ ପ୍ରତିଜ୍ଞା ଆଗରେ କୌଣସି ବିପଦ ନାହିଁ ।" (ଯୁଗ ସଂକେତ-ପୃ ୧୨୬) ।

ସାମଗ୍ରିକ ବିଚାରରୁ ଜଣାଯାଏ ଡଃ ମହତାବ ନାରୀର ବିଭିନ୍ନ ବ୍ୟକ୍ତିତ୍ୱ ଅନୁଧ୍ୟାନ କରିଛନ୍ତି । କେତେବେଳେ ହାସ୍ୟମୟୀ କରୁଣାମୟୀ ଜନନୀ ତ କେତେବେଳେ ସ୍ୱାଧୀନଚେତା ବିପ୍ଳବିନୀ, କେତେବେଳେ ଧରିତ୍ରୀ ପରି ସମସ୍ତ ଯନ୍ତ୍ରଣାକୁ ସହ୍ୟ କରିଛି ତ କେତେବେଳେ ଅନ୍ୟାୟ, ଅସତ୍ୟ ବିରୁଦ୍ଧରେ ସଂହାର ମୂର୍ତ୍ତି ଧାରଣ କରିଛି । ମହତାବଙ୍କ ଲେଖନୀରେ

Digitized by srujanika@gmail.com

ନାରୀ ଶତରୂପା । ନାରୀର ସାମଗ୍ରିକ ରୂପାଙ୍କନ ନିମନ୍ତେ ଲେଖକ ପ୍ରୟାସ କରିଛନ୍ତି । ମାତ୍ର ନାରୀର ବାହ୍ୟ ଚରିତ୍ରକୁ ଯେଉଁ ପରିମାଣରେ ଅଧ୍ୟୟନ କରିଛନ୍ତି ଅନ୍ତଃଚରିତ୍ର ପ୍ରତି ସେତିକି ଧ୍ୟାନ ଦେଇ ପାରି ନାହାନ୍ତି । ପ୍ରଚୁର ପର୍ଯ୍ୟବେକ୍ଷଣ ଦ୍ୱାରା ଯେପରି ବହୁବିଧ ନାରୀ ଚରିତ୍ର ସଂଗ୍ରହ କରିଛନ୍ତି, ଅନୁଭୂତିର ଗାମ୍ଭୀର୍ଯ୍ୟ ଥିଲେ ତାହା ହୃଦୟକୁ ଅଧିକ ଭାବରେ ସ୍ପର୍ଶ କରିଥାନ୍ତା । ଲେଖକ ଯାହା ଦେଖିଛନ୍ତି, ଯାହା ଅନୁଭବ କରିଛନ୍ତି ତାହାକୁ ପ୍ରତ୍ୟକ୍ଷ ରୀତିରେ ବ୍ୟକ୍ତ କରିଛନ୍ତି । ଯଥାର୍ଥ ଶିଳ୍ପ ରୀତିର ସାହଯ୍ୟ ନେଇଥିଲେ ଚରିତ୍ରଗଣ ଅଧିକ ଜୀବନ୍ତ ହୋଇ ପାରିଥାନ୍ତେ । ତାଙ୍କ କଥା ସାହିତ୍ୟ, ଶିଳ୍ପ ରଞ୍ଜିତ ହୋଇଥିଲେ ଅଧିକ ସଫଳତା ଅର୍ଜନ କରିଥାନ୍ତା । ଏଗୁଡ଼ିକ ହୁଏତ ରନ୍ତ୍ରଗର୍ଭ ବିସ୍ତୃତ ସାଗର ନୁହେଁ, ସଂସ୍କୃତି ଓ ରାଜନୀତିର ମନୋଜ୍ଞ ସମନ୍ୱୟରେ ଗୋଟିଏ ଗୋଟିଏ ସ୍ୱଚ୍ଛ ଜଳାଶୟ ତ !

— ୦ —

Digitized by srujanika@gmail.com

॥ ସ୍ମୃତି ଚାରଣ ॥

※ ଶ୍ରୀ ଜଗଦୀଶ ପାଣି

ଡକ୍ଟର ହରେକୃଷ୍ଣ ମହତାବ ମୋର ନମସ୍ୟ ଓ ଆଜୀବନ ସ୍ମରଣୀୟ । ତାଙ୍କ ସହିତ ମୋର ସଂପର୍କ ବହୁମୁଖୀ; ପିତା-ପୁତ୍ର, ଗୁରୁ-ଶିଷ୍ୟ, ନେତା-କର୍ମୀ, ମୁନିବ-କର୍ମଚାରୀ ଓ ବନ୍ଧୁ-ବନ୍ଧୁର ସଂପର୍କ । ଏହା ଦୀର୍ଘ ତିରିଶି ବର୍ଷରୁ ଅଧିକ କାଳ ଧରି ରହି ଆସିଥିଲା । ତାଙ୍କର କର୍ମନିଷ୍ଠ ଜୀବନର ଉତ୍‌ଥାନ-ପତନ ସହିତ ପ୍ରଜାତନ୍ତ୍ର ପରିବାରର ଉତ୍‌ଥାନ ପତନ ଜଡ଼ିତ ଓ ଏହା ସହିତ ମୁଁ ଦୂରରେ ଥାଏ ବା ନିକଟରେ ଥାଏ ଅଙ୍ଗାଙ୍ଗୀ ଭବରେ ସଂପୃକ୍ତ ହୋଇଚି—ତାଙ୍କ ଜୀବଦଶାରେ ଓ ଏପରିକି ଆଜିଯାଏ ମଧ୍ୟ । ଏହି ସମସ୍ତ ମଧ୍ୟରେ ଏହି ମହାନ ବ୍ୟକ୍ତିଙ୍କର ବିଚକ୍ଷଣ ବୁଦ୍ଧିମତା, ମାନବିକତା, ମର୍ଯ୍ୟାଦାବୋଧ, ସାହିତ୍ୟ ତଥା ଦେଶ ପ୍ରୀତି ଦେଖି ମୁଁ ବିସ୍ମିତ ହୋଇଛି ।

ମୋର ସାମ୍ବାଦିକ ଜୀବନର ଆରମ୍ଭ କଲିକତାରୁ । ଡଃ ବିଧାନ ଚନ୍ଦ୍ର ରାୟ ତତ୍କାଳୀନ ପଶ୍ଚିମ ବଙ୍ଗଳାର ମୁଖ୍ୟମନ୍ତ୍ରୀ । ଡଃ ମହତାବ ଓ ବିଧାନରାୟ ପରସ୍ପରକୁ ବହୁତ ଶ୍ରଦ୍ଧା ଓ ଆଦର କରୁଥିଲେ । ମୁଁ ବିଧାନରାୟଙ୍କର ପାଖ ଲୋକଙ୍କ ଠାରୁ ଶୁଣିଛି, ପ୍ରଧାନ ମନ୍ତ୍ରୀ ଜଓ୍ୱାହର ଲାଲ ନେହେରୁ ଏ ଦୁଇ ଜଣ ଓ ବମ୍ବେର ତତ୍କାଳୀନ ଗଭର୍ଣ୍ଣର ଶ୍ରୀ ପ୍ରକାଶଙ୍କୁ ମନେ ମନେ ଭୟ କରୁଥିଲେ ।

Digitized by srujanika@gmail.com

କଲିକତାରେ ନିଜ ଛାପାଖାନାରୁ 'ସମାବେଶ' ପତ୍ରିକା ପ୍ରକାଶନ, ସେଠାକାର ଓଡ଼ିଆ ଭାଇ ମାନଙ୍କର ସାଂସ୍କୃତିକ ଓ ନିର୍ବାଚନ ବେଳେ ରାଜନୈତିକ କାର୍ଯ୍ୟକଳାପ ସହିତ ଯତ୍ ସାମାନ୍ୟ ଯୋଗସୂତ୍ର ରକ୍ଷା କରିବା ଭିତରେ ମଝିରେ ମଝିରେ ବିଧାନ ରାୟଙ୍କ ସହିତ ମୋର ଦେଖାହୁଏ । ସେ ସବୁବେଳେ ଡଃ ମହତାବଙ୍କ କଥା ପଚାରନ୍ତି ।

ଏପରିକି ମହତାବ ବାବୁଙ୍କର ଏକଦା ଦେହ ଅସୁସ୍ଥ ଥିଲା ବେଳେ ସେ ନିଜେ ମୁଖ୍ୟମନ୍ତ୍ରୀ କାମ ପଛରେ ପକାଇ ଭୁବନେଶ୍ୱରରେ ଆସି ତାଙ୍କୁ ଚିକିତ୍ସା କରିଥିଲେ ।

ମହତାବ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଓ ମନ୍ତ୍ରୀତ୍ୱରୁ ଯିବା ପରେ ଥରକ ପାଇଁ ସୁଦ୍ଧା ମୁଁ ତାଙ୍କୁ କେବେ ଅଳସୁଆ ହୋଇ ବସି ରହିବାର ଦେଖି ନାହିଁ । ସେ ସବୁବେଳେ ଲେଖାପଢା କରୁଥାଆନ୍ତି । ନ ହେଲେ କିଛି ବିଷୟ ଆଲୋଚନା କରୁଥାଆନ୍ତି । ପ୍ରତିଦିନ ସକାଳୁ ବଗିଚାରେ ନିରୋଳାରେ କିଛି ସମୟ ଯୋଗ ଓ ଧ୍ୟାନ କରନ୍ତି । ପରିଧାନ ଖଦଡ ଫତେଇ ଓ ଧୋତି । ତାଙ୍କ ଜଳଖିଆ କି ମଧ୍ୟାହ୍ନ ଭୋଜନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଅତି ସାଧାରଣ । ଦେହରେ ଉତ୍ତେଜକ ଖାଦ୍ୟ ଯାଏ ନାହିଁ ବୋଲି କୁକୁଡ଼ା, ମାଂସ, ଅଣ୍ଡା ଇତ୍ୟାଦି ପ୍ରାୟ ଖାଦ୍ୟରେ ନଥାଏ । ଚୁଡ଼ା ଠାରୁ ମୁଢି ପର୍ଯ୍ୟନ୍ତ ସିଝା ପରିବା, ସନ୍ତୁଳା, ଡାଲି ଯାହା ହେଲେ ଚଳିବ । ଖଣ୍ଡେ ମାଛ ହେଲେ ହେଲା ନହେଲେ ନାହିଁ । ମଦ, ନିଶା, ଧୂମ ପାନ, ପାନ—ଏସବୁ ଆଦୌ ନାହିଁ । ଦିନ ଏଗାରଟା ବାରଟା ଯାଏ ବସି ଲେଖିବେ । ସବୁ ପତ୍ର ପତ୍ରିକା ପଢିବେ । ସ୍ନାନାହାର, ମଧ୍ୟାହ୍ନ ଭୋଜନ କରିବା ପରେ ସାହିତ୍ୟ ମେଳା ଦିନ ୩ଟା ୪ଟା ଯାଏ । ସେଇଠୁ ପ୍ରଜାତନ୍ତ୍ର ପ୍ରେସ୍ କଟକକୁ ନିଜ ନାଲି ଗାଡ଼ିରେ ଯାଆନ୍ତି, ଫେରୁ ଫେରୁ ରାତି ନଅ, ଦଶ । ଗାଁ ଗହଳରୁ ନେତୃ ସ୍ଥାନୀୟ ଲୋକେ, ଯଥା:—ସରପଞ୍ଚ, ପଞ୍ଚାୟତ ସମିତି ଚେୟାରମ୍ୟାନ କିମ୍ବା ଭୂତପୂର୍ବ ବିଧାୟକ, ଦଳୀୟ କର୍ମୀ—ସେ ଯେ କୌଣସି ଦଳର ହୋଇ ଥାଆନ୍ତୁ ନା କାହିଁକି ଆସିଲେ ସେ ସବୁ କାମ ଛାଡ଼ି ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତି । ଗରିବ ପିଲାଏ ପାଠ ପଢ଼ା ପାଇଁ ସାହାଯ୍ୟ ମାଗି

Digitized by srujanika@gmail.com

ଆସିଲେ—ବିଶେଷ କରି ଓଡ଼ିଶା ବାହାରକୁ ଯିବାକୁ ମେଧାବୀ ପ୍ରତିଭବାନ ଛାତ୍ର ଅର୍ଥାଭବରେ ପଡ଼ି ଆସିଲେ ସଙ୍ଗେ ସଙ୍ଗେ ସାହାଯ୍ୟ ବନ୍ଦୋବସ୍ତ କରି ଦିଅନ୍ତି । ସାଧାରଣ ସ୍ତରର ପିଲାଏ ଆସିଲେ ଆଗ ଗୋଟାଏ ଡମ ବାଢ଼ିବେ । ଯଦି ଦେଖିଲେ ସେଥିରେ ସେ ପିଲା ଦବି ନଗଲା, ତେବେ କେଉଁ ଆଡ଼ୁ ହେଲେ ଅର୍ଥ ସାହାଯ୍ୟ କରାଇଦେବେ ।

ଗୋଟିଏ କଥା ଅତି ପାଖରୁ ଦେଖିଛି । ତାହା ହେଲା ତାଙ୍କ ପାଖରେ କେତେବେଳେ ପଇସା ନଥାଏ । ପ୍ରଜାତନ୍ତ୍ର କାଗଜ ତାଙ୍କ ପାଇଁ ଏକ ଗଭୀର ଗାତ ଭଳି । ସେ କାଗଜ ସବୁବେଳେ ଅର୍ଥାଭବ ଭିତରେ ଚାଲୁଥାଏ । କାଗଜ-ବାଲାଙ୍କର ବାକି, କାଳି ବାଲାଙ୍କର ବାକି, କର୍ମଚାରୀ ମାନଙ୍କର ଦରମା, ନିଜର ପ୍ରିଣ୍ଟ ଆଉ ନାହିଁ । 'ଝଙ୍କାର' 'ମୀନାବଜାର' ବାହାରିବ । 'ଇଷ୍ଟର୍ଣ୍ଣ ଟାଇମ୍ସ' ନ ଚାଲିଲେ ମଧ୍ୟ ବାହାରିବ—ଏଥିପାଇଁ ଯେତେ ଯେଉଁଠୁ ଗୋଟା ଗୋଟି କଲେ ମଧ୍ୟ ସବୁବେଳେ ତାଙ୍କୁ ନିଅଣ୍ଟ ହୁଏ । ଏଜେଣ୍ଟ ମାନଙ୍କ ଉପରେ ହଜାର ହଜାର ଟଙ୍କା ବାକି ପଡ଼ିଥାଏ ।

ମୁଁ ଜାଣିଛି ତାଙ୍କର ସଉଦାଦୋକାନୀ, କାଠ ଦୋକାନୀ, ଲଣ୍ଡ୍ରି, ପରିବାବାଲାଙ୍କ ଆଡ଼ୁ କେତେ ବାକି ଥାଏ । ସବୁ ଧାରରେ ଆସେ । ମଝିରେ ମଝିରେ କେଉଁଠୁ କିଛି ପଇସା ଆସିଲେ ସମସ୍ତେ କିଛି କିଛି ପାଆନ୍ତି । ସେ ଦିନେ ହେଲେ ଘରେ କ'ଣ ରନ୍ଧା ହେବ, ଘରର କେଉଁଠି ପଲସ୍ତର ହେବ ବା ରଂଗ ଦିଆଯିବ ଚିନ୍ତା କରନ୍ତି ନାହିଁ । ଜଣେ କିଏ ବୁଝେ । ଯେତିକି ବୁଝିଲା ବୁଝିଲା । ମହତାବବାବୁଙ୍କର ଅଘୋରୀ ଢଙ୍ଗ ଯୋଗୁ ସୁଭଦ୍ରା ମହତାବ ଭାରି ଦହଗଞ୍ଜ ହୁଅନ୍ତି । ତାଙ୍କ ହାତକୁ ମହତାବବାବୁ ଗୋଟିଏ ପଇସା ଦିଅନ୍ତି ନାହିଁ । ଓଲଟି ଶ୍ରୀମତୀ ମହାତାବ ଏମ୍: ଏଲ୍. ଏ. ଥିଲାବେଳେ ତାଙ୍କ ମାସିକ ଦରମା ମହତାବବାବୁ ଆଣି ଖର୍ଚ୍ଚ କରି ପକାନ୍ତି ।

ସବୁଠାରୁ ବଡ଼ କଥା ହେଲା ତାଙ୍କର ନିର୍ଭୀକତା । ସେ କାହାକୁ ଭୟ କରୁ ନଥିଲେ—ଏପରିକି ନେହେରୁଙ୍କୁ ବି ନୁହେଁ । ଲୋକ-ମନସ୍ତତ୍ତ୍ୱ ବୁଝିବାରେ

Digitized by srujanika@gmail.com

ସେ ଓସ୍ତାଦ ଥିଲେ । ଯେ କୌଣସି ଲୋକଙ୍କ ସହିତ ସେ ଖୁବ୍ ସହଜ ଓ ସ୍ୱାଭାବିକ ହୋଇ ମିଶି ପାରନ୍ତି । ଆଗର ପଡ଼ାର ପଞ୍ଚାୟତ ଓ୍ୱାର୍ଡ୍ ମେମ୍ବର ଓ ପ୍ରଫେସର ଡଃ ସୁନୀତି କୁମାର ଚଟାର୍ଜୀ—ଏ ସମସ୍ତଙ୍କ ସହିତ ସମାନ ଭାବରେ ସେ ମିଶି ପାରନ୍ତି ।

ଟିକିଏ ଖୁସାମତି କରିଥିଲେ ଓ ନରମ ହୋଇଥିଲେ ସେ ଅଖଣ୍ଡ ବମ୍ବେର ରାଜ୍ୟପାଳ ହେବା ପରେ ପରେ ଭାରତର ରାଷ୍ଟ୍ରପତି ହୋଇ ପାରି ଥାଆନ୍ତେ । କୃଷ୍ଣ ମେନନଙ୍କୁ କେନ୍ଦ୍ର ମନ୍ତ୍ରୀ ମନ୍ତ୍ରୀତ୍ୱରୁ ତଡ଼ିବା ଓ ନେହେରୁଙ୍କୁ ମୁହେଁ ମୁହେଁ ଜବାବ୍ ଦେବା ଯୋଗୁ ତାଙ୍କର ରାଷ୍ଟ୍ରପତି ହେବା ନୋହିଲା ।

ମହତାବବାବୁଙ୍କ ଲୋକପ୍ରିୟତାକୁ ଭୟ କରି କେତେକ ଅଳ୍ପାୟୁ ନେତା ତାଙ୍କୁ କଂଗ୍ରେସରୁ ବହିଷ୍କାର କରି ଦେଇ ଥାଆନ୍ତି । ଏଥିପାଇଁ ଦଳର ଓଡ଼ିଆ ବ୍ୟାପୀ କର୍ମୀମାନଙ୍କର ସର୍ବସମ୍ମତ ମତ ନଥିଲା । କ୍ଷଣସ୍ଥାୟୀ କ୍ଷମତା ନିଶାରେ ସବୁ କିଛି କରିହୁଏ । ଡଃ ମହତାବଙ୍କୁ କେବଳ କଂଗ୍ରେସରୁ ତଡ଼ା ହେଲା ନାହିଁ, ତାଙ୍କୁ ଦେଖି ଦିଆଗଲା ଏମର୍ଜେନ୍‌ସୀ ବେଳେ । ଫଳରେ ଓଡ଼ିଶାର ବହୁ ଲୋକେ ତାଙ୍କ ପାଇଁ ବିମର୍ଷ ଓ ବ୍ୟଥିତ ହେଲେ । ତାଙ୍କୁ ଝୁରିଲେ । ତାଙ୍କ ପାଖକୁ ଯେ ପ୍ୟାରୋଲ୍‌ରେ ଶ୍ରୀମତୀ ସୁଭଦ୍ରା ମହତାବ ଅସୁସ୍ଥ ଥିଲାବେଳେ ଦେଖିବାକୁ ଆସିଲା ବେଳେ, ଶହ ଶହ ଲୋକେ ଛୁଟିଲେ । ଅନେକ ଲୋକ ଭାବ ପ୍ରବଣ ହୋଇ ତାଙ୍କ ପାଖକୁ ଚିଠି ପତ୍ର ଦେଲେ । ପ୍ରଥମେ ଫୁଲବାଣୀ ଜେଲ ଓ ପରେ ଭଞ୍ଜନଗର ଜେଲ୍‌ରେ ମହତାବବାବୁ ଦୈନିକ ଲେଖା ପଢ଼ା, କିଛି ଶାରିରୀକ ବ୍ୟାୟାମ କରି ସମୟ କାଟିଥିଲେ । ପୂର୍ବ ପରି ବଡ଼ି ସକାଳୁ ଉଠିବା, ଯୋଗାସନ ଓ ଧ୍ୟାନ କରିବା, କୋଠରୀ ବାହାରେ କିଛି ସମୟ ଏପାଖ ସେପାଖ ଚାଲିବା— ପରେ ଲେଖିବା ଓ ପଢିବାରେ ସେ ଏମର୍ଜେନ୍‌ସି ଜେଲ ଜୀବନ କାଟିଥିଲେ ।

ଜେଲରୁ ଖଲାସ ହେବା ପୂର୍ବରୁ ତାଙ୍କ ଆଖି ଖରାପ ହେଲା । ନିଜ ଦେହ କଥା ସେ ପ୍ରାୟ ବେଶୀ ଲୋକଙ୍କୁ କୁହନ୍ତି ନାହିଁ । ନିଜେ ଏକା ଏକା କଲିକତାର ଗୋଟିଏ ନର୍ସିଂ ହୋମରେ ଆଖି ଅପରେସନ ପାଇଁ ଭର୍ତ୍ତି ହେଲେ । ମୁଁ ଖବର ପାଇଥାଏ । ମନ ବିକଳ ହେଲା । କଲିକତା ମୋର ପୁରୁଣା ସହର ।

Digitized by srujanika@gmail.com

ଖୋଜି ଖୋଜି ଯାଇ ସେ ନର୍ସିଂ ହୋମ୍‌ରେ ପହଞ୍ଚିଲି । ଦେଖିଲି ଗୋଟିଏ ଧଳା ଧପ୍‌ଧପ୍ ବିଛଣା ଉପରେ ଖଦଡ଼ ଫତେଇ ଖଣ୍ଡେ ପିନ୍ଧି ସେ ଏକାକୀ ଶୋଇଛନ୍ତି । ଆଖିରେ ପଟି ବନ୍ଧା ହୋଇଛି । ମୋ ସ୍ୱର ଶୁଣି ଚିହ୍ନି ପାରିଲେ । ସେ ଜେଲରେ ଥିଲାବେଳେ ଦୁଇ ଖଣ୍ଡ ବହି ଲେଖି ଥା'ଆନ୍ତି । ଏମର୍ଜେନ୍‌ସି ଭୟରେ ତାକୁ କୌଣସି ପ୍ରକାଶକ ଛାପିବା ପାଇଁ ସାହସ କରୁ ନ ଥାନ୍ତି । ମୁଁ ସେକଥା ଜାଣି କହିଲି, ନିଜେ ଛାପିବି । ସେ ଶୁଣିଲେ । କହିଲେ, 'ଜଗଦୀଶ ଦେଖି ଯିବ ହୋ । ବହୁ କଷ୍ଟରେ ପ୍ରେସ୍ ଖଣ୍ଡିଏ କରିଛ, ସେତକ ଯିବ । କାହିଁକି ସେଥିକୁ ମନ କରୁଛ ?" ମୁଁ କହିଲି, "ଦେଖାଯିବ, ଯାହା ହେବ । ଅଣାଏ ପଇସାରେ ଜୀବନ ଆରମ୍ଭ କରିଥିଲି । ମତେ ପୁଣି ସେଇ ଜୀବନକୁ ଫେରିଗଲେ କିଛି ବାଧିବ ନାହିଁ । ମୁଁ ନିଶ୍ଚୟ ଛାପିବି । ଯାହା ହେବାର ଥିବ ହେବ ।" ସେ ରାଜି ହେଲେ । ସେଦିନ ଓଡ଼ିଶାର ଅନ୍ୟତମ ନିର୍ମାତା ମହତାବବାବୁ ନିସ୍ତବ୍ଧ ନର୍ସିଂ ହୋମ ଭିତରେ ମତେ ଯାହା କହିଥିଲେ ମୁଁ ଆଜିଯାଏ ଭୁଲିପାରି ନାହିଁ । କହିଲେ "ଜଗଦୀଶ, ଦେଶ କ'ଣ ଏଇଥି ପାଇଁ ସ୍ୱାଧୀନ ହୋଇଥିଲା ?" ମୁଁ ସେଦିନ ଆଖି ଛଳ ଛଳ କରି ଫେରିଲି । ମୁଁ ସେ ବହି ଦୁଇଟି ଅବିଳମ୍ବେ ଛାପିଲି ଓ ପ୍ରକାଶ କଲି । ଏଥିପାଇଁ ମହତାବ ବାବୁ ମତେ ବହୁ ପ୍ରଶଂସା କରିଛନ୍ତି ଭିନ୍ନ ଭିନ୍ନ ସମାବେଶରେ ।

'ପ୍ରଜାତନ୍ତ୍ର'ର ଦୁର୍ଦ୍ଦିନ ପ୍ରାୟ ସରେ ନାହିଁ । ସବୁବେଳେ ଅର୍ଥାଭାବ । ହଠାତ୍ ବୁଢ଼ାଙ୍କର ମୁଣ୍ଡରେ ପଶିଲା ସେ ନିଜେ ଡ଼ିଟେଲ୍ ହିସାବ ଦେଖିବେ । ପ୍ରତିଦିନ କଟକ ପୂର୍ବପରି ଗାଡ଼ିଯାଏ ଅପରାହ୍ନରେ । ସେଠାରେ ପହଞ୍ଚିଲା ମାତ୍ରେ ଦରବାର ଜମେ । ହିସାବ ପୂର୍ବଭଳି ଯିଏ ଦେଖିବା କଥା ଦେଖନ୍ତି । ମହତାବ ବାବୁଙ୍କ ଚାରି ପାଖରେ ନାନା ଲୋକ, ସାହି ମୁଖିଆ, କର୍ମୀ, ଟାଉଟର, ଛାତ୍ର, ପୁଲିସ କର୍ମଚାରୀ, ଲେଖକ, ଅଧ୍ୟାପକ ଆସି ଭିଡ଼ କରନ୍ତି । ସେ କଟକରୁ ଫେରିଲା ପର୍ଯ୍ୟନ୍ତ ଦରବାର ଜମେ । ଏଥିରେ ଯାହା 'ଡ଼ିଟେଲ ହିସାବ' ସେ ବୁଝୁଥିବେ ସମସ୍ତେ ଜାଣନ୍ତି । ମୁଁ ପ୍ରଜାତନ୍ତ୍ର ଜେନେରାଲ ମ୍ୟାନେଜର ହିସାବରେ ଥିଲାବେଳେ ତାଙ୍କର ଏହି ଭଳି "ଡ଼ିଟେଲ ହିସାବ" ବହୁବାର ଦେଖି ହସି ହସି ରହିଛି । ଏ ବାସ୍ତବତଃ ଜଣେ ଲୋକପ୍ରିୟ ଲୋକ । ଅର୍ଥର ଅନର୍ଥରେ ସାମୟିକ ବିବ୍ରତ ହୁଅନ୍ତି-ଆଶଙ୍କ ହୋଇ ପାରି ନାହାଁନ୍ତି ।

Digitized by srujanika@gmail.com

ଲୋକଙ୍କ ଅଭାବ ଅସୁବିଧା ବିଷୟରେ ମହତାବ ବାବୁ ଯେଭଳି ଶୁଣନ୍ତି ଓ କ୍ଷମତାରେ ନଥାଇ ବି ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଯେପରି ସେକଥା ବୁଝି ବିଚାର କରିବା ପାଇଁ ନିଜ ନାମରେ ଚିଠି ଲେଖନ୍ତି ଏଭଳି ଆଉ କେହି ଜଣେ ନେତା କରିବାର ମୁଁ ଜାଣେ ନାହିଁ । ସାହିତ୍ୟିକ ମାନଙ୍କୁ ସେମାନଙ୍କ ଲେଖା ସଂପର୍କରେ ଯେଭଳି ଜେରା କରନ୍ତି ସେଥିରେ ନ ହସି ରହିହେବ ନାହିଁ । ନିଜର ପ୍ରକାଶିତ ଲେଖା ଭଲ ହୋଇଛି ବୋଲି ସିଧା ସଳଖ ନ କହି ପରୋକ୍ଷରେ କହନ୍ତି, "ବୁଝିଲ ନା ଜଗଦୀଶ, ସେ ଅମୁକ ପ୍ରବନ୍ଧକୁ ବହୁଲୋକ ପ୍ରଶଂସା କରୁଛନ୍ତି, ଶୁଣିଲଣି ନା !" ମୁଁ ଏହି ଭଳି କଥା ତାଙ୍କ ମୁହଁରୁ ଶହେ ଥର ଖଣ୍ଡେ ଅନ୍ତତଃ ଶୁଣିଥିବି ।

ଦେଶ ସ୍ୱାଧୀନ ହେଲାରୁ ଗୋଟିଏ ପୁରୁଷରେ ଗୋଟିଏ ପରିବାରରେ ବାପ, ପୁଅ ଓ ଝିଅମାନଙ୍କର କିଭଳି ବହୁବିଧ ଉନ୍ନତି ଓ ପ୍ରତିଷ୍ଠା ହୋଇ ପାରିଛି ତାହାର ଦୃଷ୍ଟାନ୍ତ ଦେଇ ବହୁତ ଖୁସି ହୁଅନ୍ତି । ଏଭଳି ଉନ୍ନତି କରିଥିବା ବହୁ ପରିବାରର ଠିକଣା ତାଙ୍କୁ ଜଣାଥାଏ । ପ୍ରତି କଥାରେ, 'ଦେଶ ସ୍ୱାଧୀନ ହେବାରୁ ଏସବୁ ହେଲା' କହନ୍ତି । ଶିକ୍ଷାବିଦ୍ ଓ ବୈଜ୍ଞାନିକଙ୍କୁ ଦେଖିଲେ ବହୁତ ଦୁଃଖ ସୁଖ ହୁଅନ୍ତି । ଗୁଡ଼େଇ ତୁଡେଇ ବିଭିନ୍ନ ପ୍ରଶ୍ନ ପଚାରନ୍ତି । ସବୁ ଜାଣିବାକୁ ଇଚ୍ଛା । ପଢା ଟେବୁଲରେ ଲଣ୍ଡନରୁ ପ୍ରକାଶିତ ପାକ୍ଷିକ "The Economist" ନିଶ୍ଚୟ ଥିବ । ଅଧିକାଂଶ ଭଲ ଭଲ ମାସିକ ଓ ସାପ୍ତାହିକ ପତ୍ରପତ୍ରିକା ହିନ୍ଦି-ଇଂରାଜୀରେ ଥିବ । ସବୁ ଦୈନିକ ଓଡ଼ିଆ କାଗଜ ଥିବ ।

ଏହା ଛଡ଼ା ନୂଆ ଆସିଥିବା ବହିମାନ ଥାଏ । ଅଧିକାଂଶ ପୃଷ୍ଠାରେ ଗାର ପଡ଼ିଥାଏ । ପଢ଼ା ପଢ଼ିରେ ବାଧା ଆସିବ ବୋଲି ଦିନ ୧୨ଟା ଯାଏ ସର୍ବସାଧାରଣ ଦେଖା ସାକ୍ଷାତରେ କଟକଣା ଥାଏ । ତେଣିକି ପ୍ରଜାତନ୍ତ୍ରକୁ ଯିବାଯାଏ ଯିଏ ଆସିଲା ସିଏ ଦେଖାକରି ଥାଆନ୍ତି ।

ବହୁ ବଡ ଲୋକଙ୍କ ସହିତ ସେ ମିଶିଛନ୍ତି । ଓଡ଼ିଶାର ପ୍ରଥମ କ୍ୟାବିନେଟ ମନ୍ତ୍ରୀ ସେ । ଚକ୍ରବର୍ତ୍ତି ରାଜଗୋପାଲ ଚାରୀ, ରାଧାକ୍ରିଷ୍ଣନ୍, କୈଳାଶ ନାଥ କାଟ୍‌ଜୁ, ଶ୍ରୀକୃଷ୍ଣ ସିହ୍ନା, ଆସଫ ଅଲୀ, ମୌଲନା ଆବୁଲ କାଲମ

Digitized by srujanika@gmail.com

ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ବଲ୍ଲଭ ଭାଇ ପଟେଲ, ସୁନୀତି କୁମାର ଚାଟାର୍ଜୀ, ସୁକୁମାର ସେନ–ଏହି ଭଳି ଅସଂଖ୍ୟ ତାଲିକା ଦେଇହେବ । ଯୋଗ୍ୟ ଲୋକଙ୍କୁ ମର୍ଯ୍ୟାଦା ଦେବା ତାଙ୍କୁ ଜଣା । ସେ ଗୁଣଗ୍ରାହୀ । ତାଙ୍କ ବିଷୟରେ ମୁଁ ଭାବ-ପ୍ରବଣ ହେଲା ଭଳି ବହୁ କାରଣ ଅଛି । ଏଭଳି ଦେଶ ଭକ୍ତ ବିରଳ । ସେପରି ବ୍ୟକ୍ତି ମୁଁ ପ୍ରାୟ ଆଉ ଦେଖୁନାହିଁ ।

ସମୟ ସ୍ରୋତରେ ଦେଶରେ କିଛି ନା କିଛି ବଦଳର ହେବ ଓ ହେଉଥିବ । କିନ୍ତୁ ଏଭଳି କେତେକ ଯୋଗଜନ୍ମା ଜନ୍ମ ହୋଇ ଥାଆନ୍ତି ଯିଏ ନିଜର ବିଚକ୍ଷଣ ଓ ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁଁ ଦେଶକୁ ନିଜ ଜୀବଦ୍ଦଶାରେ ବହୁଗୁଣ ଆଗେଇ ଦେଇଥାଆନ୍ତି–ତା'ର ଐଶ୍ୱର୍ଯ୍ୟ ବୃଦ୍ଧି କରି ଥାଆନ୍ତି । ଓଡ଼ିଶାର ସାଂସ୍କୃତିକ ଐଶ୍ୱର୍ଯ୍ୟମହତାବ ବାବୁଙ୍କର ଉଦ୍ୟମ ଫଳରେ ବୃଦ୍ଧି ପାଇଛି । ବହୁ ଲେଖକ ତାଙ୍କରି କାଗଜ ମାଧ୍ୟମରେ ପ୍ରତିଷ୍ଠା ପାଇଛନ୍ତି । ଡ଼ଃ ମହତାବ ଏହିଭଳି ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । ମୁଁ ତାଙ୍କର ଚିଳାର୍ଦ୍ଧ ମାତ୍ର ସ୍ମୃତି ସ୍ମରଣ କରି ନିଜକୁ ଧନ୍ୟ ମନେ କରୁଛି । କାରଣ ସବୁ କଥା କହିଲା ଭଳି ପରିସର ଏଠାରେ ନାହିଁ । ଯଥାର୍ଥରେ ସେ ଥିଲେ ଜଣେ ଅନବଦ୍ୟ ଶିଳ୍ପୀ ବା ନିର୍ମାତା । ମନନଶୀଳତା ଓ ଗଠନ ପ୍ରବୃତ୍ତି ତାଙ୍କର କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ରାଜନୈତିକ ସଂଗ୍ରାମରେ ବହୁ ଭାବରେ ପ୍ରଭାବ ବିସ୍ତାର କରିଛି । ରାଜଧାନୀ ନିର୍ମାଣ, ସଂଗ୍ରହାଳୟ ନିର୍ମାଣ, ରାଜନୈତିକ ନିର୍ମାଣ ସବୁ ଯେପରି ତାଙ୍କ କଳ୍ପନା ପ୍ରଗତିର ବାସ୍ତବ ରୂପାୟନ । ଆଧୁନିକ ଓଡ଼ିଆ ଜାତି ଓ ଓଡ଼ିଆ ଗଠନରେ ତାଙ୍କର ଭୂମିକା ବିଷୟରେ ମୁଁ କହିବା ବେଳେ ମହୋଦଧିରେ ସ୍ନାନ କରିଥିବା ଜଣେ ବ୍ୟକ୍ତି ସମୁଦ୍ର ବିଷୟରେ କହିବାକୁ ଯାଉଥିବା ପରି ମନେ ହେଉଛି । ତେଣୁ ଏତିକିରେ ରହିଲି ।

– ୦ –

Digitized by srujanika@gmail.com

॥ ପ୍ରାବନ୍ଧିକ ଓକ୍‌ଟେଭିଓ ମହତାବ

ଏକ ସୂଚନା ॥

※ ବିନୋଦ ବିହାରୀ ପଲ୍ଲାଇ

ସାହିତ୍ୟର ଏକ ମୁଖ୍ୟ ବିଭଗ ଓ ଗମ୍ଭୀର ପରିପ୍ରକାଶ ଭବେ ପ୍ରବନ୍ଧ ଏ ପର୍ଯ୍ୟନ୍ତ ଗଣ୍ୟ ହୋଇ ଆସିଛି । "ବିଗ୍ରହ-ସାହିତ୍ୟ" ହିଁ ପ୍ରବନ୍ଧର ତାତ୍ପର୍ଯ୍ୟପୂର୍ଣ୍ଣ ପରିଚୟ । ପରିମାପ ହେଉଛି ପ୍ରବନ୍ଧର ତାତ୍ତ୍ୱିକ ସ୍ଥିତି । ପରିମାପର ପରିଚ୍ଛନ୍ନତା ଉପରେ ପ୍ରବନ୍ଧର ପ୍ରବାହ ଓ ପରିଣତି ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ । ସାହିତ୍ୟର ଅନ୍ୟାନ୍ୟ ବିଭବରେ ବିସ୍ତର ବିଶ୍ଳେଷଣ ଓ ବିନ୍ୟାସର ଧାରର ମୂଲ୍ୟାଙ୍କନ ନିମନ୍ତେ ପ୍ରବନ୍ଧ ଉଦ୍ଦିଷ୍ଟ । କେବଳ ସାହିତ୍ୟ ନୁହେଁ ଜୀବନ-ପ୍ରକାଶର ସକଳ ପ୍ରକ୍ରିୟା ଓ ପ୍ରକରଣ ପ୍ରତି ଏକ ଅନାବିଷ୍ଟ ଓ ଅନାବିଳ ଦୃଷ୍ଟିପାତ ପୂର୍ବକ ପ୍ରବନ୍ଧ ମଣିଷ ସମାଜ ପାଇଁ ହୋଇ ଆସିଛି ଚିନ୍ତା ଓ ଚେତନାର ଅବଦାନ ।

କବିତା ଯେପରି ପ୍ରବଣତାର ପ୍ରବାହ ପ୍ରବନ୍ଧ ସେହିପରି ପ୍ରବୃତ୍ତିର ପ୍ରକାଶ । ଏହାର ଅର୍ଥ ନୁହେଁ ଯେ କବିତାରେ ପ୍ରବୃତ୍ତି ନାହିଁ ବା ପ୍ରବନ୍ଧ ପ୍ରବଣତାହୀନ । ପ୍ରବଣତା କବିତାର ବୈଶିଷ୍ଟ୍ୟଗତ ସ୍ୱାତନ୍ତ୍ର୍ୟ ଏବଂ ପ୍ରବୃତ୍ତି ପ୍ରବନ୍ଧର ବୈଶିଷ୍ଟ୍ୟଗତ ସ୍ୱାତନ୍ତ୍ର୍ୟ । କଥା ସାହିତ୍ୟର ଆଙ୍ଗିକତା ଓ ଆତ୍ମିକ ସ୍ଥିତିର

Digitized by srujanika@gmail.com

ସ୍ୱାତନ୍ତ୍ର୍ୟ ଭିନ୍ନ ଭାବରେ ପ୍ରତିପାଦିତ । ସେ ଦୃଷ୍ଟିରୁ ବିବେଚନା କଲେ ଉପଲବ୍ଧ ହେବ ଯେ ପ୍ରବନ୍ଧ ମୌଳିକତଃ ବିଚାରର ଆଭିମୁଖ୍ୟ ନେଇ ପ୍ରକାଶ ଲାଭ କରିଛି ।

ଇଂରାଜୀ ସାହିତ୍ୟରେ ପ୍ରବନ୍ଧର ପ୍ରାଥମିକ ଉନ୍ମେଷ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଷୋଡଶ ଶତାବ୍ଦୀର ପ୍ରାୟ ମଧ୍ୟ ଭାଗରେ ଇଂରାଜୀ ସାହିତ୍ୟରେ ପ୍ରବନ୍ଧ ସ୍ୱୀୟ ତାତ୍ପର୍ଯ୍ୟରେ ପକ୍ଷ ଉନ୍ମୀଳନ କଲା । ଫରାସୀର "Essai" ରୁ ଇଂରାଜୀ "Essay" ଉଦ୍‌ଗତ ହୋଇ କ୍ରମଶଃ ବ୍ୟୁତ୍ପତ୍ତି ଲାଭ କଲା । ଫ୍ରାନ୍‌ସିସ୍ ବେକନ ଯାହା ସ୍ୱୀକାର କରିଥିଲେ ପ୍ରବନ୍ଧ ସଂବନ୍ଧରେ ତାହା ହେଉଛି "ପ୍ରବନ୍ଧ" ବିଳମ୍ବରେ ପ୍ରକାଶଲାଭ କରିଥିଲେ ମଧ୍ୟ ବିଷୟଟି ପୁରାତନ । ପ୍ରକୃତରେ ଏକ ଅନାଚ୍ଛନ୍ନ ଦୃଷ୍ଟିରେ ଦେଖିଲେ ଦିଶିବ ଏବଂ ସାହିତ୍ୟିକ ଚିନ୍ତାରେ ମାପିଲେ ଅନୁଭୂତ ହେବ ଯେ ବେକନ୍ ଓ ମଣ୍ଟେନ୍‌ଙ୍କ ପୂର୍ବରୁ ପ୍ଲେଟୋ, ସେନେକା, ସିସେରୋ ପ୍ରଭୃତି ଚିନ୍ତାଶୀଳ ଓ ପ୍ରତିଭାବାନ ବ୍ୟକ୍ତିମାନେ ବିଚାର-ମୁଖ୍ୟ ଗଦ୍ୟ ସାହିତ୍ୟ ରଚନା କରି ସାରିଥିଲେ । ତେବେ ଷୋଡ଼ଶ ଶତାବ୍ଦୀଠାରୁ "ପ୍ରବନ୍ଧ" ସ୍ପଷ୍ଟ ସ୍ୱୀକୃତି ସହିତ ବିକାଶ କ୍ରମରେ ପ୍ରକାଶଗତ ତାତ୍ପର୍ଯ୍ୟ ଲାଭ କଲା । ସପ୍ତଦଶ ଶତାବ୍ଦୀରେ ବହୁ ଇଂରାଜୀ ସାହିତ୍ୟିକ ପ୍ରବନ୍ଧ ରଚନା ମାଧ୍ୟମରେ ପ୍ରତିଷ୍ଠା ଲାଭ କଲେ ଏବଂ କ୍ରମଶଃ ବିଶ୍ୱର ଅନ୍ୟାନ୍ୟ ସାହିତ୍ୟକୁ "ପ୍ରବନ୍ଧ" ଏକ ବିଭବ ଭାବେ ପ୍ରଭାବିତ କଲା ।

ଭାରତୀୟ ସାହିତ୍ୟରେ "ପ୍ରବନ୍ଧ" ଶବ୍ଦ ବହୁ ଦୃଷ୍ଟିରୁ ପୁରାତନ । ସଂସ୍କୃତ ସାହିତ୍ୟରେ "ପ୍ରବନ୍ଧ" ଏକ ଗମ୍ଭୀର ଶବ୍ଦ ବୋଲି କହିଲେ ଯଥାର୍ଥ ହେବ । ଏ ଶବ୍ଦର ଅର୍ଥଗତ ବିଶ୍ଳେଷଣରେ ରୀତି, ନିୟମ ଓ ପଦ୍ଧତି ଏକ ନିୟନ୍ତ୍ରଣର ଧାରା ନିର୍ଦ୍ଦେଶ କରିବା ସହିତ ସମଗ୍ର ଭାବେ ବିଚାରର ବନ୍ଧନ ସୂଚକ ହୋଇଗଲା । ଠିକ୍ ସେହି କାରଣରୁ ପରବର୍ତ୍ତୀ ସାହିତ୍ୟିକ ସଚେତନତାରେ ବିଚାର ସାହିତ୍ୟ ଭାବେ "ପ୍ରବନ୍ଧ" ସମ୍ଭ୍ରମଶୀଳ ସ୍ୱୀକୃତି ଲାଭକଲା ।

ତେବେ "ପ୍ରବନ୍ଧ" ପରିବର୍ତ୍ତେ "ସନ୍ଦର୍ଭ" "ନିବନ୍ଧ" "ରଚନା" ପ୍ରଭୃତି ଶବ୍ଦ ସମାର୍ଥରେ ବ୍ୟବହୃତ ହୋଇ କେତେ ସ୍ଥଳରେ ମୌଳିକ ତାତ୍ପର୍ଯ୍ୟ

Digitized by srujanika@gmail.com

ଲଘୁ ଚିନ୍ତାରେ କ୍ଷୁଣ୍ଣ ହୋଇ ଥିବାର ଦୃଷ୍ଟିଗୋଚର ମଧ୍ୟ ହୁଏ । ସେ ସମ୍ବନ୍ଧୀୟ ପ୍ରାସଙ୍ଗିକତା ଔଚିତ୍ୟର ପରିମାପ ଯାହା ହେଉନା କାହିଁକି "ପ୍ରବନ୍ଧ" ଶବ୍ଦର ଉଦ୍‌ଗମ, ଅବସ୍ଥିତି ଓ ପ୍ରସାରଣ ବିଷୟରେ ଅନୁଧ୍ୟାନ କଲେ ଉପଲବ୍‌ଧ ହୁଏ ଯେ ତାହାର ଭାବଗତ ମୌଳିକତା ସଂସ୍କୃତ ସାହିତ୍ୟରୁ ଭାରତୀୟ ଅନ୍ୟାନ୍ୟ ସାହିତ୍ୟକୁ ପ୍ରସାରିତ ହୋଇଛି । ଓଡ଼ିଆ ଓ ବଙ୍ଗଳା ସାହିତ୍ୟରେ ସ୍ୱୀୟ ଆଙ୍ଗିକ ଓ ଆତ୍ମିକ ସ୍ଥିତିରେ ଶବ୍ଦଟି ନିଟୋଳ ଓ ଅଦ୍ଭୁତ । କେତେକଙ୍କର ଚିନ୍ତାରେ "ପ୍ରବନ୍ଧ" ବଙ୍ଗ ସାହିତ୍ୟରୁ ଓଡ଼ିଆ ସାହିତ୍ୟର ଶବ୍ଦ ସମ୍ଭାର ମଧ୍ୟକୁ ଆସିଛି, କିନ୍ତୁ ଏ ଚିନ୍ତାର ଭାଷାତତ୍ତ୍ୱଜନିତ ସତ୍ୟ ନାହିଁ ।

ଶାବ୍ଦିକ ସ୍ୱାତନ୍ତ୍ର୍ୟ ସାହିତ୍ୟର ଭିତ୍ତି, ଭଙ୍ଗୀ ଓ ସମ୍ପ୍ରସାରଣଗତ ବୈଶିଷ୍ଟ୍ୟ ବହୁ ଭାବରେ ପ୍ରତିପାଦନ କରେ । ଏହି ସ୍ୱାତନ୍ତ୍ର୍ୟ ଓ ସମ୍ମେଳନରେ ବିଶ୍ୱ ସାହିତ୍ୟ ବିଚିତ୍ର, ବିଭୋର ଓ ବର୍ଣ୍ଣିଳ । ଓଡ଼ିଆ ସାହିତ୍ୟର ପ୍ରକାଶପର୍ଯ୍ୟାୟ ସମୂହର ଯଥାର୍ଥ ପରିମାପ ହେଲେ ଭାରତୀୟ ଅନ୍ୟାନ୍ୟ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟ ନିଶ୍ଚିତ ରୂପେ ସମକକ୍ଷ ବୋଲି ପ୍ରତିପାଦିତ ହେବ । ଓଡ଼ିଆ "ପ୍ରବନ୍ଧ" ସାହିତ୍ୟ ପରିସରରେ ଅନ୍ୟ ସାହିତ୍ୟର ଛାୟାଲେଶ ନାହିଁ ବୋଲି କହିଲେ ଅସତ୍ୟ କୁହାଗଲା ବୋଲି ବୁଝାଯିବ । ଯେପରି ବ୍ୟକ୍ତି ସମାଜ-ସଭ୍ୟତ, ସଂସ୍କୃତି ବୋଧ ଓ ବିଶ୍ୱାସ ସହଜାତ ସଂରକ୍ଷଣ ସହିତ ଅନ୍ୟାନ୍ୟ ପ୍ରକରଣ ଦ୍ୱାରା ସଂକ୍ରମିତ ହେଉଛି ସାହିତ୍ୟ ସେହିପରି ସ୍ରଷ୍ଟି କର୍ତ୍ତୃକ ସ୍ୱାତନ୍ତ୍ର୍ୟ ସହିତ ଅନ୍ୟାନ୍ୟ ପ୍ରକାଶ ଦ୍ୱାରା ପ୍ରଭାବିତ ହେଉଛି । "ପ୍ରବନ୍ଧ" ମୌଳିକତା ବିଚାର-ସାହିତ୍ୟ ହୋଇଥିବାରୁ ତାହାର ଅବଧାନତ୍ୱ ମଧ୍ୟରେ ଅନ୍ୟାନ୍ୟର ସ୍ପର୍ଶ ଓ ସଂକେତ ଅନନୁଶ୍ଳିଷ୍ଟ ଭାବେ ସାମୟିକ ରହିଯାଏ ଯଦି ବିଶ୍ଳେଷଣ ପ୍ରକ୍ରିୟା ସଜାଗ ନୁହେଁ । ଇଂରାଜୀ ସାହିତ୍ୟରେ ପ୍ରବନ୍ଧର ପ୍ରଥମ ସଂଦର୍ଶନ ଯେପରି ଅନ୍ୟାନ୍ୟ ସବୁ ସାହିତ୍ୟରେ ପ୍ରାଥମିକ ଅବସ୍ଥାରେ ପ୍ରବନ୍ଧ ସେହିପରି ।

ଓଡ଼ିଆରେ ପ୍ରବନ୍ଧବାଚ୍ୟ ପ୍ରବନ୍ଧ ସ୍ୱଳ୍ପ ବୋଲି ସ୍ୱୀକାର କରିବାକୁ ହେବ । ପ୍ରାବଂଧିକମାନଙ୍କ ସଂଖ୍ୟା କବି, ଗାଳ୍ପିକ, ଔପନ୍ୟାସିକମାନଙ୍କ ସଂଖ୍ୟା ତୁଳନାରେ ମଧ୍ୟ ଅତ୍ୟନ୍ତ ଅଳ୍ପ । ଉନବିଂଶ ଶତାବ୍ଦୀର ଏକ ଚତୁର୍ଥାଂଶ ପ୍ରାୟ

Digitized by srujanika@gmail.com

ସମାପ୍ତ ହେବା ସମୟକୁ ଓଡ଼ିଆ ସାହିତ୍ୟରେ ପ୍ରବଂଧ ଦୃଷ୍ଟିଗୋଚର ହୁଏ । ବିକାଶର ଏହା ମାତ୍ର ପ୍ରାରମ୍ଭିକ ସମୟ- ଏକ ସ୍ଫୁଟନୋନ୍ମୁଖ ଅବସ୍ଥା ଓ କାଳର କଲ୍ଲୋଳରେ ଏକ ସ୍ୱପ୍ନ-ଚଟୁଳ ତନ୍ଦ୍ରା । ଉନ୍ନିଂଶର ଧାରା ପରିସ୍ଫୁରିତ ହେଲା । ସେହି ଶତାବ୍ଦୀର ସପ୍ତମ ଦଶକରେ । ଘଟଣାବହୁଳ ଚଳିତ ଶତାବ୍ଦୀର ପର୍ଯ୍ୟାୟର କ୍ରମ ସହିତ ପ୍ରବଂଧ-ସାହିତ୍ୟର ଗତିକୁ ଲକ୍ଷ୍ୟ କଲେ ପ୍ରକାଶର ପଦକ୍ଷେପ କ୍ରମଶଃ ସ୍ୱଚ୍ଛନ୍ଦ ହୋଇ ଆସିଛି । ପ୍ରାକ୍‌ସ୍ୱାଧୀନତା କାଳର ସଂକୋଚ, ସନ୍ଦେହ ଜୀବନ-ଚିନ୍ତାର ଦିଗ୍‌ବଳୟରେ ଯେପରି ଦ୍ୱନ୍ଦ୍ୱ, ଅନିଶ୍ଚିତ ଓ ଅସ୍ପଷ୍ଟ ସ୍ୱର ସୃଷ୍ଟି କରିଥିଲା ସେହପରି ଅଭିବ୍ୟକ୍ତିର ଆବେଗକୁ ବଳୟିତ ଓ ଦୃଷ୍ଟିର ଆଲୋକକୁ ଅବଗୁଣ୍ଠିତ କରିଥିଲା । ଏ ପ୍ରକାର ଆଲୋଡ଼ନ ମଧ୍ୟରେ ସ୍ୱୀକାର୍ଯ୍ୟ ଯେ ସ୍ୱାଧୀନତା ପାଇଁ ସଂଗ୍ରାମର ଅଗ୍ର ଭାଗରେ ଉଜ୍ଜ୍ୱଳ ଦୀପଶିଖା ପରି କେତେକଙ୍କର ବ୍ୟକ୍ତିତ୍ୱ ଓ ଅଦମ୍ୟ ପଦକ୍ଷେପ ମଣିଷକୁ ଆତ୍ମପ୍ରକାଶ ପାଇଁ ପ୍ରୋତ୍ସାହନ ଦେଇଥିଲା । ହରେକୃଷ୍ଣ ମହତାବଙ୍କର ଚିନ୍ତାଗତ ମୌଳିକତା ପରିପୁଷ୍ଟ ହୋଇଥିଲା ବିପ୍ଳବର ଉପାଦାନରେ ।

ହରେକୃଷ୍ଣ ମହତାବଙ୍କର ଚିନ୍ତା-ଦ୍ୟୋତକ ମନନର ପ୍ରାବଂଧିକ ପ୍ରକାଶ ଆରମ୍ଭ ହୋଇଥିଲା "ପ୍ରଜାତନ୍ତ୍ର" ମାଧ୍ୟମରେ ଯେତେବେଳେ ବାଲେଶ୍ୱରରୁ ତାହା ପ୍ରକାଶିତ ହେଉଥିଲା । ବିପ୍ଳବର ଆଘାତ, ଆହ୍ୱାନ, ଆନନ୍ଦ ଓ ଆଲୋକ ସ୍ୱୀୟସ୍ଥିତି ସହିତ ପାର୍ଶ୍ୱ, ପରିବେଶର ଅବସ୍ଥିତିକୁ ବିଶ୍ଳେଷଣ କରିବା ପାଇଁ ତାଙ୍କୁ ଦେଇଥିଲା ଯଥେଷ୍ଟ ଅବଦାନ । ଅନମ୍ର ଭାବେ ଆଗ୍ରଗାମୀ ହେବା ମହତାବଙ୍କର ସହଜାତ ପ୍ରବୃତ୍ତି । ସେ ପ୍ରବୃତ୍ତିରେ ବିଭ୍ରାନ୍ତି ନ ଥିଲା ବରଂ ତହିଁରେ ପ୍ରକ୍ରିୟାଗତ ପ୍ରତିଷ୍ଠାର ସମ୍ଭ୍ରମ ଥିଲା । ପୁରୋଭାଗରେ ନେତୃତ୍ୱ ଦେବାର ପ୍ରଚେଷ୍ଟା ତାଙ୍କର ବ୍ୟକ୍ତିତ୍ୱକୁ ଯେପରି ସାଧନସାପେକ୍ଷ ଶକ୍ତିରେ ସକ୍ରିୟ କରିଥିଲା ଅନ୍ୟପାଇଁ ସମ୍ବେଦନଶୀଳ ହେବା ପୂର୍ବକ ଚିନ୍ତା-ପ୍ରକାଶ ପାଇଁ ସେହିପରି ସାମର୍ଥ୍ୟ ଦେଇଥିଲା । ନିରୋଧ ପରିବର୍ତ୍ତେ ନିୟନ୍ତ୍ରଣକୁ ସେ ସମୀଚୀନ ବୋଲି ମନେ କରୁଥିଲେ ଏବଂ ତାହା ଏକ ବଳିଷ୍ଠ ନେତୃତ୍ୱର ଥିଲା ସୂଚନା ।

ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ମଧୁସୂଦନ ରାଓଙ୍କର ଚେତନୋନ୍ମେଷ ପାଇଁ ପ୍ରବଂଧର ଆଭିମୁଖ୍ୟରେ ଅବସ୍ଥ ସତ୍ତାର ସଂଧାନ ସହିତ

Digitized by srujanika@gmail.com

ବସ୍ତୁ-ଜଗତ ପ୍ରତି ଏକ ବ୍ୟାଖ୍ୟାମୂଳକ ଦୃଷ୍ଟି ରଚନାର ପରିସରକୁ ଯେପରି ମୁଖ୍ୟତଃ ତତ୍ତ୍ୱମୂଳକ କରିଥିଲା ସେହି ଶତାବ୍ଦୀର ନବମ ଦଶକରେ ବିଶ୍ୱନାଥ କରଙ୍କର ପ୍ରବନ୍ଧମାନ ବ୍ୟକ୍ତିନିଷ୍ଠ ଓ ଆବେଗଶୀଳ ହୋଇଥିଲା । ଅବଶ୍ୟ ତହିଁରେ ମାନବିକ ସ୍ପନ୍ଦନର ସ୍ପର୍ଶାତୁର ଛନ୍ଦ ଥିଲା । ମର୍ମଭେଦୀ । ସେହି ସମୟ ମଧ୍ୟରେ ଓ ତାର ପରବର୍ତ୍ତୀ ସମୟରେ କେତେକ ରାଜନୈତିକ, ବୈଜ୍ଞାନିକ, ଐତିହାସିକ, ମନ-ସ୍ତାତ୍ତ୍ୱିକ ଓ ସାମାଜିକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା; ମାତ୍ର ତାହା ସେପରି ଚିନ୍ତନୀୟ ମାନର ନଥିଲା । ବ୍ୟାସ କବି ଫକୀର ମୋହନ ଯଦିଓ ମୁଖ୍ୟତଃ ଔପନ୍ୟାସିକ ଓ କଥାକାର ସେ କବିତା ଲେଖି କବି ଓ ପ୍ରବନ୍ଧ ଲେଖି ପ୍ରାବନ୍ଧିକ ମଧ୍ୟ ହୋଇଥିଲେ । ପ୍ରକୃତରେ ଫକୀର ମୋହନଙ୍କ ପରି ଉଜ୍ଜ୍ୱଳ ପ୍ରତିଭା, ବିଚକ୍ଷଣ କଥା ଶିଳ୍ପୀ ଓଡ଼ିଆ ସାହିତ୍ୟରେ ଆଉ କିଏ ? ତତ୍‌କାଳୀନ ବିଗ୍ରହବନ୍ତ ଅଭିଭାବକ ଭଙ୍ଗୀରେ ଫକୀର ମୋହନ ପ୍ରବନ୍ଧ ଲେଖିଛନ୍ତି । ଯଦିଓ ରୀତି ଓ ବିଷୟ ବସ୍ତୁ ପୃଥକ ତଥାପି ତାହାର ଏକ ଅନ୍ତରୀଣ ସ୍ୱର ମହତାବଙ୍କ "ଗାଁ ମଜଲିସ୍"କୁ କେତେକ ସ୍ଥଳେ ସଂଗ୍ରହଶୀଳ କରିଛି । ପ୍ରବନ୍ଧରେ ଫକୀର ମୋହନଙ୍କର ସ୍ୱର ଜଣେ ଅଭିଜ୍ଞ ଅଭିଭାବକର ସ୍ୱର ପରି "ଗାଁ ମଜଲିସ୍"ରେ ମହତାବଙ୍କର ସ୍ୱର ଜଣେ ନିପୁଣ, କର୍ମକଠୋର, ଚେତନଶୀଳ ଅଭିଭାବକର ସ୍ୱର ସ୍ପଷ୍ଟ ଶୁଣାଯାଏ । ୧୯୧୧ ମସିହାରେ "ମୁକୁର" ପତ୍ରିକାରେ ପ୍ରକାଶିତ "ପ୍ରକୃତି" ପ୍ରବନ୍ଧରେ ଫକୀର ମୋହନ ସ୍ୱକୀୟ ଢ଼ଙ୍ଗରେ ଯେଉଁ ଆଲୋଚନା କରିଛନ୍ତି ତହିଁରୁ ତାଙ୍କ ମୁରବୀ ପଣ ସ୍ପଷ୍ଟ । "ଗାଁ ମଜଲିସ୍"କୁ ଏକ ମୁରବୀ ଦୃଷ୍ଟିରେ ହିଁ ମହତାବ ଲେଖିଛନ୍ତି । ତାହାର ଏକ ସୂଚନା "ଗାଁ ମଜ୍‌ଲିସ୍"ରେ ୧୯୬୪ ମସିହା ମେ ମାସ ୨୪ତାରିଖରେ "ବିଗତ ପ୍ରତାରଣା" ଶିରୋନାମାରେ ପ୍ରକାଶିତ କ୍ଷୁଦ୍ର ପ୍ରବନ୍ଧର ନିମ୍ନୋକ୍ତ ପ୍ରଥମ ବାକ୍ୟରୁ ସ୍ପଷ୍ଟ ।

"ବହୁଦିନୁ ଭାବୁଛି, ଯୁବକ ଯୁବତୀ ଯେଉଁମାନଙ୍କର ବୟସ ପଚିଶ ବର୍ଷ ବା ତା ଠାରୁ କମ୍, ସେହି ମାନଙ୍କ ପାଇଁ କ୍ରମାନ୍ୱୟରେ କିଛି ଲେଖିବା ପାଇଁ ।"

ଯୁବକ, ଯୁବତୀମାନଙ୍କୁ ସେମାନଙ୍କ ସମସ୍ୟା ସହିତ ପରିଚିତ କରାଇବା ପାଇଁ ଏହି ପ୍ରବନ୍ଧଟି ଉଦ୍ଦିଷ୍ଟ । ତେବେ ପ୍ରାବନ୍ଧିକର ଆତ୍ମାଭିମୁଖିତାର

Digitized by srujanika@gmail.com

ସଂଗ୍ରହଣ ମୌଳିକତଃ ରଚନାର ପରିସରକୁ ଯେପରି ଭବରେ ଉଜ୍ଜୀବୀତ କରେ ତାର ସାମଗ୍ରୀକ ସତ୍ତା ସେହି ଭବରେ ହିଁ ନିରୀକ୍ଷକ ଓ ପାଠକଠାରେ ଉପଲବ୍ଧ ହୁଏ । ଏହାହିଁ ତାର ସ୍ୱାତନ୍ତ୍ର୍ୟ ଏବଂ ମହତାବଙ୍କ ପ୍ରବନ୍ଧ କେବଳ ନୁହେଁ ଗଳ୍ପ ଉପନ୍ୟାସ, କବିତା ଓ ନାଟକରେ ସେ ପ୍ରକାର ସ୍ୱାତନ୍ତ୍ର୍ୟ ସହଜରେ ଅନୁଭୂତ ହୁଏ ।

କୌଣସି 'ବର୍ତ୍ତମାନ' ଯେପରି ଅକସ୍ମାତ ବା ଉଦ୍ଭଟ ନୁହେଁ ସାହିତ୍ୟ ଓ କଳା କ୍ଷେତ୍ରରେ କୌଣସି ମୁହୂର୍ତ୍ତର ଅବସ୍ଥା ଅତୀତରୁ ଉଦ୍‌ଭିନ୍ନ ନୁହେଁ । ପ୍ରବାହରେ ପରିବର୍ତ୍ତନଗତ ପାର୍ଥକ୍ୟ ରହିବା ସ୍ୱାଭବିକ; ମାତ୍ର ତାହା ଯେ ପୂର୍ବ ଧାରାର ସଂଗ୍ରଥନ ଓ କ୍ରମ ତାହା ସ୍ୱୀକାର କରିବାକୁ ହେବ । ଠିକ୍ ସେହି ଭବରେ ମହତାବଙ୍କର ପ୍ରବନ୍ଧମାନ ବିଗ୍ରର୍ଯ୍ୟ ।

ମହତାବଙ୍କ ପୂର୍ବସୂରୀ ପ୍ରାବନ୍ଧିକମାନେ ଓଡ଼ିଆ ସାହିତ୍ୟରେ ଯେଉଁ ପ୍ରକାର ଚିନ୍ତାର ସୂତ୍ରପାତ କରିଥିଲେ ତାହାର ଓଜ ଓ ଋଜୁତା ସମ୍ବନ୍ଧରେ ବିଗ୍ରର କଲେ ସ୍ପଷ୍ଟ ହୁଏ ଯେ ପ୍ରକାର ନିର୍ବିଶେଷରେ ଅନୁଧ୍ୟାନ ଓ ଅନୁଭୂତି ସମେତ ସଂଧାନ ଓ ସମ୍ବେଦନା ତହିଁରେ ଥିଲା ଆତ୍ମ ନିୟୋଗର ପ୍ରମାଣ ସ୍ୱରୂପ । ମଧୁସୂଦନ, ଚନ୍ଦ୍ରମୋହନ, ମୋହିନୀ ମୋହନ, ରତ୍ନାକର ପତି, ମୃତ୍ୟୁଞ୍ଜୟ ରଥ ଇତ୍ୟାଦି ଚିନ୍ତାଶୀଳ ପ୍ରବନ୍ଧ ଲେଖୁଥିଲେ । ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର, ଗୋବିନ୍ଦ ତ୍ରିପାଠୀ, କୃଷ୍ଣ ପ୍ରସାଦ ବସୁ ଇତ୍ୟାଦି ଯେଉଁ ପ୍ରବନ୍ଧମାନ ରଚନା କରୁଥିଲେ ତହିଁରେ ଘଟଣା ପ୍ରଣୋଦିତ ପ୍ରବାହରେ ଥିଲା ଏକ ତାର୍ଯ୍ୟିକ ରମ୍ୟଭବ । ଗୌରୀ ଶଙ୍କର, ଗୋପବନ୍ଧୁ ମୁଖ୍ୟତଃ ତଥ୍ୟ ଭିତ୍ତିକ ପ୍ରବନ୍ଧ ରଚନା କରିଥିଲେ । ଉତ୍କଳ ଗୌରବ ମଧୁସୂଦନ, କବିବର ରାଧାନାଥ, ଜଳନ୍ଧର ଦେବ ଏବଂ ଶଶୀ ଭୂଷଣ ରାୟଙ୍କର ପ୍ରବନ୍ଧମାନ ଓଡ଼ିଆ ସାହିତ୍ୟକୁ ବହୁ ଭବରେ ଋଦ୍ଧିମନ୍ତ କରିଛି । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ବିରୂପାକ୍ଷ କର, ବିପିନ ବିହାରୀ ମହାନ୍ତି ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଲେଖନୀରୁ ନିଃସୃତ ପ୍ରବନ୍ଧର ଧାରା ଦାର୍ଶନିକ, ସାମାଜିକ, ସାହିତ୍ୟିକ ପରିସରରେ ଆଶାର ଆଲୋକ ସୃଷ୍ଟି କରିଛି ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କର ଦାର୍ଶନିକ ଓ ସାହିତ୍ୟିକ ବିଶ୍ଳେଷଣ ପାଣ୍ଡିତ୍ୟ-ପରିପାଟୀରେ ଜଟିଳ ଓ କଠିନ ମନେ ହେଉଥିଲେ ମଧ୍ୟ ତାହାର କୋଟୀ ଲକ୍ଷଣୀୟ ଭବେ ଅନମନୀୟ ବୋଲି ସ୍ୱୀକାର କରିବାକୁ ହେବ । ସାଧାରଣ ପାଠକ ପାଇଁ ଏହା ସୁବୋଧ୍ୟ ନୁହେଁ । ମୌଳିକତାରେ କବି ପଣ୍ଡିତ ଗୋଦାବରୀଶ ପ୍ରବନ୍ଧରେ ମଧ୍ୟ ସରଳ ଓ ସ୍ୱଚ୍ଛନ୍ଦ । ଓଡ଼ିଆ ପ୍ରାଚୀନ ସାହିତ୍ୟର ଏକ ପ୍ରବୀଣ ପ୍ରବକ୍ତା ଓ ପୃଷ୍ଠ ପୋଷକ ଆର୍ତ୍ତବଲ୍ଲଭ ବହୁ କାବ୍ୟର ମୁଖବନ୍ଧକୁ ଗବେଷଣାତ୍ମକ କରି ପରବର୍ତ୍ତୀ ଗବେଷକମାନଙ୍କ ପାଇଁ ପଥ ନିର୍ଦ୍ଦେଶ କରି ଯାଇଛନ୍ତି । ପ୍ରାଚୀନ ଓ ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟର ପ୍ରକାର ଓ ପ୍ରବାହର ପରିଚୟ ନିମନ୍ତେ ସେ ନିଜର ସମଗ୍ର ସାଧନ-ଶକ୍ତିକୁ ନିୟୋଜନ କରିଥିଲେ ବୋଲି ସ୍ୱୀକାର କରିବାକୁ ହେବ । ଓଡ଼ିଆ ପ୍ରବନ୍ଧ—ସାହ ତ୍ୟର ଏହିପରି ଏକ ପୃଷ୍ଠଭୂମି ଉପରେ ମହତାବଙ୍କର ପ୍ରବନ୍ଧମାନଙ୍କୁ ଅବତାରଣା କଲେ ବିଗ୍ଭର ପାଇଁ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବାକୁ ହେବ । ତାହାର କାରଣ ମହତାବଙ୍କ ବ୍ୟକ୍ତିତ୍ୱର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ତାଙ୍କ ବହୁମୁଖୀ କର୍ମଧାରର ପ୍ରତି ଚତ୍ୱରରେ ଅନୁଭୂତ ହୋଇଛି ।

ମହତାବଙ୍କ ସାହିତ୍ୟ-କୃତିର ଧାର ଗଳ୍ପ, ଉପନ୍ୟାସ, ନାଟକ, କବିତା ଓ ପ୍ରବନ୍ଧରେ ପ୍ଳାବନ ସୃଷ୍ଟି କରିଛି । ସେ ଥିଲେ ତୀକ୍ଷ୍ଣ ଦ୍ରଷ୍ଟା ଏବଂ ପ୍ରତ୍ୟେକ ଚିନ୍ତାର ଯଥାର୍ଥତା ସନ୍ଧାନ ପାଇଁ ସେ ମନନ କରୁଥିଲେ । ତାହାର ପ୍ରମାଣ "ପ୍ରତିଭା", "ଅବ୍ୟାପାର", "ନୂତନ ଧର୍ମ" ଓ "ଟାଉଟର" ଉପନ୍ୟାସ । ସ୍ୱାଧୀନତାର ପରବର୍ତ୍ତୀ ରାଜନୀତି ଓ ସମାଜର ଅବସ୍ଥା ଭିତ୍ତିରେ ତାଙ୍କର "ତୃତୀୟ ପର୍ବ" ଏକ ଉଲ୍ଲେଖ ଯୋଗ୍ୟ ଅବଦାନ । ଗଳ୍ପ କଥନର ପ୍ରାସଙ୍ଗିକତା ମଧ୍ୟରେ ପ୍ରାବନ୍ଧିକ ଯୁକ୍ତିର ଅନୁରଣନ ବହୁ ସ୍ଥଳରେ ଅନୁଭୂତ ହୁଏ ମହତାବଙ୍କ ସୃଷ୍ଟିରେ । ତାଙ୍କର ନୈପୁଣ୍ୟଗତ ପରାକାଷ୍ଠା ହେଉଛି ଯେ ସେ ସାହିତ୍ୟର ବିଭବଗତ ଶୃଙ୍ଖଳାରେ ବ୍ୟତିକ୍ରମ ନ କରି ନୂତନ ପ୍ରବର୍ତ୍ତନ କରନ୍ତି ।

"ଗାନ୍ଧିଜୀ ଓ ଓଡ଼ିଶା", "ଗାଁ ମଜଲିସ୍" ଓ "ସାଧନାର ପଥେ" ତାଙ୍କର ସଫଳ ପ୍ରବନ୍ଧ । "ଗାନ୍ଧିଜୀ ଓ ଓଡ଼ିଶା" ପ୍ରବଂଧ ପୁସ୍ତକରେ ନିର୍ଭିକ

Digitized by srujanika@gmail.com

ସବେ ଗାନ୍ଧିଜୀଙ୍କ ରାଜନୀତିକ ଚିନ୍ତା ସମ୍ବନ୍ଧରେ ସ୍ୱୀୟ ମତ ଉଲ୍ଲେଖ କରିଛନ୍ତି । ତାହାର ଏକ ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରଗଲା—

"ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ପରୀକ୍ଷାରେ ଅନେକ-ଘୁଡ଼ିଏ ଅସମାହିତ ରହସ୍ୟ ରହିଯାଇଛି; ତେଣୁ ସେ ଯେପରି ଯାହା ଯେତେବେଳେ ସ୍ଥିର କରୁଥିଲେ ସେ ସବୁ ପ୍ରୟୋଗ କରିବା ପୂର୍ବରୁ ଗଭୀର ଅଧ୍ୟୟନ ଓ ଅନୁଧ୍ୟାନ ଆବଶ୍ୟକ ହେବ ।"

ଉପରୋକ୍ତ ଚିନ୍ତା ଯେଉଁ ପ୍ରସଙ୍ଗରେ ପ୍ରକାଶିତ ହୋଇଛି ତାହା ହେଉଛି ୧୯୨୧ରେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ । ସେ ସମୟର ପ୍ରତିଷ୍ଠିତ ରାଜନୈତିକ ନେତୃତ୍ୱ ଯେଉଁମାନେ ନେଇଥିଲେ ସେମାନେ ହେଲେ ଆନି ବେସାନ୍ତ, ମହମ୍ମଦ ଅଲ୍ଲି ଜିନା, ଶ୍ରୀନିବାସ ଶାସ୍ତ୍ରୀ ଏବଂ ସେମାନଙ୍କ ସହିତ ବିରୁଦ୍ଧାଚରଣ କରି ନିଜ ମତାବଲମ୍ବୀ କରାଇ କଂଗ୍ରେସକୁ ଅସହଯୋଗ ଆନ୍ଦୋଳନ ପାଇଁ ପ୍ରରୋଚିତ କରି ଗାନ୍ଧିଜୀ ଯେଉଁ ପରିସ୍ଥିତି ସୃଷ୍ଟି କଲେ ସେଥିରେ ବହୁ ପ୍ରତିଷ୍ଠିତ ନେତା, କଂଗ୍ରେସ ତ୍ୟାଗ କରିବାକୁ ଭ୍ରୂକ୍ଷେପ କଲେ ନାହିଁ । ୧୯୨୫ରେ ପୁଣି ନିଜ କର୍ମପନ୍ଥା ପରିବର୍ତ୍ତନ କରିଥିଲେ ଓ କଂଗ୍ରେସର ସଭ୍ୟ ନ ରହି କଂଗ୍ରେସ ପରିଚାଳନାର ଦାୟିତ୍ୱ ପରୋକ୍ଷ ଭାବେ ଗ୍ରହଣ କରିଥିଲେ ।

ଏହି ପୁସ୍ତକରେ ନାନାବିଧ ଅବତାରଣା ମାଧ୍ୟମରେ ଓଡ଼ିଶାର ଜନା-ଚେତନା, ସାଂସ୍କୃତିକ ଅବସ୍ଥିତି, ସାମାଜିକ, ଆର୍ଥିକ, ଭୌଗଳିକ ଓ ଐତିହାସିକ ଅବସ୍ଥାର ଏକ ସ୍ୱଚ୍ଛନ୍ଦ ବର୍ଣ୍ଣନା ରହିଛି ।

"ଗାଁ ମଜଲିସ" ମହତାବଙ୍କର ଏକ ଚମତ୍କାର ସୃଷ୍ଟି । ରାଜନୀତି, ପ୍ରଶାସନ, ସମାଜ, ଅର୍ଥନୀତି, ସଭ୍ୟତା, ସଂସ୍କୃତି, ବ୍ୟକ୍ତି, ରାଷ୍ଟ୍ର, ଧର୍ମ, ନ୍ୟାୟ, ସତ୍ୟ, କର୍ତ୍ତୃତ୍ୱ ଓ କର୍ତ୍ତବ୍ୟ—ସମସ୍ତ ଚିନ୍ତନୀୟ ବିଷୟର ସମାବେଶ ତହିଁରେ ରହିଛି । ତାହା ଏପରି ଶୈଳୀରେ ବର୍ଣ୍ଣିତ ହୋଇଛି ଯେ ପାଠକ ସ୍ୱାଭାବିକ

Digitized by srujanika@gmail.com

ଟିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗ୍ଭଲିଯାଏ । ଜନ-ମାନସର ଘୂର୍ଣ୍ଣି ମଧ୍ୟରେ ପ୍ରକୃତ ସମସ୍ୟାକୁ ନିର୍ଦ୍ଦିଷ୍ଟ କରିବାର ଦୃଷ୍ଟି ନ ଥିଲେ, ସମାଧାନ ପାଇଁ ପନ୍ଥା ନିର୍ଦ୍ଧାରଣ ସମ୍ଭବ ହୁଏ ନାହିଁ । ମହତାବ ସେ କଳାର କୁଶଳୀ ଶିଳ୍ପୀ ରୂପେ ସୁବିଦିତ । ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ମାନସ-ପ୍ରକୃତିକୁ ସେ ନିରୀକ୍ଷଣ କରିବାର ଦକ୍ଷତା ଲାଭ କରି ସାରିଥିଲେ ସ୍ୱାଧୀନତା ସଂଗ୍ରାମ ମଧ୍ୟ ଦେଇ । "ଗାଁ ମଜଲିସ୍" ନେଣୁ ଅପୂରନ୍ତ ସ୍ଫୂର୍ତ୍ତିରେ ସହର, ନଗରଠାରୁ ଗ୍ରାମ ପର୍ଯ୍ୟନ୍ତ ପଥ, ଘାଟ ସବୁଠାରେ ଆଲୋଚନାର ବିଷୟ ଓ ଅନୁଷ୍ଠାନର ଉପାଦାନ ହୋଇଛି । "ସମ୍ବାଦ-ସାହିତ୍ୟ" ବୋଲି ଅଭିହିତ କରି କେତେକ ଏହାର ଗୁରୁତ୍ୱ ହ୍ରାସ କରିବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ କାଳର କ୍ରମରେ ସେ ଚେଷ୍ଟା ନିଷ୍ଫଳ ହୋଇଯିବ, ତାହାର ଅମଳିନ କାରଣ ହେଉଛି ଯେ ତହିଁରେ ମାନବିକ ସମ୍ବେଦନ ଯେ କୌଣସି ସଫଳ ସାହିତ୍ୟ-ସୃଷ୍ଟିର ମାନବିକ ସମ୍ବେଦନଠାରୁ କେବଳ ଯେ ନିମ୍ନ ନୁହେଁ, ସେତିକି ନୁହେଁ; ବହୁ ସ୍ଥଳରେ ଉଚ୍ଚତର । "ଗାଁ ମଜଲିସ"ର ସ୍ୱାତନ୍ତ୍ର୍ୟ ପ୍ରଣିଧାନଯୋଗ୍ୟ ଏବଂ ଓଡ଼ିଆ ସାହିତ୍ୟକୁ ଏହା ଏକ ଅମୂଲ୍ୟ ଅବଦାନ । ପ୍ରତ୍ୟେକଟି ପର୍ଯ୍ୟାୟର ଅବଧାରଣା, ବିଷୟବସ୍ତୁର ବିସ୍ତୃତି, ରଚନାର ଶୈଳୀ, ପ୍ରବାହର ସ୍ୱାଭାବିକତା ଏବଂ ମାନସିକ-ଜାଗରଣ ଓଡ଼ିଆ ସାହିତ୍ୟକୁ ଯେପରି ରସୋତ୍ତୀର୍ଣ୍ଣ କରିଛି ସେହିପରି ତାତ୍ତ୍ୱିକତାରେ ଗମ୍ଭୀର କରିଛି । ତାହା ଯେପରି ସୁଖପାଠ୍ୟ ସେହିପରି ଶାଳୀନ ।

"ସାଧନାର ପଥେ" ମହତାବଙ୍କ ଜୀବନୀ । ସ୍ୱଷ୍ଟ ଭାବରେ ନିଜ ଜୀବନର କାହାଣୀ ସେ ବର୍ଣ୍ଣନା କରିଛନ୍ତି । ଜୀବନୀ ଲେଖିବାର କଳାତ୍ମକ କୌଶଳ ସମସ୍ତଙ୍କ ଠାରେ ପରିଲକ୍ଷିତ ହୁଏ ନାହିଁ । ମହତାବଙ୍କର "ସାଧନାର ପଥେ" ଏକ ସଫଳ ସୃଷ୍ଟି ଠିକ୍ ଯେପରି ପଣ୍ଡିତ ଗୋଦାବରୀଶଙ୍କର "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ" ଏବଂ ଡକ୍ଟର ମାୟାଧର ମାନସିଂହଙ୍କର "ଶିକ୍ଷାବିତ୍‌ର ଗାଥା" । "ସାଧନାର ପଥେ"ରେ ସାଧ୍ୟ ଜୀବନର ଚିନ୍ତା ପ୍ରଥମରୁ ହିଁ ପ୍ରକାଶ ପାଇଛି । ସେ ଲେଖିଛନ୍ତି "ପ୍ରତ୍ୟେକ ଜୀବନ ଏକ ବିରାଟ ଉପନ୍ୟାସ । କେତେ ଯେ ଛୋଟ, ବଡ଼ ଘଟଣାର ଘାତ ପ୍ରତିଘାତରେ ପ୍ରତ୍ୟେକ ଜୀବନ ଏ ସଂସାରର ଭିଡ଼ ଭିତରେ ଯେ ଠେଲି ପେଲି ଗ୍ଭଲିଛି,

Digitized by srujanika@gmail.com

ଭବିଲେ ବିସ୍ମିତ ହେବାକୁ ହୁଏ । ମୋ ପରି ସମସ୍ତେ ଗତି କରି ଆସୁଛନ୍ତି । ଅଜ୍ଞାତରୁ ବାହାରି ପୁଣି ସେ ଅଜ୍ଞାତରେ ଲେପ ପାଇ ଯାଉଛନ୍ତି ।"

× × ×

"ପ୍ରତ୍ୟେକର ଜୀବନ ବାସ୍ତବିକ ତା ପକ୍ଷରେ ଏକ ବିରାଟ ସାଧନା ।"

ସାଧାନା ମାଧ୍ୟମରେ ହିଁ ସାଧକ ନିଜର କର୍ତ୍ତବ୍ୟ ସଂପାଦନ କରେ । ସେ କ୍ଷେତ୍ରରେ ଆତ୍ମସ୍ଫୂର୍ତ୍ତି ଓ ଆତ୍ମପୋଷଣର ପ୍ରକ୍ରିୟା କର୍ତ୍ତବ୍ୟବୋଧ ଜାଗ୍ରତ କରିବା ସହିତ ସକଳ କାର୍ଯ୍ୟରେ ଏକ ନୈର୍ବ୍ୟକ୍ତିକ ଆଭିମୁଖ୍ୟ ଗ୍ରହଣ କରେ । ମହତାବଙ୍କ ଆତ୍ମସ୍ୱୀକୃତି ଅନ୍ୟକୁ ସ୍ୱୀକାର କରିବାର ବାସ୍ତବ ବିଗ୍ରହରୁ ବିମୁଖ ନୁହେଁ । ସେହି କାରଣରୁ ଚିନ୍ତାର ଚେତନାନ୍ୱିତ ଅଭିବ୍ୟକ୍ତିରେ ସେ ନିରପେକ୍ଷ ଓ ଆତ୍ମଦର୍ଶୀ । ନିରଳସ ଅନ୍ତର୍ଜୀବନରେ ଏହି ଭବର ପୋଷକ ଥିବାଯୋଗୁଁ ସାହିତ୍ୟ, କଳା ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଆକର୍ଷଣ ଥିଲା । ସେହି ଦୃଷ୍ଟି ବୋଧରେ ସେ ରୁଚି ସମ୍ପନ୍ନ ପ୍ରତ୍ୟେକକୁ ସମ୍ମାନ କରୁଥିଲେ ।

"ଝଙ୍କାର" ଓ "ପ୍ରଜାତନ୍ତ୍ର" ପୃଷ୍ଠାରେ ସାହିତ୍ୟର ସଂବୃଦ୍ଧି ସ୍ୱାଧୀନୋତ୍ତର କାଳର ବହୁ ଉଜ୍ଜ୍ୱଳ ଆଭିମୁଖ୍ୟ ଧରି ଗତିଶୀଳ ହୋଇଛି । ସାହିତ୍ୟର ନୂତନ ଧାରା ପ୍ରତି ସେ ସମ୍ପୂର୍ଣ୍ଣ ସଚେତ ଥିଲେ ଏବଂ ନିଜକ ସାହିତ୍ୟର ପରିସରକୁ ମହିମାନ୍ୱିତ କରିବାର ପ୍ରୟାସ ପୋଷଣ କରିଥିଲେ । "ଝଂକାର"ର ସମ୍ପାଦକୀୟ ମହତାବଙ୍କ ଚିନ୍ତାରେ ସର୍ବଦା ଆଶାର ଅଭିଲେଖ ଧରି ଆକର୍ଷଣ କରୁଥିଲା । ବିଶ୍ଳେଷଣ ଓ ବିନ୍ୟାସରେ ସେ ଥିଲେ ଅସାଧାରଣ । ଏକ ଅସାଧାରଣମନ୍ୟ ସମସ୍ୟାକୁ ସାଧାରଣ ଘଟଣାରେ ପରିଣତ କରିବା ଏବଂ ସାଧାରଣ ଘଟଣାକୁ ଅସାଧାରଣ ସମସ୍ୟାଭବେ ପ୍ରତିପାଦନ କରିବାର ବିଚକ୍ଷଣତା ତାଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ବୋଲି ପ୍ରତିପାଦିତ କରିଥିଲା ।

ମହତାବଙ୍କ ସାହିତ୍ୟ ସୃଷ୍ଟିର ତର୍ଜମା ହେଲେ ତାଙ୍କ ପ୍ରାବଂଧିକ ଚିନ୍ତାର ଐଶ୍ୱର୍ଯ୍ୟ ଓଡ଼ିଆ ସାହିତ୍ୟର ତୀର୍ଥ ଭୂମିକୁ ମହିମାନ୍ୱିତ କରିବ ଏଥିରେ ଦ୍ୱିଧା ବା ସନ୍ଦେହର ଅବକାଶ ନାହିଁ ।

— ୦ —

Digitized by srujanika@gmail.com

।। ମହତାବ ଓ ଗାଁ ମଜଲିସ୍ ।।

❋ ଶ୍ରୀ ସୁଶୀଲ କୁମାର ମହାପାତ୍ର

ସ୍ୱର୍ଗତ ମହତାବ ଯେ କେବଳ ଜଣେ ଦକ୍ଷ ରାଜନୀତିଜ୍ଞ ଥିଲେ ତାହା ନୁହଁ, ଏକାଧାରରେ ସେ ଥିଲେ ଜଣେ ସୁସାହିତ୍ୟିକ ଶିକ୍ଷାନୁରାଗୀ ଓ ପ୍ରବୀଣ ସାମ୍ବାଦିକ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ତାଙ୍କ ରାଜନୈତିକ ଜୀବନର ପ୍ରାଣ-କେନ୍ଦ୍ର ଥିଲେ ମଧ୍ୟ ସ୍ୱାଧୀନ ସମ୍ବାଦ ପରିବେଷଣରେ ତାଙ୍କର ଯଥେଷ୍ଟ ଅନୁରାଗ ଥିଲା । ସେ ଲେଖୁଥିବା "ଗାଁ ମଜଲିସ୍" ତାହାର ଜ୍ୱଳନ୍ତ ଉଦାହରଣ ।

ଏହି "ଗାଁ ମଜଲିସ୍" ଶିରୋନାମାଟିର ଅର୍ଥ ଯେପରି ତାତ୍ପର୍ଯ୍ୟ ପୂର୍ଣ୍ଣ ତାହାର ପରିସର ମଧ୍ୟ ସେପରି ବ୍ୟାପକ । ଗାନ୍ଧିଜୀଙ୍କ ଆଦର୍ଶ ଓ ଚିନ୍ତା-ଧାରାରେ ଅନୁପ୍ରାଣିତ ହୋଇ ସେ ଗ୍ରାମ ଉନ୍ନୟନ ଉପରେ ଅଧିକ ଜୋର ଦେଉ ଥିଲେ । ଭାରତର ଅଧିକାଂଶ ବ୍ୟକ୍ତି ଗ୍ରାମରେ ବାସ କରୁ ଥିବାରୁ ଗ୍ରାମ୍ୟଜୀବନର ଉନ୍ନତି ବିନା ଦେଶର ଉନ୍ନତି ଯେ ଅସମ୍ଭବ ତାହା ସେ ଅନୁଭବ କରିଥିଲେ । ଏହି ଚିନ୍ତାଧାରାକୁ ସେ ଅଭିବ୍ୟକ୍ତ କରୁଥିଲେ ତାଙ୍କ ଲେଖା ମାଧ୍ୟମରେ । ଗାଁ ମଜଲିସ୍‌ରେ ସେ ଜନତାର ସୁବିଧା ଅସୁବିଧା, ହାନି ଲାଭ ଓ ଦୁଃଖ ସୁଖ ଉପରେ ଆଲୋକପାତ କରୁଥିଲେ । ଏହାରି ମାଧ୍ୟମରେ ସେ ସାମାଜିକ ଅବସ୍ଥା ଓ ଲୋକମାନଙ୍କ ଦୃଷ୍ଟିଭଙ୍ଗୀ ଉପରେ ନିଜର ସ୍ୱାଧୀନ ମତ ପ୍ରକାଶ କରୁଥିଲେ ।

Digitized by srujanika@gmail.com

ଗାଁ ମଜଲିସ୍ ଥିଲା ଏକ ତଥ୍ୟ ସମ୍ବଳିତ ଲେଖା ଓ ତାହାର ମାଧ୍ୟମରେ ସେ ସାମାଜିକ ଚେତନା ଆଣିବାକୁ ପ୍ରୟାସୀ ଥିଲେ । ଯେଉଁ ସାମାଜିକ ଚିନ୍ତାଧାର ଓ ଦୃଷ୍ଟିଭଙ୍ଗୀ ସମାଜରେ ଜଟିଳ ପରିସ୍ଥିତି ସୃଷ୍ଟି କରୁଥିଲା ତାହା କିପରି ଦୂର ହେବ ସେଥିପାଇଁ ସେ ଗାଁ ମଜଲିସ୍ ମାଧ୍ୟମରେ ପ୍ରତିବାଦ ସ୍ୱର ଉତ୍ତୋଳନ କରୁଥିଲେ । ଏହି ଲେଖାମୂଳରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା । ଏହା ଥିଲା ସଂପୂର୍ଣ୍ଣ ପୃଥକ୍ ଓ ତାଙ୍କର ସ୍ୱାଧୀନ ଅଭିବ୍ୟକ୍ତି ସମ୍ବଳିତ ।

ଗାଁ ମଜଲିସ୍‌ରେ ପ୍ରକାଶିତ ଲେଖା କେବଳ ଗ୍ରାମ୍ୟ ଜୀବନ ଉପରେ ସୀମାବଦ୍ଧ ନ ଥିଲା । ଏହାରି ମାଧ୍ୟମରେ ସେ ଜାତୀୟ ସମସ୍ୟା ଉପରେ ଦୃଷ୍ଟିପାତ କରିବା ସଙ୍ଗେ ସଙ୍ଗେ ତାହାର କିପରି ସମାଧାନ ହୋଇ ପାରିବ ସେ ପ୍ରସଙ୍ଗରେ ନିଜର ବ୍ୟକ୍ତିଗତ ମତାମତ ଦେଉଥିଲେ । ଦେଶର ସଂପ୍ରତି ରାଜ-ନୈତିକ ପରିସ୍ଥିତି, ଆଧୁନିକ ଶିକ୍ଷା ଓ ତା'ର ଦୋଷ ତ୍ରୁଟି, ଗଣତନ୍ତ୍ର ଓ ନିର୍ବାଚିତ ପ୍ରତିନିଧି ମାନଙ୍କର କର୍ତ୍ତବ୍ୟବୋଧ ଓ ଆଦର୍ଶବାଦ, ଛାତ୍ର ସମାଜ, ସାହିତ୍ୟ ଓ ସାହିତ୍ୟିକମାନଙ୍କ ମଧ୍ୟରେ ଟଣା ଓଟରା, ଦେଶର ରାଜନୀତି ଓ ଅର୍ଥନୀତି, ରାଜନୈତିକ ନେତାମାନଙ୍କର ଦୃଷ୍ଟିଭଙ୍ଗୀ, କୃଷି, ବାଣିଜ୍ୟ, ଶିଳ୍ପ ଆଦି ଉପରେ ଗାଁ ମଜଲିସ୍‌ରେ ଆଲୋଚନା ହେଉଥିଲା । ପ୍ରକୃତରେ ଗାଁ ମଜଲିସ୍ ତାଙ୍କର ଅମୋଘ ଅସ୍ତ୍ର ଥିଲା । ଏଥିରେ ଯେଉଁ ଲେଖା ପ୍ରକାଶ ପାଉଥିଲା ତାହାର ଅର୍ଥ ଯେ କେବଳ ଗଭୀର ଥିଲା ତାହା ନୁହଁ, ଏହାର ପ୍ରଭାବ ମଧ୍ୟ ଯଥେଷ୍ଟ ଥିଲା । ଗାଁ ମଜଲିସ୍ ସମସ୍ତ ଜାତୀୟ ସମସ୍ୟା ଉପରେ ଦୃଷ୍ଟି ରଖି ଠିକ୍ ସମୟରେ ତା'ର ସ୍ୱାଧୀନ ମତ ବ୍ୟକ୍ତ କରୁଥିଲା ।

ଏଠାରେ କହିବା ବାହୁଲ୍ୟ ଯେ ଗାଁ ମଜଲିସ୍‌ରେ ପ୍ରକାଶିତ ଲେଖା ପାଠ କରିବା ପାଇଁ ବୁଦ୍ଧିଜୀବିମାନେ ଖୁବ୍ ଆଗ୍ରହୀ ଥିଲେ । ଗାଁ ମଜଲିସ୍‌ରେ ଏକ ଜାତୀୟ ସମସ୍ୟା ଉପରେ କଅଣ ମତ ନିଆଯାଇଛି ତାହା ଜାଣିବାକୁ ଲୋକମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହେଉଥିଲା । ବିଭିନ୍ନ ସଂବାଦ ପତ୍ରର ସଂପାଦକୀୟ ଲେଖା ପଢ଼ିବା ପରେ ମଧ୍ୟ ଗାଁ ମଜଲିସ୍ ପ୍ରତି ପାଠକ ମାନଙ୍କର ଯଥେଷ୍ଟ ଆଦର ଥିଲା । ଏହାର ପ୍ରଧାନ କାରଣ ହେଉଛି ଲେଖାର ବର୍ଣ୍ଣନା ଶୈଳୀ,

Digitized by srujanika@gmail.com

ଓ ସମାଜ ଉପରେ ତାହାର ପ୍ରଭାବ । ଆଜିକାଲି ଅନେକ ପତ୍ର ପତ୍ରିକା ଓ ନୂଆ ନୂଆ ସଂବାଦ ପତ୍ର ବାହାରିଲାଣି । ସେଥିରେ ଅନେକ ଆଲୋଚନା ସମାଲୋଚନା ଲେଖା ବି ପ୍ରକାଶ ପାଉଛି ମାତ୍ର ଅଧିକାଂଶ ଆଲୋଚନା ସମାଲୋଚନାଲେଖା ନଗ୍ନ, ବ୍ୟକ୍ତି ବିଷୟକ ଓ ସ୍ୱାର୍ଥ ଜର୍ଜରିତ । ଏହା ସଙ୍ଗେ ସଙ୍ଗେ ସେଥିରେ ବ୍ୟବହାର ହେଉଥିବା ଶବ୍ଦ ଯୋଜନା ମଧ୍ୟ ରୁକ୍ଷ । ଆମେ ଯଦି ଗାଁ ମଜଲିସ୍‌ର ଲେଖା ପ୍ରତି ଦୃଷ୍ଟି ଦେଉ, ସେଥିରୁ ଜଣା ପଡ଼ିବ ସେଥିରେ ପ୍ରକାଶ ପାଉଥିବା ଆଲୋଚନା ସମାଲୋଚନା ଶ୍ରୁତି ମଧୁର ଓ ଭାବ ଉଦ୍ଦୀପକ ଥିଲା । ତାହାର ଶବ୍ଦ ଯୋଜନା ଯେପରି ଶୃଙ୍ଖଳିତ, ସେହିପରି ସାଧାରଣ ପାଠକଙ୍କ ଦ୍ୱାରା ବୋଧଗମ୍ୟ ଥିଲା । ମୋଟ ଉପରେ ଗାଁ ମଜଲିସ୍ ମହତାବଙ୍କର ଏକ ସ୍ୱତନ୍ତ୍ର ସୃଷ୍ଟି ଯାହାର ରୁଚି ଯେପରି ଯୁଗୋପଯୋଗୀ ଥିଲା, ସ୍ୱାଦ ମଧ୍ୟ ସେପରି ଥିଲା ।

ଗାଁ ମଜଲିସ୍ ଗବେଷକମାନଙ୍କ ପାଇଁ ଅନେକ ଉପାଦାନ ରଖି ଯାଇଛି । ଗବେଷକମାନେ ଏହା ଉପରେ ଗବେଷଣା କରି ଏହାର ସ୍ୱତନ୍ତ୍ରତା ଓ ମାନ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବା ବିଧେୟ । ତଦ୍ୱାରା ମହତାବଙ୍କ ସ୍ମୃତି ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସବୁଦିନ ପାଇଁ ଅମ୍ଳାନ ହୋଇ ରହିବ ।

– ୦ –

Digitized by srujanika@gmail.com

॥ ମହତାବ ॥

✻ ଶ୍ରୀ ଦୁର୍ଯ୍ୟୋଧନ ନାୟକ

ଉତ୍କଳର ହୃତଗୌରବ ଫେରାଇ ଆଣିବା ପାଇଁ, ମଧୁବାବୁ ମଣିଷ ପରି ମଣିଷଟିଏ ଗୁହିଁଥିଲେ । ତେଣୁ ଉତ୍କଳ ଜନନୀଙ୍କୁ ସେ ବ୍ୟାକୁଳ ହୋଇ କହିଥିଲେ—

କୋଟିଏ ସନ୍ତାନ ମାଗୋ ଧରିଅଛୁ କୋଳେ,
ଗୋଟିଏ ମଣିଷ ମାଗୋ ଦେଖିଲିନି ଡୋଳେ ।

ମଧୁ ବାବୁଙ୍କ କାମନା ଚରିତାର୍ଥେ, ଉତ୍କଳ ଜନନୀ ମହତାବ ରୂପୀ ମଣିଷ ପରି ମଣିଷଟିଏ କୋଳରେ ଧାରଣ କରିଥିଲେ ।

ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ବୋଲି କୁହାଯାଏ । ପ୍ରକୃତରେ ଗୋପବନ୍ଧୁଙ୍କ ଜୀବନ କାହାଣୀ ଉତ୍କଳର ୨୫ ବର୍ଷର ଇତିହାସ, ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ୫୦ ବର୍ଷର ଇତିହାସ ଓ ମହତାବଙ୍କ ଜୀବନକାହାଣୀ ଉତ୍କଳର ୭୫ ବର୍ଷର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

Digitized by srujanika@gmail.com

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମହାପୁରୁଷଙ୍କ ମହାନତ୍ୱ ପିଲାଟି ଦିନରୁ ଜଣା ପଡ଼ିଥାଏ । ମହତାବ ଜଣେ ବଡ ମଣିଷ ହେବେ ବୋଲି, ତାଙ୍କ ପିଲା ଦିନରୁ ଜଣା ପଡ଼ିଥିଲା ।

୧୯୧୩ ମସିହାରେ ମହତାବ, ଭଦ୍ରକ ହାଇସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିଲେ । ସେତେବେଳେ ସାଳଂଦୀ ନଦୀରେ ପୋଲ ହୋଇ ନ ଥିଲା ଓ ମୋଟର କାର ଯାତାୟତ କରୁ ନଥିଲା । ଅଫିସରମାନେ ଭଦ୍ରକ ଷ୍ଟେସନରୁ ସହରକୁ ସାଇକେଲରେ ଆସୁଥିଲେ । ତତ୍‌କାଳୀନ କମିଶନର ସାହେବ ଏକ ସାଇକେଲରେ, ଭଦ୍ରକ ଷ୍ଟେସନରୁ ସହରକୁ ଆସୁଥାନ୍ତି । ମହତାବ ବାବୁ ତାଙ୍କର ଜଣେ ସାଙ୍ଗ ନିପେନ୍ ଗାଙ୍ଗୁଲିଙ୍କ ସହ, ସାଇକେଲରେ, କମିଶନର ସାହେବଙ୍କ ଆଗେ ଆଗେ ଷ୍ଟେନସରୁ ଆସିଥିଲେ ଓ କମିଶନର ସାହେବଙ୍କ ପଥରୋଧ କରିବାକୁ ସାହସ କରି ପାରିଥିଲେ । କମିଶନର ସାହେବଙ୍କ ସଭରେ ମହତାବ ବାବୁ ଛାତ୍ରମାନଙ୍କୁ ନେତୃତ୍ୱ ଦେଇ ଗୋଳମାଳ ସୃଷ୍ଟି କରିଥିଲେ । ଛାତ୍ର ଜୀବନରୁ ମହତାବଙ୍କର ନେତୃତ୍ୱ ପ୍ରକାଶ ପାଇଥିଲା ।

ଅଗରପଡ଼ାର ରାଜ ପରିବାରରେ ଲାଳିତ ପାଳିତ ହୋଇଥିଲେ ହେଁ, ରାଜାସନ ତାଙ୍କୁ ସୁଖ ଦେଇ ନ ଥିଲା । ଭାରତ ଜନନୀଙ୍କୁ ଇଂରେଜ ଶାସନରୁ ମୁକ୍ତ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସେ ଝାସ ଦେଇଥିଲେ । ରାଜବାଟୀ ଛାଡ଼ି ବହୁତ ସମୟ ଜେଲରେ କଟାଇଥିଲେ । ଗଡଜାତ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, କନିକା ପ୍ରଜା ଆନ୍ଦୋଳନ ଓ ଭାରତ ଛାଡ ଆନ୍ଦୋଳନରେ ଓଡ଼ିଶାର ନେତୃତ୍ୱ ନେଇ, ସେ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ ।

୧୯୪୭ରେ ଭାରତ ସ୍ୱାଧୀନ ହେଲା । ସ୍ୱାଧୀନ ଓଡ଼ିଶା ପ୍ରଦେଶର ସେ ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ । ତତ୍‌ପରେ ଭାରତର ଶିଳ୍ପମନ୍ତ୍ରୀ, ବମ୍ବେ ତଥା ଅବିଭାଜିତ ମହାରାଷ୍ଟ୍ର ଓ ଗୁଜରାଟର ରାଜ୍ୟପାଳ ପଦ ଅଳଙ୍କୃତ କଲେ । ମାତ୍ର ଦରିଦ୍ର ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ତାଙ୍କ ହୃଦୟ ବ୍ୟାକୁଳ ହେଲା । ସେ ଓଡ଼ିଶାକୁ ଫେରିଆସି ମୁଖ୍ୟମନ୍ତ୍ରୀ ହେଲେ । ତାଙ୍କର ପ୍ରଚେଷ୍ଟାରେ

Digitized by srujanika@gmail.com

ହୀରାକୁଦ ବନ୍ଧ ଯୋଜନା, ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠିତ ହେଲା । ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ଆସିଲା । ଓଡ଼ିଶାର ବହୁ ଉନ୍ନତି ସାଧିତ ହେଲା । ଓଡ଼ିଶାର ବର୍ତ୍ତମାନ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ତାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଡ଼କ୍ଟର ମହତାବ କରିଛନ୍ତି ଅବା କରାଇଛନ୍ତି ।

ପରବର୍ତ୍ତୀ କାଳରେ ସେ ସକ୍ରିୟ ରାଜନୀତିରୁ ଓହରି ଗଲେ । ମାତ୍ର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଓଡ଼ିଶା ଶାସନର ଏକ ସଜାଗ ପ୍ରହରୀ ରୂପେ କାମ କରିଯାଇଛନ୍ତି । ଦୈନିକ ପତ୍ରିକା ପ୍ରଜାତନ୍ତ୍ର ମାଧ୍ୟମରେ ସେ ଓଡ଼ିଶା ଶାସନକୁ ନିୟନ୍ତ୍ରଣ କରିଛନ୍ତି । **Poets and Writers are the unrecognised Legislatures of the world.** କବି ଓ ଲେଖକମାନଙ୍କୁ ବିଶ୍ୱର ଅସ୍ୱୀକୃତ ବିଧାୟକ କୁହାଯାଏ । କାରଣ ଅସୀଠାରୁ ମସୀର ଶକ୍ତି ବହୁତ ବେଶୀ । ବିଧାୟକ ମାନେ ଯାହା କରି ନ ପାରନ୍ତି, କବି ଓ ଲେଖକମାନେ ତାହା କରି ପାରନ୍ତି । ପ୍ରଜାତନ୍ତ୍ରର ଗାଁ ମଜଲିସ୍ ଶୀର୍ଷକ ଲେଖାରେ ମହତାବ ଯାହା କରିପାରିଛନ୍ତି, ରାଜ୍ୟ ବିଧାନସଭା ଅବା କେନ୍ଦ୍ର ସଂସଦ (ପାର୍ଲାମେଣ୍ଟ) ତାହା କରି ପାରିନାହିଁ କି ପାରିବନାହିଁ ।

ମହତାବ ବ୍ୟକ୍ତି ବିଶେଷ ନ ଥିଲେ । ସେ ଥିଲେ ଏକ ଅନୁଷ୍ଠାନ । ଏକାଧାରରେ ସେ ଐତିହାସିକ, ଔପନ୍ୟାସିକ, କବି, ସମାଲୋଚକ, ସାମ୍ବାଦିକ ଓ ରାଷ୍ଟ୍ରନୀତିଜ୍ଞ ରୂପେ ଖ୍ୟାତି ଅର୍ଜନ କରି ଯାଇଛନ୍ତି । ଝଙ୍କାର ମାସିକ ପତ୍ରିକା, ପ୍ରଜାତନ୍ତ୍ର, ଇଷ୍ଟର୍ଣ୍ଣ ଟାଇମ୍ସ, ହୀରାଖଣ୍ଡ ଆଦି ସମ୍ବାଦପତ୍ର ପ୍ରକାଶ ପାଇଁ ତାଙ୍କୁ ବହୁ ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ମାତ୍ର ସେ ସବୁବେଳେ ନିଜ କର୍ତ୍ତବ୍ୟରେ ଅଟଳ ରହିଥିଲେ ।

Digitized by srujanika@gmail.com

ମହାପୁରୁଷମାନଙ୍କ ଜୀବନ ହିଁ ତାଙ୍କ ବାଣୀ । ମହତାବ ଯାହା ଚିନ୍ତା କରୁଥିଲେ, ବାକ୍ୟରେ ପ୍ରକାଶ କରୁଥିଲେ ଓ ସ୍ୱକର୍ମରେ ପ୍ରଦର୍ଶନ କରୁଥିଲେ । ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱରେ ରହି, ଐତିହାସିକ, ଔପନ୍ୟାସିକ, ସାହିତ୍ୟିକ, ସାମ୍ବାଦିକ ଓ ସର୍ବୋପରି ରାଷ୍ଟ୍ରନୀତିଜ୍ଞ ରୂପେ ସେ ଅମର ହୋଇଯାଇଛନ୍ତି ।

ଓଡ଼ିଆମାନେ ଆଜି ଉତ୍କଳ କେଶରୀ ଡ଼କ୍ଟର ମହତାବଙ୍କୁ ସ୍ୱାଧୀନ ଓଡ଼ିଆ ଜାତିର ଜନକ ରୂପେ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରୁଛନ୍ତି । ମହତାବଙ୍କ କର୍ମାବଳୀକୁ ପ୍ରଚାର ନ କରି, କାୟ ମନ ବାକ୍ୟରେ, ନିସ୍ୱାର୍ଥପର ଭାବେ ଆଚରଣ କଲେ, ଆମେ ଜାଣି ପାରିବୁ, ମହତାବଙ୍କ ଅମର ଆତ୍ମା ଆମ ସହିତ ଅଛି । ଆମ ଭିତରେ ଅଛି, ଆମ ଚତୁଃପାର୍ଶ୍ୱରେ ଅଛି । ଅମେ ଓ ସେ ଅଭିନ୍ନ ।

— ୦ —

Digitized by srujanika@gmail.com

।। ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଡ଼ଃ ମହତାବଙ୍କର ଅବଦାନ ।।

❊ ଅଧ୍ୟାପକ ନାରାୟଣ ସାହୁ

ଉଣେଇଶ ଛୟାଳିଶ ମସିହା ଏପ୍ରିଲ ୯ ତାରିଖ ଓଡ଼ିଶାରେ ମନ୍ତ୍ରୀମଣ୍ଡଳ ଗଠନ ପାଇଁ ନିର୍ବାଚନ । ନିର୍ବାଚନରେ ୫୬ଟି ସ୍ଥାନରୁ କଂଗ୍ରେସ ପାର୍ଟି ୪୭ଟି ସ୍ଥାନରେ ବିଜୟୀ ହୋଇ, ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ଐତିହାସିକ ତଥା ବରେଣ୍ୟ ନେତା ସ୍ୱର୍ଗତ ଡଃ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଏପ୍ରିଲ୍ ୨୩ ତାରିଖ ଦିନ ଶପଥ ନେଲ । ଶପଥ ନେବା ପରେ ଓଡ଼ିଶାରେ ଶିଳ୍ପର ଦ୍ରୁତ ପ୍ରସାର ଓ ଅର୍ଥନୈତିକ ଉନ୍ନତି ଥିଲା କଂଗ୍ରେସ ମନ୍ତ୍ରୀ ମଣ୍ଡଳର ଏକମାତ୍ର ଲକ୍ଷ୍ୟ । ଜନସାଧାରଣଙ୍କ ପାଇଁ ଉପଦେଷ୍ଟା ଶ୍ରୀ ବି:କେ: ଗୋଖେଲ୍ ପ୍ରାୟ ୩୩ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ଜାନୁୟାରୀ ୭ ତାରିଖରେ ଉପସ୍ଥାପନା କଲେ । ଓଡ଼ିଶାର ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଡଃ ମହତାବ ନିଜ ରାଜ୍ୟର ଅର୍ଥନୈତିକ ଶଙ୍କଟର ମୁକାବିଲା ପାଇଁ ୧୯୪୬-୪୭ ମସିହା ବଜେଟ ତିଆରି କଲେ । ସେଥିପାଇଁ ସେ ୧୯୪୬ ମସିହା ମେ' ମାସ ୨୯ ତାରିଖରେ ଗୋଟିଏ ବୋର୍ଡ ଅଫ ଇଣ୍ଡଷ୍ଟ୍ରିଜ୍ ଗଠନ କଲେ । ଶ୍ରୀ ସାରଙ୍ଗଧର ଦାସ, ଶ୍ରୀ ଉମେଶ ଚନ୍ଦ୍ର ପଟ୍ଟନାୟକ, ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଥିଲେ ଏଥିର ସଭ୍ୟ । ଉକ୍ତ ସଭ୍ୟମାନେ ଓଡ଼ିଶାର ଅର୍ଥନୈତିକ ପ୍ରଗତି ପାଇଁ ପ୍ରଧାନ

Digitized by srujanika@gmail.com

ମନ୍ତ୍ରୀଙ୍କୁ ଉପଦେଶ ତଥା ସାହାଯ୍ୟ କରିବେ । ଯୋଜନା ଅନୁଯାୟୀ ଓଡ଼ିଶାରେ ୫ଟି ବୟନ ଶିଳ୍ପ, ଗୋଟିଏ ଚିନି କଳ, ଗୋଟିଏ ରେୟନ୍ କାରଖାନା, ଗୋଟିଏ ପଣ୍ୟଘୃତ କାରଖାନା, ଗୋଟିଏ କାଗଜ ତିଆରି କାରଖାନା, ଗୋଟିଏ ବାର୍ଣ୍ଣିସ୍ କାରଖାନା, ଗୋଟିଏ ଗେଞ୍ଜି ଓ ମୋଜା କାରଖାନା ଖୋଲା ଯିବାର ପ୍ରସ୍ତାବ ଥିଲା ।

କିନ୍ତୁ ଡଃ ମହତାବ ଶିଳ୍ପର ବିକାଶ ପାଇଁ ଚୌଦ୍ୱାର ଠାରେ ଗୋଟିଏ ବୟନ ଶିଳ୍ପ ଓ କଳିଙ୍ଗ ଟିଉବ୍ସ ସ୍ଥାପନ କଲେ । ଏଥିପାଇଁ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କର ଯଥେଷ୍ଟ ସାହାଯ୍ୟ ଓ ଅବଦାନ ମଧ୍ୟ ରହିଛି । ଏତଦ୍ ବ୍ୟତୀତ ଓଡ଼ିଶା ଖଣି ନିଗମ, ରାଜଗାଙ୍ଗପୁର ଓ ବେଲପାହାଡ଼ ରିଫ୍ରାକ୍ଟୋରୀ, ରାୟଗଡ଼ା ଓ ଯୋଡାରେ ଫେରୋ ମାଙ୍ଗାନିଜ୍ କାରଖାନା, ହିରାକୁଦ୍‌ରେ ଆଲୁମିନିୟମ କାରଖାନା ଇତ୍ୟାଦି ଶିଳ୍ପମାନ ଗଢି ଉଠିଲା । ତଥାପି ମଧ୍ୟ କଂଗ୍ରେସ ସରକାର ରାଜ୍ୟର କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପ୍ରତି ଦୃଷ୍ଟି ଦେଇ ନାହିଁ ବୋଲି କହିବା ଭୁଲ୍ ହେବ । ସର୍ବ ଭାରତୀୟ ଗ୍ରାମ୍ୟ ଓ ଶିଳ୍ପୋଦ୍ୟୋଗର ଶ୍ରୀ ଜେ. ସି. କୁମ୍ମାରପ୍ପା ତାଙ୍କ ଓଡ଼ିଶା ଆଗମନ ସମୟରେ, ତାଙ୍କରି ପରାମର୍ଶରେ ଓଡ଼ିଶାରେ ଗ୍ରାମ୍ୟ ଶିଳ୍ପର ବିକାଶ ପାଇଁ କେତୋଟି ଯୋଜନା ପ୍ରସ୍ତୁତି ହୋଇଥିଲା କେବଳ ଓଡ଼ିଶାରୁ ଦାରିଦ୍ର୍ୟ ଲୋପ କରିବା ପାଇଁ ।

୧୯୪୫ ମସିହାରେ ଡ଼ଃ ମହତାବ ଅହମ୍ମଦ୍ ନଗର ଜେଲ୍‌ରୁ ମୁକ୍ତିଲାଭ କଲାପରେ କୋରାପୁଟ ଜିଲ୍ଲା ଜୟପୁର ଠାରେ କଂଗ୍ରେସ ସଭ୍ୟଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ହେବାର ଖବର ପାଇ ସେଠାକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ତାଙ୍କ ରହଣି କାଳରେ ସେ ଡୁଡୁମା ଜଳପ୍ରପାତ ସମସ୍ୟା ସମ୍ପର୍କରେ ସମସ୍ତ ତଥ୍ୟ ପାଇବା ପରେ, ଓଡ଼ିଶା ସରକାର ଶ୍ରୀ ଗୋବିନ୍ଦ ନାୟାରଙ୍କ ସହ ଆଲୋଚନା କରିଥିଲେ । ୧୯୩୮ ମସିହା ଚୁକ୍ତି ଅନୁଯାଇ ଓଡ଼ିଶା ଓ ମାଡ୍ରାସ କୋଲାବ ନଦୀର ଜଳକୁ ଉଭୟେ ବ୍ୟବହାର କରିବାକୁ ପ୍ରସ୍ତାବ ହୋଇଥିଲା । କିନ୍ତୁ ୧୯୪୬ ମସିହା ଜାନୁୟାରୀ ମାସରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଫଳରେ ଏହି ଚୁକ୍ତି ସ୍ୱାକ୍ଷରିତ ହେଲା । ଫଳରେ ମାଛକୁଣ୍ଡ-ଡୁଡୁମା ପ୍ରକଳ୍ପ ଜନ୍ମ ନେଲା । ଅନେକ ପ୍ରତିରୋଧ ସତ୍ତ୍ୱେ, ୧୯୪୬ ମସିହା ସେପ୍‌ଟେମ୍ବର ୧୬ ତାରିଖରେ ଓଡ଼ିଶା ବିଧାନ ସଭାରେ ଏହି ପ୍ରକଳ୍ପ ଅନୁମୋଦନ ଲାଭ କଲା ।

Digitized by srujanika@gmail.com

ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳର ଶାସନ ସମୟରେ ଶ୍ରୀ ଏମ୍ ବିଶ୍ୱେଶ୍ୱରୟାଙ୍କୁ ଓଡ଼ିଶାର ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଅନୁଧ୍ୟାନ କରିବାକୁ ଦିଆଯାଇଥିଲା । ଏହାର ବିବରଣୀ ୧୯୪୩ ମସିହାରେ କେନ୍ଦ୍ର ସରକାରଙ୍କୁ ଦିଆଗଲା । ୧୯୪୪ ମସିହାରେ ଉତ୍ତରରେ ଦାମୋଦର ଉପତ୍ୟକା ପ୍ରକଳ୍ପ, ଦକ୍ଷିଣରେ ତୁଙ୍ଗଭଦ୍ରା ପ୍ରକଳ୍ପ ଏବଂ ଦେଶର ଅନ୍ୟାନ୍ୟ ପ୍ରକଳ୍ପ ଉପରେ ଯେତେବେଳେ ପ୍ରଶ୍ନ ଉଠେ, ଓଡ଼ିଶାର ମହାନଦୀ ଉପତ୍ୟକା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ୧୯୪୫ ମସିହା ନଭେମ୍ବର ୮ ତାରିଖରେ ଡ଼ଃ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ କଟକ ଠାରେ ଏକ ବୈଠକରେ ଓଡ଼ିଶାରେ ଅନେକ ବହୁମୁଖୀ ପ୍ରକଳ୍ପ କଥା ଆଲୋଚନା ହେଲା । ଯଥା– ଜଳସେଚନ, ମୃତ୍ତିକା ସଂରକ୍ଷଣ, ଶକ୍ତି ଉତ୍ପାଦନ, ବନ୍ୟା ସମସ୍ୟାର ସମାଧାନ ଓ ନୌଚାଳନା ଇତ୍ୟାଦି । ଓଡ଼ିଶାରେ ବହୁମୁଖୀ ପ୍ରକଳ୍ପ ପାଇଁ ଶ୍ରୀ ଏ. ଏନ୍. ଖୋସଲା ଓ ଶ୍ରୀ ବି. କେ. ଗୋଖେଲ ସର୍ଭେ କାର୍ଯ୍ୟ ଆରମ୍ଭ କଲେ । ଜମିଜମା, ଗାଁ ବାଡ଼ି, ଘରଦ୍ୱାର ହରାଉଥିବା ଲୋକେ ପ୍ରବଳ ବିରୋଧ କଲେ । ୧୯୪୬ ମସିହା ସେପ୍ଟେମ୍ବର ୫ ତାରିଖରେ ଏହା ବିଧାନ ସଭାର ଦୃଷ୍ଟିଗୋଚରକୁ ଆସିଲା । ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ଼ଃ ମହତାବ ବିଧାନ ସଭାରେ ଏହାର ଏକ ବିବରଣୀ ପ୍ରଦାନ କଲେ । –

ବନ୍ଧର ନାମ ଓ ପ୍ରଦେଶର ନାମ	ନିରୂପିତ ସ୍ଥାନ	କେତେ ସ୍ଥାନ	ବନ୍ଧ ନିର୍ମାଣର ଉଦ୍ଦେଶ୍ୟ
ନରଜ ବନ୍ଧ, ଓଡ଼ିଶା	କଟକ ଏବଂ ପୂର୍ବାଞ୍ଚଳ ରାଜ୍ୟ	୧,୬୦,୦୦୦ ଏକର	ଜଳସେଚନ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ନୌଚାଳନା, ବନ୍ୟା ପ୍ରତିକାର
ଟିକରପଡା ବନ୍ଧ, ଓଡ଼ିଶା	ପୂର୍ବାଞ୍ଚଳ ରାଜ୍ୟ	୨୫୦ ବର୍ଗମାଇଲ ଏବଂ ନଦୀଶଯ୍ୟା ୧,୬୦,୦୦୦ଏକର	ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ନୌଚାଳନା, ବନ୍ୟା ପ୍ରତିକାର
ହିରାକୁଦ ବନ୍ଧ, ଓଡ଼ିଶା	ସମ୍ବଲପୁର	୨୫୦ବର୍ଗମାଇଲ ଏବଂ ନଦୀ ଶଯ୍ୟା ୮୩,୨୦୦ଏକର= ୧୩୦ ବର୍ଗ ମାଇଲ ଏବଂ ନଦୀଶଯ୍ୟା	ଜଳସେଚନ, ବିଦ୍ୟୁତ ଉତ୍ପାଦନ, ନୌଚାଳନ, ବନ୍ୟା ପ୍ରତିକାର

Digitized by srujanika@gmail.com

୧୯୪୭ ମସିହା ଅଗଷ୍ଟ ୨୮ ତାରିଖରେ ଖୋସଲ ସାହେବଙ୍କ ରିପୋର୍ଟକୁ ବିଚାରକୁ ନିଆଯିବାକୁ ଓଡ଼ିଶା ବିଧାନ ସଭରେ ଅନୁମୋଦନ ଲାଭ କଲା । ସମ୍ବଲପୁରରେ ଏଥିପାଇଁ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲୁ ହେଲା । ଡ଼ଃ ମହତାବ ଓଡ଼ିଶାର ଶିଳ୍ପର ବିକାଶ ତଥା ଅର୍ଥ-ନୈତିକି ସ୍ଥିତି ଦୃଢ଼ କରିବା ପାଇଁ ଏହି ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେବ ବୋଲି ବିଧାନ ସଭା ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେତେବେଳେ ଅର୍ଥ ସଚିବ ଭାବେ ଶ୍ରୀ ନରହରି ରାଓ, ପି. ଡବ୍ଲୁ. ଡ଼ି: ସଚିବ ଶ୍ରୀ ବି. କେ. ଗୋଖେଲ୍, ମୁଖ୍ୟ ଯନ୍ତ୍ରୀ ଭାବେ ଶ୍ରୀ ଏ. ଏନ. ଖୋସଲା ଦାୟିତ୍ୱରେ ଥିଲେ । ଆବଶ୍ୟକୀୟ ଅର୍ଥ ଖର୍ଚ୍ଚ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ ୧୯୪୭ ମସିହା ନଭେମ୍ବର ମାସରେ ଚୁକ୍ତି ସ୍ୱାକ୍ଷରିତ ହେଲା । ବନ୍ଧ କାର୍ଯ୍ୟ ପାଇଁ ବହୁ ପରିମାଣରେ ସିମେଣ୍ଟ ଆବଶ୍ୟକ ଥିବାରୁ ଶ୍ରୀ ଗୋଖେଲ ଓ ଶ୍ରୀ ଖୋସଲାଙ୍କ ପ୍ରେରଣାରେ ଶ୍ରୀ ଜୟ ଦୟାଲ ଡାଲମିଆ ରାଜଗାଙ୍ଗପୁରଠାରେ ଏକ ସିମେଣ୍ଟ କାରଖାନା ସ୍ଥାପନ କଲେ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ପଣ୍ଡିତ ଜବାହରଲାଲ ନେହେରୁ ହିରାକୁଦ ବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କଲେ । ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ଡଃ ମହତାବଙ୍କ ପାଇଁ ଗର୍ବ ଅନୁଭବ କରେ ।

ଏତଦ୍ ବ୍ୟତୀତ ସ୍ୱର୍ଗତ ମହତାବ ଅଲୌକିକ ଦୃଷ୍ଟି ଯୋଗୁଁ ଓଡ଼ିଶାର କଟକ ଠାରେ ଗୋଟିଏ ବେତାର କେନ୍ଦ୍ର ପ୍ରତିଷ୍ଠା କରିବା ସହଜ ଓ ସରଳ ହୋଇଥିଲା । ଏ କ୍ଷେତ୍ରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସାହାଯ୍ୟ ଚିର ସ୍ମରଣୀୟ । ସେଥିପାଇଁ ସେ ଭାଇସ୍ ରାୟଙ୍କ ଏକଜିକ୍ୟୁଟିଭ୍ କାଉନସିଲର ଶ୍ରୀ ଆକବରୀ ହାଇଦରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ । ଶେଷରେ ଆସାମରେ ଯେଉଁ ବେତାର କେନ୍ଦ୍ରଟି ସ୍ଥାପିତ ହେବାକୁ ଥିଲା ତାହା କଟକକୁ ସ୍ଥାନାନ୍ତରୀତ ହେଲା ।

କଟକଠାରେ ଏକ ଧାନ ଗବେଷଣା କେନ୍ଦ୍ର ଏବଂ ଚୌଦ୍ୱାରଠାରେ ଏକ ତାପଜ ଶକ୍ତି କେନ୍ଦ୍ର ଡ଼ଃ ମହତାବଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିଲା ।

Digitized by srujanika@gmail.com

ତାଳଚେରଠାରେ କୋଇଲାରୁ ପେଟ୍ରୋଲ ବାହାର କରିବା ପାଇଁ ଗୋଟିଏ ପେଟ୍ରୋଲିୟମ୍ ପ୍ଲାଣ୍ଟ ବସାଇଥିଲେ । କେବଳ ସେତିକି ନୁହେଁ, ସେ କଳ କାରଖାନା ବସାଇବା ପାଇଁ ବୈଷୟିକ ଜ୍ଞାନ କୌଶଳ ତାଲିମ୍ ଦେବାକୁ ଓଡ଼ିଶାବାସୀଙ୍କ ପାଇଁ କଟକଠାରେ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଅନୁଗୁଳ ଓ ଫୁଲବାଣୀରେ ଇଣ୍ଡଷ୍ଟ୍ରିଆଲ ସ୍କୁଲ ସ୍ଥାପନ କରିଥିଲେ ।

ଶିଳ୍ପ ଓ ଅର୍ଥନୀତିର ବିକାଶ ପାଇଁ ଓଡ଼ିଶା ଚିରଦିନ ପାଇଁ ସ୍ୱର୍ଗତ ଡ଼ଃ ମହତାବଙ୍କ ନିକଟରେ ଋଣୀ ।

– ୦ –

Digitized by srujanika@gmail.com

।। ମିଳନୀ ଓ ମହତାବ ।।

* ନରେନ୍ଦ୍ର ପ୍ରସାଦ ନାୟକ

"ମିଳନୀ" ଦୀର୍ଘ ୨୦ ବର୍ଷର ଏକ ପୁରାତନ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଅନୁଷ୍ଠାନ । ସାହିତ୍ୟ ତଥା ସାଂସ୍କୃତିକ ଆଲୋଚନା ମାଧ୍ୟମରେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ ପ୍ରତିଷ୍ଠା ହିଁ ଏ ଅନୁଷ୍ଠାନର ଲକ୍ଷ୍ୟ । ଏହାରି ମାଧ୍ୟମରେ ଭୁବନେଶ୍ୱରରେ ଭଦ୍ରକରୁ ଆସି ରହୁଥିବା ପ୍ରତ୍ୟେକ ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଓ ସେମାନଙ୍କ ସାହାଯ୍ୟରେ କେବଳ ଓଡ଼ିଶା ନୁହଁ ଭଦ୍ରକର ବହୁ ପୁରାତନ ଘଟଣାବଳୀ ଗୁଡ଼ିକୁ ସାହିତ୍ୟ ଓ ସାଂସ୍କୃତିକ ଆଲୋଚନା ମାଧ୍ୟମରେ ଲୋକ ଲୋଚନକୁ ଆଣିବା ମଧ୍ୟ ଏହାର ଅନ୍ୟ ଏକ ପ୍ରଧାନ ଲକ୍ଷ୍ୟ । ଏହିପରି ଏକ ମହାନ୍ ଅନୁଷ୍ଠାନର ପ୍ରତିଷ୍ଠାତା ଓ ପ୍ରଥମ ସଭାପତି ଥିଲେ ଓଡ଼ିଶାର ବରପୁତ୍ର ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ । ସେ ଆଜି ଆମ୍ଭମାନଙ୍କ ଗହଣରେ ନାହାନ୍ତି, ଏହାହିଁ ଆମର ଦୁର୍ଭାଗ୍ୟ । ତାଙ୍କ ପରି ଜଣେ ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, ଐତିହାସିକ, ରାଜନୀତିଜ୍ଞ, ସଂଗଠକ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତିଙ୍କୁ ହରାଇ କେବଳ ଏ ଅନୁଷ୍ଠାନ କାହିଁକି, ସାରା ଭାରତ ବର୍ଷ ଆଜି ମୁରବୀହୀନ ହୋଇ ପଡ଼ିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହାହିଁ ବିଧିର ବିଧାନ, ହେଲେ ସେ ଯେଉଁ କୀର୍ତ୍ତିମାନ ରଖି ଯାଇଛନ୍ତି ସେ ସବୁ ସାରା ଭାରତ ବର୍ଷ ପାଇଁ ଗୋଟିଏ ଗୋଟିଏ ସ୍ତମ୍ଭରୂପେ ଚିରକାଳ ପାଇଁ ଛିଡ଼ା ହୋଇ ରହିଥିବ ।

Digitized by srujanika@gmail.com

"ମିଳନୀକୁ" ନବଜୀବନ ଦାନରେ ଯାହାଙ୍କର ପ୍ରେରଣା ତଥା ବଳିଷ୍ଠ ସାହାଯ୍ୟ ରହିଛି, ସେ ହେଉଛନ୍ତି ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଯୁବନେତା ତଥା ଅର୍ଥ, ଆଇନ ଓ ରାଜସ୍ୱ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକ । ଶ୍ରୀଯୁକ୍ତ ଯୁଗଳ ବାବୁଙ୍କ ଅଦମ୍ୟ ପ୍ରେରଣା ଓ ସାହାଯ୍ୟରେ, ମହତାବ ବାବୁଙ୍କ ସୃଷ୍ଟି "ମିଳନୀ" ଭଦ୍ରକରେ ଲୁକ୍କାୟିତ ହୋଇ ରହିଥିବା ବହୁ ପୁରାତନ ବିଶିଷ୍ଟ ସ୍ଥାନ ଓ ଲୋକମାନଙ୍କର କାର୍ଯ୍ୟକଳାପକୁ ସାହିତ୍ୟିକ ଆଲୋଚନା ମାଧ୍ୟମରେ "ମିଳନୀ" ପୁସ୍ତକ ଜରିଆରେ ଲୋକ ଲୋଚନକୁ ଆଣିବାକୁ ସକ୍ଷମ ହୋଇପାରିଛି ।

ସ୍ୱାଧୀନତା ସଂଗ୍ରାମକୁ କିପରି ଭାବେ ଭଦ୍ରକର ଦାନ ଥିଲା ତାହା ମଧ୍ୟ ପଢ଼ିବାକୁ ପାଇବେ । ଏ ସବୁଥିର ପ୍ରେରଣାଦାତା ସେହି ସ୍ୱର୍ଗତ ହରେକୃଷ୍ଣ ମହତାବ । କେବଳ ତାଙ୍କରି ପାଇଁ ଭାରତ ବର୍ଷରେ ଏକ ସମୟରେ ବାଲେଶ୍ୱର ତଥା ଭଦ୍ରକ କଂଗ୍ରେସ ଆନ୍ଦୋଳନରେ ବାଲେଶ୍ୱରର ମୁକୁଟମଣି ଥିଲା, ଲବଣ ସତ୍ୟାଗ୍ରହରେ ବାଲେଶ୍ୱର ସର୍ବଭାରତୀୟ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲା । ସେ ବହୁ ସଭାରେ କହିଛନ୍ତି; "ରାଜନୀତିର ଲକ୍ଷ୍ୟ ହେଲା, ସମସ୍ତଙ୍କୁ ନ୍ୟାୟ ଦେବା, ଜଣକୁ ନ୍ୟାୟ ଦେଲାବେଳେ ଅନ୍ୟପ୍ରତି ଯେପରି ଅନ୍ୟାୟ ନ ହୁଏ, ଦେଖିବା ଉଚିତ୍ ।" ସେଥିପାଇଁ ଷଢ଼େଇକଳା, ଖରସୁଆଁର ଲୋକମାନଙ୍କର ଦାବି ଅନୁସାରେ ସେହି ଦୁଇଟି ଗଡ଼ଜାତକୁ ଓଡ଼ିଶାରୁ ବିଚ୍ଛିନ୍ନ କରି ମୟୂରଭଞ୍ଜ ସହ ଅନ୍ୟ ଚବିଶଟି ଗଡ଼ଜାତକୁ ଓଡ଼ିଶା ସହିତ ମିଶାଇ ଏକ ବିଶାଳ ଉତ୍କଳ ଗଠନ କରିଥିଲେ ଓ ଓଡ଼ିଶାକୁ ଛଅ ଗୋଟି ଜିଲ୍ଲା ପରିବର୍ତ୍ତେ ତେରଗୋଟି ଜିଲ୍ଲାରେ ବିଭକ୍ତ କରିଥିଲେ । ଏହିପରି ବହୁତ ଘଟଣା ।

ମହତାବ ବାବୁ ଏ ସଙ୍ଗଠନକୁ ସୃଷ୍ଟି କଲେ ସତ କିନ୍ତୁ ଯୁଗଳବାବୁଙ୍କ ଉଦ୍ୟମ ଓ ପ୍ରେରଣା ଡଃ ମହତାବଙ୍କ ଇଚ୍ଛା ଓ ଆଶାକୁ ପରିପୁଷ୍ଟ କଲା । ମହତାବ ବାବୁ କହନ୍ତି ସାହିତ୍ୟ ବା ସଂସ୍କୃତି ହେଉଛି ଏକ ସମବେତ ଉଦ୍ୟମ । ଏହା ଏକାକୀ ବା ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଲେ ଏହାର ଅଭିବୃଦ୍ଧି ସାଧିତ ହୁଏ ନାହିଁ । କେବଳ ଯୁଗଳ ବାବୁଙ୍କ ପାଇଁ ବହୁ ସାହିତ୍ୟକ ଓ

Digitized by srujanika@gmail.com

ସଂସ୍କୃତି ପ୍ରେମୀ ଲୋକମାନେ ଆସି ଏ ସଂସ୍ଥାରେ ଯୋଗ ଦେଇଥିବାରୁ "ମିଳନୀ"ର ଅଭିବୃଦ୍ଧି ସାଧିତ ହୋଇଛି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଡଃ ହରେକୃଷ୍ଣ ମହତାବଙ୍କ ସମ୍ବନ୍ଧରେ ପାଠକ ପାଠିକାମାନେ ବହୁତ ପୁସ୍ତକରୁ ବହୁତ ସୁନାମ ଧନ୍ୟ, ଖ୍ୟାତନାମା ପ୍ରାବନ୍ଧିକ ମାନଙ୍କର ପ୍ରବନ୍ଧମାନ ପଢ଼ିଥିବେ ଓ ଉକ୍ତ ପୁସ୍ତକରୁ ମଧ୍ୟ ତାଙ୍କ ସମ୍ବନ୍ଧରେ ଓ ଓଡ଼ିଶାର ସୁଦକ୍ଷ ଲେଖକମାନଙ୍କ ପ୍ରବନ୍ଧମାନ ପାଠକରି ବିଭିନ୍ନ ବିଷୟରେ, ବିଶେଷତଃ ଓଡ଼ିଶାର ଇତିହାସ, ସାହିତ୍ୟ ଓ ରାଜନୀତି କ୍ଷେତ୍ରକୁ ସ୍ୱର୍ଗତଃ ହରେକୃଷ୍ଣ ମହତାବଙ୍କ ଅବଦାନ ସମ୍ବନ୍ଧରେ ଅନେକ ଉପାଦାନ ପାଇ ପାରିବେ ।

ସ୍ୱର୍ଗତ ଡଃ ମହତାବ ଓଡ଼ିଶାର ଜାତୀୟ ଆକାଶରେଏକ ପ୍ରଚଣ୍ଡ ସୂର୍ଯ୍ୟ । ତାଙ୍କ ମହିମାନ୍ୱିତ ଗୁଣାବଳୀ ସମ୍ପର୍କରେ କିଛି ଲେଖିବା ଅର୍ଥ, ସୂର୍ଯ୍ୟଙ୍କୁ ପ୍ରଦୀପ ଦେଖାଇ ଚିହ୍ନାଇଲା ପରି ହେବ । ଆଜି ସେଇ ମହାନ୍ ବ୍ୟକ୍ତିତ୍ୱଙ୍କ ନିକଟରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

– ୦ –

Digitized by srujanika@gmail.com

॥ ସାରସ୍ୱତ ସାଧକ ମହତାବ ॥

✻ ରମାକାନ୍ତ ରାଉତ

ଡ଼ଃ ହରେକୃଷ୍ଣ ମହତାବ ବହୁ ପ୍ରତିଭର ସମ୍ଭାର ନେଇ ପ୍ରାୟ ୬୦ ବର୍ଷ ଧରି ଓଡ଼ିଶାର ଜନଜୀବନକୁ ପ୍ରଭବିତ କରିଛନ୍ତି । ତାଙ୍କର ଜନ୍ମ ୧୮୯୯ ମସିହା ଓ ତିରୋଧାନ ୧୯୮୭ ମସିହା । ଛାତ୍ରାବସ୍ଥାରୁ ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେଇ ବିପ୍ଳବୀ ଓ ସଙ୍ଗଠକ ଭୂମିକାକୁ ଅବ୍ୟାହତ ରଖିଥିଲେ । ତେଣୁ ତାଙ୍କ ଜୀବନ ବହୁ ଘଟଣା ପ୍ରବାହରେ ଋଦ୍ଧିମନ୍ତ । ଅନେକ ହଟଚମଟରେ ନିର୍ଯ୍ୟାସିତ ଓ ଅନୁଭୂତି ସିଦ୍ଧ ପିତାମହ ଭୀଷ୍ମଙ୍କ ପରି ବ୍ୟାପକ । ଓଡ଼ିଶାର ଭଙ୍ଗା ଗଢ଼ା, ଫେଡ଼ା ଯୋଡା ଆଦି ସବୁ ମୂଳରେ ମହତାବଙ୍କ ନାମ ଜଡ଼ିତ । ଓଡ଼ିଶା ରାଜନୈତିକ ଆସରକୁ ଏକ ଜ୍ୟୋତିସ୍ମାନ ଜ୍ୟୋତିଷ୍କ ଭଳି ସେ ବେଶ୍ ସର-ଗରମ, ବେଶ ଉଷ୍ମ ଓ ବେଶ ଆମୋଦମୟ କରି ରଖିଥିଲେ । ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଓଡ଼ିଆ ସାହିତ୍ୟ, ସଂସ୍କୃତି, ରାଜନୀତି, ସଙ୍ଗଠନ ଓ ଉନ୍ନୟନ ସହ ସେ ଓତଃପ୍ରୋତ ଜଡ଼ିତ ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରତିଷ୍ଠା ଫଳରେ ସେ ଓଡ଼ିଶା ରାଜନୀତି, ସାହିତ୍ୟ ଓ ସଂସ୍କୃତିକୁ ଏକ ନୂଆ ମୋଡ଼ ଦେଇ ଥିଲେ । 'ଝଙ୍କାର' ପତ୍ରିକା ଓ ବିଷୁବ ମିଳନ ଓଡ଼ିଆ ସାହିତ୍ୟ ବିକାଶ ଦିଗରେ

Digitized by srujanika@gmail.com

ଅପ୍ରତିଦ୍ୱନ୍ଦୀ ଭୂମିକା ଗ୍ରହଣ କରି ଓଡ଼ିଆ ବୌଦ୍ଧିକ ବାତାବରଣକୁ ବଳିଷ୍ଠ ରୂପ ପ୍ରଦାନ କରିଛି । 'ପ୍ରଜାତନ୍ତ୍ର' ଓ 'ଝଙ୍କାର' ଓଡ଼ିଶାର ପ୍ରାୟ ସବୁ ସାହିତ୍ୟିକଙ୍କ ଜୀବନରେ ଆଲୋଡ଼ନ ସୃଷ୍ଟି କରିଛି—ଏଥିରେ ସନ୍ଦେହ ନାହିଁ ।

ସାହିତ୍ୟର ପ୍ରାୟ ସବୁ ବିଭାଗରେ ମହତାବ ଲେଖନୀ ଚଳାଇଥିଲେ । କବିତା, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ସମାଲୋଚନା, ଜୀବନୀ ଓ ପରିଶେଷରେ ରମ୍ୟ ରଚନା ଏବଂ ସାମ୍ବାଦିକ ସାହିତ୍ୟ ସବୁଥିରେ ତାଙ୍କର ବିଶେଷ ପାରଦର୍ଶିତା ଥିଲା । ଏତଦ୍ ବ୍ୟତୀତ ମହତାବଙ୍କ ଶ୍ରେଷ୍ଠ କୃତୀ 'ଓଡ଼ିଶା ଇତିହାସ' ରଚନା । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସେ କାରାବରଣ କରିଥିଲେ । ଅହମଦନଗର ଜେଲରେ ଅବସ୍ଥାନ କାଳରେ ସେ ଓଡ଼ିଶା ଇତିହାସ ରଚନା କଲେ । ଏହାକୁ ଓଡ଼ିଶାର ପ୍ରଥମ ଓ ପୂର୍ଣ୍ଣାଙ୍ଗ ଇତିହାସ ଭାବେ ଗ୍ରହଣ କରାଯାଇପାରେ । ମହତାବଙ୍କ ପୂର୍ବରୁ ଯେଉଁ ସବୁ ଇତିହାସ ଲେଖାଯାଇ ଥିଲା, ତାହା ନାନା କାରଣରୁ ଖଣ୍ଡିତ ଓ ଅପୂର୍ଣ୍ଣ ଥିଲା । ଡଃ ମହତାବ ପ୍ରଥମେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ରାଜନୈତିକ ଓ ସାଂସ୍କୃତିକ ଇତିହାସ ପ୍ରଣୟନ କରି ସର୍ବଭାରତୀୟ କ୍ଷେତ୍ରରେ ଓଡ଼ିଆ ଜାତିର ମର୍ଯ୍ୟାଦା ପ୍ରତିଷ୍ଠା କଲେ । ଏହାକୁ ମଧ୍ୟ ସେ ଇଂରାଜୀରେ ଅନୁବାଦ କରିଥିଲେ ।

'ପ୍ରଜାତନ୍ତ୍ର' ବ୍ୟତୀତ 'ହୀରାଖଣ୍ଡ' ମଧ୍ୟ ମହତାବଙ୍କ ଅନ୍ୟ ଏକ ଦୈନିକ ସମ୍ବାଦ ପତ୍ର । ଇଂରାଜୀରେ 'Eastern Times' ନାମରେ ଏକ ଇଂରାଜୀ ପାକ୍ଷିକ ଓ ସାପ୍ତାହିକ ସେ ପ୍ରକାଶ କରିଥିଲେ । 'ପ୍ରଜାତନ୍ତ୍ର' ଓ 'Eastern Times' ରେ ସାହିତ୍ୟ ସଂଖ୍ୟାମାନ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟିକ ତଥା ସାହିତ୍ୟର ପାଠକ ମାନଙ୍କ ଲାଗି ଯଥେଷ୍ଟ ଉପାଦେୟ ହୋଇଥିଲା । ସାପ୍ତାହିକ ପ୍ରଜାତନ୍ତ୍ର ଓଡ଼ିଶାରେ ବହୁ ଲେଖକ ସୃଷ୍ଟିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଅଛି ।

ପ୍ରଜାତନ୍ତ୍ରର ଅନ୍ୟ ଏକ ବିଶେଷ ଆକର୍ଷଣ ଥିଲା ମହତାବଙ୍କ ଗାଁ ମଜଲିସ । ଏହା ଏକ ରାଜନୈତିକ ବିଦ୍ରୂପାତ୍ମକ ଲେଖା ବା Political

Digitized by srujanika@gmail.com

Satire । ଗୋପାଳ ପ୍ରହରାଜଙ୍କ 'ବାଇ ମହାନ୍ତି ପାଞ୍ଜି' ଓ 'ଭଗବତ ଟୁଙ୍ଗୀରେ ସଂଧ୍ୟା' ବା କୃଷ୍ଣ ପ୍ରସାଦ ବସୁଙ୍କ 'ଆଖଡା ଘରେ ବୈଠକ' ପରି ମହତାବଙ୍କ ଗାଁ ମଜଲିସ ଅତି ସୁପାଠ୍ୟ ଓ ଚମତ୍କାର ଶୈଳୀରେ ଲେଖା । କିନ୍ତୁ ଏହାର ବିଶେଷତ୍ୱ ଏହି ଯେ ଓଡ଼ିଶାର ରାଜନୈତିକ, ସାଂସ୍କୃତିକ ତଥା ସାମାଜିକ ସମସ୍ୟାମାନ ଏଥିରେ ଉପସ୍ଥାପନା କରାଯାଉଥିଲା । ଲୋକେ 'ଗାଁ ମଜଲିସ' ପାଇଁ ବ୍ୟଗ୍ର ଭାବେ ସକାଳର ପ୍ରଜାତନ୍ତ୍ରକୁ ଚାହିଁ ରହୁଥିଲେ । ସ୍ୱକୀୟ ସହଜ, ସୁବୋଧ୍ୟ ଓ ସ୍ପଷ୍ଟ ଅଥଚ ବଳିଷ୍ଠ ଶୈଳୀରେ ମହତାବ ଦେଶର ସମସ୍ୟାକୁ ଜନତା ନିକଟରେ ପହଞ୍ଚାଇ ପାରୁଥିଲେ । ମହତାବଙ୍କ ଲେଖାରେ ଏମିତି ଯାଦୁକରୀ ସ୍ପର୍ଶ ଥିଲା ଯାହା ସବୁ ଶ୍ରେଣୀର ପାଠକ ଲାଗି ଉପାଦାନ ଛାଡ଼ି ଯାଉଥିଲା । ସାମ୍ବାଦିକ ସାହିତ୍ୟକୁ ଏତେ ଲୋକପ୍ରିୟ କେହି କରି ପାରି ନାହାନ୍ତି । ଓଡ଼ିଶାର ଜନସାଧାରଣ ତାଂକର ପାଠକ—ଏଇ ଧାରଣାରେ ବଶବର୍ତ୍ତୀ ହୋଇ ସେ ଲେଖୁଥିଲେ । ତେଣୁ ଗାଁ ମଜଲିସ୍ ଅତି ସରଳ ଓ କଥିତ ଭାଷାରେ ଲେଖା ଯାଉଥିଲା । କ୍ରମେ ଏହା ଏକାଧିକ ଭାଗରେ ପୁସ୍ତକାକାରରେ ପ୍ରକାଶିତ ହେଲା । ୧୯୮୩ ମସିହାରେ 'ଗାଁ ମଜଲିସ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା । ଏଥିରେ ଉଚ୍ଚ ରାଜନୈତିକ ଚିନ୍ତା ଚେତନାର ବିସ୍ଫୋରଣ ସାଂସ୍କୃତିକ ଅଭ୍ୟୁଦୟ, ଗ୍ରାମ୍ୟ ସଭ୍ୟତାର ଅବକ୍ଷୟ ଆଦି ଅତି ବଳିଷ୍ଠ ଭାବେ ଟିପିକାଲ ମହତାବୀ ଶୈଳୀରେ ସନ୍ନିବିଷ୍ଟ ହୋଇଛି । ଗାଁ ମଜଲିସ ପାଠ କଲେ ସତେ ଯେମିତି ମହାତାବଙ୍କ ସାହିତ୍ୟିକ ତଥା ରାଜନୈତିକ ବ୍ୟକ୍ତିତ୍ୱ ମୂର୍ତ୍ତିମନ୍ତ ହୋଇ ଉଠେ ।

'ସାଧନାର ପଥେ' ମହତାବଙ୍କ ଆତ୍ମ ଜୀବନୀ—ପ୍ରାୟ ଓଡ଼ିଶାର ୮୦ ବର୍ଷର ଘଟଣାବଳୀକୁ ପ୍ରକଟନ କରେ । 'History of Freedom Movement in Orissa' ବା ଓଡ଼ିଶା ମୁକ୍ତି ସଂଗ୍ରାମର ଇତିହାସ ମହତାବଙ୍କର ଅନ୍ୟ ଏକ ମହାର୍ଘ ଅବଦାନ । ଏହା ୫ ଖଣ୍ଡରେ ପ୍ରକାଶିତ ହୋଇଥିଲା ।

'Beginning of the End' ଅନ୍ୟ ଏକ ଇଂରାଜୀ ଗ୍ରନ୍ଥର ରଚୟିତା ଡ଼ଃ ମହତାବ । ମୃତ୍ୟୁର ଅଳ୍ପ କାଳ ପୂର୍ବେ ସେ 'While

Digitized by srujanika@gmail.com

Serving My Nation-Recollections of A Congressman" ନାମରେ ଏକ ଜୀବନୀ ଗ୍ରନ୍ଥ ସେ ପ୍ରକାଶ କରିଥିଲେ । ଜୀବନୀ ବ୍ୟତିରେକେ 'ଦଶ ବର୍ଷର ଓଡ଼ିଶା" 'ଗାନ୍ଧିଜୀ ଓ ଓଡ଼ିଶା' ଆଦି ଗ୍ରନ୍ଥ ମହତାବଙ୍କ ଅନନ୍ୟ କୃତୀ । ଏସବୁ ତାଙ୍କ ସଂଗ୍ରାମ, ସାଧନା ଓ ସିଦ୍ଧିର ଚରମ ପରିଣତି ।

ସାହିତ୍ୟିକ ଭାବେ ଡଃ ମହତାବ ଗଳ୍ପ, ଉପନ୍ୟାସ, ଓ କାବ୍ୟ କବିତା କ୍ଷେତ୍ରରେ ବହୁ ଗ୍ରନ୍ଥ ଲେଖି ଓଡ଼ିଶାର ବୁଦ୍ଧିଜୀବୀଙ୍କ ମହଲରେ ବିଶେଷ ପରିଚିତ ଥିଲେ । 'ଯୁଗ ସଙ୍କେତ' ଓ 'ସ୍ୱର୍ଗରେ ଇମର୍ଜେନ୍‌ସି' ତାଙ୍କର ଗଳ୍ପ ସଙ୍କଳନ । ଅଧିକାଂଶ ଗଳ୍ପରେ ସମାଜ ସଚେତନତା ଓ ସଂସାର ମୁଖ୍ୟ ବିଷୟ ଭାବେ ଲକ୍ଷ୍ୟ କରାଯାଇଥାଏ । ନୂତନତାର ପ୍ରତିଫଳନ ଗଳ୍ପରେ ମଧ୍ୟ ଲକ୍ଷଣୀୟ । ଗଳ୍ପ ଗୁଡ଼ିକ ବର୍ଣ୍ଣନା ମୂଳକ ଓ କାହାଣୀ ଧର୍ମୀ ।

'ନୂତନ ଧର୍ମ' ବୋଧହୁଏ ମହତାବଙ୍କ ପ୍ରଥମ ଉପନ୍ୟାସ । ଆନନ୍ଦ-ଲହରୀ ଉପନ୍ୟାସ ମାଳାରେ ୧୯୩୩-୩୪ରେ 'ଅବ୍ୟାପାର' ଓ ୧୯୫୦ରେ 'ଟାଉଟର' ପ୍ରକାଶ ପାଏ । ଏସବୁରେ ପ୍ରାକ୍ ସ୍ୱାଧୀନ ଚିନ୍ତାଧାରା, ଗ୍ରାମ୍ୟ ସଭ୍ୟତାର ଅନ୍ତରାଳରେ ସଂଘଟିତ ଶୋଷଣ, ବୈଷମ୍ୟ ଓ କୁସଂସ୍କାରର ପ୍ରତିଛବି ନିହିତ । ପ୍ରତିଭା ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଉପରେ ଆଧାରିତ ଏକ ଚରିତୋପନ୍ୟାସ, ପ୍ରତିଭା ମୁଖ୍ୟ ନାୟିକା, ଯେକି ତତ୍କାଳୀନ ସାମନ୍ତବାଦୀ ବ୍ରିଟିଶ ସମର୍ଥକ ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତା ଆନ୍ଦୋଳନକୁ ଗତି ପ୍ରଦାନ କରି ନାରୀ ଜାଗରଣର ସ୍ଫୁଲିଙ୍ଗ ସୃଷ୍ଟି କରିଛନ୍ତି । ୧୯୫୦ ମସିହା ପରେ ସକ୍ରିୟ ରାଜନୀତିର ଉତ୍‌ଥାନ ପତନ, ରାଜ୍ୟପାଳର ଆଦି ଦାୟିତ୍ୱ ପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇ ସେ ପ୍ରାୟ ଉପନ୍ୟାସ ଲେଖାରୁ ବିରତ ହୋଇଛନ୍ତି । ତପରେ ୧୯୭୭ ମସିହାରେ ସେ ରଚନା କରିଛନ୍ତି 'ତୃତୀୟ ପର୍ବ' ଓ ୧୯୭୯ରେ ଉଣେଇଶ ପଞ୍ଚସ୍ତରି । ଯେତେଦୂର ମନେହୁଏ ୧୯୭୭କୁ ଭାରତର ତୃତୀୟ ପର୍ବର ଅୟମାରମ୍ଭ ଭାବେ ସେ ଗ୍ରହଣ କରିଛନ୍ତି । ସ୍ୱାଧୀନତା ସଂଗ୍ରାମ-ପ୍ରଥମ ବର୍ଷ—ଅର୍ଥାତ ୧୯୨୦ରୁ ୪୬ ଏବଂ ସଂଗ୍ରାମୀ ଶାସିତ ଭାରତ ୧୯୪୭ରୁ ସତୁରୀ—୨ୟ ପର୍ବ । ଏବଂ ଉତ୍ତର ସତୁରିର ପରବର୍ତ୍ତୀ ସମୟ ତୃତୀୟ

Digitized by srujanika@gmail.com

ପର୍ବ, ଯାହାକି ନାନା କାରଣରୁ ସମସ୍ୟା ପିଣ୍ଡିତ, ଅସ୍ଥିର ରାଜନୈତିକ ବାତାବରଣ ମଧ୍ୟରେ ଗତିକରିଥିଲା । ପ୍ରାକ୍ ସ୍ବାଧୀନ ଭାରତର ଅସ୍ଥିର ବୈପ୍ଲବିକ ଆବହାଓ୍ୱା, ବିପ୍ଲବ, ଦଙ୍ଗା, ରକ୍ତପାତ, ଜେଲବରଣ, ସଂଘର୍ଷ ଦ୍ୱନ୍ଦ୍ୱ, ସାଙ୍ଗଠିକ ଓ ଦମନର ତାଣ୍ଡବ ଲୀଳା, ସ୍ବାଧୀନୋତ୍ତର ଯୁଗରେ ଗାନ୍ଧୀବାଦର ପ୍ରାୟୋଗିକ ମୂଲ୍ୟ ଓ ତଜ୍ଜନିତ ପ୍ରତିକ୍ରିୟା ଓ ସଂଘର୍ଷ ଏବଂ ତୃତୀୟ ପର୍ଯ୍ୟାୟ ଅନୁଶାସନର ପର୍ବ, ଗଣତନ୍ତ୍ରର ଅବକ୍ଷୟ, ଆଦର୍ଶବାଦର ଆତ୍ମାହୃତି ଓ ଶାସନଗତ ଅସଫଳତାର ଚରମ ପରିଣତି ଭାରତ ଇତିହାସରେ ଯେପରି ଘନଘଟା ରହସ୍ୟମୟ ଯୁଗ ଚେତନାର ଉନ୍ମେଷ ଜନ୍ମାଏ ତାହା ଯେ କୌଣସି ସମାଜ ସଚେତନ ରାଜନୀତିଜ୍ଞ ପାଇଁ ଅତି ଚମତ୍କାର ଏପିସୋଡ୍, ଯାହା ମହତାବଙ୍କ ସନ୍ଧାନୀ ଦୃଷ୍ଟିରୁ ବାଦ ପଡ଼ି ନାହିଁ । ଏ ସମ୍ପର୍କରେ ଲେଖକଙ୍କ ଅଭିବ୍ୟକ୍ତି–"ଗାନ୍ଧିଜୀ ପ୍ରଥମ ପର୍ବରେ ଯେଉଁ ତେଲ ଦୀପଟି ଜାଳିଥିଲେ ତାହା ଦ୍ୱିତୀୟ ପର୍ବରେ ଉଜ୍ଜ୍ୱଳ ବିଦ୍ୟୁତାଲୋକରେ ପରିଣତ ହେଲା । ତୃତୀୟ ପର୍ବରେ ତାହା ସର୍ଟସର୍କିଟ ବିଦ୍ୟୁତ୍ ତାରର ବିଭ୍ରାଟ ଘଟି ଦେଶସାରା ଏକ ବିଶୃଙ୍ଖଳ ପରିସ୍ଥିତି ସୃଷ୍ଟି କଲା ।" ତୃତୀୟ ପର୍ବରେ ଭାରତରେ ଯେଉଁ ଅସ୍ଥିର ରାଜନୈତିକ ପରିସ୍ଥିତି ସୃଷ୍ଟି ହେଲା ଏହା ତାର ଚରମ ପରିଣତି । ଅନୁଶାସନ ପର୍ବ ଅଳ୍ପ ଦିନ ପାଇଁ ହେଲେ ବି ଆପାତତଃ ଝଡ଼ର ପ୍ରକୋପ ଟିକିଏ ଶାନ୍ତ ପଡ଼ିବା ପରି ଜଣାଗଲା, ଯଦିଓ ଅନ୍ତର୍ଦ୍ୱନ୍ଦ୍ୱର ସେ ରିମିଝିମି ମେଘ ମହ୍ଲାର ପ୍ରତି ମୁହୂର୍ତ୍ତରେ ଜନମାନସରେ ଗୁମୁରି ଉଠୁଥିଲା । ଭୟ ଓ ଦମନର ଚାପରେ ହୁଁ ଚୁଁ ହେବାର ଯୋ' କାହାରି ରହିଲା ନାହିଁ । "ସବୁ ଶାନ୍ତ, ବିରାଟ ଶ୍ମଶାନ ପରି ନିସ୍ତବ୍ଧ"–ଏ ଭାରତ । ବ୍ରିଟିଶ ସରକାରଙ୍କୁ ଉତ୍ତର ଦେବାକୁ ଯାଇ ଗାନ୍ଧୀଙ୍କ ଉକ୍ତି ଭଳି "ହଁ ଲୋକେ ଶାନ୍ତିରେ ଅଛନ୍ତି, ମାତ୍ର ସେ ଶାନ୍ତି କବରର ଶାନ୍ତି । ଶ୍ମଶାନର ଶାନ୍ତି । ମୁଁ ସେ ଶାନ୍ତି ଭଙ୍ଗ କରିବାକୁ ବାହାରିଛି । ମୁଁ ବାହାରିଛି ଅସନ୍ତୋଷ ସୃଷ୍ଟି କରିବା ଲାଗି ।" ହୁଏତ ନାୟକ ରାମ ଶଙ୍କର ମନ୍ତ୍ରୀ ଜଗଦାନନ୍ଦଙ୍କୁ ଠିକ୍ ଏଇ କଥା ଜଣେଇ ଥିଲେ । ଲେଖକଙ୍କ ମତରେ "ଏକ ବିରାଟ ଛଳନା ଭିତରେ ଦେଶ ପଡ଼ି ଯାଇଛି ।" ଏହିପରି ଏକ ଅବକ୍ଷୟ ସମୟର ବିପର୍ଯ୍ୟସ୍ତ ଓ ବିକ୍ଷିପ୍ତ ଭାରତର ଚିତ୍ର ୩ୟ ପର୍ବରେ ପ୍ରତିଫଳିତ ହୋଇଛି ଯଦିଓ ଉପନ୍ୟାସର ପରିସମାପ୍ତି ଆଶା ଝଲକରେ ଦୀପ୍ତିମନ୍ତ । ରବିନ୍ଦ୍ର ନାଥଙ୍କ କବିତାର ପ୍ରତିଧ୍ୱନୀ–"କେତେ ଯାବେ ମେଘ, ନବୀନ ଗାରିମା ଭତିବେ ଆବାର୍ ଲଲାଟେ ତା'ର ।"

Digitized by srujanika@gmail.com

'ତୃତୀୟ ପର୍ବ' ଓ '୧୯୭୫'ରେ ସଂଗ୍ରାମର ଆହ୍ୱାନ ପ୍ରଚ୍ଛନ୍ନ । ଏ ସଂଗ୍ରାମ ବିଦେଶୀ ଶକ୍ତି ବିରୁଦ୍ଧରେ ନୁହେଁ । ଗଣତନ୍ତ୍ରକୁ ବିପନ୍ନ କରୁଥିବା ଜନତାର ସ୍ୱାର୍ଥ ବିରୋଧୀ ସ୍ୱଦେଶୀ ଶାସକଙ୍କ ସକାଶେ ଅଭିପ୍ରେତ ଥିଲା ।

'ପଲାସୀ ଅବସାନେ' ମହତାବଙ୍କର କେବଳ ପ୍ରଥମ କାବ୍ୟ ନୁହେଁ, ହୁଏତ ପ୍ରଥମ ସାହିତ୍ୟିକ କୃତୀ । ଏହାର ରଚନାକାଳ ୧୯୨୯ । ଯଦିଓ ଏହାର ଐତିହାସିକ ପୃଷ୍ଠଭୂମି ୧୮୫୭ ମସିହା ନବାବ ଶାସନର ବିଲୋପ ଓ କମ୍ପାନୀ ଶାସନର ସୂତ୍ରପାତ ପ୍ରଚ୍ଛନ୍ନ ଭାବେ ତତ୍କାଳୀନ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଛି । 'ପଲାସୀ ଅବସାନେ' —ଏକ ଖଣ୍ଡ କାବ୍ୟ ଯହିଁରେ ସ୍ୱଦେଶାଭିମାନୀ ଜଣେ ଜାତୀୟ ଚରିତ୍ରର ପରାଜୟ ଓ ଆତ୍ମ-ଗ୍ଳାନିର ବୁକୁ ଫଟା ଆର୍ତ୍ତ ଚିତ୍କାର ଅନୁରଣିତ ହୋଇଛି । ଅନ୍ୟ ପକ୍ଷରେ ଦେଶ ଦ୍ରୋହୀ, ସ୍ୱାର୍ଥାନ୍ୱେଷୀ ବିଶ୍ୱାସଘାତକ ମାନଙ୍କର ଅବିମୃଷ୍ୟକାରିତାର କୁପରିଣତି ଓ ତଜ୍ଜନିତ ପଶ୍ଚାତ୍ ବିଳାପ ଓ ହା ହତୋଽସ୍ମିରେ ଆର୍ଦ୍ର 'ପଲାସୀ ଅବସାନେ'ର କାବ୍ୟାଦର୍ଶ ଅତ୍ୟନ୍ତ ମାର୍ମିକ, ହୃଦ୍ୟ ଓ ମାନବିକ ଆବେଦନରେ ସିକ୍ତ । କାବ୍ୟର ବିଶେଷତ୍ୱ ଏହି ଯେ ପ୍ରତ୍ୟେକ ଚରିତ୍ର ତା'ର ଦୁଷ୍କୃତି ପାଇଁ ଅନୁତାପ କରିଛି । ଅନ୍ୟ ଭାଷାରେ କହିଲେ 'ପଲାସୀ ଅବସାନେ'ର କାବ୍ୟତତ୍ତ୍ୱ ବିଳାପ, ଗ୍ଳାନି, ଅନୁଶୋଚନା ଓ ଆତ୍ମ ଧିକ୍କାରରେ ପ୍ରଦୀପ୍ତ । କେବଳ ସିରାଜଙ୍କ ଅଦୂରଦର୍ଶିତା ବା ଅବିମୃଷ୍ୟକାରିତା ଲାଗି ନୁହେଁ, ଏଥିରେ ସନ୍ନିବିଷ୍ଟ ମିରଜାଫର୍, ମିର କାଶିମ୍, ମିରାନ୍ ଓ ଉମିଚାନ୍ଦ ପ୍ରମୁଖ ପ୍ରତ୍ୟେକ ଚରିତ୍ର 'ସ୍ୱପକ୍ଷ କ୍ଷୟ କାରକ ଭାବେ' ଶ୍ୱେତ ସର୍ପକୁ ସନିର୍ବନ୍ଧ ନିମନ୍ତ୍ରଣ ପୂର୍ବକ କ୍ଲାଇବଙ୍କ ଯନ୍ତାରେ ପଡ଼ି ଛଟ ପଟ ହୋଇଛନ୍ତି । ନିଜର ସର୍ବନାଶ ଘଟାଇଛନ୍ତି । ଏମାନେ ସମସ୍ତେ ଚାହିଁଛନ୍ତି ଉତ୍କୋଚ ବିନିମୟରେ ବଙ୍ଗର ମସ୍‌ନଦ । ହିନ୍ଦୁ ଓ ମୁସଲମାନ ବୈରତା ଏବଂ ଅନୈକ୍ୟ ମଧ୍ୟ ବ୍ରିଟିଶ ଲାଗି ପଥ ପରିସ୍କାର କରିଛି । ସିରାଜଙ୍କ ସ୍ୱଗତୋକ୍ତିରୁ ତାହା ସ୍ପଷ୍ଟ ସୂଚିତ—

"ବୁଝିଲେକି ହିନ୍ଦୁ ଭାଇ ଚକ୍ର ଫିରିଙ୍ଗୀର
ଭାବିଲେ ମୁସଲମାନ ଶତ୍ରୁ ତାହାଙ୍କର
ବିଦେଶୀ ସାହାଯ୍ୟେ ତଡ଼ି ଦେବେ ମୁସଲମାନେ
ସ୍ଥାପିବେ ହିନ୍ଦୁର ରାଜ୍ୟ ତାଙ୍କ ହିନ୍ଦସ୍ଥାନେ ।"

Digitized by srujanika@gmail.com

ଉମିଗ୍ଚନ୍ଦର ଉକ୍ତିରେ ମଧ୍ୟ ଫିରିଙ୍ଗୀର କୂଟନୀତିର ପ୍ରତିଫଳନ–

"ଗାଇଲେ ହିନ୍ଦୁର ଜୟ ନିନ୍ଦି ମୁସଲମାନେ
କଲେ ଅଙ୍ଗୀକାର ହିନ୍ଦୁଗଣ ହିନ୍ଦୁସ୍ଥାନେ
ପ୍ରବଞ୍ଚନା ମିଥ ସବୁ ବିଶୁଦ୍ଧ ଶଠତା
ଭେଦଭାବ ସୃଷ୍ଟି ପାଇଁ ଏଇ ଚତୁରତା ।"

'ପଲାସୀ ଅବସାନେ'ର ସବୁଠୁ ବେଶୀ କଳଙ୍କିତ ବ୍ୟକ୍ତି ବୋଧହୁଏ ମିର୍‌ଜାଫର, ଯାହା ଯୋଗୁ ଭାରତ ଚିରଦିନ ଲାଗି ସ୍ୱାଧୀନତା ହରେଇ ବସିଛି । କିନ୍ତୁ ମିର୍‌ଜାଫରର ଆତ୍ମଧିକ୍‌କାର ଓ ଅନୁତାପ ଯୋଗୁଁ ସେ ପାଠକର ଅସୀମ ସମ୍ବେଦନାର ଅଧିକାରୀ ହୋଇପାରିଛି । ସେ ଯେତେବେଳେ କହେ–

"ନୈତିକ ଜୀବନ ମୋର ଅତି କଳଙ୍କିତ
ନଷ୍ଟ ଗତି ଚରିତ୍ର ମୋ ଅତୀବ ଘୃଣିତ ।
ବା
ଧିକ ଏ ଜୀବନ ଏଥି ନାହିଁ ପ୍ରୟୋଜନ
କେତେଦିନ ଏ ଜୀବନେ ଯାପିବି ଜୀବନ
× × ×
ପତିତ ମୁଁ ମୋହ ପାଇଁ ସ୍ୱଜନେ ପତିତ
ଦୁଷ୍କୂଳ ହୋଇ ମୁହିଁ ଚିର ଉପେକ୍ଷିତ ।"

ସେତେବେଳେ ଜଣେ ବିୟୋଗାନ୍ତକ ନାୟକ ପରି ସେ ପରସ୍ପର ବିରୋଧୀ ଦୁଇଟି ଧାରା "events of growing wickedness and the tide of our mounting sympathy" ଲାଭ କରିବାକୁ ସମର୍ଥ ହୋଇଥାଏ । ଏହା କବି ଲେଖନୀର ଯାଦୁକରି ସ୍ପର୍ଶରେ ହିଁ ସମ୍ଭବ ।

'ପଲାସୀ ଅବସାନେ'ର ପ୍ରାଣକେନ୍ଦ୍ର ଜାତୀୟ ଚେତନା । ମହାଭାରତୀୟ ଭାବଧାରାର ଉନ୍ମେଷ ସୃଷ୍ଟି କରିବା କବିଙ୍କର ଉଦ୍ଦେଶ୍ୟ । ଏଥିପାଇଁ କବି

Digitized by srujanika@gmail.com

ଭାରତୀୟ ସଂଗ୍ରାମର ଆଦିପର୍ବକୁ ତାଙ୍କ କାବ୍ୟର ବିଷୟବସ୍ତୁ ଭାବେ ନିର୍ବାଚନ କରିଛନ୍ତି । ଜାତୀୟ ସହତିର ନିଦାନ ମଧ୍ୟ 'ପଲାସୀ ଅବସାନେ' କାବ୍ୟର ଛତ୍ରେ ଛତ୍ରେ ଉକୁଟି ଉଠେ । କାବ୍ୟର ମର୍ମବାଣୀ "ହେଉ ଦୃଢ଼ ହିନ୍ଦୁସ୍ଥାନ ହେଉ ଏକା ମନ" । ଅଥବା

"ଯେତେ ବୈରୀ ହେଉ ପଛେ ଆମେ ମୁସଲମାନ
ଆମ ସ୍ୱାର୍ଥ ହିନ୍ଦୁ ସ୍ୱାର୍ଥ ରହିବ ସମାନ ।
ଜନମ ଏଠାରେ ଆମ ମରଣ ଏଠାରେ
ରହିବୁ ଦୁହିଁଙ୍କ ସହ ସମ ଅବସ୍ଥାରେ ।"

ଏସବୁ ସତ୍ତ୍ୱେ ବହୁ ତ୍ରୁଟି ବିଚ୍ୟୁତି 'ପଲାସୀ ଅବସାନେ'ରେ ଲକ୍ଷ - ଣୀୟ । ଏହା କବିଙ୍କର ପ୍ରଥମ ରଚନା ହେତୁ ତ୍ରୁଟି ରହିବା ସ୍ୱାଭାବିକ । ଛନ୍ଦ ଦୋଷ, ଦ୍ୱିର୍ଥବୋଧ ଓ କାବ୍ୟିକ ଉଚ୍ଛାସ ଚେତନାର ଅଭାବ ପରିଲକ୍ଷିତ ହୋଇଥାଏ । କବିତ୍ୱ ଓ କଳ୍ପନା ବିଳାସ ଏତେ ସାନ୍ଦ୍ର ନୁହେଁ । ଇତିହାସର ପୃଷ୍ଠଭୂମି ଉପରେ କବି ଘଟଣାବଳୀକୁ ଏକ ଜାତୀୟ ରୂପ ପ୍ରଦାନ କରି କାବ୍ୟ ସୌଧ ରଚନା କରିଛନ୍ତି ।

'ଗ୍ରରିଚକ୍ଷୁ' ମହତାବଙ୍କର ଅନନ୍ୟ କାବ୍ୟଗ୍ରନ୍ଥ । ଏଥିରେ ୧୦ଟି ଗାଥା କବିତା (Ballad) ସ୍ଥାନ ପାଇଛି । 'କାମଦେବ', 'ଚୂଡ଼ଙ୍ଗଦେବ', 'ନନ୍ଦିକା', 'ନନ୍ଦିକାର ପିତାଙ୍କଠାକୁ ପତ୍ର', 'ସୁବର୍ଣ୍ଣ କେଶରୀ', 'ନନ୍ଦିକା ଓ ଚୂଡ଼ଙ୍ଗ', 'ଲଳିତା', 'ଲଳିତା ଓ ବିମଳା', 'ଲଳିତା ଓ ଯଯାତି' ଏବଂ 'ଗଜଗଣୀ' ଐତିହାସିକ କିମ୍ବଦନ୍ତୀ ଓ ଐତିହାସିକ ଚରିତ୍ର ଉପରେ ଆଧାରିତ ୧୦ଟି କବିତା 'ଗ୍ରରିଚକ୍ଷୁ'ର ବିଷୟବସ୍ତୁ । ସମସ୍ତ କବିତା ଛନ୍ଦଯୁକ୍ତ ଓ ମିତ୍ରାକ୍ଷରୀ । ପ୍ରଥମ କବିତାରେ କାମଦେବ ସମରଭିଳାଷୀ । ତାଙ୍କ ସଂଗ୍ରାମର ଅନ୍ତିମ ଅଭିପ୍ରାୟ ଗ୍ରରିଚକ୍ଷୁର କାବ୍ୟତତ୍ତ୍ୱ ହେବ ଦ୍ରବୀଭୂତ ମାନବ ହୃଦୟ ନ ରହିବ ହେଇ ପାଷାଣୀଭୂତ ।

Digitized by srujanika@gmail.com

"ପ୍ରୀତିବଶେ ସର୍ବେ ହେବେ ଟଣାଟଣି
ଦେବତା ବର୍ଷିବେ ସ୍ୱର୍ଗୁଁ ଅମୃତ ।
କୁମାର କୁମାରୀ ହେବେ ଘୂରି ଘୂରି
ଖେଳିବ ବିଦ୍ୟୁତ ପ୍ରବାହ ଖର ।
ତୁହାଇ ତୁହାଇ ସେତିକି ବେଳେ ମୁଁ
ମାରୁଥିବି ଦୂରୁ କୁସୁମ–ଶର ।"

ସେଇ ଶ୍ରୀଚକ୍ଷୁର ମିଳନ ନିକଟରେ ପିତା କନ୍ୟାର ସମ୍ପର୍କ ତୁଚ୍ଛ ବୋଧ ହୋଇଛି । ଅପରିଚିତ ପରିଚିତ ହୋଇଛି, ଅଚିହ୍ନା ଚିହ୍ନା ହୋଇଛି, ପର ଆପଣାର ହୋଇଛି । ଦୁଇଟି ରିକ୍ତ ଆତ୍ମାର ମିଳନ ଘଟିଛି । କାମ କାମନାର ଏ ଦୁର୍ବାର ପ୍ରବୃତ୍ତି ମଣିଷର ସହଜାତ । ଏଥିରୁ କାହାରି ନିସ୍ତାର ନାହିଁ । ଏ ଦିଗରେ ନାରୀମାନେ ଆଶାତୀତ ଭୂମିକା ଗ୍ରହଣ କରିଥାନ୍ତି । କବିବର ରାଧାନାଥରାୟଙ୍କ ଭାଷାରେ "ପ୍ରେମରେ ପଡ଼ିଲେ ଅସାଧ୍ୟ ସାଧନ ହେଲେ କରନ୍ତି ଅବଳା ।" କବି ମହତାବ ଏଭଳି ଏକ ମାନବିକ ପ୍ରବୃତ୍ତି କି 'ଶ୍ରୀଚକ୍ଷୁ' କାବ୍ୟ ଗ୍ରନ୍ଥରେ ରୂପ ଦେଇଛନ୍ତି ।

ପରବର୍ତ୍ତୀ କାଳରେ ମହତାବ କବିତାର ଭାଷା, ଭାବ ଓ ଶୈଳୀଗତ ପରିବର୍ତ୍ତନ ଆଣିଲେ । ଓଡ଼ିଆ କବିତାର ଗଦ୍ୟଶୈଳୀ ଓ ଆଧୁନିକ ପରୀକ୍ଷା ସଚରାଚର ଚାଲିଲା । ସେ ଦିଗରୁ ମହତାବ କେତେକ ଆଧୁନିକ କବିତା ମଧ୍ୟ ରଚନା କରିଛନ୍ତି । 'ଜନ୍ମଦିନ' କବିତାରେ ସେ କାଳ ବା ସମୟ ସଚେତନ ହୋଇ ପଡ଼ିଛନ୍ତି । 'ମାତ୍ର ମିନିଟିକ' କବିତା ମଧ୍ୟ ସେଇ ସମୟ ଓ ଲକ୍ଷ୍ୟ ଅନୁସାରୀ । ଜୀବନ ଏକ ପ୍ରତିଦ୍ୱନ୍ଦୀତାର ବସ୍ତୁ ଓ ଏହାର ପ୍ରତି ମୁହୂର୍ତ୍ତର ମୂଲ୍ୟ ଅଛି ।

"ଊର୍ଦ୍ଧ୍ୱଶ୍ୱାସେ ତେଣୁ ମୋତେ ଖେଳିବାକୁ ହେବ
ଏ ଜନ୍ମର ଲିଗ ମେଚ୍ ଶେଷ ମିନିଟିକ
ବୟସ ମୁଁ ବଢ଼ ମୋର ଏହି ମିନିଟିକ
ଜିଲ୍ଢ଼ ନେବି ଏ ଜନ୍ମର ମାତ୍ର ମିନିଟିକ ।"

Digitized by srujanika@gmail.com

ଆମେ ସମସ୍ତେ ଜୀବନ ସଂଗ୍ରାମର ଜଣେ ଜଣେ ଖେଳାଳି ଏବଂ ବାଜି ଜିଣି ସିଲଡ୍ ନେବା ଲାଗି ଆମେ ସବୁ ତତ୍ପର । ତେଣୁ ଜୀବନର ଲକ୍ଷ୍ୟ ପୂରଣ ପ୍ରତ୍ୟେକ ବ୍ୟକ୍ତିର ଉଦ୍ଦେଶ୍ୟ ହେବା ବିଧେୟ । ମାର୍କିନ କବି ରବର୍ଟ ଫ୍ରଷ୍ଟଙ୍କ–

"I have the promises to keep
And miles to go before I sleep
And miles to go before I sleep."

ପରି ମହତାବ ଗାଇଥିଲେ "ତେଣୁ ମୋତେ ଖେଳିବାକୁ ହେବ ଏ ଜନ୍ମର ଲିଗ୍‌ମେଚ............ ।"

ଜୀବନର ଶେଷ ମୁହୂର୍ତ୍ତରେ ବି ସିଲ୍ଡ ଜିଣାଯାଇ ପାରେ । ରାଜନୀତି, ସାହିତ୍ୟ ଆଦି ସବୁ କ୍ଷେତ୍ରରେ ଏମିତି ଏକ ସଚ୍ଚା ଖେଳାଳି ମନୋବୃତ୍ତି ନେଇ ଶେଷ ମୁହୂର୍ତ୍ତଯାଏ ସଂଗ୍ରାମରତ ଡଃ ମହତାବ ସ୍ୱୀୟ କର୍ମମୟ ଜୀବନରେ ଢେର ସଫଳତା ହାସଲ କରିଛନ୍ତି । ଜୀବନ ସଂଗ୍ରାମରେ ବହୁ ବାଜି ଜିଣିଛନ୍ତି, ସିଲ୍ଡ ପାଇଛନ୍ତି, ଜୀବନକୁ ଧନ୍ୟ କରିଛନ୍ତି, ପରିପୂର୍ଣ୍ଣତାର ସୋପାନରେ ଅଧିରୂଢ ହୋଇଛନ୍ତି । ମୃତ୍ୟୁକୁ ପରାଭୂତ କରି ଅମରତ୍ୱ ଲଭିଛନ୍ତି । ଜଣେ ପାଶ୍ଚାତ୍ୟ କବିଙ୍କ ଭାଷାରେ "Death dies not he" ଏହାହିଁ ମହତାବଙ୍କ ବୈଶିଷ୍ଟ୍ୟ ଓ ଜୀବନ ଦର୍ଶନ ।

– o –

Digitized by srujanika@gmail.com

॥ କେତେକ ଅନ୍ତରଙ୍ଗ ମୁହୂର୍ତ୍ତ ॥

❋ ଶ୍ରୀ ଭର୍ତ୍ତୃହରି ମହତାବ

ବାବାଙ୍କ ସମ୍ପର୍କରେ କିଛି ଲେଖିବା ପାଇଁ ବସିଲି ବେଳେ କେଉଁଠାରୁ ଆରମ୍ଭ କରିବି ଜାଣିପାରୁ ନାହିଁ । ପିଲାଦିନୁ ତାଙ୍କୁ ଅତି ପାଖରୁ ଦେଖି ଆସିଛି । ତାଙ୍କ ସାଙ୍ଗରେ ଖେଳିଛି, ବୁଲିଛି । ପିଲାଦିନେ ସକାଳ ୬ଟାରୁ ଉଠି ତାଙ୍କ ସାଙ୍ଗରେ ବଗିଚାରେ ଦୌଡ଼ିଛି । କସରତ୍ କିପରି କରିବାକୁ ହୁଏ, ସେ ଷାଠିଏ ବର୍ଷ ବୟସରେ ମଧ୍ୟ ଶିଖାଇଛନ୍ତି । ଆଜି ନିଜ ପିଲାଙ୍କ ସହ ବସି ମୁଁ କିଛି ସମୟ କଟାଉଥିବା ବେଳେ ଭାବୁଛି, ସେ ଏତେ କାର୍ଯ୍ୟରେ ବ୍ୟସ୍ତ ରହି ମଧ୍ୟ ଆମ ପାଇଁ ସମୟ ବାହାର କରି ଆମକୁ ଏତେ ଆପଣାର କରି ପାରୁଥିଲେ କିପରି ? ବୟସର ଅନେକ ବ୍ୟବଧାନ ଥିଲା । ତା ସତ୍ତ୍ୱେ ସେ ପିଲାଙ୍କ ଭଳି ମୋ ସହିତ ଖେଳିଛନ୍ତି, ତାଙ୍କ ନାତି ଲୋକ ରଞ୍ଜନ ସହିତ ଖେଳିଛନ୍ତି । ସେ ଚାଲି-ଯିବାର ତିରିଶି ମାସ ହୋଇ ଗଲାଣି । ସମୟର ବ୍ୟବଧାନ ବିଶେଷ କିଛି ନୁହେଁ; ତଥାପି ଆମେ ଭାବୁଛୁ, ସେ ଆମ ଭିତରେ ଅଛନ୍ତି । ଯାଇଛନ୍ତି ସମ୍ବଲପୁର କି କଲିକତା ଗସ୍ତରେ । ଆସି ପହଞ୍ଚି ଯିବେ, ପୁଣି ଗହଳି ଲାଗିଯିବ, ଘରିଆଡ଼େ ଚଞ୍ଚଳତା ଖେଳିଯିବ । କିନ୍ତୁ ଦୁର୍ଭାଗ୍ୟ, ସେପରି ଦିନ ଆଉ ଆସିବ ନାହିଁ । ଏ ଉପଲବ୍ଧି ହିଁ ମନକୁ ଅନେକ ସମୟରେ ବିଷାଦଗ୍ରସ୍ତ କରି ପକାଉଛି ।

Digitized by srujanika@gmail.com

ଅନେକ ଭାବନ୍ତି, ସେ ଘର କଥା ବୁଝନ୍ତି ନାହିଁ, ପରିବାର କଥା ଭାବନ୍ତି ନାହିଁ । କିନ୍ତୁ ମୁଁ ବ୍ୟକ୍ତିଗତ ଭାବେ ଜାଣେ, ଯଦିଓ ଅନ୍ୟ ଗୃହସ୍ଥଙ୍କ ଭଳି ସେ ପରିବାର, ବନ୍ଧୁ ବାନ୍ଧବଙ୍କ ସୁଖ ସୁବିଧା ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ, ତଥାପି ତାଙ୍କର ଆନ୍ତରିକତାର ଅଭାବ କେବେ ମୁଁ ଲକ୍ଷ୍ୟ କରି ନାହିଁ । ସମସ୍ତେ ସୁଖରେ ରହନ୍ତୁ ଏହା ସେ ଚାହାନ୍ତି । କିନ୍ତୁ ତାଙ୍କର ସାହାଯ୍ୟ ନେଇ କେହି ଅଧିକ ସୁବିଧା ଭୋଗ କରୁ, ଏହା ସେ କସ୍ମିନକାଳେ କରାଇ ଦେଇ ନାହାନ୍ତି । ଅନେକ ଲୋକ ତାଙ୍କ ନାମ ବ୍ୟବହାର କରି ଲାଭବାନ୍ ହୋଇଛନ୍ତି, କିନ୍ତୁ ପରିବାରର କେହି ସେପରି କରିବାକୁ ଦୁଃସାହସ କରିପାରି ନାହାନ୍ତି । ପରିବାରର ପ୍ରତ୍ୟେକଙ୍କୁ ଉତ୍ତମ ଶିକ୍ଷା କି ଭଳି ମିଳିବ, ମିତବ୍ୟୟୀ କିଭଳି ସେମାନେ ହେବେ, ପ୍ରତ୍ୟେକ ସମସ୍ୟାର ସମାଧାନ କିପରି ସେମାନେ ନିଜେ କରିପାରିବେ, ଅନ୍ୟ ଉପରେ ନିର୍ଭରଶୀଳ ନ ହେବେ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଅନ୍ୟଠାରୁ ପୃଥକ୍ ବୋଲି ମନରେ ଧାରଣା ଯେପରି ନ ଜନ୍ମିବ, ସେ ପାଇଁ ସେ ଜଣେ କଠୋର ଅଭିଭାବକ ଭାବେ ଶାସନ ମଧ୍ୟ କରୁଥିଲେ । ହୃଦୟର କୋମଳତା ସହିତ ବ୍ୟାବହାରିକ କଠୋରତାର ଏକ ଅଭିନବ ମିଶ୍ରଣ ହିଁ ସଫଳ ଗୃହସ୍ଥର ଲକ୍ଷଣ, ଏହା ତାଙ୍କଠାରେ ମୁଁ ଦେଖିବାକୁ ପାଇଥିଲି । ଆଜି ଜୀବନରେ ଯତ୍ କିଞ୍ଚିତ୍ ସଂଯମ, ଯାହା ବି କିଛି ମୁଁ ଶିଖିଛି, ତାହା ତାଙ୍କରି ପ୍ରଭାବ ଯୋଗୁ ସମ୍ଭବ ହୋଇଛି ।

ଜୀବନରେ ଏଭଳି ଏକ ସନ୍ଧିକ୍ଷଣ ଆସେ, ଯେତେବେଳେ ମନୁଷ୍ୟ ନିଜେ ନିଜର ମାର୍ଗ ସ୍ଥିର କରି ନିଏ । ସେତେବେଳେ ପିତାମାତାଙ୍କ ପରାମର୍ଶ ଓ ଆଶୀର୍ବାଦ ସର୍ବାଗ୍ରେ କାମ୍ୟ । ମୁଁ ଈଶ୍ୱରଙ୍କ କୃପାପ୍ରାର୍ଥୀ ଯେ ସେ ପ୍ରକାର ସନ୍ଧିକ୍ଷଣରେ ବାବାଙ୍କ ଉପଦେଶ ଓ ମା'ଙ୍କ ଆଶୀର୍ବାଦ ମୋତେ ମିଳିଥିଲା । ପଢ଼ା ଶେଷ ହେବା ପରେ ଜୀବନର ରଣାଙ୍ଗନରେ କେଉଁ ଭୂମିକାରେ ଅବତୀର୍ଣ୍ଣ ହେବି, ସେ କଥା ଅବଶ୍ୟ ମୁଁ ଚିନ୍ତା କରୁଥିଲି । ପିଲାଦିନୁ ପତ୍ରପତ୍ରିକା ପ୍ରତି ଧ୍ୟାନ ଥିଲା, କିନ୍ତୁ ଦିନେ ପ୍ରଜାତନ୍ତ୍ରର ସମ୍ପାଦକ ହେବି—ଏକଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି । ଦିନେ ବାବା ଅଫିସକୁ ଡାକି ପଚାରିଲେ, "ଏବେ ନିଷ୍ପତ୍ତି ନେବାର ବୟସ ତୁମର ଆସି ଗଲଣି, ମୁଁ କେବଳ ମାର୍ଗ ବତାଇ ଦେବି, ମୋର

Digitized by srujanika@gmail.com

ସେ ଦିଗରେ ବିଶେଷ ଅଭିଜ୍ଞତା ଅଛି ବୋଲି ମୁଁ କହୁନାହିଁ, କହୁଛି ବୟସରେ ଅନେକ ବଡ଼ ବୋଲି; ତୁମ ଆଗରୁ ତୁମ ବୟସରେ ଏ ଦୁନିଆଁ ଦେଖିଥିବାରୁ ଆଜିର ସମୟ ସେ ତୁଳନାରେ ଅନେକ ଭିନ୍ନ ସତ, କିନ୍ତୁ ତୁମକୁ ନିଜେ ନିଜ ମାର୍ଗ ବାଛି ନେବାକୁ ହେବ । ଦିଲ୍ଲୀରେ ପଢ଼ି ପ୍ରଶାସନିକ ଚାକିରିରେ ଭର୍ତ୍ତି ହେବାପାଇଁ ଯଦି ଚାହୁଁଛ, ମୁଁ ସାହାଯ୍ୟ କରି ପାରିବି । କୋଣସି ବେସରକାରୀ ବଡ଼ ବଡ କମ୍ପାନିରେ ଯଦି ଚାକିରୀ କରି ବଡ଼ ବଡ଼ ସହରରେ ରହିବା ପାଇଁ ଚାହୁଁଛ, ତା'ହେଲେ ମଧ୍ୟ କେତେକ ଚିହ୍ନାଜଣା ଲୋକଙ୍କୁ କହି ରଖାଇ ଦେବି । କିନ୍ତୁ ତୁମେ ଯଦି ପବ୍ଲିକ ସର୍ଭିସ କରିବାକୁ ଚାହୁଁଛ, ତେବେ ମୁଁ ବିଶେଷ ସାହାଯ୍ୟ କରି ପାରିବି ନାହିଁ । ସେଥିରେ ମଧ୍ୟ ତତ୍କ୍ଷଣାତ୍ କିଛି ଗୋଟାଏ ହୋଇଯିବାର ସମ୍ଭାବନା ନାହିଁ । ମୁଁ ୧୯୨୧ରେ କଂଗ୍ରେସରେ ଯୋଗ ଦେଲାବେଳେ କ'ଣ ଜାଣିଥିଲି, ଦେଶ ସ୍ୱାଧୀନ ହେବ, ମୁଁ ମୁଖ୍ୟମନ୍ତ୍ରୀ ହେବି ? ସେଥିରେ ଭବିଷ୍ୟତ ସମ୍ପୂର୍ଣ୍ଣ ଅନିଶ୍ଚିତ । କିଛି କୁହାଯାଇ ପାରିବ ନାହିଁ । ଗାନ୍ଧିଜୀଙ୍କ ସାନପୁଅ ଦେବ ଦାସ, ପବ୍ଲିକ ଲାଇଫରେ ରହିବା ପାଇଁ ଚାହିଁଥିଲେ । କିନ୍ତୁ ରାଜାଜୀଙ୍କ ପ୍ରରୋଚନାରେ ଦେବଦାସ ହେଲେ 'ହିନ୍ଦୁସ୍ତାନ ଟାଇମସ୍' ସଂପାଦକ । ସେ ଆଉ ରାଜନୀତି କଲେ ନାହିଁ । ଆମେ ମଧ୍ୟ ସବୁ ସାମାଜିକତା କରି ରାଜନୀତିରେ ଥିଲୁ । କ'ଣ କରିବ କୁହ । ତୁମ ଆଗରେ ତିନୋଟି ମାର୍ଗ, ଆଉ ଯଦି କିଛି ତୁମ ମନରେ ଅଛି କୁହ ।"

ହଠାତ୍ ପ୍ରକୃତିସ୍ଥ ହୋଇ ମୁଁ କିଛି ଉତ୍ତର ଦେଇ ପାରି ନ ଥିଲି ସେଦିନ । "ଆଚ୍ଛା ହଉ, କାଲି ସକାଳେ ମୋତେ କହିବ " କହି ସେଦିନ ମୋତେ ପଠାଇ ଦେଇଥିଲେ । ତା ପରଦିନ ସକାଳୁ, ଗାଁ ମଜଲିସ୍ ଲେଖି ସାରିବା ପରେ, ପୁଣି ଡ଼ାକରା ଆସିଲା । ମୁଁ ଗଲି, ଘର ଭିତରେ ଠିଆ ହୋଇ ଥାଏ । ବସିବା ପାଇଁ କହି ପଚାରିଲେ, "କ'ଣ ସ୍ଥିର କଲ ?" ମୁଁ କିଛି ଚିନ୍ତା ନ କରି କହିଲି, "ମୁଁ ଏଇଠି ରହିବି, ଆପଣଙ୍କ ପାଖରେ ।"

ଏତକ ଶୁଣିବା ପରେ ସେ ପ୍ରଚଣ୍ଡ ଭାବେ ରାଗିଗଲେ । ମୁଁ ଯେ କିଛି କରିବା ପାଇଁ ଚାହୁଁନାହିଁ ଏହା ବୋଧହୁଏ ସେ ଭାବିନେଇ ମୋ ଉପରେ ବିରକ୍ତି ହେବା ସ୍ୱାଭାବିକ ଥିଲା । ମୁଁ ମଧ୍ୟ ବୋକାଙ୍କ ଭଳି ସେ ଭଳି ଉତ୍ତରଟାଏ ଦେଇଥିଲି । ତାଙ୍କର ବିରକ୍ତି ପ୍ରକାଶ ଭିତରେ ସେ ଅତି ଶାନ୍ତ ସ୍ୱରରେ କହିଥିଲେ,

Digitized by srujanika@gmail.com

"ଏଠି ରହି କାମଟା କ'ଣ କରିବ ?" ମୋ ମନରେ ମଧ୍ୟ ଜିଦ୍ ଆସିଯାଇ ଥାଏ । ମୁଁ ଧୀର ସ୍ୱରରେ କହିଥିଲି, "ଯାହା ଆପଣ କହିବେ, କରିବି ।"

ବୋଧହୁଏ ଏ ପ୍ରକାର ଉତ୍ତର ସେ ମୋ ଠାରୁ ଆଶା କରୁଥିଲେ । ତେଣୁ ତତ୍‌କ୍ଷଣାତ କହିଲେ, "ଆଚ୍ଛା ହେଉ, ତାହେଲେ ମୋର ଆଉ କେହି ଆସିଷ୍ଟାଣ୍ଟ ରହିବେ ନାହିଁ, ତୁମକୁ ସବୁ ବୁଝିବାକୁ ହେବ, ପାରିବ ତ ?" ମୁଁ ନୀରବରେ ମୁଣ୍ଡ ଟୁଙ୍ଗାରିଲି । ମୁଁ ତାଙ୍କ କୋଠରୀ ଭିତରୁ ବାହାରି ଆସିଲା ବେଳକୁ ମୋତେ କହିଲେ, "ଆଚ୍ଛା ତୁମକୁ ଦେଢ଼ଶହ ଟଙ୍କା ମିଳିବ ।" ମୁଁ ତଟସ୍ଥ ହୋଇ ଯାଇଥିଲି ।

ତା' ପରଦିନଠାରୁ କଠୋର ପରିଶ୍ରମ କରିବାକୁ ହୋଇଥିଲା ପ୍ରାୟ ଅଢ଼େଇ ବର୍ଷ । ପ୍ରତ୍ୟେକ ଦିନ ସକାଳ ୬ଟା ପୂର୍ବରୁ ଉଠି ଅଫିସ ତଦାରଖ କରିବା ଠାରୁ ରାତି ସାଢ଼େ ନଅଟା ପର୍ଯ୍ୟନ୍ତ ତାଙ୍କ ପାଖେ ପାଖେ ରହିବା ହେଲା କାର୍ଯ୍ୟ । ମଝିରେ ସେ ଅଢ଼େଇଟାରୁ ସାତଟା ପର୍ଯ୍ୟନ୍ତ ଯାହା କଟକ ଆସୁଥିଲେ, ସେତକ ସମୟ ଥିଲା ମୋର ନିଜର । ତା ଭିତରେ ଡ଼ାକଗୁଡ଼ିକର ଉତ୍ତର ଦେବା ମଧ୍ୟ ଥିଲା ଗୋଟିଏ କାର୍ଯ୍ୟ । ଏହି ସମୟରେ ଅନେକ ଲୋକଙ୍କୁ ଚିହ୍ନିଲି, ଜାଣିଲି । ଚିଠିପତ୍ର ଠାରୁ ଆରମ୍ଭ କରି ଲୋକଙ୍କ ଆପତ୍ତି ଅଭିଯୋଗକୁ କିଭଳି ଉପସ୍ଥାପିତ କରିବାକୁ ହେବ ଶିଖିଲି । ପ୍ରତ୍ୟେକ ଦିନ ଦେଢ଼ଶହ ଦୁଇଶହ ଚିଠି ବାବାଙ୍କ ପାଖକୁ ଆସୁଥିଲା । କଳାହାଣ୍ଡିର ଖଡ଼ିଆଳରୁ କେହି ତା'ର ବଳଦ ଚୋରି ବିଷୟରେ ଲେଖିଥିଲା ତ ଦିଲ୍ଲୀରୁ କୌଣସି ମନ୍ତ୍ରୀ ଆସାମ ଆନ୍ଦୋଳନ ବିଷୟରେ ଲେଖିଥିଲେ । ସେ ସବୁ ଚିଠି ଗୁରୁତ୍ୱ ଦେଇ ପଢ଼ୁଥିଲେ ଏବଂ ତା'ର ଉତ୍ତର ଦେଉଥିଲେ । ତା'ରି ଭିତରେ ସମୟ ବାହାର କରି ଇତିହାସ କଂଗ୍ରେସ ପାଇଁ ପ୍ରବନ୍ଧ ପ୍ରସ୍ତୁତ କରନ୍ତି, ଝଙ୍କାରର ସଂପାଦକୀୟ ଲେଖନ୍ତି, ଗାଁ ମଜଲିସ୍ ଲେଖନ୍ତି । ମୋର ପଢ଼ିବା ଅଭ୍ୟାସ ଦେଖି ସେ ବହୁବାର କହିଛନ୍ତି, "ଶହେ ଭାଗ ପଢ଼ିଲେ ଯାଇ ଦଶଭାଗ ଲେଖାଯାଇ ପାରେ । ତୁମେ କିଛି ଲେଖୁନାହଁ କାହିଁକି ?"

ତାଙ୍କରିଠାରୁ ପ୍ରେରଣା ପାଇ ମୁଁ ଲେଖିବା ଆରମ୍ଭ କରିଥିଲି । ମୋର ପ୍ରଥମ ଲେଖା ତାଙ୍କୁ ଦେଇଥିଲି ପଢ଼ିବା ପାଇଁ । ଭାବିଥିଲି, ସେ ସଂଶୋଧନ କରି ପ୍ରକାଶ କରିବା ଲାଗି ପ୍ରଜାତନ୍ତ୍ର ପଠାଇ ଦେବେ । ସେ ପଢ଼ି କିଛି ନ କହି

Digitized by srujanika@gmail.com

ମୋ ହାତକୁ ଫେରାଇ ଦେଇଥିଲେ । ମନ କଷ୍ଟ ହେଲା । ମୁହିଁ ମାଡ଼ି ଖଟରେ ଅନେକ ସମୟ ପଡ଼ି ରହିବା ପରେ ମୁଁ ଅନୁଭବ କଲି, ଏ ମଧ୍ୟ ଏକ ଆହ୍ୱାନ ।

ତା ପରଠାରୁ ପ୍ରତ୍ୟେକ ଦିନେ ଦୁଇ ଦିନରେ କିଛି ନା କିଛି ଲେଖି ତାଙ୍କୁ ଦେଲି ପଢ଼ିବା ପାଇଁ, ଗପ, କବିତା, ପ୍ରବନ୍ଧ ସବୁକିଛି । କିନ୍ତୁ କୌଣସି ଗୋଟିଏ ଲେଖା ପ୍ରଜାତନ୍ତ୍ରରେ ପ୍ରକାଶ କରିବା ପାଇଁ ସେ ନେଇ ଯାଇନଥିଲେ ।

ଦିନେ, ୧୯୮୦ ଜୁଲାଇ ଶେଷ ସପ୍ତାହରେ ମୋତେ ଡ଼ାକି ସେ କହିଲେ, "ଇଷ୍ଟର୍ଣ୍ଣ ଟାଇମସ୍ ପ୍ରକାଶ ପାଇବ, ତୁମେ କଟକ ଯାଇ ତା'ର ଦାୟିତ୍ୱ ନିଅ । ନେବ ତ ?" ମୁଁ ହଁ ଭରିବା ଛଡ଼ା ଆଉ ବାଟ ନ ଥିଲା । "ତା'ହେଲେ ତୁମେ ଆଉ ଏଠି ରହି ପାରିବ ନାହିଁ, ତୁମର ଷ୍ଟେସନ ଏବେ କଟକ ।" ତାଙ୍କ ସହ ମୁଁ ମଧ୍ୟ ହସିଥିଲି ସେଦିନ ସନ୍ଧ୍ୟାରେ । ଆଜି ଭଳି ମନେ ଅଛି, ମୋ ଆଖିକୁ ସେ ସ୍ପଷ୍ଟ ଅନାଇ କହିଥିଲେ, "ପ୍ରଜାତନ୍ତ୍ରରେ କେବେ କର୍ତ୍ତୃତ୍ୱ ଜାହିର କରିବ ନାହିଁ, ତୁମେ ସେଠାକାର ଅନ୍ୟ କର୍ମୀଙ୍କ ଭଳି ଜଣେ କର୍ମୀ । ଯଦି ଚଳି ନ ପାରିବ, ଗ୍ଳଲି ଆସିବ; ମୋତେ ଯେମିତି ତୁମ ପାଇଁ ଅପଦସ୍ତ ନ ହେବାକୁ ପଡ଼େ ।"

ମୁଁ ଜାଣିନି, ମୁଁ କେତେଦୂର ତାଙ୍କର ଆଶାକୁ ସଫଳ କରିପାରିଛି କି ନାଁ, କିନ୍ତୁ ମୁଁ ଦୃଢ଼ତାର ସହିତ କହିପାରେ, ପ୍ରଜାତନ୍ତ୍ରରେ ମୁଁ ସମସ୍ତଙ୍କର ସହଯୋଗ ପାଇଛି । ଶ୍ରୀହର୍ଷ ବାବୁଙ୍କଠାରୁ ଆରମ୍ଭ କରି ଆମ ପିଅନ ଦିଲୀପ ପର୍ଯ୍ୟନ୍ତ । କାରଣ, ଚନ୍ଦ୍ରଶେଖର ବାବୁ ବିଦାୟ ନେଇଯିବା ପରେ ଯେତେବେଳେ ମୁଁ ସମ୍ପାଦକ ହେଲି, ମୋ ବେକରେ ଫୁଲମାଳ ପକାଇଥିଲା ଦିଲୀପ ।

ବାବା ତାଙ୍କ ଜୀବନର ପ୍ରତ୍ୟେକ କ୍ଷଣକୁ ଆହ୍ୱାନ ସ୍ୱରୂପ ଗ୍ରହଣ କରିଛନ୍ତି । ତାଙ୍କ ନିକଟରେ ଯେତିକି ସମୟ ମୁଁ ରହିଛି, ଏହା ମର୍ମେ ମର୍ମେ ଅନୁଭବ କରିଛି । କେତେବେଳେ ସେ ଦବିଯାଇ ନାହାନ୍ତି । ଦୁଃଖରେ, ଶୋକରେ ହେଉ କି ଆନନ୍ଦରେ ହେଉ ସେ କେବେ ବିହ୍ୱଳିତ ହୋଇ ନାହାନ୍ତି । ତାହାହିଁ ତାଙ୍କର ବିଶେଷତ୍ୱ, ଜଣେ ସଫଳ ଗୃହସ୍ଥର ବିଶେଷତ୍ୱ ।

Digitized by srujanika@gmail.com

କାଲି ଭଳି ମନେ ପଡ଼ୁଛି, ଲୋକରଞ୍ଜନର ସ୍ୱନକ୍ଷତ୍ର ଉତ୍ସବରେ କିଛି ବନ୍ଧୁବାନ୍ଧବଙ୍କୁ ଯେଉଁଦିନ ଡକା ଯାଇଥିଲା, ସେ ଧୋତି ପିନ୍ଧି ଆସିଥିଲେ । ମୋର ପେଣ୍ଟ ପିନ୍ଧିବା ଦେଖି କହିଥିଲେ, "ଆଜି ଘରେ ଉତ୍ସବ, ତୁମେ ସବୁ ଧୋତି ପିନ୍ଧିଥିବ ଭାବି ମୁଁ ଧୋତି ପିନ୍ଧି ଆସିଛି ।" ବାକୀ କଥାଟା ସେ ଉହ୍ୟ ରଖି ଦେଇଥିଲେ, ଜାଣିଶୁଣି । ପ୍ରତ୍ୟେକଙ୍କୁ ସେ ଆପଣାର କରିପାରୁଥିଲେ କିନ୍ତୁ ଶଠତା, ପ୍ରବଞ୍ଚନା ପ୍ରତି ଥିଲେ ଅତ୍ୟନ୍ତ ରୁକ୍ଷ । ଅନେକ ଭାବନ୍ତି, ତାଙ୍କର ଭାବାବେଗ ନ ଥିଲା, କିନ୍ତୁ ତାହା ନ ଥିଲେ କ'ଣ ସେ କବି, ସାହିତ୍ୟିକ ହୋଇପାରିଥାନ୍ତେ ?

ବାବାଙ୍କ ବିଷୟ ଲେଖି ବସିଲେ ପ୍ରତ୍ୟେକ ଦିନର ବିବରଣୀ ଗୋଟିଏ ଗୋଟିଏ ଅଧ୍ୟାୟ ହେବ । 'ମିଳନୀ' ପକ୍ଷରୁ ଏକ ପୁସ୍ତକ ପ୍ରକାଶ ପାଉଛି, ସେଉଳି କେତେକ ବିବରଣୀ ଲିପିବଦ୍ଧ କରିରଖି ଭବିଷ୍ୟତ ବଂଶଧରଙ୍କୁ ପ୍ରେରଣା ଦେବାପାଇଁ । ମୁଁ ଗର୍ବିତ ମୁଁ ତାଙ୍କ ସାଙ୍ଗରେ କିଛି ବର୍ଷ ଅତି ଅନ୍ତରଙ୍ଗ ଭାବେ କଟାଇଛି । ତାଙ୍କପାଇଁ ଅନ୍ୟମାନେ ମଧ୍ୟ ଗର୍ବିତ । ତାଙ୍କ ଜୀବନର ମୂଳ ଆଦର୍ଶକୁ ଜାଣି, ଚିହ୍ନି ଆମେ କେତେଦୂର ଅଗ୍ରସର ହୋଇ ପାରୁଛେ, ତାରି ଉପରେ ବାସ୍ତବିକ ନିର୍ଭର କରେ ଆମର ତାଙ୍କ ପ୍ରତି ଆନ୍ତରିକତା । ଦିନ ଆସିବ, ମୁଁ ଜାଣେ, ଯେତେବେଳେ ଏ ଓଡ଼ିଆ ଜାତିର ନବଯୁବକ ତାଙ୍କୁ ଆଦର୍ଶଭାବେ ଗ୍ରହଣ କରି ସଦର୍ପରେ କହିବ, "ମୁ ସେହି ଜାତିର ଯୁବକ, ଯେଉଁଠି ମହତାବଙ୍କର ଜନ୍ମ ।"

– ୦ –

Digitized by srujanika@gmail.com

॥ ଡଃ. ହରେକୃଷ୍ଣ ମହତାବଙ୍କ ସହିତ ଏକ ଅନ୍ତରଙ୍ଗ ସାକ୍ଷାତକାର ॥

※ ଡଃ ଉପେନ୍ଦ୍ର ପ୍ରସାଦ ନାୟକ

ସେଦିନ ଥିଲା ଏକ ଶାନ୍ତ ଶୀତଳ ଅପରାହ୍ନ । ଆକାଶରେ ନ ଥିଲା ବିଜୁଳି କିମ୍ବା ମେଘ ଡମ୍ବରୁର ଗୁରୁ ଗମ୍ଭୀର ନିନାଦ ଅଥବା ପହିଲି ଜ୍ୟେଷ୍ଠର ସ୍ୱାଭାବିକ ଝାଞ୍ଜି ଓ ସୂଚିବିଦ୍ଧ ରୌଦ୍ରର ତୀବ୍ରତା । ଏହିପରି ଏକ କମନୀୟ ପରିବେଶରେ ମୋର ଘୂର୍ଣ୍ଣମନ୍ତ ଆଖି ଦୁଇଟା କେମିତି ଜ୍ୟୋତିର୍ମୟ ହୋଇ ଉଠୁଥିଲା । ମନରେ ଅସମ୍ଭବ ଭାବାବେଗ । ଏକାମ୍ର ନିବାସର ଅନ୍ତରଙ୍ଗତାର ମାୟା ଆଚ୍ଛନ୍ନ କରୁଥିଲା ।

ଖୁବ୍ ଶୀଘ୍ର ସାକ୍ଷାତ ମିଳିଲା ।

କାହର ସାକ୍ଷାତ ?

ସେ ଆଉ କେହି ନୁହଁନ୍ତି । ସେ ହେଉଛନ୍ତି ଏହି ବୀରଭୂଇଁ କଳିଙ୍ଗର ବରପୁତ୍ର ମହାନ୍ ଐତିହାସିକ, ସଂସ୍କୃତି ପ୍ରେମୀ, ସାରସ୍ୱତ ସ୍ରଷ୍ଟା, ନବ ନିର୍ମିତ

Digitized by srujanika@gmail.com

ଉତ୍କଳର କର୍ଣ୍ଣଧାର, ମହାନ୍ ଜନନାୟକ, କେବଳ ଓଡ଼ିଶାର କି ଭାରତର ନୁହେଁ ସମଗ୍ର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରାଜନୀତିଜ୍ଞ ଏବଂ ଓଡ଼ିଶାର ଲୋକପ୍ରିୟ ଅପ୍ରତିଦ୍ୱନ୍ଦ୍ୱୀ ନାଗରିକ ଡ଼ଃ ହରେକୃଷ୍ଣ ମହତାବ । ସେ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ଏକ ବିରାଟ ଅନୁଷ୍ଠାନ । ତାଙ୍କର ପ୍ରତି ଅଣୁ ପରମାଣୁ ହିଁ ଗୋଟିଏ ଗୋଟିଏ ଅନୁଷ୍ଠାନର ଅଂଶ ବିଶେଷ । ତାଙ୍କର ସମଗ୍ର ଜୀବନ ଇତିହାସ ଆମ୍ଭମାନଙ୍କ ପାଇଁ ଏକ ଗୌରବମୟ ଅଧ୍ୟାୟ । ତାଙ୍କ ବ୍ୟକ୍ତିତ୍ୱ ଓ ରାଜନୈତିକ ଜୀବନ ପୃଷ୍ଠାରୁ ପ୍ରେରଣା ଲାଭ କରି ଯେତିକି ଜନସେବୀ ବା ଜନନାୟକ ସୃଷ୍ଟି ହୋଇ ପାରିଛନ୍ତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତତୋଧିକ ଲେଖକ ଓ ସାମ୍ବାଦିକ ସୃଷ୍ଟି କରି ପାରିଛନ୍ତି । ପ୍ରତିଟି କ୍ଷେତ୍ରରେ ତାଙ୍କ ଅଭିଭାବକତ୍ୱର ପଟ୍ଟାନ୍ତର ନାହିଁ ।

ଜୀବନର ପ୍ରତିଟି ମୁହୂର୍ତ୍ତ ସେ ଜନସେବା, ସମାଜ ସେବା ଓ ସାହିତ୍ୟ ସେବାରେ ବିନିଯୋଗ କରି ସୃଷ୍ଟି ଓ ସମାଜ ପାଇଁ ସେ ରଖି ଯାଇଛନ୍ତି ଗଣି ଗଣି ସୃଷ୍ଟି ସମ୍ପଦ ଓ ଅଙ୍ଗୀକାରର ଏକ ଦୀର୍ଘ ଇସ୍ତାହାର । ସେହି ମହାନ୍ ବ୍ୟକ୍ତିତ୍ୱ ସମ୍ପର୍କରେ ଅଧିକ କିଛି ପରିଚୟ ପ୍ରଦାନ କରିବା ଧୃଷ୍ଟତା ହେବ ।

ପୂର୍ବଦିନ ମାନଙ୍କ ପରି ତାଙ୍କର ଶିଶୁସୁଲଭ ହସ ମୋତେ ତନ୍ମୟ କରେ ।

ଦ୍ୱାରଖୋଲି ତାଙ୍କ ପ୍ରକୋଷ୍ଠରେ ପ୍ରବେଶ କରୁ କରୁ ହଠାତ୍ କହି ଉଠିଲେ–କିହୋ । ଉପେନ୍ଦ୍ର ! କୁଆଡେ କିମିତି ଚାଲି ଆସିଲ ?

ମୁଁ ହସି ହସି, କହି ପକାଇଲି– "ମଁଜନୀ" ଅନୁଷ୍ଠାନର ବାର୍ଷିକୋତ୍ସବ ହେବ । ଆପଣଙ୍କଠାରୁ ସାକ୍ଷାତକାରଟିଏ ନେବାକୁ ଆସିଛି ।

କି ହୋ କି ସାକ୍ଷାତକାର ? ଆଉ କ'ଣ ନୂଆ କଥା ଅଛି ଯେ କହିବି ? ହଉ କ'ଣ ପଚାରିବ ପଚାର ।

Digitized by srujanika@gmail.com

ତା ପରେ ମୁଁ ପଗ୍ଭରିଲି ସେ ଯାହା ଉତ୍ତର ଦେଇଥିଲେ ତାହାହିଁ ଏହି ସାକ୍ଷାତକାରର ସଂକ୍ଷିପ୍ତ ଅବୟବ । ....

ପ୍ରଶ୍ନ- ଆପଣ ତ ନିଜେ ଆଧୁନିକ ଉତ୍କଳର ନିର୍ମାତା । ସୃଷ୍ଟି, ସ୍ଥିତି ଓ ସଂହାରର ଦୃଶ୍ୟ ଆପଣଙ୍କ ନଖ ଦର୍ପଣରେ ଦୃଶ୍ୟମାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ କ'ଣ ଆପଣ ଆଶା ପୋଷଣ କରୁଛନ୍ତି ?

ଉତ୍ତର- ଓଡ଼ିଶାର ସ୍ଥିତିର ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏଥିରେ ସନ୍ଦେହ ନାହିଁ ।

ପ୍ରଶ୍ନ-ଦୀର୍ଘଦିନ ଧରି ଆପଣ ଓଡ଼ିଆ ସାହିତ୍ୟର ସେବା କରି ଆସିଛନ୍ତି । ସାହିତ୍ୟକୁ ଆପଣ ଯେଉଁ ଅବଦାନ ଦେଇଛନ୍ତି, ତାହାର ଉପଯୁକ୍ତ ମୂଲ୍ୟାୟନ ହୋଇଛି କି ?

ଉତ୍ତର- ସାହିତ୍ୟ ସେବା ମୂଲ୍ୟାୟନକୁ ଅପେକ୍ଷା କରେ ନାହିଁ । ସାହିତ୍ୟ ସେବାରେ ହିଁ ଏହାର ନିଜସ୍ୱ ମୂଲ୍ୟ ।

ପ୍ରଶ୍ନ- ଆପଣ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠାତା । ଏକାଡେମୀ ଏଯାବତ୍ ତା'ର ଆଭିମୁଖ୍ୟ ସାଧନ କରି ପାରିଛି ବୋଲି ଆପଣ ଭାବୁଛନ୍ତି ?

ଉତ୍ତର- ଏଯାଏ ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ଣ୍ଣ ସଫଳତା ଲାଭ କରିପାରି ନାହିଁ ।

ପ୍ରଶ୍ନ- ଆପଣତ ଜଣେ କେବଳ ସାହିତ୍ୟିକ ନୁହଁନ୍ତି ଆପଣ ଜଣେ ତୁଙ୍ଗ ରାଜନୀତିଜ୍ଞ ଓ ପ୍ରଖ୍ୟାତ ଐତିହାସିକ ତଥା ଉତ୍କଳର ମୁଖ୍ୟ ଜନନାୟକ । ତେଣୁ ଓଡ଼ିଶାର ରାଜନୈତିକ ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆପଣଙ୍କର ମତାମତ କ'ଣ ?

ଉତ୍ତର- ଓଡ଼ିଶାର ରାଜନୈତିକ ସ୍ଥିତି ଭାରତର ରାଜନୀତି ଉପରେ ନିର୍ଭର କରୁଥିବାରୁ ଏହା ଜଟିଳ । ଭବିଷ୍ୟତ ମଧ୍ୟ ଅନିଶ୍ଚିତ ।

Digitized by srujanika@gmail.com

ପ୍ରଶ୍ନ- ଆପଣଙ୍କ "ଗାଁ ମଜଲିସ୍" କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା । ଆପଣଙ୍କ ପ୍ରତିକ୍ରିୟା କ'ଣ ?

ଉତ୍ତର- ଗାଁ ମଜଲିସ୍ ସାହିତ୍ୟ ଏକାଡେମୀ ଦ୍ୱାରା ସ୍ୱୀକୃତ ହେବା, ଏଥିରେ ମୁଁ ଆନନ୍ଦିତ । ପୁରସ୍କାର ପାଇଁ ଯେତେ ନୁହେଁ, ସ୍ୱୀକୃତି ହିଁ ଆନନ୍ଦ ଦାୟକ ।

ପ୍ରଶ୍ନ- ଆପଣଙ୍କ ସାହିତ୍ୟ ସୃଷ୍ଟିମାନଙ୍କ ମଧ୍ୟରୁ ଆପଣଙ୍କ ଲୋକପ୍ରିୟ ଉପନ୍ୟାସ 'ପ୍ରତିଭା' ସମ୍ପର୍କରେ କିଛି କହିବେ ? କି ପରିବେଶରେ ଏବଂ କେଉଁ ପରିପ୍ରେକ୍ଷୀରେ ଆପଣ ତାହାର ଜନ୍ମକାତକ ଗଢିଥିଲେ ?

ଉତ୍ତର- ଐତିହାସିକ ଅସହଯୋଗ ଆନ୍ଦୋଳନକୁ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ କରିବା ପାଇଁ 'ପ୍ରତିଭା' 'ଅବ୍ୟାପାର' ଏବଂ ପରେ ଭାରତର ରାଜନୈତିକ ସ୍ଥିତି ପ୍ରତିଫଳିତ କରିବାପାଇଁ 'ତୃତୀୟ ପର୍ବ' ଓ ୧୯୭୫ ଉପନ୍ୟାସ ଲେଖିଥିଲି । ବହୁ ପୂର୍ବରୁ 'ପଲାସୀ ଅବସାନେ' କାବ୍ୟ ଓ 'ଆତ୍ମଦାନ' ଏକାଙ୍କିକା ମଧ୍ୟ ରାଜନୈତିକ ସ୍ଥିତି ଉପରେ ଲିଖିତ ।

ପ୍ରଶ୍ନ- ଭୁବନେଶ୍ୱରରେ 'ମିଳନୀ' ଅନୁଷ୍ଠାନ ଆପଣଙ୍କ ଉତ୍ସାହ ଓ ପ୍ରେରଣାରେ ଗଢା ହୋଇଥିଲା । ଏବେ ଏ ଆନୁଷ୍ଠାନ ସମ୍ପର୍କରେ ଆପଣଙ୍କର ବାର୍ତ୍ତା କ'ଣ ?

ଉତ୍ତର- 'ମିଳନୀ' ଅନୁଷ୍ଠାନ ତତ୍‌କାଳୀନ ସଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ପ୍ରେରଣାରେ ସ୍ଥାପିତ ହୋଇଥିଲା । ବନ୍ଦ ହୋଇ ଯାଇଥିଲା । ବର୍ତ୍ତମାନ ଏହାର ପୁନରୁତ୍‌ଥାନ ହେଉଛି । ମୁଁ ଏହାର ସର୍ବ ସଫଳତା କାମନା କରେ ।

ପ୍ରଶ୍ନ- ଓଡ଼ିଆ ସାହିତ୍ୟ ସଂସ୍କୃତିକୁ ଭଦ୍ରକ ଅଞ୍ଚଳର ବିପୁଳ ଅବଦାନ ରହିଛି । ତାହାର ମୂଲ୍ୟାୟନ ଓ ଅଭିବୃଦ୍ଧି ସାଧନ ନିମନ୍ତେ ସ୍ୱତନ୍ତ୍ର ଉଦ୍ୟମର ଆବଶ୍ୟକତା ଆପଣ ଉପଲବ୍‌ଧି କରୁଛନ୍ତି କି ?

ଉତ୍ତର-ସାହିତ୍ୟର ଅଭିବୃଦ୍ଧି ପାଇଁ ବିଭିନ୍ନ ଅଞ୍ଚଳରେ ଉଦ୍ୟମ ହେଉଛି । ଭଦ୍ରକର ଉଦ୍ୟମ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ । କେବଳ ଭଦ୍ରକର ନୁହେଁ–ସମଗ୍ର ଓଡ଼ିଶାର ।

Digitized by srujanika@gmail.com

ପ୍ରଶ୍ନ- କ୍ଷମା କରିବେ, ଆପଣ ଉତ୍କଳର ରକ୍ଷା କବଚ । ଆଧୁନିକ ଉତ୍କଳ ନିର୍ମାଣ କ୍ଷେତ୍ରରେ ଏପରି କୌଣସି ଯୋଜନା ଠିକ୍ ରୂପେ ସଂଘଟିତ ହୋଇ ପାରି ନ ଥିବାର କ୍ଷୋଭ ବା ଅବଶୋଷ ଅଛି କି ?

ଉତ୍ତର- ସମସ୍ତ ଆଞ୍ଚଳିକ ଯୋଜନା ସମଗ୍ର ଓଡ଼ିଶାର ଉନ୍ନତି ପାଇଁ ଉଦ୍ଦିଷ୍ଟ ହେବା ଉଚିତ । ଆଞ୍ଚଳିକ ଉନ୍ନତି ହୋଇପାରିବ ନାହିଁ ସମଗ୍ର ଓଡ଼ିଶା ଓ ଭାରତର ଉନ୍ନତି ସାଧିତ ନ ହେଲେ ।

ପ୍ରଶ୍ନ- ସାହିତ୍ୟ, ସଂସ୍କୃତି ତଥା ରାଜନୀତି କ୍ଷେତ୍ରରେ ଆପଣଙ୍କ ଉତ୍ତର ଦାୟାଦ ମାନଙ୍କ ପାଇଁ ଆପଣଙ୍କର ବାର୍ତ୍ତା କ'ଣ ?

ଉତ୍ତର- ଭବିଷ୍ୟତରେ ଉଜ୍ଜ୍ୱଳ ସ୍ୱପ୍ନ ସମସ୍ତେ ଦେଖନ୍ତୁ ଏବଂ ତଦନୁସାରେ କର୍ମ ଦେଖନ୍ତୁ ।

ନମସ୍କାର ଜଣାଇ ଅନ୍ୟାନ୍ୟ ବ୍ୟକ୍ତିଗତ କଥାବର୍ତ୍ତା ଶେଷ କରି ଫେରି ଆସିଲି ।

– ୦ –

(୧୯୮୪ରେ ଅନୁଷ୍ଠିତ 'ମିଳନୀ'ର ବାର୍ଷିକୋତ୍ସବ ନିମନ୍ତେ ଉକ୍ତ ସାକ୍ଷାତକାର ପ୍ରସ୍ତୁତ ହୋଇଥିଲା ।)

Digitized by srujanika@gmail.com

॥ ଡକ୍ଟର ମହତାବଙ୍କ ସଂପର୍କରେ 'ମେଳଣୀ' ତରଫରୁ ସୌଜନ୍ୟପୂର୍ଣ୍ଣ ସାକ୍ଷାତକାର ॥

ଡକ୍ଟର ହରେକୃଷ୍ଣ ମହତାବଙ୍କ ସମ୍ପର୍କରେ ଆସିଥିବା କେତେ ଜଣ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ନିଜ ନିଜର ଅନ୍ତରଙ୍ଗ ଅନୁଭୂତିରୁ କେତେକ ତଥ୍ୟ ପ୍ରକାଶ କରିଥିଲେ ଏହି ଜୁଲାଇ ୩ ତାରିଖ ଦିନ ଏକ ସାକ୍ଷାତ-କାରରେ । ସାକ୍ଷାତ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଓ ତାଙ୍କ ସହିତ ଥିଲେ ଭଦ୍ରକର ଅନୁବିଭାଗୀୟ ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ହର ମୋହନ ଜେନା । ଉକ୍ତ ତଥ୍ୟ ଅଦ୍ୟାବଧି ଅନାଲୋଚିତ ତାର ଏକ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦାନ କରାଯାଇଛି ।

ଶ୍ରୀ ଭୋଳାନାଥ ମହାପାତ୍ର ଓ କ୍ଷେତ୍ରମଣି ଦେବୀ—

(ଭଦ୍ରକ ଥାନାସ୍ଥିତ ସରମଙ୍ଗା ଗ୍ରାମର ଶ୍ରୀ ଭୋଳାନାଥ ମହାପାତ୍ର ଓ ତାଙ୍କ ସ୍ତ୍ରୀ କ୍ଷେତ୍ରମଣି ଦେବୀ ଦୁଇ ଜଣ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଭାବେ ସବିଦିତ । ସେମାନେ ଥିଲେ ପ୍ରଥମେ ବୋରଣ୍ଡର ଅଧିବାସୀ । ପରିସ୍ଥିତିର ଚାପରେ ସେମାନେ ସରମଙ୍ଗା ଗ୍ରାମକୁ ଉଠି ଆସିଥିଲେ । ବର୍ତ୍ତମାନ ଶ୍ରୀଯୁକ୍ତ

Digitized by srujanika@gmail.com

ମହାପାତ୍ରଙ୍କର ବୟସ ୯୧ ଓ ତାଙ୍କ ସ୍ତ୍ରୀଙ୍କର ବୟସ ୮୩ । ଉଭୟ ୧୯୨୧ ମସିହାରେ ଐତିହାସିକ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ।)

ଶ୍ରୀ ଭୋଳାନାଥ ମହାପାତ୍ର ଯାହା କହନ୍ତି—

ପ୍ରଶ୍ନ—ଆପଣ ପ୍ରଥମେ ମହତାବ ବାବୁଙ୍କୁ ଜାଣିଲେ କେବେ ଓ ସେତେବେଳେ ତାଙ୍କ ସମ୍ବନ୍ଧରେ ଆପଣଙ୍କର କି ଧାରଣା ହୋଇଥିଲା ?

ଉତ୍ତର—ତାହା ଥିଲା ୧୯୧୪-୧୫ ମସିହାର କଥା । ଗଜ କିଶୋର ଦାସ ଭଦ୍ରକର ଏସ୍. ଡ଼ି. ଓ. ଭାବେ କାର୍ଯ୍ୟ ଗ୍ରହଣ କରିବା ପରେ ତାଙ୍କ ପାଇଁ ଭଦ୍ରକ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ-ଥିଲା । ସେଥିରେ ଅଫିସରମାନଙ୍କ ପାଇଁ ଆଗରେ ଚେୟାର ଓ ପିଲାମାନଙ୍କ ପାଇଁ ତଳେ ବସିବାର ବନ୍ଦୋବସ୍ତ ହୋଇଥିଲା । ସେତେବେଳେ ମହତାବ ବାବୁ ଥାଆନ୍ତି ମେଟ୍ରିକ୍ ଫାଷ୍ଟ କ୍ଲାସର ଛାତ୍ର । ମିଟିଂ ଆରମ୍ଭ ହୋଇ ନଥାଏ । ମହତାବ ବାବୁ ସେଠାରେ ପହଞ୍ଚି ଏ ବ୍ୟବସ୍ଥା ଦେଖି ନିର୍ଭିକ ଭାବେ କହିଲେ, "ଏହା ହୋଇ ପାରିବ ନାହିଁ । ଛାତ୍ରମାନଙ୍କୁ ମଧ୍ୟ ଚେୟାର ଦେବାକୁ ହେବ ।" ପୋଲିସମାନେ ତାଙ୍କୁ ବାଧା ଦେଇଥିଲେ ମଧ୍ୟ ସେଥିରୁ ସେ ନିବୃତ୍ତ ହୋଇ ନ ଥିଲେ । ଶେଷରେ ନିଜେ ଏସ୍. ଡ଼ି. ଓ. ଆସି ହାତ ଯୋଡ଼ି କ୍ଷମା ମାଗି କହିଥିଲେ ଛାତ୍ରମାନଙ୍କୁ ଆଗ ଧାଡ଼ିରେ ସିଟ୍ ଦିଆଯିବ । ତାହାହିଁ ହେଲା । ତାପରେ ସଭା କାର୍ଯ୍ୟ ଆରମ୍ଭ ହେଲା । ମୁଁ ସେଠାରେ ଉପସ୍ଥିତ ଥିଲି । ସେହି ଘଟଣାରୁ ମୁଁ ଜାଣିଥିଲି ଯେ ଭବିଷ୍ୟତରେ ସେ ଜଣେ ବିରାଟ ବିପ୍ଳବୀ ହେବେ ।

ପ୍ରଶ୍ନ—ଆପଣ ସିନା ତାଙ୍କୁ ସେତେବେଳେ ଜାଣିଲେ—ମାତ୍ର ଆପଣଙ୍କ ସହିତ ପରିଚୟ ହେଲା କେବେ ? ସେତେବେଳେ ଆପଣ ତାଙ୍କ ବିଷୟରେ କଣ ଭାବିଥିଲେ ?

ଉତ୍ତର—ମହତାବ ବାବୁ ରେଭେନଶାହ କଲେଜରେ ପାଠ ପଢ଼ା ଛାଡ଼ି ୧୯୨୧ରେ ବାଲେଶ୍ୱରସ୍ଥିତ ବାଗବୃନ୍ଦାବନ ପଡ଼ିଆରେ ଏକ ବିରାଟ ସଭାରେ

Digitized by srujanika@gmail.com

ଉଦ୍‌ବୋଧନ ଦେଇଥିଲେ । ସେଇଠି ତାଙ୍କ ସାଙ୍ଗରେ ମୋର ଭେଟ । ତାଙ୍କର ଭାଷଣ ଶୁଣି ଓ ସାଙ୍ଗଠନିକ ଦକ୍ଷତା ଦେଖି ମୁଁ ଭାବିଥିଲି ଯେ ଏ ପିଲା ଓଡ଼ିଶାର ଯୁବକ ମାନଙ୍କୁ ପ୍ରକୃତ ନେତୃତ୍ୱ ଦେଇ ପାରିବ ଓ ତାହାହିଁ ହୋଇଥିଲା ।

ପ୍ରଶ୍ନ—କେତେବେଳେ ଆପଣଙ୍କର ତାଙ୍କ ପ୍ରତି ଶ୍ରଦ୍ଧା ବଢ଼ିଥିଲା ?

ଉ—୧୯୨୪ରେ ଯେତେବେଳେ ସେ ବାଲେଶ୍ୱର ଡ଼ିଷ୍ଟ୍ରିକ୍ଟ ବୋର୍ଡ଼ର ଚେୟାରମେନ ହୋଇ ବହୁତ କିଛି ଗଠନ ମୂଳକ କାର୍ଯ୍ୟ କରିଥିଲେ ।

ମୋର ସ୍ମୃତି ଶକ୍ତି ଲୋପ ପାଇଲାଣି—ଏବେ ମୋ ସ୍ତ୍ରୀ ଓ ପୁଅ ସଂଗ୍ରାମଙ୍କୁ ପଚାରନ୍ତୁ—ସେମାନେ କହିବେ, ବହୁତ କଥା ସେମାନେ ମଧ୍ୟ ଅଙ୍ଗେ ଲିଭେଇଛନ୍ତି ।

କ୍ଷେତ୍ରମଣୀ ଦେବୀ—

ପ୍ରଶ୍ନ—ପ୍ରଥମେ ମହତାବ ବାବୁଙ୍କ ଦ୍ୱାରା ଆପଣ କାହିଁକି ପ୍ରଭାବିତ ହୋଇଥିଲେ ?

ଉ—ମୁଁ କାହିଁକି-ମୋ ପରି ଅନେକ ପ୍ରଭାବିତ ହେଇଥିଲୁ ଯେତେବେଳେ ଆମେ ଜାଣିଲୁ ଯେ ଆଗରପଡ଼ା ରଜାର ଖ୍ୟାତି ଓ ଅମାପ ସମ୍ପତ୍ତି ତ୍ୟାଗ କରି ତାର ପୁଅ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନରେ ମିଶିଛି । ଏହି କଥା ବିଶେଷତଃ ନାରୀମାନଙ୍କୁ ଏ ଆନ୍ଦୋଳନ ପ୍ରତି ଆକୃଷ୍ଟ କରାଇଥିଲା ।

ପ୍ରଶ୍ନ—ସୁଭଦ୍ରା ମହତାବ ସେତେବେଳେ ଆପଣଙ୍କ ସହ ଯୋଗଦେଇ-ଥିଲେ କି ?

ଉ—ହଁ ସେ ଆମ ସହିତ ଥାଆନ୍ତି । ଆମେ ବାଲେଶ୍ୱରରେ ସାଥୀ ହୋଇ ଜେଲରେ ଥିଲୁ । ମୋ ସହିତ ଦୁଇ ବର୍ଷର ପୁଅ ଏହି ସଂଗ୍ରାମ ଥିଲା । (ସେତେବେଳେ ତାଙ୍କ ପୁଅ ସଂଗ୍ରାମ ବାବୁ ଆମ ପାଖରେ ଥିଲେ) ସେ ତାକୁ ବୋଉ ଡାକ ଶିଖାଇଛନ୍ତି । ମନେ ପଡୁଛି ସେତେବେଳେ ଏହି ସଂଗ୍ରାମ ଅଂଗୁର ବୋଲି କହି କେତେ ନିମ୍ବ ମଂଜି ଖାଇଛି ଓ ସୁଭଦ୍ରା ଦେବୀ ତାକୁ ଛଡ଼ାଇଛନ୍ତି ।

ପ୍ରଶ୍ନ-ଆପଣଙ୍କ ପରିବାର ସହିତ ଘଟିଥିବା କିଛି ଘଟଣା ମନେ ଅଛିକି ?

ଉ—କେତେ ତ ଘଟଣା ଘଟିଛି—ସେଥିରୁ ଗୋଟିଏ ଦୁଇଟି କଥା ଶୁଣ । ଆମର ମୂଳ ଘର ଥିଲା ଏହି ବୋରଣ୍ଡି ଗାଁରେ । ମୁଁ ଘରର ବୋହୂ ହୋଇ

Digitized by srujanika@gmail.com

ଯେତେବେଳେ ବାହାରକୁ ଗଲି, ସେତେବେଳେ ଗାଁର ମୁଖିଆମାନେ ମୋତେ ଗୋବର ପାଣି ପିଇବାକୁ କହିଲେ । ମାତ୍ର ମୁଁ ନ ପିଇ ଦିନେ ନଈ ବନ୍ଧରେ ବାବୁଙ୍କ ସାଙ୍ଗରେ ବୋରଣ୍ଡ ଘର ଛାଡ଼ି ଏହି ସରମଙ୍ଗା ଗାଁକୁ ଗ୍ଲଲି ଆସିଲି । ଏଠାରେ ଯାଗା କିଣି ଛୋଟ ଘରଟିଏ କରି ରହିଲୁ । ମହତାବ ବାବୁ ଏହା ଶୁଣି ସେହି ଅଧାଚୋଲା ଘରେ ପହଞ୍ଚିଲେ । ସେ ନିଜେ ବାଡ଼ିରୁ, ଶାଗ, ପରିବା ଆଣିଲେ । ତରକାରୀ ରନ୍ଧା ହେଲା । ପଳାଶ ପତ୍ରକୁ କଞ୍ଚରେ ବୁଣି ସେ ଖଲି ତିଆରି କଲେ । ତାପରେ ଆମେ ସମସ୍ତେ ଭାତ ଖାଇଲୁ । ଖାଇ ସାରି ସେ କହିଲେ ଆଜି ଅମୃତ ଖାଇଲି । ବେଶ୍ ଶାନ୍ତି ଲାଗିଲା । ତେଣୁ ଆମ ଘରର ନାମ ନିଜେ ଲେଖିଗଲେ ଶାନ୍ତି କୁଟୀର ।

ଆଉ ଦିନର ଘଟଣା କହୁଛି ଶୁଣ । ୧୯୩୩ ମସିହାର କଥା । ଦୁର୍ଗା ଦାସ ଥାଆନ୍ତି ଭଦ୍ରକ ଏସ୍. ଡ଼ି. ଓ. । ମୋତେ କୋର୍ଟରେ ହାଜର ହେବା ପାଇଁ ସମନ ମିଳିଲା । ମୁଁ ଏହି ପୁଅ ସଂଗ୍ରାମକୁ ନେଇ କୋର୍ଟ ଭିତରର କାଠ ଗଡ଼ାରେ ଛିଡ଼ା ହେଲି । ସଂଗ୍ରାମ କାନ୍ଦି କାନ୍ଦି କୋର୍ଟ କମ୍ପାଇଲା । ଦୁର୍ଗାଦାସ କହିଲେ ପିଲାଟିକୁ ଧରି କୋର୍ଟ ଭିତରକୁ ଆସିଲ ବୋଲି ସେ କାନ୍ଦୁଛି । ତୁମକୁ ଲାଜ ମାଡୁ ନାହିଁ । ଏହାର ଉତ୍ତରରେ ମୁଁ କହିଲି "ସେ କାନ୍ଦୁଛି ବ୍ରିଟିଶ ସରକାରଙ୍କ କୋର୍ଟରେ ପଶିଛି ବୋଲି ତାର ପ୍ରତିବାଦ କରି । ଏହା ସେତେବେଳେ ବେଶ ଚହଳ ପକାଇ ଥିଲା । ମହତାବ ବାବୁ ଶୁଣି ସାବାସ କହିଲେ । ଏକଥା ମଧ୍ୟ ସେତେବେଳେ ସେ ବହୁ ସ୍ଥାନରେ କହିଛନ୍ତି ।

ପ୍ର—ଆପଣ ମହତାବ ବାବୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଆଉ କଣ କରିଛନ୍ତି ।

ଉ—ମହତାବ ବାବୁ ଯେତେବେଳେ ଜେଲକୁ ଗଲେ, ସେତେବେଳେ ମୁଁ ଯାଇ ତାଙ୍କ ଘର ଆଗରପଡ଼ାରେ ରହିଲି । ସେତେବେଳେ ଗୋପୀନାଥ ବାବୁ ଓ ନୃସିଂହ ବାବୁ ଘରେ ଥାଅନ୍ତି । ଦେଖିଲି ସେ ଘରେ କେତେକ ପିଲା ବିଡ଼ି ଖାଉଛନ୍ତି । ତେଣୁ ମୋର କାମ ହେଲା ବିଡ଼ି ଓ ଦିଆସିଲି ନେଇ ଲୁଚେଇବା । ତାହା ଦ୍ୱାରା ମୁଁ ବିଡ଼ି ଖିଆ ଅଭ୍ୟାସ ଛଡାଇ ଦେଇଥିଲି । ଆଉ ଗୋଟିଏ କଥା ଶୁଣି ଥାଆନ୍ତୁ । ସଂଗ୍ରାମର ବାପା କହିଲେ ପିଲାକୁ ଇଂରେଜ ସ୍କୁଲରେ ପାଠ ପଢାଇବା ନାହିଁ । ତେଣୁ ତାକୁ ଆଗରପଡ଼ାରେ ପ୍ରତିଷ୍ଠିତ ବିଦ୍ୟା ମନ୍ଦିରରେ ପଢ଼ାଇଲୁ । ସେଠାରେ ଆସି ବାଗୁଲଇ ସ୍କୁଲରେ ପାଠ ପଢିଲା । ତେଣୁ ତା'ର ପଢାରେ ୪ ବର୍ଷ ବିଳମ୍ବ ହୋଇଥିଲା ।

Digitized by srujanika@gmail.com

ବାବାଜୀ ନାୟକ ଯାହା କହନ୍ତି-

[ଶ୍ରୀ ବାବାଜୀ ନାୟକଙ୍କର ଜନ୍ମ ୧୯୨୦ରେ । ଅସୁରଳି ଗ୍ରାମ ତାଙ୍କର ଜନ୍ମସ୍ଥାନ । ସେ ଜଣେ ସମାଜ ସଂସ୍କାରକ ଓ ସାମ୍ବାଦିକ ଭବେ ସୁପରିଚିତ । ବର୍ତ୍ତମାନ ପ୍ରଜାତନ୍ତ୍ରର ସ୍ୱତନ୍ତ୍ର ପ୍ରତିନିଧି ରୂପେ କାର୍ଯ୍ୟ କରୁଛନ୍ତି । ଡକ୍‌ଟର ମହତାବଙ୍କର ଅନ୍ତିମ ଶୟନ ପର୍ଯ୍ୟନ୍ତ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା ।]

ପ୍ରଶ୍ନ- ଆପଣ ମହତାବବାବୁଙ୍କୁ ପ୍ରଥମେ କେବେ ଓ କିପରି ଜାଣିଲେ ?

ଉତ୍ତର- ମୁଁ ତାଙ୍କୁ ପ୍ରଥମେ ଜାଣିଲି ୧୯୪୧ ମସିହାରେ ନିଜ ଗାଁ ଅସୁରଳି ଠାରେ । ସେତେବେଳେ ସେ ମୀରବେନଙ୍କ ସହିତ ପଦଯାତ୍ରା କରୁଥାଆନ୍ତି । ସେମାନେ ଅସୁରଳି ବାଟେ ଯିବେ ବୋଲି ପ୍ରଚାର ହୋଇଗଲା । ଗାଁ ଗଣ୍ଡାରେ ଲୋକେ କହିଲେ "ହରେକୃଷ୍ଣ ମହାତ୍ମା" ଆସୁଛନ୍ତି । ମୁଁ ଜଣେ ଜମିଦାରର ପୁଅ ଥିବାରୁ ମୋତେ ସମସ୍ତେ କହିଲେ ଏଥିରେ ଯୋଗ ନ ଦେବା ପାଇଁ । ମାତ୍ର ମୁଁ କହିଲି ଆଗରପଡ଼ା ରଜା ସର୍ବସ୍ୱ ତ୍ୟାଗ କରି ଆସୁଛନ୍ତି । ମୁଁ ନିଶ୍ଚିତ ଯିବି । ଆନ୍ଦୋଳନ ପାଇଁ ମହତାବ ଟଙ୍କା ସଂଗ୍ରହ କରୁଥାଆନ୍ତି । ମୁଁ ମାଙ୍କୁ କହିବାରୁ ସେ ସିନ୍ଦୁକରୁ ରୂପା ଥାଳିରେ ୯ଟି ରୂପା ଟଙ୍କା ଦେଲେ । ତାକୁ ନେଇ ସ୍ତବକ ଉପରେ ମହତାବଙ୍କୁ ଦେଲି । ସେ ଖୁସି ହେଲେ ଓ ମୋ ସମ୍ପର୍କରେ ପଚରା ଉଚରା କଲେ ।

ପ୍ରଶ୍ନ- କେଉଁ ଘଟଣାରୁ ଆପଣ ତାଙ୍କୁ ଭକ୍ତି କରିବା ଆରମ୍ଭ କରିଥିଲେ ?

ଉତ୍ତର- ସେହି ୧୯୪୧ ମସିହାରେ କୋଠାରଠାରେ ମୁଁ ତାଙ୍କୁ ଶ୍ରଦ୍ଧା କରିବାକୁ ଆରମ୍ଭ କଲି । ସେହି ପଦଯାତ୍ରା ସମୟରେ ତାଙ୍କୁ ଅନୁସରଣ କରି କୋଠାର ପହଞ୍ଚିଲି । ତାଙ୍କୁ ସେଇଠି ଭଦ୍ରକରୁ ଆଗଡ଼ି ରାସ୍ତା ନିର୍ମାଣ ବିଷୟରେ କହିଲି । ରାସ୍ତାଟିଏ ନାହିଁ ବୋଲି ଲୋକ କି ଦୁଃଖ ପାଉଛନ୍ତି ତାହା ବି କହିଲି । ସବୁ ଧୈର୍ଯ୍ୟର ସହ ଶୁଣି ସେ କହିଲେ "କୋଠାରଠାରୁ ଧୂଷୁରୀ ପର୍ଯ୍ୟନ୍ତ ରାସ୍ତାଟି ମୁଁ ଜିଲ୍ଲାବୋର୍ଡ ଚେୟାରମ୍ୟାନ ଥିବାବେଳେ କରିଛି । ଦେଶ ସ୍ୱାଧୀନ ହୋଇଗଲେ ରାସ୍ତା ହୋଇଯିବ । ସ୍ୱାଧୀନତା ଆନ୍ଦୋଳନରେ ସମସ୍ତେ ଯୋଗ ଦିଅ ଓ ଆଗଡ଼ି ଠାକୁରଙ୍କୁ ଡାକ-ସେହି ଦିନଠାରୁ ତାଙ୍କୁ ମୁଁ ଖୁବ୍ ଭକ୍ତି କଲି ।

Digitized by srujanika@gmail.com

ପ୍ରଶ୍ନ- କଣ ପାଇଁ ମହତାବ ବାବୁ ଏତେ ଜନପ୍ରିୟ ହୋଇପାରିଥିଲେ ?

ଉତ୍ତର- ମହତାବ ବାବୁ ଆଜିକାଲିକା ପରି ନେତା ନ ଥିଲେ । ସେ ସମାଜର ସବୁ ସ୍ତରର ଲୋକଙ୍କ ସହିତ ମିଶୁଥିଲେ । ବିଶେଷତଃ ତଳ ସ୍ତରର ଲୋକଙ୍କ ପ୍ରତି ତାଙ୍କର ଦରଦ ବେଶି ଥିଲା । ପିଲାମାନଙ୍କୁ ସେ ଖୁବ୍ ଭଲ ପାଉଥିଲେ । ଗାଁ ଗଣ୍ଡାର ଲୋକଙ୍କ କଥା ସେ ବେଶି ଶୁଣୁଥିଲେ ଓ ଦେଖିଲେ ତାଙ୍କ ଦୁଃଖ ସୁଖ ପଗ୍ଚରୁଥିଲେ । ଗାଁ ଖବର ବୁଝୁଥିଲେ । ସ୍ୱାଧୀନତା ପରେ ମୁଁ ଦେଖିଛି ଭଦ୍ରକ ସବ୍‌ଡ଼ିଭିଜନର ଲୋକଙ୍କର କଥା ବୁଝିବାରେ ସେ କିପରି ବେଶି ସମୟ ଦେଉଥିଲେ । ଅଭାବ, ଅସୁବିଧା ଓ ସରକାରର ଅନ୍ୟାୟ ଜୁଲମ ହେଲେ ଆମେ କହୁଥିଲୁ "ଚାଲ ମହତାବ କତିକି" । ଆମେ ପହଞ୍ଚିବା ମାତ୍ରେ ସେ ସରକାର ଉପରେ ଚାପ ପକାଉଥିଲେ । ସେ ଆଜି ନାହାନ୍ତି- ଲୋକମାନଙ୍କର ଆଶା ଭରସା ଲୋପ ପାଇଯାଇଛି ।

ପ୍ରଶ୍ନ- ମହତାବ ବାବୁଙ୍କର ଚିନ୍ତାଧାରା ଉପରେ ଆପଣଙ୍କର ଧାରଣା କ'ଣ ?

ଉତ୍ତର- ମୁଁ ଥରେ ତାଙ୍କୁ ପ୍ରଶ୍ନଟିଏ ପଚାରିଥିଲି ଯେତେବେଳେ ଜନ କଂଗ୍ରେସ ସହିତ ସ୍ୱତନ୍ତ୍ର ଦଳ ମିଶିଥିଲା । 'ଆପଣ କାହିଁକି ସ୍ୱତନ୍ତ୍ର ପରି ଏକ ପ୍ରତିକ୍ରିୟାଶୀଳ ଦଳ ସହିତ ହାତ ମିଳାଇଲେ' ? ତା'ର ଉତ୍ତରରେ ସେ କହିଥିଲେ ପରିସ୍ଥିତି ସହିତ ପାଦ ମିଳାଇ ଚାଲିବାକୁ ପଡ଼ିବ । ନଚେତ ଓଡ଼ିଶାର ଉନ୍ନତି ହେବ ନାହିଁ । ସେ ମଧ୍ୟ ଗପଟିଏ କହି ବୁଝାଇଲେ "ଆଗରୁ ବୈଷ୍ଣବ ପାଣି, ଜଗନ୍ନାଥ ପାଣି ଯାତ୍ରା ଦେଖି ଲୋକେ ଖୁସି ହେଉଥିଲେ । ତାପରେ ତାଠାରୁ ଉନ୍ନତ ହାଡ଼ିଆ, ବଇଦା, ପଞ୍ଚୁଆ, ସନା ଯାତ୍ରା କଲେ । ତାକୁ ଲୋକ ଅଧିକ ଭଲ ପାଇଲେ । ବର୍ତ୍ତମାନ ନୂଆ ଧରଣର ଯାତ୍ରା ନ ଦେଖିଲେ ଲୋକେ ଖୁସି ହେଉ ନାହାନ୍ତି । ସେହିପରି ରାଜନୀତି ହେଉଛି ଗୋଟିଏ ଯାତ୍ରା-ପରିସ୍ଥିତିକୁ ଚାହିଁ ଚଳିବାକୁ ପଡ଼ିବ ।"

ପ୍ରଶ୍ନ- ମହତାବ ବାବୁଙ୍କ ଜୀବନୀ ସମ୍ପର୍କରେ ଆପଣଙ୍କ ନିଜ ଅନୁଭୂତିରୁ କିଛି କହନ୍ତୁ ।

ଉତ୍ତର- ମୁଁ ତାଙ୍କ ପାଇଁ ନିଜେ କଣ କରୁଥିଲି ଶୁଣନ୍ତୁ । ଏହା ବେଶ୍ କୌତୂହଳ ପୂର୍ଣ୍ଣ । ତାଙ୍କର ସୁବର୍ଣ୍ଣ ଜୟନ୍ତୀ ଅର୍ଥାତ ୫୦ତମ ଜନ୍ମ କଟକରେ

Digitized by srujanika@gmail.com

ପାଳିତ ହୋଇଥିଲା । ୫୧ତମ ସୁବର୍ଣ୍ଣ ଜୟନ୍ତୀ ମୁଁ ନିଜେ ଭଦ୍ରକରେ ପାଳନ କରିଥିଲି ଏକ ନୂଆ ଭାବରେ । ସେହି ସମୟରେ ଏହା ଆଉ କେଉଁଠି ପାଳିତ ହୋଇ ନ ଥିଲା । ୧୮ ଘଣ୍ଟିଆ ପ୍ରୋଗ୍ରାମ କରିଥିଲୁ—ତାଙ୍କର ଜନ୍ମଠାରୁ ଷଠୀ ଉଷା ପର୍ଯ୍ୟନ୍ତ ସବୁ ପାଳନ କରାଯାଇ ଥିଲା । ମୋ ସହିତ ମିଶିଥିଲେ ମହାପାତ୍ର ନୀଳମଣି ସାହୁ, ସ୍ୱର୍ଗତ ନବୀନ କୃଷ୍ଣ ରାୟ, ସ୍ୱର୍ଗତ ସାମ୍ବାଦିକ ନିର୍ମଳ ମହାପାତ୍ର । ଜଣେ ମା' ହୋଇ ମଧ୍ୟ ତାଙ୍କୁ ଜନ୍ମ ଦେଇଥିଲେ ।

ପ୍ରଶ୍ନ- ଭଦ୍ରକବାସୀ ହିସାବରେ ତାଙ୍କର ଅନ୍ୟ କିଛି ଗଠନମୂଳକ ଅବଦାନ ବିଷୟରେ କିଛି କହନ୍ତୁ ?

ଉତ୍ତର- ମୁଁ ଗୋଟିଏ କାର୍ଯ୍ୟ ସହିତ ବିଶେଷ ଭାବେ ସମ୍ପୃକ୍ତ ଥିଲି । ତାହା ଥିଲା ଭଦ୍ରକର ଶହୀଦ ଭବନ ନିର୍ମାଣ । ମହତାବ ବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ କଟକରେ ଶହୀଦ ଭବନର ଶୁଭ ଦେଇଥିଲେ । ସେତେବେଳେ ଏହା ଆମେ ଭଦ୍ରକରେ ଆଲୋଚନା କରିଥିଲୁ । ତା'ର ୫।୬ ଦିନ ପରେ ସେ, ଭଦ୍ରକ ଆସିଲେ । ନିଜଘରେ ରହିଲେ । ସ୍ୱର୍ଗତଃ ମୁରଲୀ ଧର ଜେନା ମୋତେ ଡ଼ାକି କହିଲେ, ତୁମେ ଯାଇ ମହତାବଙ୍କୁ କୁହ ଆମ ଭଦ୍ରକରେ କାହିଁକି ଶହୀଦ ଭବନ ହେବ ନାହିଁ । ମୋତେ ସେ ତଥ୍ୟ ଯୋଗାଇଦେଲେ । ତେଣୁ ମୁଁ ଯାଇ ତାଙ୍କୁ କହିଲି ଭଦ୍ରକ ଅଞ୍ଚଳରେ ବେଶି ଶହୀଦ ହେଲେ । ଲୁଣିଆ, ଗଢମରେ କେତେଜଣ ଶହୀଦ ହୋଇଛନ୍ତି ତାହା ଆପଣ ଜାଣନ୍ତି । ଶହୀଦ ଭବନ ପାଇଁ କଟକରେ ଶୁଭ ଦେଲେ ମାତ୍ର ଭଦ୍ରକରେ ନୁହେଁ । ସେ ଅସନ୍ତୁଷ୍ଟ ହୋଇ କହିଲେ ବାଲେଶ୍ୱର କଟକ ଭେଦଭାବ ଆଣୁଛ କାହିଁକି ? ଖାଇ ପିଇ ସାରିଲେ- ହଠାତ୍ ସେ ନରବାବୁ, ଚିନ୍ତାମଣି ବାବୁ, ହେମବାବୁ, ପ୍ରୋଜେକ୍ଟ ଅଫିସର ଅମରସିଂ ଓ ପ୍ରୋଜେକ୍ଟ ଇଞ୍ଜିନିୟର କେ: ଟି: ସୁବୁଦ୍ଧି, କ୍ଷେତ୍ରମୋହନ ଖୁଣ୍ଟିଆ ରାଇମୋହନ ଦାସଙ୍କୁ ଡ଼ାକି କହିଲେ ପିଲାମାନେ ମୋତେ ଗର୍ଜ୍ଜ କରୁଛନ୍ତି— ଭଦ୍ରକରେ ଶହୀଦ ଭବନ ହେବ ନାହିଁ କାହିଁକି ? ଦେଖ କ'ଣ ହୋଇପାରିବ । ଠିକ୍ ତା'ର ମାସ ପରେ ସବୁ ଠିକ୍‌ଠାକ୍ ହେଲା—ତା'ର ଶୁଭ ଦେଲେ— ତେଣୁ ଆଜି ସେହି ଶହୀଦ ଭବନ ତାଙ୍କରି ଅବଦାନ ।

(ସାକ୍ଷାତକାର ଓ ଉପସ୍ଥାପନା—ଡକ୍ଟର ଜଗନ୍ନାଥ ପଟ୍ଟନାୟକ)

— ০ —

Digitized by srujanika@gmail.com

DECLARATION

FORM-IV

(SEE RULE-8)

Under the rule 8 for Registration of Newspaper of India (Central Rule) 1956.

1.	Name of the Magazine	SOUVENIR
2.	Place of Publication	Bhubaneswar
3.	Periodicity of its Publication	Annual
4.	Publisher's Name	Narendra Prasad Nayak, Gen. Secy. MILANI
	Nationality	Indian
	Address	Qrs. No. D/7, Kalpana Flat, Bhubaneswar-14
5)	Editor's Name	Editorial Board (Rabi Narayan Senapati, Nilamani Mishra, Jagannath-Pattanaik, Binod Bihari Palai, Bhagaban Nayak Burma, Parikshita Jena & Jaya Krushna Samal).
	Nationality	Indian
	Address	Qrs. No. D/7, Kalpana Area Bhubaneswar-751014
6.	Printer's Name	Satyapriya Mahapatra
	Nationality	Indian
	Address	Ekamra Press, Bhubaneswar
7.	Owner's Name & Address	MILANI, Bhubaneswar-751014

I Shri N. P. Nayak. hereby declare that the particulars given above are true to the best of my knowledge and belief.

N. P. Nayak
Gen. Secy., "MILANI"
Qrs. No. D/7, Kalpana Flat
Bhubaneswar-751014

Digitized by srujanika@gmail.com

ORISSA INDUSTRIAL INFRASTRUCTURE DEVELOPMENT CORPORATION

(IDCO) BHUBANESWAR

OFFERS

A Dynamic Industrial Policy (1986) with Attractive Offers for LAND & BUILT-UP SHEDS at

Strategic Industrial Centres :	Rourkela, Cuttack, Bhubaneswar and Baripada
N.I.Ds	Balasore, Bolangir and Phulbani.
Nalco Impact Zones	Sunabeda, Angul and Talcher.

Functional Industrial Estates At Selected Growth Centres of

1)	Jharsuguda	for	Ceramic Complex
2)	Balasore & Bhubaneswar	for	Polymer Complex
3)	Ganjam	for	Chemical Complex
4)	Bhubaneswar	for	Electronics Complex
5)	Paradeep	for	Food Processing Complex.

FOR FURTHER DETAILS PLEASE CONTACT

Phone : 52828
PBX : 55464
GRAM : INFRA
Telex : 0675-305

Managing Director
Orissa Industrial Infrastructure
Development Corporation (IDCO)
IDCO Towers, Janpath,
Bhubaneswar, Pin : 751007

Digitized by srujanika@gmail.com

DECLARATION

FORM-IV

(SEE RULE-8)

Under the rule 8 for Registration of Newspaper of India (Central Rule) 1956.

1.	Name of the Magazine	SOUVENIR
2.	Place of Publication	Bhubaneswar
3.	Periodicity of its Publication	Annual
4.	Publisher's Name	Narendra Prasad Nayak, Gen. Secy. MILANI
	Nationality	Indian
	Address	Qrs. No. D/7, Kalpana Flat, Bhubaneswar-14
5)	Editor's Name	Editorial Board (Rabi Narayan Senapati, Nilamani Mishra, Jagannath-Pattanaik, Binod Bihari Palai, Bhagaban Nayak Burma, Parikshita Jena & Jaya Krushna Samal).
	Nationality	Indian
	Address	Qrs. No. D/7, Kalpana Area Bhubaneswar-751014
6.	Printer's Name	Satyapriya Mahapatra
	Nationality	Indian
	Address	Ekamra Press, Bhubaneswar
7.	Owner's Name & Address	MILANI, Bhubaneswar-751014

I Shri N. P. Nayak hereby declare that the particulars given above are true to the best of my knowledge and belief.

N. P. Nayak
Gen. Secy., "MILANI"
Qrs. No. D/7, Kalpana Flat
Bhubaneswar-751014

Digitized by srujanika@gmail.com

ORISSA INDUSTRIAL INFRASTRUCTURE DEVELOPMENT CORPORATION

(IDCO) BHUBANESWAR

OFFERS

A Dynamic Industrial Policy (1986) with Attractive Offers for LAND & BUILT-UP SHEDS at

Strategic Industrial Centres :	Rourkela, Cuttack, Bhubaneswar and Baripada
N.I.Ds	Balasore, Bolangir and Phulbani.
Nalco Impact Zones	Sunabeda, Angul and Talcher.

Functional Industrial Estates
At Selected Growth Centres of

1)	Jharsuguda	for	Ceramic Complex
2)	Balasore & Bhubaneswar	for	Polymer Complex
3)	Ganjam	for	Chemical Complex
4)	Bhubaneswar	for	Electronics Complex
5)	Paradeep	for	Food Processing Complex.

FOR FURTHER DETAILS PLEASE CONTACT

Phone : 52828
PBX : 55464
GRAM : INFRA
Telex : 0675-305

Managing Director
Orissa Industrial Infrastructure
Development Corporation (IDCO)
IDCO Towers, Janpath,
Bhubaneswar, Pin : 751007

Digitized by srujanika@gmail.com

With best compliments from

Vishnu Sales Agency

Cuttack Road
Bhubaneswar

Authorised Distributor
For
Puri, Ganjam, Dhenkanal Districts.

NIRMA

Washing Powder-Detergent Cakes

With best compliments from :

Tele Phone : 51024

Dealers in Teak-Wood
& all kinds of Timbers
Govt. Order Supplier.

SREE JAGANNATH SAW MILL

Old Station Bazaar
Bhubaneswar

Digitized by srujanika@gmail.com

With Best Compliments From :

THE ORISSA CO-OPERATIVE HOUSING CORPORATION LIMITED.

Unit-III, Janapath, Bhubaneswar-751001

Gram : CO-HOUSING Phone : 52387

"Provides long term house building loan to different income groups through the primary Sub-Divisional Town/Urban House Building Co-operative Societies".

"Provides decent houses with all amenities of modern living on rental basis at fair rent".

"Provides developed house site at Bhubaneswar and house site in different parts of the State through its affiliated House Building Co-operative Societies".

A. B. Goswami
Managing Director

Dr. L. M. Mohanty, M.L.A.
Chairman

Digitized by srujanika@gmail.com

With best compliments from :

ORISSA FISH SEED DEVELOPMENT CORPORATION LTD.

(A GOVERNMENT OF ORISSA UNDERTAKING)

A-111, SAHIDNAGAR, BHUBANESWAR-751007

High quality fish seed (fry and fingerlings) of CATLA, ROHU, MRIGAL, COMMON CARP AND CHINESE CARPS is the most important and key inputs in successful fish culture which is now produced commercially in the state by the ORISSA FISH SEED DEVELOPMENT CORPORATION LTD. from its modern hatcheries established with the World Bank assistance.

BINIKA	(Bolangir District)
* BHANJANAGAR	(Ganjam District)
* CHIPILIMA	(Sambalpur District)
SARAMANGA	(Balasore District)
* BAYASAGAR	(Kalahandi District)

Fish farmers may avail this golden opportunity and buy their required quantity of fish seed from the above hatcheries at Government approved price to get attractive income from fish culture.

Digitized by srujanika@gmail.com

With the best compliments of

Manufacturers of quality papers

STRAW PRODUCTS LIMITED

NEHRU HOUSE

4, BAHADUR SHAH ZAFAR MARG

NEW DELHI 110001

J. K. PAPER – The best medicine of
your message.

Digitized by srujanika@gmail.com

WITH BEST COMPLIMENTS FROM :

KONARK TELEVISION LIMITED

ELECTRONICS BHAWAN, RASULGARH
BHUBANESWAR-10

[A GOVT. OF ORISSA ENTERPRISE]

OFFERS

FOLLOWING PRODUCTS :

BLACK & WHITE T.V. SETS

1 Rohini Core
2. Rohini Premier
3. Rohini Delux
4. Rohini—001
5. Geetanjali Core (Portable)
6. Geetanjali Dx (Portable)
7. Geetanjali Delux Mark III—(Portable)
8. Mini (4.5″) (Portable)

COLOUR T.V. SETS

1. Galaxy Plus
2. Senator—1001
3. Senator—2000
4. Senator—2002 (R/C)

WASHING MACHINE

1. Swan Auto Reverse

Please Contact :

1. Konark TV Show Room
Shop No. SR-19 & 20
Ashok Market
Bhubaneswar-9

2. Konark TV Show Room
Market Complex
Buxi Bazar
Cuttack-1

AND

DEALERS THROUGH-OUT ORISSA

Digitized by srujanika@gmail.com

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ବାସଗୃହ ନିର୍ମାଣ ପାଇଁ ଋଣ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ମାଷ୍ଟର ପ୍ଲାନ ଅନ୍ତର୍ଗତ ଅଞ୍ଚଳରେ ବାସଗୃହ ନିର୍ମାଣ ନିମନ୍ତେ ଋଣ ଯୋଗାଇ ଦେବାର ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଯେଉଁ ବ୍ୟକ୍ତିମାନଙ୍କର ଉକ୍ତ ଅଞ୍ଚଳ ମାନଙ୍କରେ ବାସଗୃହ ଉପଯୋଗୀ ଜମି ଥିବ, ସେମାନେ ଏହି ଋଣ ଯୋଜନାର ଅନ୍ତର୍ଭୁକ୍ତ ହୋଇ ପାରିବେ । ଏହି ଯୋଜନାରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଶତକଡା ମାତ୍ର ୮ରୁ ୧୦ ଭାଗ ହାର ସୁଧରେ ଋଣ ଯୋଗାଇ ଦିଆଯିବ । ଏତେ କମ୍ ସୁଧରେ କୌଣସି ସଂସ୍ଥା ଘର ତିଆରି ପାଇଁ ଋଣ ଦେଉ ନାହାନ୍ତି । ତେଣୁ ସ୍ୱଳ୍ପ ଆୟକାରୀ ବ୍ୟକ୍ତିମାନେ ଏହି ଋଣର ସୁଯୋଗ ନେଇ ଘର ତିଆରି କରିବାର ସ୍ୱପ୍ନକୁ ସଫଳ କରନ୍ତୁ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି-ମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଗୃହ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ ।

ଋଣ ଦରଖାସ୍ତ ଫର୍ମ ଓ ତତ୍ ସମ୍ପର୍କୀୟ ନିୟମାବଳୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ତହସିଲ, ଭୁବନେଶ୍ୱର ବ୍ଲକ, ଜଟଣୀ ଓ ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ୧୫ ଟଙ୍କା ମୂଲ୍ୟରେ ମିଳିବ ।

ପ୍ରସନ୍ନ ହୋତା
ଉପାଧ୍ୟକ୍ଷ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

Digitized by srujanika@gmail.com

With best compliments from

BURMA MOTORS

CUTTACK ROAD

BHUBANESWAR—751006

Dealers in : Tyres, Tubes, Batteries
& Motor Parts.

ORICAL

Leading Manufacturers of Refractories, High Alumina, Insulating Acid Proof, Zircon Bricks, Checkers, Tyeres & Sleeves Fire Clay Mortar, Castables & Ramming Mass.

ORISSA REFRACTORIES & CERAMICS (P) LTD.

Regd. Office & Factory :—Mancheswar Railway Station.
Bhubaneswar-751010. (Orissa)

Phone No. : Off. 68-401
Res. 56816.

Digitized by srujanika@gmail.com

With best compliments from :

ORISSA CEMENT LIMITED

RAJGANGPUR-770017

Calcutta Telex : 021-7302

OCL A NAME CEMENTED TO QUALITY

"Leading manufacturers of wide spectrum of highly sophisticated World-Class REFRACTORIES tailor made to suit CUSTOMERS' requirements."

A trusted and guaranteed name for top quality for years OCL's KONARK BRAND DALMIA CEMENT (ISI 269 & 455).

For quality and satisfactory performance insist on OCL Products.

Digitized by srujanika@gmail.com

ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ

ଭୁବନେଶ୍ୱର

ଟେଲିଫୋନ୍ ନଂ—୫୧୫୩୦, ୫୦୬୮୧ ଗ୍ରାମ୍ : APEX

ଏହି ନିଗମ ଆଦିବାସୀ ଉପଯୋଜନା ଅଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା ଉତ୍ପନ୍ନ କୃଷିଜାତ ଦ୍ରବ୍ୟ ଓ ସେମାନଙ୍କ ଦ୍ୱାରା ସଂଗୃହୀତ ହେଉଥିବା ନିମ୍ନଲିଖିତ ଲଘୁ ବନଜାତ ଦ୍ରବ୍ୟ ନ୍ୟାଯ୍ୟୋଚିତ ମୂଲ୍ୟରେ କ୍ରୟ କରିବା ପାଇଁ ସାହାଯ୍ୟ କରିଥାଏ ।

ଖାଦ୍ୟୋପଯୋଗୀ ତୈଳବୀଜ—ରାଶି, ଚଳା (ଅଳସୀ) ସୋରିଷ ଓ ଚିନାବାଦାମ ଇତ୍ୟାଦି ।

ଅନ୍ୟାନ୍ୟ ତୈଳବୀଜ—ଶାଳ, କରଞ୍ଜ, କୁସୁମ, ମହୁଆ, ନିମ ପ୍ରଭୃତି ଗଛ ମଞ୍ଜି ।

ଖାଦ୍ୟଶସ୍ୟ—ମାଣ୍ଡିଆ, ମକା, ଜହ୍ନା ଇତ୍ୟାଦି ।

ଡାଲି ଜାତୀୟ ଦ୍ରବ୍ୟ—ହରଡ, କାନ୍ଦୁଲ, କଟିଂ, ରାଜମା, ମୁଗ, କୋଳଥ ଇତ୍ୟାଦି ।

ମସଲା ଜାତୀୟ ଦ୍ରବ୍ୟ—ହଳଦୀ, ଅଦା, ଲଙ୍କା, ତେଜପତ୍ର ଇତ୍ୟାଦି ।

ଔଷଧ ଓ ରସାୟନ ଶିଳ୍ପ ଉପଯୋଗୀ ଦ୍ରବ୍ୟ—ଅଁଳା, ବାହାଡ଼ା, ହରିଡ଼ା, ଭୋଟଲ, ପାତାଳ ଗରୁଡ଼, ସୁନାରିଛାଲି, ସିକାକୁ, ଜାଫ୍ରା, ମହୁ, ପାଳୁଅ ଇତ୍ୟାଦି ।

ଏତଦ୍‌ବ୍ୟତୀତ ସୁଲଭ ମୂଲ୍ୟ ଦୋକାନ ଜରିଆରେ ଏହି ନିଗମ ଜନତା ଲୁଗା ଓ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଯୋଗାଇଥାଏ । ଆଗ୍ରହୀ ବ୍ୟବସାୟୀ ଓ ବ୍ୟବସାୟ ଅନୁଷ୍ଠାନ ଏହି ନିଗମର ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ତଥା ନିଗମର ବ୍ରହ୍ମପୁର, ସୁନାବେଡ଼ା ଓ କେଉଁଝରସ୍ଥିତ ଆଞ୍ଚଳିକ ପରିଚାଳକଙ୍କ ସହିତ ଯୋଗାଯୋଗ କରିପାରନ୍ତି ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ
ପରିଚାଳନା ନିର୍ଦ୍ଦେଶକ

ଶ୍ରୀ କେ. କେ. ଭଟ୍ଟାଚାର୍ଯ୍ୟ
ଆଇ.ଏ.ଏସ୍.
ସଭାପତି

Digitized by srujanika@gmail.com

THE NUCLEUS FOR ECONOMIC AND INDUSTRIAL GROWTH

With more than 12 plants directly managed and three more in the Joint Sector, I. D. C. offer highly developed skills of its human resources and continuous training and retraining as a part of advanced management of personnel for greatest production and productivity. Such professionalism in all respect has made IDC one of the most profitable and forward looking government owned organisation in the country with an annual turnover exceeding Rs. 150 Crores.

With a strong commitment to advanced technological development of products and processes IDC manufactures.

Cement ✲ Pig Iron ✲ Cast Iron ✲ Spun Pipes ✲ Tor-Steel ✲ Ferrochrome ✲ High Pressure Boiler Pipe ✲ Cotton yarn ✲ Sodium DI. Chromates ✲ Jute bags ✲ Electrical Conductors ✲ Towers and many more things.

IDC is forever extending and improving its range of products and services, opening up new vistas of opportunity and contributing to the economic and industrial growth of Orissa and the country.

Industrial Development Corporation of Orissa Limited

(A Government of Orissa Undertaking)

POST BOX NO. 78, BHUBANESWAR

PHONE : 52120, 52070 TELEX : 0675-243 GRAM INDEVCO

Digitized by srujanika@gmail.com

With best compliments from :

M/s. Akhand Distributors

B. D. A. Market

SAHID NAGAR

Bhubaneswar

WITH BEST COMPLIMENTS FROM :

M/s. JAGANNATH RICE MILLS

Station Road

Bhubaneswar751006

ORISSA

Manufacturers of :—

'JAGANNATH' Brand

Wheat Products :

* ATTA
MAIDA
SOOJI
BRAN.

Digitized by srujanika@gmail.com

BY ALL REASONS

FOR ALL SEASONS

USE

Konark Asbestos Cement Products

MANUFACTURED BY

UTKAL ASBESTOS LIMITED

(AN IPICOL ASSISTED UNIT)

REGD. OFF : 40, KHARVELA NAGAR

Bhubaneswar-751 001

Phone : 51060, 54661 & 54138

GRAM : 'UTKAL' - TELEX - 0675-269

WORKS POST BOX NO 8, DHENKANAL (ORISSA)

Phone : 263 & 631

Gram : 'UTKAL'

Digitized by srujanika@gmail.com

With best compliments from :

M/S. PRIYA TIMBERS (P) LTD.

INDUSTRIAL ESTATE

MANCHESWAR

BHUBANESWAR

SUDARSAN OIL MILL

Plot No. 2, Kasipur

Near Tamando, Bhubaneswar

Dist-Puri (ORISSA)

MANUFACTURER OF

CHAKADOLA Brand

Pure Mustard Oil.

Digitized by srujanika@gmail.com

ଭୁବନେଶ୍ୱର ପୌର ପରିଷଦର ସନ୍ଦେଶ

ସଙ୍କଳ୍ପ, ନିଷ୍ଠା ଓ ସାଧନାକୁ ସମ୍ବଳ କରି ଭୁବନେଶ୍ୱର ପୌର ପରିଷଦ ତାର ଅଗଣିତ କର ଦାତା ଓ ଜନସାଧାରଣଙ୍କର ସେବାରେ ଆତ୍ମନିୟୋଗ କରି ଆସୁଅଛି । ସହରର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ ସେବା, ଉଦ୍ୟମ, ସହରବାସୀଙ୍କର ମନସ୍ତାତ୍ତ୍ୱିକ ଓ ବୈଷୟିକ ଜୀବନର ଘଟଣା ପ୍ରବାହ ପ୍ରତି ଭୁବନେଶ୍ୱର ପୌର ପରିଷଦ ସର୍ବଦା ଧ୍ୟାନଶୀଳ ଓ ସଚେତନ । ପୌର କର୍ମଚାରୀଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ, ପୌର ସମ୍ବଳ ବୃଦ୍ଧି ଏବଂ ପୌର ସମ୍ପତ୍ତିର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗରେ ହିଁ ଏହା ସମ୍ଭବ ହୋଇପାରିବ ।

ଆଶା, ଆପଣ ସହର ପରିବେଶର ସୁରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ

୧) କର୍ତ୍ତବ୍ୟରତ ପୌର କର୍ମଚାରୀଙ୍କୁ ସହାୟକ ହୁଅନ୍ତୁ ।

୨) ରାସ୍ତା ଆଲୁଅର ବାଲ୍ବ ଓ ଫିଟିଙ୍ଗ୍‌ସ, ପାଣିକଳର ଟ୍ୟାପ ଇତ୍ୟାଦି ପୌର ସମ୍ପତ୍ତିର ଭଙ୍ଗାରୁଜା ଓ ଚୋରି କରୁଥିବା କାର୍ଯ୍ୟରେ ଅନେକ ଅସାମାଜିକ ଲୋକ ବର୍ତ୍ତମାନ ଲିପ୍ତ ଥିବାରୁ ଆପଣମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାଙ୍କ ପ୍ରତି କଠୋର ମନୋବୃତ୍ତି ଗ୍ରହଣ କରି ପୌର ସମ୍ପତ୍ତିର ସୁରକ୍ଷା କରନ୍ତୁ ।

୩) ଭୁବନେଶ୍ୱର ପୌର ପରିଷଦ ଦ୍ୱାରା ପରିଚାଳିତ ଟାଉନ୍ ବସ୍‌ରେ ଯାତାୟତ କରିବା ସମୟରେ ଭଡ଼ା ପଇଠ କରି ଟିକେଟ ମାଗନ୍ତୁ ।

୪) ସହରର ରାସ୍ତା କଡ଼ ଅବରୋଧ ନକରି ଯାନବାହାନ ଚଳାଚଳରେ ସାହାଯ୍ୟ କରନ୍ତୁ ।

୫) ପରିବେଶକୁ ପରିଷ୍କାର ରଖନ୍ତୁ,.. ସୁଲଭ ଶୌଚାଳୟ ବ୍ୟବହାର କରନ୍ତୁ । ରାସ୍ତା କଡ଼ରେ ମଳତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର ମନୋଭାବ ପୋଷଣ କରନ୍ତୁ ।

୬) ଗୃହପାଳିତ ପଶୁମାନଙ୍କୁ ସହରର ରାସ୍ତାମାନଙ୍କରେ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣାଧୀନ ରଖନ୍ତୁ ।

୭) ପୌର ପରିଷଦର ବକେୟା ଗୃହ ଟିକସ ଓ ଲାଇସେନ୍‌ସ ଫିସ୍ ଆଦି ଯଥା ସମୟରେ ଭରଣା ଦେଇ ପୌର ପାଣ୍ଠିକୁ ସମୃଦ୍ଧ କରନ୍ତୁ ।

ଶ୍ରୀ ସୁଦାମ ଚରଣ ପଟ୍ଟନାୟକ	**ଶ୍ରୀ ସର୍ବେଶ୍ୱର ମହାନ୍ତି**
ଆଇ.ଏ.ଏସ.	ଓ.ଏ.ଏସ. (I)
ପୂର୍ବ ଜିଲ୍ଲାପାଳ, ତଥା ସଭାପତି	କାର୍ଯ୍ୟନିର୍ବାହୀ ଅଧିକାରୀ
ଭୁବନେଶ୍ୱର ପୌରପାଳିକା	ଭୁବନେଶ୍ୱର ପୌରପାଳିକା
ଭୁବନେଶ୍ୱର	ଭୁବନେଶ୍ୱର

Digitized by srujanika@gmail.com

With best compliments from :

FACOR

FERRO ALLOYS CORPORATION LIMITED

66-A, FOREST PARK

BHUBANESWAR-751 009

The largest producers of Ferro Alloys and Quality Steel in India.

Products :

— High Carbon Ferro Manganess
— High Carbon Ferro Chrome
— Extra Low Carbon Ferro Chrome
— Ferro Silicon Maganesium
— Silico Manganese
— Silico Chrome
— Ferro Silicon
— Charge Chrome

Regd. & Head Office :
Shreeram Bhavan
Tumsar-441 912
Dist. Bhandara
Maharashtra.

Ferro Alloys Works :
Shreeram Nagar-532 101
Dist. Vizianagaram
Andhra Pradesh.

Steel Division :
46 A & B, MIDC
Industrial Estate
Hingna Road
Nagpur-440 028, Maharashtra.

Charge Chrome Works :
100% Export Oriented Unit
D P Nagar
Randia-756 135
Dist. Balasore, Orissa.

Digitized by srujanika@gmail.com